# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ୨୦ ଡିସେମ୍ବର, ୨୦୧୮ | ( ୧୬ ପୃଷ୍ଠା ) | Dhenkanal, Thursday, 20 December, 2018 | ★★★★★

୧୪ଶ ଭାଗ ୩୦୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ଚିଦାମ୍ବରମ୍‌ଙ୍କୁ ଇଡି ଜେରା**

ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କୁ ଜେରା କରିଛି।

୦୨

୧୫

**୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶାଙ୍କୁ ରୌପ୍ୟ**

ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣର ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଓଡ଼ିଶାର ପ୍ରତ୍ୟାଶା ରାୟ ରୌପ୍ୟ ପଦକ ହାସଲ କରିଛନ୍ତି ।



# ବୋର୍ଡ ଅଫିସ ପୋଡ଼ିଦେଲେ







ସମ୍ବଲପୁରସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସରେ ଲାଗିଥିବା ନିଆଁ, ପୋଡ଼ିଯାଇଥିବା କାଗଜପତ୍ର ଓ ହୋଇଥିବା ଭଙ୍ଗାରୁଜା ।

**ସମ୍ବଲପୁର,୧୯।୧୨(ବ୍ୟୁରୋ)**

ସମ୍ବଲପୁର ସହରର ଧନୁପାଲି ଥାନା ଅଧୀନ ଜେଲ ଛକରେ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ଅଫିସ (ବୋର୍ଡ କାର୍ଯ୍ୟାଳୟ)କୁ ବୁଧବାର କେତେକ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଦୁର୍ବୃତ୍ତମାନେ ଅଫିସରେ ପଶି ଭଙ୍ଗାରୁଜା କରିବା ପରେ ଏହି କାଣ୍ଡ ଭିଆଇଛନ୍ତି। ଏହାକୁ ପ୍ରତିରୋଧ କରୁଥିବା କେତେଜଣ କର୍ମଚାରୀ ଓ ଉପସ୍ଥିତ ଥିବା ଶିକ୍ଷକମାନଙ୍କୁ ବି ସେମାନେ ଆକ୍ରମଣ କରିଛନ୍ତି। ଏହି ପୋଡ଼ାଜଳା ଓ ଭଙ୍ଗାରୁଜାରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ି ପାଉଁଶ ହୋଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ବହୁ କାଗଜପତ୍ରର ପତ୍ତା ମିଳୁନି। ଓକିଲଙ୍କ ଆନ୍ଦୋଳନ ଯୋଗୁ ଗତ କିଛିଦିନ ହେବ ସହରର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ବୁଧବାର ମାଟ୍ରିକ ପରୀକ୍ଷାର୍ଥୀଙ୍କ ତାଲିକା ପ୍ରଦାନର ଶେଷ ଦିନ ଥିବାରୁ ଏହି କାର୍ଯ୍ୟାଳୟ ଖୋଲିଥିଲା। ଏଥିପାଇଁ ଜିଲାପାଳଙ୍କୁ ବହୁ ପୂର୍ବରୁ ଅବଗତ କରାଯିବା ସହିତ ଓକିଲ ସଂଘକୁ ମଧ୍ୟ କୋହଳ ମନୋଭାବ ପୋଷଣ କରିବାକୁ ଲିଖିତ ଭାବେ ଅନୁରୋଧ କରାଯାଇଥିଲା। ଏହା ପରେ ମଧ୍ୟ ଏପରି ଘଟଣା ଘଟିଥିବାରୁ ଏଥିରେ କେତେଜଣ ଓକିଲଙ୍କ ହାତଥିବା ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଚର୍ଚ୍ଚାକୁ ଓକିଲ ସଂଘର କର୍ମକର୍ତ୍ତା ଖଣ୍ଡନ କରିଛନ୍ତି। ଏହି ଘଟଣାକୁ ନେଇ ରାତିରେ ବୋର୍ଡ ଅଫିସ ପକ୍ଷରୁ ଧନୁପାଲି ଥାନାରେ ଅଭିଯୋଗ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟା। ବୋର୍ଡ ଅଫିସ କାମ ସ୍ୱାଭାବିକ ଭାବେ ଚାଲୁଥିଲା। ୮ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ଅଫିସ ଭିତରକୁ ପଶିଥିଲେ। ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ସହରର ସମସ୍ତ ସରକାରୀ ଅଫିସ ବନ୍ଦ ଅଛି। ତୁମେମାନେ କାହିଁକି ଅଫିସ ଖୋଲିଛ କହି ପାଟିତୁଣ୍ଡ କରିଥିଲେ। ଏହାପରେ ସବୁ କର୍ମଚାରୀଙ୍କୁ ବାହାରକୁ ଚାଲିଯିବାକୁ କହି ବେଞ୍ଚ, ଟେବୁଲ, କମ୍ପ୍ୟୁଟର, ଆଲମିରା ଆଦି ଆସବାବପତ୍ରକୁ ଭଙ୍ଗାରୁଜା କରିଥିଲେ। ପରେ କାଗଜପତ୍ରରେ ନିଆଁ ଲଗାଇ ଦେଇଥିଲେ। କେତେଜଣ କର୍ମଚାରୀ ଏହାକୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ସେମାନଙ୍କୁ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଏମିତି କିଛି ସମୟ ଚାଲିବା ପରେ ଅଫିସ ସାରା ନିଆଁ ବ୍ୟାପି ଯାଇଥିଲା । ☞ପୃଷ୍ଠା–୪

**ସମ୍ବଲପୁରରେ ଲଙ୍କାକାଣ୍ଡ**

- ମାଟ୍ରିକ ପରୀକ୍ଷାର୍ଥୀଙ୍କ ତାଲିକା ପ୍ରଦାନର ଆଜି ଥିଲା ଶେଷ ତାରିଖ
- ଜଳିଗଲା ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର
- ଅଫିସ ଭିତରେ ଭଙ୍ଗାରୁଜା,ମାରପିଟ୍‌
- ଆକ୍ରମଣରୁ ବାଦ୍ ପଡ଼ିଲେନି କର୍ମଚାରୀ, ଶିକ୍ଷକ
- ଓକିଲଙ୍କ ସମ୍ପୃକ୍ତି ଚର୍ଚ୍ଚାକୁ ସଂଘର ଖଣ୍ଡନ
- ୮ ଅଭିଯୁକ୍ତ ଫେରାର

## ତାଳଚେର ୧୨ ଘଣ୍ଟା ଠପ୍‌

**ତାଳଚେର,୧୯।୧୨ (ନି.ପ୍ର.)**

ଜିଲା ପ୍ରଶାସନର ଉଦାସୀନତା ପ୍ରତିବାଦରେ ଓ ୪ଦଫା ଦାବି ନେଇ ତାଳଚେର ସୁରକ୍ଷା ପରିଷଦ ପକ୍ଷରୁ ବୁଧବାର ତାଳଚେରରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ଏଥିଯୋଗୁ ଏମ୍‌ସିଏଲ୍‌ର ଏଠାରେ ଥିବା ହିଙ୍ଗୁଳା, ବଳରାମ, ଜଗନ୍ନାଥ, ଲିଙ୍ଗରାଜ, ଭୁବନେଶ୍ୱରୀ, ଭରତପୁର, ଅନନ୍ତ କୋଇଲା ଖଣି କାର୍ଯ୍ୟ ସହ ଉତ୍ତୋଳନ, ପରିବହନ ବାଧାପ୍ରାପ୍ତ ହୋଇଥିଲା। ନାଲ୍‌କୋ, ଏନ୍‌ଟିପିସି, ଟିଟିପିଏସ୍‌କୁ କୋଇଲା ଯୋଗାଣ ମଧ୍ୟ ବ୍ୟାହତ ହୋଇଥିଲା। ସରକାରୀ ଅଫିସ, ବ୍ୟାଙ୍କ, ସ୍କୁଲ, କଲେଜ, ଦୋକାନ, ବଜାର ଆଦି ବନ୍ଦ ରହିଥିଲା। ୨ ଚକିଆଠାରୁ ଆରମ୍ଭ କରି ଟ୍ରକ୍ ଓ ବସ୍ ଆଦି ଚଳାଚଳ ସମ୍ପୂର୍ଣ୍ଣ ଠପ୍ ହୋଇ ଯାଇଥିଲା।

ଭୂତଳ କୋଇଲା ଖଣିରେ ବାଲି ଫିଲିଂ ସହ ତାଳଚେରବାସୀଙ୍କୁ ବିପଦମୁକ୍ତ କରାଯିବା, ତାଳବେଡ଼ାଠାରୁ ଚାଇଁପାଳ ପର୍ଯ୍ୟନ୍ତ ଉଡୁଥିବା ଧୂଳିର ନିରାକରଣ ଓ ତାଳଚେରକୁ ପ୍ରଦୂଷଣ ମୁକ୍ତ କରାଯିବା, ସରକାରୀ ☞ପୃଷ୍ଠା–୭

ମନ ଚିଜାଜ ୧୨

**ଆଜିର ସମ୍ପାଦକୀୟ**

ଜିରାଫ ବଂଶ ବିପଦରେ

**ଆଜିର ମନ୍ତବ୍ୟ**

“ ବିରୋଧୀଙ୍କ ମହାମେଣ୍ଟ ଏକ ଭ୍ରମ।

–ଅମିତ୍ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୭–୧୮ରେ ଭାରତ–ଚାଇନା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ପୂର୍ବ ବର୍ଷ ତୁଳନାରେ ୧୮.୬୩% ବୃଦ୍ଧି ଘଟି ୮୪.୪୪ ବିଲିୟନ ଡଲାର ଛୁଇଁଛି।

–ବାଣିଜ୍ୟ ମନ୍ତ୍ରଣାଳୟ

**CBSE Exam Mate** ପୃଷ୍ଠା -୧୧


NECC NATIONAL EGG CO-ORDINATION COMMITTEE — Venc𝑜bb CHICKEN — 19.12.2018

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 71 | 120 | 130 |
| CTC | 71 | 120 | 130 |
| DKL | 72 | 122 | 132 |
| BDK | 71 | 120 | 130 |
| BLS | 73 | 123 | 133 |
| ANG | 74 | 124 | 134 |

*Conditions Apply

Eggs Retail Price- 53/-Dozen

Issued in the Interest of Consumers


## ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ପ୍ରକାଶିତ

### ଶୀର୍ଷ ସ୍ଥାନରେ ଆୟୁଷୀ ମହାପାତ୍ର

**କଟକ ଅଫିସ, ୧୯।୧୨**

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ–୨୦୧୭ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ବ୍ୟକ୍ତିତ୍ୱ ପରୀକ୍ଷା ପରେ ମୋଟ ୧୦୬ ଜଣଙ୍କୁ ଚୟନ କରାଯାଇଛି। ଓଡ଼ିଶା ସିଭିଲ ସର୍ଭିସ୍‌ର କାଟାଗୋରି–୧ ଓ କାଟାଗୋରି–୨ରେ ଆସୁଥିବା ସେବା ପାଇଁ ଏମାନଙ୍କୁ ନିଯୁକ୍ତି ଦିଆଯିବ। ଡିସେମ୍ବର ୩ରୁ ୧୦ ତାରିଖ ମଧ୍ୟରେ ବ୍ୟକ୍ତିତ୍ୱ ପରୀକ୍ଷା କରାଯାଇଥିଲା। ପ୍ରକାଶ ପାଇଥିବା ତାଲିକାରେ ଆୟୁଷୀ ମହାପାତ୍ର ଶୀର୍ଷ ସ୍ଥାନରେ ରହିଛନ୍ତି। କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ତାଲିକା ଓପିଏସ୍‌ସିର ୱେବ୍‌ସାଇଟ୍ http://opsc.gov.inରେ ଉପଲବ୍ଧ ହେଉଛି। ଏହି ୱେବ୍‌ସାଇଟ୍‌ରୁ ପ୍ରାର୍ଥୀମାନେ ସବିଶେଷ ବିବରଣୀ ପାଇପାରିବେ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି।

## ରାଜସ୍ଥାନରେ କୃଷିଋଣ ଛାଡ଼

**ଜୟପୁର,୧୯।୧୨**

ରାଜସ୍ଥାନର ନବଗଠିତ କଂଗ୍ରେସ ସରକାର ଚାଷୀଙ୍କ କୃଷିଋଣ ଛାଡ଼ କରିଛନ୍ତି। ମଧ୍ୟପ୍ରଦେଶ ଓ ଛତିଶଗଡ଼ ପରେ କୃଷକଙ୍କ ମୁଣ୍ଡରୁ ଋଣବୋଝ ହଟାଇବାରେ ରାଜସ୍ଥାନ ହେଉଛି ତୃତୀୟ ☞ପୃଷ୍ଠା–୪

## ନାସାରେ ତଥ୍ୟ ଚୋରି

**ସାନ୍‌ଫ୍ରାନ୍‌ସିସ୍କୋ,୧୯।୧୨**

ସୁରକ୍ଷା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଥିବା ଆମେରିକାର ମହାକାଶ ଗବେଷଣା ସଂସ୍ଥା (ନାସା)ରେ କାର୍ଯ୍ୟରତ ଓ ପୂର୍ବତନ କର୍ମଚାରୀମାନଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହୋଇଥିବା ସାମ୍ନାକୁ ଆସିଛି। ତଥ୍ୟ କିଏ ଚୋରି କରିଛି ଓ ଏଥିଯୋଗୁ କେତେ କର୍ମଚାରୀ ପ୍ରଭାବିତ ହେବେ ତାହା ସ୍ପଷ୍ଟ ହୋଇନାହିଁ। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ତଥ୍ୟ ଚୋରି ନେଇ ନାସା ଏହାର ଦୁଇମାସ ପରେ ଜାଣିବାକୁ ପାଇଛି।

ବିଜିନେସ୍ ଟେକ୍ନୋଲୋଜି ନ୍ୟୁଜ୍ ୱେବ୍‌ସାଇଟ୍ ଜେଡ୍‌ଡିଏନଟ୍ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ନାସାର ସମସ୍ତ କର୍ମଚାରୀଙ୍କ ନିକଟକୁ ମଙ୍ଗଳବାର ଏକ ମେମୋ ପଠାଯାଇଛି। ସେଥିରେ ସେମାନଙ୍କ ତଥ୍ୟ ଚୋରି ହୋଇଥିବା ସମ୍ପର୍କରେ ସ୍ୱୀକାର କରାଯାଇଛି। ଜଣେ ଅଜ୍ଞାତ ଅନୁପ୍ରବେଶକାରୀ ନାସାର କର୍ମଚାରୀଙ୍କ ବ୍ୟକ୍ତିଗତ ତଥ୍ୟ ଥିବା ସର୍ଭରଗୁଡ଼ିକୁ ପରିଦର୍ଶନ କରିବାରେ ସକ୍ଷମ ହୋଇଥିଲେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। କିନ୍ତୁ ଆଗକୁ ସେମାନେ ଯେପରି ସତର୍କ ହେବେ ସେଥିପାଇଁ କର୍ମଚାରୀମାନଙ୍କ ନିକଟକୁ ତଥ୍ୟ ଚୋରି ସମ୍ପର୍କରେ ଅବଗତ କରାଯାଇଥିବା ମହାକାଶ ଗବେଷଣା ସଂସ୍ଥା କହିଛି। ମିଳିଥିବା ସୂଚନାନୁସାରେ ନାସା ଏହି ତଥ୍ୟ ଚୋରି ସମ୍ପର୍କରେ ଅକ୍ଟୋବର ୨୩ରେ ଜାଣିବାକୁ ପାଇଥିଲା। ଏହାସହ ସଂଘୀୟ ସାଇବର ସିକ୍ୟୁରିଟି ସହଯୋଗୀଙ୍କ ସହାୟତା ନେଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିଥିଲା। ☞ପୃଷ୍ଠା–୪

## କକ୍ଷପଥରେ ଜିସାଟ୍‌–୭ଏ

**ଶ୍ରୀହରିକୋଟା,୧୯।୧୨(ପି.ଟି.)**



ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ)ର ଜିଓସିଂକ୍ରୋନିୟସ୍ ସାଟେଲାଇଟ ଲଞ୍ଚ ଭେହିକିଲ୍ ଜିଏସ୍‌ଏଲ୍‌ଭି–ଏଫ୍‌୧୧ ବୁଧବାର ଅତ୍ୟାଧୁନିକ ଉପଗ୍ରହ ଜିସାଟ–୭ଏକୁ ସଫଳତାର ସହ କକ୍ଷପଥରେ ଅବସ୍ଥାପିତ କରିଛି। ଏହା ଭାରତୀୟ ବାୟୁସେନାର ଯୋଗାଯୋଗ ବ୍ୟବସ୍ଥାକୁ ବଢ଼ାଇବାରେ ସହାୟକ ହେବ। ୨୬ ଘଣ୍ଟାର ଅବଗଣନା ପରେ ଜିଏସ୍‌ଏଲ୍‌ଭି–ଏଫ୍‌୧୧ ଅପରାହ୍ନ ୪ଟା ୧୦ ମିନିଟ ସମୟରେ ଶ୍ରୀହରିକୋଟା ସତୀଶ ଧାୱନ ମହାକାଶ କେନ୍ଦ୍ରର ଦ୍ୱିତୀୟ ଲଞ୍ଚପ୍ୟାଡ୍‌ରୁ ୨୨୫୦ କିଲୋଗ୍ରାମ ଓଜନ ବିଶିଷ୍ଟ ଜିସାଟ–୭ଏକୁ ନେଇ ମହାକାଶ ଅଭିମୁଖେ ଯାଇଥିଲା ଏବଂ ୧୯ ମିନିଟ ପରେ ଏହାକୁ କକ୍ଷପଥରେ ସ୍ଥାପନ କରିଥିଲା। ଏହା ବାୟୁସେନାର ନେଟ୍‌ୱାର୍କ କୈନ୍ଦ୍ରିକ ଯୁଦ୍ଧକ୍ଷମତା ବଢ଼ାଇବ। ଏହି ସାଟେଲାଇଟ ସମସ୍ତ ରାଡାର, ଏୟାରବେସ୍ ଏବଂ ଆକାଶମାର୍ଗର ସମସ୍ତ ସତର୍କ ସୂଚନାକୁ ଇଣ୍ଟରଲିଙ୍କ୍ କରିବା ସହ ଅନ୍ୟ ଯୁଦ୍ଧବିମାନ, ଜାହାଜଗୁଡ଼ିକର ଗତିବିଧିକୁ ଅନୁଧ୍ୟାନ କରି ଗୋଇନ୍ଦା ସୂଚନା ଯୋଗାଇଦେବ। ୩୫ ଦିନ ମଧ୍ୟରେ ଏହା ଇସ୍ରୋର ତୃତୀୟ ସଫଳ ଏବଂ ନିରାପଦ ଉତ୍‌କ୍ଷେପଣ ବୋଲି ମିଶନ କଣ୍ଟ୍ରୋଲ ରୁମ୍‌ରୁ ଏହାର ଅଧ୍ୟକ୍ଷ କେ. ଶିବନ୍ କହିଛନ୍ତି। ଏହା ପୂର୍ବରୁ ନଭେମ୍ବର ମାସରେ ଦୁଇଟି ମିଶନକୁ ବଡ଼ ସଫଳତା ମିଳିଥିଲା।

■ ମହଙ୍ଗା ପଡ଼ିବ ଆଧାର ଲାଗି ବାଧ୍ୟକରିବା

## କୋଟିଏ ଜରିମାନା, ୧୦ ବର୍ଷ ଜେଲ୍

**ନୂଆଦିଲ୍ଲୀ,୧୯।୧୨**

ନୂଆ ସିମ୍ ନେବା ଅଥବା ବ୍ୟାଙ୍କ ଆକାଉଣ୍ଟ ଖୋଲିବା ବେଳେ ରାଶନ କାର୍ଡ, ପାସ୍‌ପୋର୍ଟ ଆଦି ଅନ୍ୟାନ୍ୟ ପରିଚୟପତ୍ର ବଦଳରେ ଆଧାର କାର୍ଡ ଦେବା ଲାଗି ବ୍ୟାଙ୍କ ଅଥବା ଟେଲିକମ୍ କମ୍ପାନୀ ବାଧ୍ୟ କଲେ ସେମାନଙ୍କଠାରୁ ୧ କୋଟି ଟଙ୍କା ଜରିମାନା ଆଦାୟ କରାଯିବ। ଏଥିସହ ସମ୍ପୃକ୍ତ ଅଧିକାରୀ/କର୍ମଚାରୀଙ୍କୁ ୩ରୁ ୧୦ ବର୍ଷ ଯାଏ ଜେଲ୍‌ଦଣ୍ଡ ହୋଇପାରେ।

କେନ୍ଦ୍ର ସରକାର ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆକ୍ଟ ଓ ଭାରତୀୟ ଟେଲିଗ୍ରାଫ୍ ଆକ୍ଟରେ ସଂଶୋଧନ କରି ଏହି ନୂଆ ନିୟମକୁ ସାମିଲ କରିଛନ୍ତି। ଏନେଇ କେନ୍ଦ୍ର କ୍ୟାବିନେଟ୍‌ରେ ଏକ ପ୍ରସ୍ତାବ ଇତିମଧ୍ୟରେ ଅନୁମୋଦନ ଲାଭ କରିସାରିଛି। ଏହାଛଡ଼ା ଗ୍ରାହକ ଚାହିଁଲେ କେୱାଇସି ପୂରଣ ପାଇଁ ଆଧାର କାର୍ଡକୁ ବ୍ୟବହାର କରିପାରିବେ। ସୁପ୍ରିମକୋର୍ଟ ରାୟ ଆଧାରରେ ଉକ୍ତ ଦୁଇଟି ଆଇନରେ ସଂଶୋଧନ ☞ପୃଷ୍ଠା–୪






## ବସ୍ତି ବାସିନ୍ଦାଙ୍କୁ ମିଳିବ ଉତ୍ତମ ସହରୀ ସୁବିଧା

**ଭୁବନେଶ୍ୱର,୧୯।୧୨(ବ୍ୟୁରୋ)**

ସହରାଞ୍ଚଳ ଲୋକଙ୍କୁ ରହିବା ପାଇଁ ଉତ୍ତମ ପରିବେଶ ଓ ଜୀବିକାର୍ଜନ ବ୍ୟବସ୍ଥା କରିବା ଲାଗି ରାଜ୍ୟ ସରକାର ଆରମ୍ଭ କରିଛନ୍ତି ଓଡ଼ିଶା ଜାଗା ମିଶନ। ଏଥିରେ ପ୍ରତିବର୍ଷ ୧୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ଥିବା ସମସ୍ତ ୧୧୪ ସହରାଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ସ୍ୱୀକୃତିପ୍ରାପ୍ତ ବସ୍ତିଗୁଡ଼ିକରେ ବାସକରୁଥିବା ଲୋକମାନଙ୍କୁ ସମସ୍ତ ସହରୀ ସୁବିଧା ଯୋଗାଇ ଦିଆଯିବ। ଅବ୍ୟବସ୍ଥିତ ହୋଇଥିବା ଓ ଅସ୍ୱାସ୍ଥ୍ୟକର ପରିବେଶରେ ଗଢ଼ି ଉଠିଥିବା ବସ୍ତିଗୁଡ଼ିକୁ ଉନ୍ନତ ସହରାଞ୍ଚଳରେ ପରିଣତ କରାଯିବ। କେଉଁ ବସ୍ତିଗୁଡ଼ିକୁ କିଭଳି ଢଙ୍ଗରେ ସଂଗଠିତ କରାଯିବ ସେ ନେଇ ପ୍ରାଥମିକ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ପୌର ସଂସ୍ଥା ନିର୍ଦ୍ଦେଶକ ସଂଗ୍ରାମଜିତ୍ ନାୟକ କହିଛନ୍ତି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରାଞ୍ଚଳରେ ଗରିବ ଲୋକଙ୍କୁ ଉତ୍ତମ ପରିବେଶ ସହ ରୋଜଗାର ବ୍ୟବସ୍ଥା ଯୋଗାଇ ଦେବାକୁ ଜାଗା ମିଶନ ଆରମ୍ଭ କରିଛନ୍ତି। ନଗର ଉନ୍ନୟନ ବିଭାଗ ପାଇଁ ହେଉଥିବା ବଜେଟର ୨୫% ଅଂଶଧନକୁ ଏ ଦିଗରେ ଖର୍ଚ୍ଚ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମିଶନ ଜରିଆରେ ବସ୍ତି ଲୋକମାନଙ୍କୁ ରାସ୍ତା, ଡ୍ରେନ, କମ୍ୟୁନିଟି ସେଣ୍ଟର, ଆଲୋକୀକରଣ, ପାର୍କ, ଅଙ୍ଗନୱାଡି କେନ୍ଦ୍ର, ପ୍ରାଥମିକ ଚିକିତ୍ସା କେନ୍ଦ୍ର, ଜୀବିକାର୍ଜନ ପାଇଁ ବ୍ୟବସ୍ଥା କରାଯିବ। ଚିଲିକା, ପାରାଦୀପ ଏବଂ ପୁରୀ ସମୁଦ୍ରକୂଳରେ ରହୁଥିବା ମତ୍ସ୍ୟଜୀବୀମାନଙ୍କୁ ମଧ୍ୟ ଉତ୍ତମ ସହରାଞ୍ଚଳ ସୁବିଧା ଯୋଗାଇ ଦିଆଯିବ। ଏହି ମିଶନକୁ କାର୍ଯ୍ୟକାରୀ କରିବା ପାଇଁ ଅଭିଜ୍ଞତା ସମ୍ପନ୍ନ ସଂସ୍ଥା ତଥା ଟାଟା ଟ୍ରଷ୍ଟ, ଉମିଦ୍‌ୱାର ନେଟ୍‌ୱର୍କ, ଶିକାଗୋ ବିଶ୍ୱବିଦ୍ୟାଳୟ ଗୁଡ଼ିକରୁ ବୈଷୟିକ ସହାୟତା ନିଆଯିବ। ସେମାନଙ୍କ ବିଶେଷଜ୍ଞ ଟିମ୍ ବସ୍ତି ଅଞ୍ଚଳ ବୁଲି କେଉଁ ଅଞ୍ଚଳରେ ଜୀବିକା ନିର୍ବାହ ପାଇଁ କ'ଣ ସୁବିଧା ହୋଇପାରିବ ସେ ନେଇ ସରକାରଙ୍କୁ ସହାୟତା କରିବେ ବୋଲି ସଂଗ୍ରାମଜିତ୍ କହିଛନ୍ତି।

ସୂଚନାଯୋଗ୍ୟ, ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ଦେବାକୁ ରାଜ୍ୟ ସରକାର ଘୋଷଣା କରି ସାରିଛନ୍ତି। ୧୦୯ ପୌରାଞ୍ଚଳରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି। ଭୂମିହୀନ ପରିବାରଙ୍କୁ ୫ ମହାନଗରକୁ ଛାଡ଼ି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍‌ଏସି) ଗୁଡ଼ିକରେ ଗୋଟିଏ ପରିବାରକୁ ୬୪୬ ବର୍ଗଫୁଟ ଏବଂ ମ୍ୟୁନିସିପାଲିଟି ଅଞ୍ଚଳରେ ୩୨୩ ବର୍ଗଫୁଟ ଜାଗା ମାଗଣାରେ ଯୋଗାଇ ଦିଆଯିବ। ରାଜ୍ୟ ସରକାର ୨ ଲକ୍ଷ ପରିବାରଙ୍କୁ ମାଗଣାରେ ଜମି ଅଧିକାର ସାର୍ଟିଫିକେଟ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏ ପର୍ଯ୍ୟନ୍ତ ପୁରୀ ମ୍ୟୁନିସିପାଲିଟିରେ ୧୦ ହଜାର ଜମି ପଟ୍ଟା ଦିଆଯାଇଥିବାବେଳେ ଗଞ୍ଜାମ ଏନ୍‌ଏସିରେ ୨ ହଜାର ଦିଆଯାଇଛି। ଆସନ୍ତା ମାର୍ଚ୍ଚ ସୁଦ୍ଧା ଆଉ ୩୦ ହଜାର ପଟ୍ଟା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଜମି ଅଧିକାର ସାର୍ଟିଫିକେଟ ୧୦୯ଟି ସହରାଞ୍ଚଳରେ ପ୍ରଦାନ କରାଯାଉଥିବା ବେଳେ ଜାଗା ମିଶନ ସମସ୍ତ ସହରାଞ୍ଚଳ ପାଇଁ କାର୍ଯ୍ୟକ୍ଷମ ହେବ। ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ୩ ହଜାର ବସ୍ତି ରହିଛି। ଏହି ସମସ୍ତ ବସ୍ତିରେ ଜାଗା ମିଶନ ଅନ୍ତର୍ଭୁକ୍ତ ହୋଇଛି। ଡ୍ରୋନ ସାହାଯ୍ୟରେ ବସ୍ତିଗୁଡ଼ିକୁ ଚିହ୍ନଟ କରାଯାଇଛି ।

- ‘ଜାଗା ମିଶନ’ରେ ସାମିଲ ହେବେ ୩ ହଜାର ବସ୍ତି
- ମାର୍ଚ୍ଚ ସୁଦ୍ଧା ୩୦ ହଜାର ପରିବାରଙ୍କୁ ଜମି ଅଧିକାର ସାର୍ଟିଫିକେଟ୍



“କଂଗ୍ରେସ ଆସାମ ଓ ଗୁଜରାଟ ମୁଖ୍ୟମନ୍ତ୍ରୀଙ୍କୁ ଜାଗ୍ରତ କରି କୃଷିଋଣ ଛାଡ଼ କରାଇବାରେ ସକ୍ଷମ ହୋଇଛି। ଶୋଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିଦରୁ ଉଠାଇବା ଏବେ ବିରୋଧୀ ଦଳଙ୍କ ପ୍ରାଥମିକତା।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ

# କାମ କରୁନି ମୋଦି ମ୍ୟାଜିକ୍

**ନୂଆଦିଲ୍ଲୀ,୧୯।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମ୍ୟାଜିକ୍ ଆଉ କାମ କରୁନାହିଁ। ସଦ୍ୟ ଅନୁଷ୍ଠିତ ୫ ରାଜ୍ୟର ବିଧାନସଭା ନିର୍ବାଚନ ଫଳରୁ ଏହାକୁ ପ୍ରମାଣିତ କରିଛି। ମୋଦି ଷ୍ଟାର କ୍ୟାମ୍ପେନର ଭାବେ ଯେଉଁ ନିର୍ବାଚନମଣ୍ଡଳୀଗୁଡ଼ିକରେ ପ୍ରଚାର କରିଥିଲେ, ତହିଁରୁ ୭୦%ରୁ ଉର୍ଦ୍ଧ୍ୱ ଆସନରେ ଭାଜପା ହାରିଛି। ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ଫଳାଫଳକୁ ବିଶ୍ଳେଷଣ କରିବା ପରେ ଏହି ତଥ୍ୟ ପ୍ରଘଟ କରିଛି ଇଣ୍ଡିଆସ୍ପେଣ୍ଡ।

ମିଳିଥିବା ସୂଚନାନୁସାରେ ପ୍ରଧାନମନ୍ତ୍ରୀ ମୋଦି ୮୦ ନିର୍ବାଚନମଣ୍ଡଳୀର ୩୦ଟି ସ୍ଥାନରେ ଭାଜପା ପାଇଁ ପ୍ରଚାର କରି ସଭାରେ ସମ୍ବୋଧିତ କରିଥିଲେ। ସେଥିରୁ ଭାଜପା ୨୩ ଆସନରେ ଜିତିଥିବାବେଳେ ୫୭ ନିର୍ବାଚନମଣ୍ଡଳୀରେ ହାରିଯାଇଛି। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଯେଉଁଠି ମୋଦି ୭୦%ରୁ ଅଧିକ (୨୨ଟି) ସଭାରେ ସମ୍ବୋଧିତ କରିଥିଲେ, ସେଠାରେ ଭାଜପା ୫୪ ଆସନ ମଧ୍ୟରୁ ମାତ୍ର ୨୨ ଆସନରେ ସଫଳତା ପାଇଛି। ଅର୍ଥାତ୍ ଏହି ଦୁଇରାଜ୍ୟରେ ସଫଳତା ହାର ୪୧%। ଛତିଶଗଡ଼, ତେଲେଙ୍ଗାନା ଓ ମିଜୋରାମରେ ମୋଦି ୮ଟି ସଭା କରିଥିଲେ। ଏହି ୩ ରାଜ୍ୟରେ ୨୬ ନିର୍ବାଚନମଣ୍ଡଳୀରୁ ମାତ୍ର ଗୋଟିଏରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି।



**ପ୍ରଧାନମନ୍ତ୍ରୀ ପ୍ରଚାର କରିଥିବା ୭୦%ରୁ ଉର୍ଦ୍ଧ୍ୱ ଆସନରେ ହାରିଛି ଭାଜପା**

ଅନ୍ୟପକ୍ଷରେ ମୋଦିଙ୍କ ଅପେକ୍ଷା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଧିକ ସଫଳ ପ୍ରଚାରକ ଭାବେ ଉଭା ହୋଇଛନ୍ତି। ୩ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ ସମେତ ତେଲେଙ୍ଗାନାରେ ଯୋଗୀ ଭାଜପା ପକ୍ଷରୁ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ। ଯୋଗୀ ଏହି ୪ ରାଜ୍ୟରେ ୫୮ ସଭାରେ ଭାଷଣ ଦେଇଥିଲେ। ସେଠାରେ ଭାଜପା ୨୭ ଆସନ ଦଖଲ କରିଥିବାବେଳେ ୪୨ ନିର୍ବାଚନମଣ୍ଡଳୀରେ ହାରିଛି। ଏହି କ୍ଷେତ୍ରରେ ମୋଦିଙ୍କ ପ୍ରଚାର ସଫଳତା ହାର ୨୮.୭୫% ହୋଇଥିବାବେଳେ ଯୋଗୀଙ୍କ ସଫଳତା ହାର ୩୯.୧୩%। ମଧ୍ୟପ୍ରଦେଶ ଓ ରାଜସ୍ଥାନରେ ଯୋଗୀ ୨୭ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ। ସେଠାରେ ୩୭ ଆସନ ମଧ୍ୟରୁ ୨୧ଟିରେ ଭାଜପାକୁ ସଫଳତା ମିଳିଛି। ଛତିଶଗଡ଼ର ୨୩ ନିର୍ବାଚନମଣ୍ଡଳୀରେ ୨୩ଟି ସଭା କରିଥିଲେ ଯୋଗୀ। ସେଥିରୁ ୫ ଆସନରେ ଭାଜପା ପ୍ରାର୍ଥୀ ଜିତିଛନ୍ତି।

## ସରୋଗେଟ୍ ବିଲ୍ ଲୋକ ସଭାରେ ଗୃହୀତ

**ନୂଆଦିଲ୍ଲୀ,୧୯।୧୨(ପି.ଟି.)**

ଲୋକ ସଭାରେ ବିଭିନ୍ନ ପ୍ରସଙ୍ଗକୁ ନେଇ କଂଗ୍ରେସ ଏବଂ ଏଆଇଏଡିଏମ୍‌କେ ସଦସ୍ୟମାନଙ୍କ ହଟ୍ଟଗୋଳ ମଧ୍ୟରେ ସରୋଗେଟ୍ ବିଲ୍ ବୁଧବାର ଗୃହୀତ ହୋଇଛି। ଏହା ଆଇନରେ ପରିଣତ ହେଲେ ବ୍ୟବସାୟିକ ସରୋଗେସୀ (ଭଡ଼ାରେ ଗର୍ଭ ସ୍ଥାନାନ୍ତର) ବନ୍ଦ ହେବ। କେବଳ ଅନ୍ୟର ଉପକାର ପାଇଁ ଘନିଷ୍ଠ ସମ୍ପର୍କୀୟ ଗର୍ଭଦାନ କରିପାରିବେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଏହି ପ୍ରସ୍ତାବିତ ବିଧେୟକକୁ ଐତିହାସିକ ବୋଲି କହିଥିଲେ। ବ୍ୟବସାୟିକ ସରୋଗେସୀ ବନ୍ଦକରିବା ଲାଗି ସମାଜର ବିଭିନ୍ନ ମହଲ, ରାଜନୈତିକ ଦଳ ପକ୍ଷରୁ ଦାବି ହୋଇ ଆସୁଥିଲା। ସୁପ୍ରିମକୋର୍ଟ ଏବଂ ନ୍ୟାୟିକ ଆୟୋଗ ମଧ୍ୟ ସରୋଗେସୀକୁ ବିରୋଧ କରିଥିଲେ। ଭାରତ ବ୍ୟବସାୟିକ ସରୋଗେସୀର କେନ୍ଦ୍ରସ୍ଥଳ ପାଲଟିଥିଲା ଏବଂ ଗର୍ଭରେ ଅନ୍ୟର ପିଲାକୁ ଧାରଣ କରୁଥିବା ମହିଳା ଶୋଷଣର ଶିକାର ହେଉଥିଲେ। ଲୋକ ସଭାରେ ଅଳ୍ପ କେତେଜଣ ସଦସ୍ୟଙ୍କୁ ବାଦ୍ ଦେଲେ ଅନ୍ୟମାନେ ଏହି ବିଲ୍‌କୁ ସମର୍ଥନ କରିଥିଲେ। ସରୋଗେସୀର ପରିସର ବଢ଼ାଇବାକୁ ଏନ୍‌ସିପି ସଦସ୍ୟା ସୁପ୍ରିୟା ସୁଲେ ପରାମର୍ଶ ଦେଇଥିଲେ। ତେବେ ଫେଶନ ସରୋଗେସୀ ବନ୍ଦ ହେବା ଆବଶ୍ୟକ ବୋଲି ସେ କହିଥିଲେ। ନିୟାମକ ବ୍ୟବସ୍ଥାରେ ବ୍ୟବଧାନ ଯୋଗୁ ସରୋଗେସୀ ବଢ଼ିଚାଲିଛି। ଘନିଷ୍ଠ ସମ୍ପର୍କୀୟ କେଉଁମାନେ ହୋଇପାରିବେ ତାହା ସରକାର ଉଲ୍ଲେଖ କରିବା ଉଚିତ ବୋଲି ବିଜେଡି ସଦସ୍ୟ ଭର୍ତ୍ତୃହରି ମହତାବ କହିଥିଲେ। ବ୍ୟବସାୟିକ ସରୋଗେସୀ ବନ୍ଦକରିବା ବିଲ୍‌ର ଉଦ୍ଦେଶ୍ୟ। ତେବେ ଆଧୁନିକ ବିଜ୍ଞାନର ଉପଯୋଗରେ ନିଃସନ୍ତାନ ଦମ୍ପତିଙ୍କୁ ବଂଶରକ୍ଷା ଲାଗି ଅନୁମତି ଦେବାକୁ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ। ଲିଭ୍-ଇନ-ପାର୍ଟନର କିମ୍ବା ସିଙ୍ଗଲ୍ ପ୍ୟାରେଣ୍ଟଙ୍କୁ ଏଥିପାଇଁ ଅନୁମତି ମିଳିବ ନାହିଁ । ସରୋଗେସୀର ଅପବ୍ୟବହାର ଲାଗି ବିଲ୍‌ରେ ଦଣ୍ଡବିଧାନ ବ୍ୟବସ୍ଥା ରହିଛି ବୋଲି ନଡ୍ଡା କହିଥିଲେ।

## ସଂକ୍ଷେପରେ

### ବେଲ୍‌ଜିଅମ୍ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା



**ବ୍ରସେଲ୍ସ,୧୯।୧୨(ଏ.ଏଫ୍.ପି.):** ବେଲ୍‌ଜିଅମ୍ ପ୍ରଧାନମନ୍ତ୍ରୀ ଚାର୍ଲସ ମିଶେଲ ବୁଧବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ନ୍ୟୁ ଫ୍ଲେମିଶ୍ ଆଲାଏନ୍ସ (ଏନ୍-ଭିଏ)ର ସମର୍ଥନ କ୍ରମେ ମିଶେଲ ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେତେବେଳେ ସହଯୋଗୀ ଦଳ ଜାତିସଂଘ ଶରଣାର୍ଥୀ ଚୁକ୍ତିକୁ ସମର୍ଥନ କରିଥିଲା। ନିକଟରେ ଏହି ଦଳ ମିଶେଲ ସରକାରରୁ ସମର୍ଥନ ପ୍ରତ୍ୟାହାର କରିଥିଲା। ଏହି ଚୁକ୍ତିକୁ ବିରୋଧ କରି ଦୁଇଦିନ ତଳେ ବ୍ରସେଲ୍ସରେ ବିକ୍ଷୋଭ କରାଯାଇଥିଲା। ଲୋକଙ୍କୁ ଘଉଡାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ଓ ୱାଟର କ୍ୟାନନ୍ ପ୍ରୟୋଗ କରିଥିଲା। ଆସନ୍ତା ବର୍ଷ ମେ’ରେ ଦେଶରେ ହେବାକୁ ଥିବା ନିର୍ବାଚନ ଯାଏ ସରକାର ଚଳାଇ ରଖିବାକୁ ମିଶେଲ୍ ବିରୋଧୀ ଦଳଗୁଡ଼ିକୁ ଅନୁରୋଧ କରିଥିଲେ। ହେଲେ ଏନେଇ ପାର୍ଲାମେଣ୍ଟରେ ହୋଇଥିବା ବିତର୍କ ବେଳେ ବିରୋଧୀ ମନାକରିଦେଇଥିଲେ। ଫଳରେ ମିଶେଲ ନିଜ ଇସ୍ତଫା ଘୋଷଣା କରିଛନ୍ତି। ସେ ରାଜା ଫିଲିପ୍ସେଙ୍କୁ ଭେଟି ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି।

### ହାଜତକୁ ଗଲେ ମିଶେଲ୍

**ନୂଆଦିଲ୍ଲୀ,୧୯।୧୨(ପି.ଟି.):** ୩୬୦୦ କୋଟି ଟଙ୍କା ଅଗୁସ୍ତା ୱେଷ୍ଟଲାଣ୍ଡ ଭିଭିଆଇପି ହେଲିକପ୍ଟର କିଣା ଦୁର୍ନୀତି ମାମଲାର ମଧ୍ୟସ୍ଥ କ୍ରିଷ୍ଟିଆନ ମିଶେଲ୍‌ଙ୍କୁ ଦିଲ୍ଲୀର ଏକ ଅଦାଲତ ବୁଧବାର ୧୦ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ତାଙ୍କର ୧୪ ଦିନିଆ ସିବିଆଇ ରିମାଣ୍ଡ ଶେଷହେବା ପରେ ସ୍ୱତନ୍ତ୍ର ବିଚାରପତି ଅରବିନ୍ଦ କୁମାରଙ୍କ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ଜାମିନ ଆବେଦନର ରାୟ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ସଂରକ୍ଷିତ ରଖାଯାଇଛି। ହେଲିକପ୍ଟର କିଣା ଦୁର୍ନୀତି ମାମଲାରେ ମିଶେଲ୍‌ଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହେବା ସହ ତାଙ୍କୁ ଚଳିତ ମାସ ୪ ତାରିଖରେ ୟୁଏଇରୁ ଗିରଫ କରାଯାଇ ଭାରତ ଅଣାଯାଇଥିଲା।


### ଦୁର୍ଘଟଣାରେ ୧୯ ମୃତ

**କାମ୍ପାଲା,୧୯।୧୨(ପି.ଟି.):** ପୂର୍ବ ଉଗାଣ୍ଡାରେ ଏକ ବସ୍ ଦୁର୍ଘଟଣାରେ ଆମେରିକା ଏନ୍‌ଜିଓ ସଂସ୍ଥାର ୧୯ କର୍ମଚାରୀ ପ୍ରାଣ ହରାଇଥିଲାବେଳେ ଅନ୍ୟ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ବସ୍‌ଟି ରାସ୍ତାରୁ ଖସି ଏକ ଘାଟିକୁ ଧକ୍କା ଦେଇଥିଲା। ଏନ୍‌ଜିଓ କର୍ମଚାରୀମାନେ ବାର୍ଷିକ ଉତ୍ସବ ଲାଗି କାପଚୋରୱା ଅଞ୍ଚଳକୁ ଯାଉଥିବାବେଳେ ସିପି ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଖରାପ ରାସ୍ତା ଏବଂ ପୁରୁଣା ଗାଡ଼ି ଯୋଗୁ ଏଠାରେ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ଜାତିସଂଘ ରିପୋର୍ଟ ଅନୁଯାୟୀ ଉଗାଣ୍ଡାରେ ସଡକ ଦୁର୍ଘଟଣାରେ ଦିନକୁ ହାରାହାରି ୧୦ ଜଣ ଲୋକଙ୍କ ମୃତ୍ୟୁ ହୋଇଥାଏ।

## କଶ୍ମୀରରେ ରାଷ୍ଟ୍ରପତି ଶାସନ

**ନୂଆଦିଲ୍ଲୀ,୧୯।୧୨(ପି.ଟି.)**

ଜମ୍ମୁ-କଶ୍ମୀରରେ ବୁଧବାର ମଧ୍ୟରାତ୍ରିରୁ ରାଷ୍ଟ୍ରପତି ଶାସନ ଜାରି ହୋଇଛି। ଉପତ୍ୟକାରେ ୬ ମାସ ଧରି ଚାଲିଥିବା ରାଜ୍ୟପାଳ ଶାସନର ଅବଧି ଶେଷ ହେବା ପରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିବା ଏକ ନିର୍ଦ୍ଦେଶନାମାରେ କୁହାଯାଇଛି। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଘୋଷଣାନାମାରେ ସ୍ୱାକ୍ଷର କରି ରାଜ୍ୟରେ କେନ୍ଦ୍ରୀୟ ଶାସନ ଲାଗୁକରିବା ପାଇଁ ପଥ ପରିଷ୍କାର କରିଛନ୍ତି। ଗତ ଜୁନ୍‌ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମେହବୁବା ମୁଫ୍‌ତିଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରୁ ଭାଜପା ଓହରିଯିବା ପରେ ଜମ୍ମୁ-କଶ୍ମୀରରେ ରାଜନୈତିକ ସଙ୍କଟ ସୃଷ୍ଟି ହୋଇଥିଲା। ରାଜ୍ୟପାଳ ସତ୍ୟପାଲ ମଲିକ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିବା ପାଇଁ ସୁପାରିସ କରି ରିପୋର୍ଟ ଦେବା ପରେ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ କେନ୍ଦ୍ର କ୍ୟାବିନେଟ ଏହି ନିଷ୍ପତ୍ତି ନେଇଥିଲା। ଏହି ଘୋଷଣା ପରେ ରାଜ୍ୟ ବିଧାନସଭାର ସମସ୍ତ କ୍ଷମତା ପାର୍ଲାମେଣ୍ଟ ଅଧୀନକୁ ଚାଲିଯାଇଛି। ପିଡିପି, ନ୍ୟାଶନାଲ କନ୍‌ଫରେନ୍ସ ଏବଂ କଂଗ୍ରେସ ମେଣ୍ଟ ସରକାର ଗଠନ ପାଇଁ ଦାବି ଜଣାଇବା ପରେ ବିରୋଧୀ ପିପୁଲ୍ସ କନ୍‌ଫରେନ୍ସ ପକ୍ଷରୁ ଅନୁରୂପ ଦାବି କରାଯାଇଥିଲା। ଫଳରେ ନଭେମ୍ବର ୨୧ରେ ରାଜ୍ୟପାଳ ଘୋଡ଼ାବେପାର ହେବା ଆଶଙ୍କା କରି ୮୭ ସଦସ୍ୟ ବିଶିଷ୍ଟ ବିଧାନସଭାକୁ ଭଙ୍ଗକରି ଦେଇଥିଲେ।



ରାମନାଥ କୋବିନ୍ଦ

## ସିରିଆରୁ ହଟିବ ଆମେରିକା ସେନା

**ୱାଶିଂଟନ,୧୯।୧୨:** ଗୃହଯୁଦ୍ଧ ଲାଗିରହିଥିବା ସିରିଆରୁ ଆମେରିକା ଖୁବ୍‌ଶୀଘ୍ର ନିଜ ସେନା ପ୍ରତ୍ୟାହାର କରିବ। ସିରିଆରେ ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)କୁ ସମ୍ପୂର୍ଣ୍ଣ ଭାବେ ପ୍ରତିହତ କରାଯାଇଛି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବାର ଦିନକ ପରେ ଏହି ନିଷ୍ପତ୍ତି ନିଆଯାଇଥିବା ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ କହିଛନ୍ତି। ଅନ୍ତର୍ଜାତୀୟ ରାଜନୀତି ଉପରେ ଏହି ପଦକ୍ଷେପର ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି। ତେବେ ଆମେରିକା ନିର୍ଦ୍ଦିଷ୍ଟ ଭାବେ କେବେ ସୈନ୍ୟମାନଙ୍କୁ ଫେରାଇ ଆଣିବ ସେନେଇ କିଛି କୁହାଯାଇନାହିଁ। ସମ୍ପ୍ରତି ସିରିଆରେ ଆମେରିକାର ପ୍ରାୟ ୨ ହଜାର ସୈନ୍ୟ ମୁତୟନ ରହି ସ୍ଥାନୀୟ ସୁରକ୍ଷା ବଳକୁ ତାଲିମ ଓ ପରାମର୍ଶ ଦେଉଛନ୍ତି।



ଡୋନାଲ୍ଡ ଟ୍ରମ୍ପ

## ଚିଦାମ୍ବରମ୍‌ଙ୍କୁ ଇଡି ଜେରା

**ନୂଆଦିଲ୍ଲୀ,୧୯।୧୨(ପି.ଟି.)**

ଆଇଏନ୍‌ଏକ୍ସ ମିଡିଆ ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କୁ ଜେରା କରିଛି। ଚିଦାମ୍ବରମ୍ ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ନିକଟସ୍ଥ ଇଡିର ଜାମ୍‌ନଗର ହାଉସ୍ ଅଫିସରେ ପୂର୍ବାହ୍ନ ୧୧ଟା ୧୫ରେ ହାଜର ହୋଇଥିଲେ। ପୂର୍ବତନ ଅର୍ଥ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଚିଦାମ୍ବରମ୍‌ଙ୍କୁ ଆଇଏନ୍‌ଏକ୍ସ ମିଡିଆ ମାମଲାରେ ଏହା ହେଉଛି ପ୍ରଥମ ଜେରା। ଏହି ବରିଷ୍ଠ କଂଗ୍ରେସ ନେତାଙ୍କୁ ତଦନ୍ତକାରୀ ଅଧିକାରୀଙ୍କ ଆଗରେ ବୟାନ ଦେବାକୁ କୁହାଯାଇଥିଲା। ପୂର୍ବରୁ ଚିଦାମ୍ବରମ୍‌ଙ୍କୁ ଏୟାରସେଲ-ମାକ୍ସିସ୍ ପିଏମ୍‌ଏଲ୍‌ଏ ମାମଲାରେ ଇଡି ଜେରା କରିଥିଲା। ଆଇଏନ୍‌ଏକ୍ସ ମିଡିଆ ମାମଲାର ତଦନ୍ତ ଉଭୟ ଇଡି ଏବଂ ସିବିଆଇ ପକ୍ଷରୁ କରାଯାଉଛି। ଏହି ମାମଲାରେ ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମ୍‌ଙ୍କ ଅଗ୍ରିମ ଜାମିନ ଅବଧିକୁ ଜାନୁୟାରୀ ୧୫ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ତଦନ୍ତରେ ସହଯୋଗ ପାଇଁ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପୂର୍ବରୁ ତାଙ୍କ ପୁଅ କାର୍ତ୍ତି ଚିଦାମ୍ବରମ୍‌ଙ୍କୁ ଜେରା କରିବା ସହ ୫୪ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କରିସାରିଛି। ୨୦୦୭ରେ ଚିଦାମ୍ବରମ୍ ଅର୍ଥମନ୍ତ୍ରୀ ଥିବାବେଳେ ଆଇଏନ୍‌ଏକ୍ସ ମିଡିଆକୁ ୩୦୫ କୋଟି ଟଙ୍କାର ବିଦେଶୀ ପାଣ୍ଠି ଗ୍ରହଣ କରିବା ପାଇଁ ଏଫ୍‌ଆଇପିବି ମଞ୍ଜୁରୀ ଦେଇଥିଲେ। ଉକ୍ତ ମଞ୍ଜୁରୀ ଦେବାରେ ଅର୍ଥ କାରବାର ହୋଇଥିବା ଦର୍ଶାଇ ଇଡି ଚିଦାମ୍ବରମ୍‌ଙ୍କ ବିରୋଧରେ ମାମଲା ରୁଜୁ କରିଛି।



**ଫୁର୍‌ସତ**

## ସାଇରା ବାନୁଙ୍କୁ ମୋଦି ଭରସା

**ମୁମ୍ବାଇ:** ଜମି ମାଫିଆ ସମୀର ଭୋଜୱାନୀ ଜେଲରୁ ମୁକ୍ତ ହେବା ପରେ ଅଭିନେତ୍ରୀ ସାଇରା ବାନୁ ବିଚଳିତ ହୋଇପଡ଼ିଛନ୍ତି। ତାଙ୍କୁ ଏବେ ସ୍ୱାମୀ ଦିଲୀପ କୁମାରଙ୍କ ବାସଭବନ ସୁରକ୍ଷା ଚିନ୍ତା ଘାରିଛି। ମୁମ୍ବାଇର ସହରତଳି ପାଲି ହିଲ୍‌ଠାରେ ଅଭିନେତା ଦିଲୀପ କୁମାରଙ୍କ ୨ଟି ପ୍ଲଟ୍‌ର ମାଲିକାନା ଦାବି କରିଆସୁଛନ୍ତି ଭୋଜୱାନୀ। ଏହାକୁ ଅଦାଲତରେ ଚ୍ୟାଲେଞ୍ଜ୍ କରିଛନ୍ତି ସାଇରା ବାନୁ। ଦିଲୀପ କୁମାର ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିବାବେଳେ ଭୋଜୱାନୀଙ୍କ ଅର୍ଥ ଓ ବାହୁବଳକୁ ମୁକାବିଲା କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇଛି। ସେ ଏହି ମାମଲାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ସହଯୋଗ ଲୋଡ଼ିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ମୋଦି ଫଡ଼ନବିସ୍‌ଙ୍କ ସହ ଏ ନେଇ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କୁ ସହଯୋଗ କରିବେ ବୋଲି ସେ ଆଶା ରଖିଛନ୍ତି।



## ଖବରଦାତାଙ୍କ ପାଇଁ ଭାରତ ପଞ୍ଚମ ଘାତକ ଦେଶ

**ୱାଶିଂଟନ:** ବିଶ୍ୱର ବିଭିନ୍ନ ଭାଗରେ ଖବରଦାତାଙ୍କୁ ଆକ୍ରମଣ ଘଟଣା ବୃଦ୍ଧିପାଇବାରେ ଲାଗିଛି। ଅନୁସନ୍ଧାନମୂଳକ ତଥ୍ୟ ସଂଗ୍ରହ ସେମାନଙ୍କ ପାଇଁ ଘାତକ ହୋଇଛି। ଅକ୍ଟୋବର ୨ରେ ୱାଶିଂଟନ ପୋଷ୍ଟର ପ୍ରତିନିଧି ସୌଦି ଆରବର ଜମାଲ ଖାସୋଗୀଙ୍କୁ ଇସ୍ତାନବୁଲସ୍ଥିତ ସୌଦି ଆରବ ଦୂତାବାସଠାରେ ନିର୍ମମ ଭାବେ ହତ୍ୟା କରାଯିବା ଏହାର ଏକ ଜ୍ୱଳନ୍ତ ପ୍ରମାଣ। ଏଥିରେ ସୌଦି ରାଜା ମହମ୍ମଦ ବିନ୍ ସଲମନଙ୍କ ସମ୍ପୃକ୍ତି ଅଛି। ଖାସୋଗୀଙ୍କ ଭଳି ଅନେକ ପେଶାଦାର ଖବରଦାତା ‘ସଂଘବଦ୍ଧ ଆକ୍ରମଣ’, ଅନ୍ତର୍ଜାତୀୟ ମାଫିଆ ଗ୍ୟାଙ୍ଗ, ଆତଙ୍କବାଦୀଙ୍କ ଗତିବିଧି ସମ୍ପର୍କିତ ଗୁପ୍ତ ତଥ୍ୟ ପର୍ଦ୍ଦାଫାଶ୍ କରିବାକୁ ଯାଇ ଜୀବନ ହରାଇଛନ୍ତି। ରିପୋର୍ଟର୍ସ ୱିଦାଉଟ୍ ବର୍ଡର (ଆର୍‌ଏସ୍‌ଏଫ୍) ରିପୋର୍ଟ ଅନୁଯାୟୀ, ୨୦୧୮ରେ ୮୦ ଖବରଦାତାଙ୍କୁ ହତ୍ୟା କରାଯାଇଛି। ୪୯ ପେସାଦାର ଖବରଦାତା ଅର୍ଥନୈତିକ, ରାଜନୈତିକ, ଧାର୍ମିକ ସ୍ୱାର୍ଥକୈନ୍ଦ୍ରିକ ଗୋଷ୍ଠୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ସେହିପରି ୩୪୮ଜଣଙ୍କୁ ଅଟକ ରଖାଯାଇଥିବା ବେଳେ ୬୦ ବନ୍ଦୀ ଓ ୩ ଖବରଦାତା ନିଖୋଜ ରହିଛନ୍ତି। ଖବରଦାତାଙ୍କ ପାଇଁ ସବୁଠାରୁ ଘାତକ ଦେଶ ଆଫଗାନିସ୍ତାନ ହୋଇଥିବାବେଳେ ଭାରତ ପଞ୍ଚମସ୍ଥାନରେ ରହିଛି। ଯୁଦ୍ଧ ପ୍ରଭାବିତ ଆଫଗାନିସ୍ତାନରେ ଚଳିତବର୍ଷ ୧୮ ଖବରଦାତା ମୃତ ହୋଇଛନ୍ତି। ସିରିୟାରେ ୧୧, ମେକ୍ସିକୋରେ ୯, ୟେମେନରେ ୮, ଭାରତ ଓ ଆମେରିକାରେ ସମାନ ସଂଖ୍ୟକ (୬) ଖବରଦାତା ପ୍ରାଣ ହରାଇଛନ୍ତି। ବିହାରର ଜଣେ ଗ୍ରାମ ମୁଖ୍ୟ ତାଙ୍କ ବିରୋଧରେ ପ୍ରକାଶିତ ଖବରକୁ ନେଇ ୨ ଖବରଦାତା ନବୀନ ନିଶ୍ଚଳ ଏବଂ ବିଜୟ ସିଂଙ୍କ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ସେହିପରି ମଧ୍ୟପ୍ରଦେଶରେ ଖବରଦାତା ସନ୍ଦୀପ ଶର୍ମାଙ୍କ ଉପରେ ଟ୍ରକ ଚଢ଼ାଇ ଦିଆଯାଇଥିଲା।




**ଆଫଗାନିସ୍ତାନ ସବୁଠୁ ବିପଜ୍ଜନକ**

## ଇତିହାସର ଆଇନାରେ

### ଡିସେମ୍ବର ୨୦ର ପ୍ରମୁଖ ଘଟଣା

୧୯୪୨ ଡିସେମ୍ବର ୨୦ରେ ଜାପାନ ବାୟୁସେନା କୋଲକାତା ସହର ଉପରେ ବୋମାମାଡ଼ କରିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିଲାବେଳେ ଭାରତ ବ୍ରିଟେନ ନେତୃତ୍ୱାଧୀନ ମିତ୍ରଶକ୍ତି ପଟେ ରହିଥିବାରୁ ଜାପାନ ଏଭଳି ଆକ୍ରମଣ କରିଥିଲା। ହାୱ୍ଡା ବ୍ରିଜ ଏବଂ କୋଲକାତା ବନ୍ଦରକୁ ଧ୍ୱଂସ କରିବା ଜାପାନର ଉଦ୍ଦେଶ୍ୟ ଥିଲା। ବୋମାମାଡ଼ ଯୋଗୁ ସହରର ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିଲା।

୧୯୮୭ ଡିସେମ୍ବର ୨୦ରେ ଫିଲିପାଇନ୍ସର ଯାତ୍ରୀବାହୀ ଜାହାଜ ଏମ୍‌ଭି ଡୋନା ପାଜ୍ ଏମ୍‌ଭି ଭେକ୍ଟର ନାମକ ଏକ ତେଲ ଟ୍ୟାଙ୍କରରେ ଧକ୍କା ଖାଇ ବୁଡ଼ିଯିବାରୁ ୪୩୮୬ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଯାତ୍ରୀମାନେ ଲେତେ ଦ୍ୱୀପରୁ ଫିଲିପାଇନ୍ସ ରାଜଧାନୀ ମାନିଲା ଅଭିମୁଖେ ଯାଉଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ଆକାଶ ମେଘୁଆ ରହିବା ସହିତ ସାମାନ୍ୟ ବର୍ଷା ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ଆଂଶିକ ମେଘାଚ୍ଛନ୍ନ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୫.୨ | ୧୧.୭ |
| ଚାନ୍ଦବାଲି | ୨୪.୮ | ୧୫.୦ |
| କଟକ | ୨୫.୬ | ୧୩.୮ |
| ପାରାଦ୍ୱୀପ | ୨୫.୩ | ୧୬.୭ |
| ଭୁବନେଶ୍ୱର | ୨୫.୨ | ୧୫.୮ |
| ଗୋପାଳପୁର | ୨୫.୦ | ୧୬.୩ |
| ପୁରୀ | ୨୪.୬ | ୧୬.୫ |
| ଅନୁଗୋଳ | ୨୪.୭ | ୧୩.୦ |
| ବାରିପଦା | ୨୩.୦ | ୧୩.୫ |
| ଝାରସୁଗୁଡ଼ା | ୨୫.୨ | ୧୨.୨ |
| କେନ୍ଦୁଝର | ୨୧.୭ | ୧୨.୨ |
| ସମ୍ବଲପୁର | ୨୫.୨ | ୧୧.୫ |
| ସୁନ୍ଦରଗଡ଼ | ୨୪.୦ | ୧୦.୦ |
| ହୀରାକୁଦ | ୨୪.୧ | ୧୨.୧ |
| ତାଳଚେର | --- | ୧୨.୫ |
| ଭବାନୀପାଟଣା | ୨୧.୮ | ୧୬.୦ |
| ବଲାଙ୍ଗୀର | ୨୩.୫ | ୧୩.୨ |
| କୋରାପୁଟ | ୨୦.୦ | ୧୨.୬ |
| ଫୁଲବାଣୀ | --- | ୧୩.୪ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୨୭.୦ | ୧୮.୫ |
| ସୋନପୁର | ୨୩.୦ | ୧୩.୦ |
| ଦାରିଙ୍ଗିବାଡ଼ି | ୧୫.୫ | ୧୨.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଉଭାନ ହୋଇଯିବ ଶନିର ବଳୟ



**ୱାଶିଂଟନ୍:** ସୌରମଣ୍ଡଳରେ ଶନିକୁ ବଳୟ ଗ୍ରହ କୁହାଯାଏ। ଶନିକୁ ଘେରି ବଳୟ ଥିବାରୁ ଏହା ଦେଖିବାକୁ ଖୁବ୍ ସୁନ୍ଦର। କିନ୍ତୁ ୧୦୦ ନିୟୁତ ବର୍ଷ ମଧ୍ୟରେ ଶନିର ବଳୟ ନଷ୍ଟ ହେବାକୁ ଯାଉଛି ବୋଲି ବୈଜ୍ଞାନିକମାନେ ଆକଳନ କରିଛନ୍ତି। ଦୀର୍ଘ ୧୦ବର୍ଷ ହେଲା ବଳୟର ଅବକ୍ଷୟ ଘଟୁଥିବା ଭଏଜର ୧ ଏବଂ ୨ ସ୍ପେସ୍‌କ୍ରାଫ୍ଟର ପର୍ଯ୍ୟବେକ୍ଷଣରୁ ଜାଣିବାକୁ ମିଳିଛି।

ନାସା ଗବେଷକଙ୍କ କହିବାନୁଯାୟୀ, ଶନିର ବଳୟ ୧୦୦ ନିୟୁତ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ବିଲୀନ ହୋଇଯିବ। ଉକ୍ତ ବଳୟ ସାଧାରଣତଃ ବଡ ବଡ ବରଫ ଖଣ୍ଡରେ ଗଠିତ। ଉକ୍ତ ବରଫର ଆକୃତି ଦେଖିବାକୁ ଧୂଳିକଣାଠାରୁ ଆରମ୍ଭ କରି ପଥର ଖଣ୍ଡ ପର୍ଯ୍ୟନ୍ତ। ଶନି ଗ୍ରହର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ବଳୟ ଆକର୍ଷିତ ହୋଇ ରହିଛି। ଏହାଦ୍ୱାରା ଯେତେ ପରିମାଣର ବରଫକଣା ଆକର୍ଷିତ ହେଉଛି, ତାହା ଅଧଘଣ୍ଟା ମଧ୍ୟରେ ଅଲିମ୍ପିକ୍-ଆକୃତିର ଏକ ସୁଇମିଙ୍ଗ୍ ପୁଲ୍‌କୁ ପୂର୍ଣ୍ଣ କରିପାରିବ ବୋଲି ଉକ୍ତ ଅଧ୍ୟୟନର ପ୍ରମୁଖ ଲେଖକ ତଥା ମେରିଲ୍ୟାଣ୍ଡସ୍ଥିତ ନାସାର ଗଡାର୍ଡ ସ୍ପେସ୍ ଫ୍ଲାଇଟ୍ ସେଣ୍ଟର୍‌ର ଜେମ୍‌ସ ଓ ଡୋନୋଘୁ ପ୍ରକାଶ କରିଛନ୍ତି। ଶନିର ଆୟୁକାଳ ୪୦୦କୋଟି ବର୍ଷ ହୋଇଥିବା ବେଳେ ସେ ତୁଳନାରେ ଏହାର ବଳୟର ବୟସ ଖୁବ୍ କମ। ତେବେ ଶନି ଗ୍ରହ ବଳୟ ଥାଇ ଗଠିତ ହୋଇଛି କି ପରେ ଏଥିରେ ବଳୟ ସୃଷ୍ଟି ହୋଇଛି, ସେ ସମ୍ପର୍କରେ ବୈଜ୍ଞାନିକମାନେ ଠିକ୍ ସିଦ୍ଧାନ୍ତରେ ପହଞ୍ଚିପାରି ନାହାନ୍ତି। ବର୍ତ୍ତମାନର ନୂତନ ଗବେଷଣା ଅନୁଯାୟୀ, ଉକ୍ତ ବଳୟ ୧୦୦ନିୟୁତ ବର୍ଷରୁ ଆହୁରି ପୁରୁଣା ହେବ ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.




# ବିଭିନ୍ନ ଉପଜାତିଙ୍କୁ ମିଳିବ ଅନୁସୂଚିତ ଜନଜାତି ମାନ୍ୟତା

- ଭାଷାବିତ୍ ଏବଂ ନୃତତ୍ତ୍ୱବିତ୍‌ମାନଙ୍କୁ ନେଇ କମିଟି ଗଠିତ
- ରାଜସ୍ୱ ବିଭାଗ ବୈଠକରେ ପ୍ରସ୍ତାବ
- କେନ୍ଦ୍ରର ବିଚାରାଧୀନ

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ଦୁରୁଆ, ଧୁରୁଆ, ଦୋରୁଆ ଆଦି ଉପଜାତିଗୁଡ଼ିକୁ ଅନୁସୂଚିତ ଜନଜାତିରେ ଅନ୍ତର୍ଭୁକ୍ତ କରାଯିବ। ଏଥିସହିତ ସଉରା ଉପଜାତିକୁ ସଅର ଭାବରେ ଉଚ୍ଚାରଣ କରାଯିବ। ଏନେଇ ଆବଶ୍ୟକ ପ୍ରଶାସନିକ ପଦକ୍ଷେପ ଖୁବ୍‌ଶୀଘ୍ର ନିଆଯିବ ବୋଲି ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଛନ୍ତି। ସଚିବାଳୟଠାରେ ବୁଧବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକ ପରେ ମନ୍ତ୍ରୀ ଏହି ସୂଚନା ଦେଇଛନ୍ତି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ଟାସ୍କଫୋର୍ସ କମିଟି ଏ ସମ୍ପର୍କରେ ଦେଇଥିବା ପ୍ରସ୍ତାବ ବର୍ତ୍ତମାନ କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ବିଚାରାଧୀନ ରହିଛି । ତେବେ କେନ୍ଦ୍ର ପକ୍ଷରୁ ଅନୁସୂଚିତ ଜନଜାତି ଓ ଉପଜାତି ଆଦି ଇଂଲିଶ ଏବଂ ହିନ୍ଦୀରେ ପ୍ରକାଶିତ ହୋଇଥିବାରୁ ଏ ବାବଦରେ ଅନୁବାଦ ଓ ଉଚ୍ଚାରଣ ନେଇ ଆଞ୍ଚଳିକ ଭାଷାରେ ଦ୍ୱନ୍ଦ୍ୱ ଦେଖାଦେଉଛି। ଏହାଦ୍ୱାରା ଲୋକମାନେ ସରକାରୀ ସୁବିଧାସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଇଂଲିଶ ଶବ୍ଦଗୁଡ଼ିକ ଓଡ଼ିଆ ଭାଷାରେ ଠିକ୍ ଭାବରେ ଅନୁବାଦ କରିବା ନିମନ୍ତେ ଏକ ବିଶେଷଜ୍ଞ କମିଟି ଗଠନ କରିବା ପାଇଁ ବୁଧବାର ବୈଠକରେ ନିଷ୍ପତ୍ତି ନିଆଯାଇଛି। ଭାଷାବିତ୍ ଏବଂ ନୃତତ୍ତ୍ୱବିତ୍‌ମାନଙ୍କୁ ନେଇ ଗଠିତ ଏହି କମିଟିକୁ ୨ ମାସ ମଧ୍ୟରେ ରିପୋର୍ଟ ଦେବା ପାଇଁ କୁହାଯାଇଛି। କମିଟିର ସୁପାରିସ ଅନୁଯାୟୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ବୈଠକରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ରାଜସ୍ୱ ସଚିବ ଡ.ଚନ୍ଦ୍ରଶେଖର କୁମାର, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ କମିଶନର ତଥା ଶାସନ ସଚିବ ଆର୍. ରଘୁ ପ୍ରସାଦ, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବ ପ୍ରଫେସର ଡ. ଅଖିଳ ବିହାରି ଓତା ପ୍ରମୁଖ ଉପସ୍ଥିତ ଥିଲେ।

# ରଥଯାତ୍ରା ତୀର୍ଥଯାତ୍ରୀଙ୍କୁ ଦେବାକୁ ପଡ଼ିବନି ମେଳା ସରଚାର୍ଜ

ନୂଆଦିଲ୍ଲୀ,୧୯।୧୨

ରଥଯାତ୍ରା, କୁମ୍ଭମେଳା ଭଳି ବଡ଼ ଧାର୍ମିକ ଉତ୍ସବରେ ଯୋଗ ଦେବାକୁ ଆସୁଥିବା ଭକ୍ତଙ୍କ ଠାରୁ ନିଆଯାଉଥିବା ମେଳା ସରଚାର୍ଜକୁ ଭାରତୀୟ ରେଲୱେ ପ୍ରତ୍ୟାହାର କରିନେଇଛି। ଏ ସମ୍ପର୍କରେ ରେଳ ମନ୍ତ୍ରୀ ପୀୟୂଷ ଗୋଏଲ ବୁଧବାର ଟୁଇଟ୍ ଯୋଗେ ଜଣାଇଛନ୍ତି। ଫଳରେ ରଥଯାତ୍ରା ଦେଖିବାକୁ ରେଳ ଯୋଗେ ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀଙ୍କୁ ଏଣିକି କମ୍ ଖର୍ଚ୍ଚ ବହନ କରିବାକୁ ପଡିବ। ଏ ସମ୍ପର୍କରେ ରେଲୱେ ବୋର୍ଡ ନିଷ୍ପତ୍ତି ନେଇଛି।

ସୂଚନାଥାଉ କି, ପୂର୍ବତଟ ରେଳପଥ ପ୍ରତିବର୍ଷ ବାହାରୁ ଆସୁଥିବା ରଥଯାତ୍ରା ଦର୍ଶନାର୍ଥୀଙ୍କଠାରୁ ମେଳା ସରଚାର୍ଜ ଆଦାୟ କରିଆସୁଛି। ଚଳିତବର୍ଷ ଅନୁଷ୍ଠିତ ରଥଯାତ୍ରାରେ ରେଳପଥ ପ୍ରାୟ ୩୦ ଲକ୍ଷ ଟଙ୍କା ଆଦାୟ କରିଥିଲା ବୋଲି ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ରେଲୱେ ବୋର୍ଡର କମର୍ସିଆଲ ସର୍କୁଲାର ବଳରେ ଚଳିତ ବର୍ଷ ଜୁଲାଇ ୧୩ ଓ ୨୪ରେ ଯାତ୍ରୀଙ୍କଠାରୁ ମେଳା ସରଚାର୍ଜ ଆଦାୟ କରାଯାଇଥିଲା। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ରଥଯାତ୍ରା

## ରେଲୱେ ବୋର୍ଡ ପ୍ରତ୍ୟାହାର କଲା ନିଷ୍ପତ୍ତି

ବେଳେ ପୁରୀରୁ ଯାଉଥିବା ଗାଡ଼ିଗୁଡିକରୁ ସରଚାର୍ଜ ଆଦାୟ ହୁଏ। ସେହିପରି ମେଳା ଷ୍ଟେଶନରୁ (ରଥଯାତ୍ରା ବେଳେ ପୁରୀରୁ) ରିଟର୍ନ ଟିକେଟ ପାଇଁ ମଧ୍ୟ ଏହା ଆଦାୟ ହେଉଥିଲା। ତେବେ ବାହାରୁ ଆସୁଥିବା ଯାତ୍ରୀଙ୍କ ଷ୍ଟେଶନରୁ ଏହି ସରଚାର୍ଜ ଆଦାୟ କରାଯାଉ ନ ଥିଲା। ଅର୍ଡିନାରୀ ଅଥବା ମେଲ୍ କିମ୍ବା ଏକ୍ସପ୍ରେସ ଟ୍ରେନର ସ୍ଲିପର କ୍ଲାସ ଅଥବା ଦ୍ୱିତୀୟ ଶ୍ରେଣୀ ଲାଗି ୫ରୁ ୨୦ ଟଙ୍କା ପର୍ଯ୍ୟନ୍ତ ସରଚାର୍ଜ ଆଦାୟ ହେଉଥିଲା। ପୂର୍ବତଟ ରେଳପଥ ଏସି ଚେୟାର କାର୍, ଏସି-୩ ଟାୟାର ପାଇଁ ୪୦ ଟଙ୍କା, ଏସି-୨ ଓ ଏସି ଫାଷ୍ଟ କ୍ଲାସ ଟିକେଟ ପାଇଁ ଯଥାକ୍ରମେ ୬୦ ଓ ୮୦ ଟଙ୍କା ସରଚାର୍ଜ ଆଦାୟ କରୁଥିଲା। ରେଲୱେ ବୋର୍ଡର ନିଷ୍ପତ୍ତି ଯୋଗୁ ରଥଯାତ୍ରା ବେଳେ ପୂର୍ବତଟ ରେଳପଥ ୩୦ ଲକ୍ଷ ଟଙ୍କାର ରାଜସ୍ୱ ହରାଇବାକୁ ଯାଉଥିଲେ ହେଁ ମେଳାରେ ଭାଗନେବାକୁ ଆସୁଥିବା ଦର୍ଶନାର୍ଥୀଙ୍କ ପାଇଁ ଏହା ଏକ ଭଲ ପଦକ୍ଷେପ ବୋଲି ସେ କହିଛନ୍ତି।

## ■ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

# ନିଜେ ପଢ଼ି ଅନ୍ୟକୁ ପଢ଼ିବାକୁ ଉତ୍ସାହିତ କର

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ଶିକ୍ଷା ହେଉଛି ବିକାଶର ସବୁଠାରୁ ବଡ଼ ଉପାଦାନ। ତେଣୁ ନିଜେ ପାଠ ପଢ଼ିବା ସହିତ ନିଜ ପରିବାର ଓ ଗାଁର ସବୁ ପିଲାଙ୍କୁ ପାଠ ପଢ଼ିବା ପାଇଁ ଉତ୍ସାହିତ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ

## 'ସରଗିଫୁଲ୍' ଉଦ୍‌ଘାଟିତ

ବୁଧବାର ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ 'ସରଗିଫୁଲ୍' ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ୩ ଦିନିଆ ଉତ୍ସବକୁ ଉଦ୍‌ଘାଟନ କରି ପିଲାମାନଙ୍କୁ ପାଠ ପଢ଼ି ସୁନାମ ଅର୍ଜନ କରିବା ପାଇଁ ପରାମର୍ଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ରାଜ୍ୟର ପ୍ରାୟ ୬ଲକ୍ଷ ଜନଜାତି ଛାତ୍ରୀଛାତ୍ରଙ୍କୁ ଆବାସିକ ସୁବିଧା ଯୋଗାଇ ଦିଆଯାଇଛି।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ସାରା ଦେଶରେ ସବୁ ରାଜ୍ୟ ମଧ୍ୟରୁ ଓଡ଼ିଶାରେ ହିଁ ସର୍ବାଧିକ ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ଆବାସିକ ସୁବିଧା ଦିଆଯାଉଛି। ଓବିସି ଏବଂ ଏସ୍‌ଇବିସି ପିଲାମାନଙ୍କ ପାଇଁ ୧୦୦ଟି ହଷ୍ଟେଲ ଓ ସଂଖ୍ୟାଲଘୁ ପିଲାମାନଙ୍କ ଲାଗି ୪୦ଟି ହଷ୍ଟେଲ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବିଭାଗୀୟ ମନ୍ତ୍ରୀ ରମେଶ ମାଝି ଯୋଗଦେଇ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ପ୍ରତିଭା ଲୋକଲୋଚନକୁ ଆଣି ସେମାନଙ୍କ ଦକ୍ଷତାକୁ ବିକଶିତ କରିବା ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିଥିଲେ। କେନ୍ଦ୍ର ସରକାର ଓଡ଼ିଶାରେ ୪ଟି ଏକଲବ୍ୟ ସ୍କୁଲ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଏକଲବ୍ୟ ସ୍କୁଲ ଖୋଲିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରକୁ ଅନୁରୋଧ କରିଥିବା ମନ୍ତ୍ରୀ ମାଝି କହିଥିଲେ। ଏହି ଅବସରରେ ୨୦୧୮ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ୧୩୨ ଛାତ୍ରୀଛାତ୍ରଙ୍କ ସମେତ ୫୦ ସ୍କୁଲକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ସଚିବ ଆର. ରଘୁପ୍ରସାଦ ସ୍ୱାଗତ ଭାଷଣ ଦେଇଥିଲେ। ନିର୍ଦ୍ଦେଶକ ଅଖିଳ ବିହାରୀ ଓତା ଧନ୍ୟବାଦ ଅର୍ପଣ କରିଥିଲେ।

ଉତ୍ସବରେ ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଓ ଶିକ୍ଷାପୁଞ୍ଜି ସମୂହରେ ପଞ୍ଚମରୁ ଦଶମ ଶ୍ରେଣୀରେ ପଢୁଥିବା ୯୨୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ପ୍ରତିଦିନ ପୂର୍ବାହ୍ନ ସାଢ଼େ ୮ଟାରୁ ସାଢ଼େ ୧୨ଟା ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ବରିଷ୍ଠ ଓ କନିଷ୍ଠ ବର୍ଗ ପାଇଁ କର୍ମଶାଳା ଅନୁଷ୍ଠିତ ହେବ। ଅପରାହ୍ନ ସାଢ଼େ ୨ଟାରୁ ସାଢ଼େ ୪ଟା ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ହେବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଗୁଜବ ଆଉ ମିଛ ଖବର କୁ WhatsApp ରେ ପ୍ରସାରିତ ହେବା ରୁ ଅଟକାଇବାରେ ସାହାଯ୍ୟ କରନ୍ତୁ

Forwarded

1. ଏଭଳି ଖବରଙ୍କୁ ଚିହ୍ନନ୍ତୁ, ଯାହା ମିଛ (ଫେକ୍) ହୋଇଥାଇ ପାରେ

ଏଭଳି ସଙ୍କେତଙ୍କୁ ଯାଞ୍ଚ କରନ୍ତୁ, ଯାହା ଖବର ସତ କି ମିଛ ଜାଣିବାରେ ସାହାଯ୍ୟ କରିବ । ଉଦାହରଣ ରୂପେ, ଫର୍‌ୱାର୍ଡେଡ୍ ମେସେଜ୍‌ସବୁ, ଯାହାର କୌଣସି ଉତ୍ସ ନଥିବ, ପ୍ରମାଣ ନଥିବ ବା ଯାହା ଆପଣଙ୍କୁ ଉସ୍‌କାଉଥିବ, ସଙ୍କେତ ହୋଇପାରେ ଯେ ତାହା ସତ୍ୟ ନୁହେଁ । ଆପଣଙ୍କୁ ଭ୍ରମରେ ପକାଇବା ପାଇଁ ଫୋଟୋ, ଭିଡିଓ ଏବଂ ଭଏସ୍ ରେକର୍ଡିଙ୍ଗଗୁଡିକୁ ମଧ୍ୟ ଏଡିଟ୍ କରାଯାଇପାରିବ।

2. ଅନ୍ୟ ଉତ୍ସରୁ ସେଗୁଡ଼ିକୁ ଯାଞ୍ଚ କରନ୍ତୁ

ସତ୍ୟ ଜାଣିବା ପାଇଁ, ଅନ୍‌ଲାଇନ୍ ସର୍ଚ୍ଚ କରନ୍ତୁ ଏବଂ ନିର୍ଭରଯୋଗ୍ୟ ସମାଚାର ସାଇଟ୍ ରୁ ଜାଣନ୍ତୁ ଯେ ଏହି ଷ୍ଟୋରୀ କେଉଁଠୁ ଆସିଛି । ତଥାପି ସନ୍ଦେହ ରହିଲେ, ସତ୍ୟତା ଯାଞ୍ଚ କରୁଥିବା ୱେବ୍‌ସାଇଟ୍‌ସ, ଭରସାଯୋଗ୍ୟ ବ୍ୟକ୍ତି ବା କମ୍ୟୁନିଟୀ ଲୀଡର୍ ମାନଙ୍କ ଠାରୁ ଅଧିକ ଖବର ସଂଗ୍ରହ କରନ୍ତୁ ।

3. ଗୁଜବ ବ୍ୟାପିବା ଅଟକାନ୍ତୁ

ଆପଣଙ୍କୁ କିଛି ଫେକ୍ ଲାଗୁଥିଲେ, ଲୋକଙ୍କୁ କୁହନ୍ତୁ ଯେ ଖବର ଶେୟାର୍ କରିବା ଆଗରୁ ତାକୁ ଯାଞ୍ଚ କରନ୍ତୁ । ମେସେଜ୍ କୁ ଏଇଥିପାଇଁ ଶେୟାର୍ କରନ୍ତୁନି ଯେ କେହି ଆପଣଙ୍କୁ ଶେୟାର୍ କରିବାକୁ କହୁଛି, ତେଣିକି ସିଏ ଆପଣଙ୍କ ମିତ୍ର ହେଉ ପଛେ !

ଖୁସି ବାଣ୍ଟନ୍ତୁ, ଗୁଜବ ନୁହେଁ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:..................................
ଜନ୍ମ ତାରିଖ: .............................


ଇପ୍ସିତା
ପରିବାରବର୍ଗ


ଚିରଞ୍ଜିବ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified

real estate

### SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65236

Litigation free plots near Xavier University/ Birla School BDA Zone, Bhubaneswar. Sqft.- 250/-,160/-. 9937746907, 9337259012. D-64382

1575 sqft. single corner plot with boundary wall at Hitech Square, Rasulgarh- 22,05,000/- (Owner). 9938771877. D-64397

For sale Paradeep town 11000 sqft. gharabari plot with boundarywall in residential area. Contact M-9938219434. D-10054

Residential gharabari boundary plot sale at Nakhara Trinath Bazar with registration/ possesion (Bank finance available). 9090419636. D-65302

ଭୁବନେଶ୍ୱର ହଂସପାଳ ସୁଧାନନ୍ଦ କଲେଜ ଏବଂ Puri by-pass sideରେ ପ୍ଲଟ ମିଳୁଛି। 9437003399, 9668194157. D-65407

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

**Infocity-2 and NH-5 ପାଖରେ 10,00,000/-ରେ ପ୍ଲଟ ବିକ୍ରିହେବ। 9938770157, 7008818182.** D-64399

1BHK, 2BHK, 3BHK approved flats at Hitech Heaven near Godiapokhari Chowk, Bhubaneswar. 9437285016, 9853035888. D-10117

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65301

astrology

ପଣ୍ଡିତ ଶ୍ରୀ ରାଜକିଶୋର ଷଡ଼ଙ୍ଗୀ ଲୀଳାବତୀସୂତ୍ର, ପ୍ରତ୍ୟଙ୍ଗିରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379. D-60934

### AFFIDAVIT

I Sri Bimal Pradhan, aged about 34 years, S/o-Jogi Pradhan, At-Dandimaha Post-Sraniketa, P/s-Daringbadi Dist.-Kandhamal, Odisha, I sworn the affidavit before the Executive Magistrate Daringbadi Dist-Kandhamal dated on 17/12/2018 in order to change the name of my son from Raju Pradhan to Allex Pradhan aged about to 11years studying sixth class in Odisha Adarsha Vidyalaya Daringbadi S/o-Bimal Pradhan from today he shall be known as Allex Pradhan for whole world and forever.
D-10121

### 1st Birthday Wish



**Vivan Sharma**
**Bargarh**
Wishing you a very very
***Happy Birthday***
**Best wishes from**
Father-Vikash, Mother-Anju, Dada-Shyam, Dadi-Meena, Chacha-Ajay, Chachi-Preeti. D-10120

### ଜନ୍ମଦିନ ଶୁଭେଚ୍ଛା



(ସାହିଲ୍)
**ସାଇସ୍ୱରୂପ ପ୍ରଧାନ**
ୟୁନିଟ୍-୯, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀସତ୍ୟସାଇଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ପାପା, ମାମା, ଜେଜେ, ମା, ଅଜା, ଆଈ, ମାମୁ, ମାଇଁ, ବଡପାପା, ବଡମାମା, ମାଉସୀ, ମଉସା, ଦାଦା, ଖୁଡୀ, ଦିଦି, ନନା, ସୋନୁ, ଦିଶା ଓ ମାନ୍ୟା। ଧ-୯୮୭୦

### ଜନ୍ମବାର୍ଷିକ ଶୁଭେଚ୍ଛା



**Ipsita Sahoo**
Rampa, Bari, Jajpur
ଆଜି ତୋର ୧୧ତମ ଜନ୍ମବାର୍ଷିକରେ ମା ତାରିଣୀଙ୍କ ପାଖରେ ଏତିକି କାମନା କରୁଛୁ, ମା' ତୋତେ ଦୀର୍ଘାୟୁ ଓ ଯଶସ୍ୱୀ କରନ୍ତୁ। ଶୁଭେଚ୍ଛା ସହ: ଜେଜେ, ଜେଜେମା, ବାପା, ମାମା, ଦାଦା, ନୂଆ ମାମା, ଖୁଡୀ, ପିଉସା, ପିଉସୀ, ଅଜା, ଆଈ, ମାମୁ, ମାଇଁ, ଅଭିଜିତ୍ ଭାଇ, ଦିବ୍ୟଜିତ ଭାଇ, ଗୁଡୁ, ରାଜା, ଇସୁ, ଓମ୍, ସୁନୁ ଓ ଅନ୍ୟାନ୍ୟ ପରିବାରବର୍ଗ। ଧ-୧୦୧୦୯

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ନାୟକ**
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୦।୦୫।୧୯୭୬
ତିରୋଧାନ: ୧୧।୧୨।୨୦୧୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଝିଅ- ବବ୍‌ଲି, ବନ୍ଧୁ ଓ ପରିବାରବର୍ଗ।
ଧ-୧୦୧୦୨

### ସପ୍ତମ ଶ୍ରାଦ୍ଧବାର୍ଷିକୀ




**ସ୍ୱର୍ଗତ ଶ୍ରୀ ଧ୍ରୁବ ଚରଣ ମହାନ୍ତି**
ଆବିର୍ଭାବ: ୦୩।୦୬।୧୯୨୩
ତିରୋଧାନ: ୦୭।୧୨।୨୦୧୧
ବାପା ଆପଣ ଆମକୁ ଛାଡିଯିବାର ଚାହୁଁ ଚାହୁଁ ସାତବର୍ଷ ବିତିଗଲା। ଆପଣଙ୍କର ପାର୍ଥିବ ଅନୁପସ୍ଥିତି ଆମ ଜୀବନରେ ଯେଉଁ ଶୂନ୍ୟତା ଭରିଦେଇଛି, ତାହା ଅପୂରଣୀୟ। ଆପଣଙ୍କ ଆତ୍ମା ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଶାନ୍ତିରେ ରହୁ। ଶୋକସନ୍ତପ୍ତ: ପୁତ୍ର- ମୁନା, ବୋହୂ- ରିନି, ଝିଅ- ରୁନି, ରୁଜି ଓ ରେବା, ଜ୍ୱାଇଁ- ଅନିମେଷ, ଗଗନ, ସୁବ୍ରତ, ନାତୁଣୀ ଓ ନାତି- ରିୟା, ଶ୍ରୀୟା, ସୋନୁ ଓ ଶୁଭମ। ଧ-୧୦୦୯୦

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ ହୃଷିକେଶ ଦାସ**
ପ୍ରଶାନ୍ତି ବିହାର, ଭୁବନେଶ୍ୱର-୨୪
ଆବିର୍ଭାବ - ୦୪.୦୬.୧୯୩୯
ତିରୋଧାନ - ୦୪.୧୨.୨୦୧୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ସହ :-
ଅରବିନ୍ଦ, ଅନ୍ତର୍ଯ୍ୟାମୀ, ଅମରେଶ, ଆଶୁତୋଷ, ପରିବାରବର୍ଗ ଓ ବନ୍ଧୁବାନ୍ଧବ। ଆଦିତ୍ୟ ଫାର୍ମା କେୟାର, କିଟ ଲେନ୍, ଭୁବନେଶ୍ୱର-୨୪
ଧ-୬୫୨୫୭

### ଦଶାହ ଉପଲକ୍ଷେ



**ସ୍ୱର୍ଗତ ଚନ୍ଦ୍ରଶେଖର ଖାଡଙ୍ଗା**
ସ୍ୱର୍ଗାରୋହଣ: ତା ୧୧।୧୨।୨୦୧୮
ଦଶାହ: ତା ୨୦।୧୨।୨୦୧୮
ଜଗତରନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କରାନ୍ତୁ। ହତଭାଗ୍ୟ: ପ୍ରମୋଦ, ପ୍ରଫୁଲ୍ଲ, ପ୍ରତିମା, ନିରୁପମା, ଶୋଭନା, ମଞ୍ଜୁ, ମୀନାକ୍ଷୀ ଓ ନାତିନାତୁଣୀ।
ଧ-୧୦୧୦୭


## ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ଏସମା ଆଉ ୬ ମାସ ବଢ଼ିଲା

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ଅତ୍ୟାବଶ୍ୟକ ସେବା ଆଇନ (ଏସମା) ଅବଧିକୁ ଆଉ ୬ ମାସ ବୃଦ୍ଧି କରିଛନ୍ତି। ଏ ନେଇ ବୁଧବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଏହା ୬ ମାସ ଯାଏ ବଳବତ୍ତର ରହିବ।

## ଖଟିରେ ଖଟିରେ...

### ଛନକା ପଶିଛି

**୫** ରାଜ୍ୟର ନିର୍ବାଚନ ଫଳାଫଳ ବାହାରିଲା ପରେ ଏବେ ଖଟି ଆଲୋଚନାର ଗୁରୁତ୍ୱ ବଢିଯାଇଛି। ଦୀର୍ଘଦିନ ଧରି ଖଟିକୁ ଆସୁ ନ ଥିବା ପାପୁଲି ଦଳିଆ ମେମ୍ବରମାନେ ଏବେ ନିଇତି ଆସୁଛନ୍ତି। ଏବେ ପାଗ ପୂରା କୋହଲା ଥିଲା। ଗୋଟେ କପ୍ ଜାଗାରେ ଜଣକେ ଦି' ତିନି କପ୍ ଚା' ପିଇ ପକାଉଥିଲେ। ଏତିକିବେଳେ ଜଣେ କହିଲେ ଶଙ୍ଖ ଦଳଟା ଡରିଛି। ଏକଥା ନ ସରୁଣୁ ଶଙ୍ଖ ଦଳର ଜଣେ କହିଲେ, ଆମେ କାହିଁ ଡରିବୁ। ଆମେ ୫ମ ଥର ପୁଣି ଶାସନ କ୍ଷମତା ଦଖଲ କରିବୁ। ଏକଥା ଶୁଣି ପାପୁଲି ଦଳର ସମର୍ଥକ କହିଲେ ପଡ଼ୋଶୀ ରାଜ୍ୟ 'ପାଣି ଅଟକକାରୀ ନେତା', ଚାଉଳ ବାଣ୍ଟି 'ଚାଉଳ ବାବା' ଆଖ୍ୟା ପାଇଥିଲେ। ୧୦ ବର୍ଷ ହେଲା ତମେ ବି ଚାଉଳ ଦେଉଛ, କିନ୍ତୁ ଚାଷୀକୁ ବୋନସ୍ ନାହିଁ। ତେଣୁ ତାଙ୍କ ପରି ତମେ ବି ଯିବ। ଯଦି ଯିବନି ତେବେ ଫଳ ବାହାରୁ ବାହାରୁ ଶକ୍ତି ମାନ୍ୟବରଙ୍କୁ କୃଷକ ସେଲ୍‌ରୁ କାହିଁ ବିଦା କଲ। ଅଧିକ ଅମଳ ହେଉଥିବା ଜିଲା ନେତାଙ୍କୁ କିଆଁ କୃଷକ ସଂଗଠନ ଦାୟିତ୍ୱ ଦେଲ। ରାତାରାତି ଦିଲ୍ଲୀ ଯିବ ବୋଲି ଘୋଷଣା କଲ। ଯଦି ଛନକା ପଶି ନ ଥାନ୍ତା, ଏସବୁ କ'ଣ ଏତେ ଜଲଦି ଜଲଦି ହେଉଥା'ନ୍ତା।

### ବହି ପଢ଼ାଅନି, ଗାଁକୁ ଯାଅ

**ପା**ପୁଲି ମୁଖିଆ ଏକରୁ ଦଶ ଗଣିକି ଯାହା କହିଥିଲେ ତାହା କରିକି ଦେଖାଇଲେ। ଫଳରେ ୫ ରାଇଜର ନିର୍ବାଚନରେ ଆମେ ଚିତ୍‌ପଟାଙ୍ଗ ହୋଇଗଲେ। ଆଜିଯାଏଁ ଆମେ ଯାହା କରିପାଲେନି ସେ କାମ ସେମାନେ କରିକି ଦେଖାଇ ଦେଲେ। ଖାଲି କଥା କହିଲେ କ'ଣ ହବ, ଆମକୁ କିଛି କରିବାକୁ ପଡ଼ିବ, ନ ହେଲେ ବାବୁ ପୁରା ସଫା ହେଇଯିବା, ବୁଝିଲ। ବୁଧବାର ଦିନ ଗେରୁଆଳୟରେ ଜଣେ କର୍ମୀ ଦଳର ଦୁଇ କୁହାଳିଆ ନେତାଙ୍କୁ ଏମିତି ଗୁଡ଼ାଏ କଥା ଶୁଣାଉଥାଆନ୍ତି। ନିଜ ଦଳର କର୍ମୀଙ୍କ ମୁହଁରୁ ପପୁଙ୍କୁ ଏମନ୍ତ ପ୍ରଶଂସା କରିବା ଦେଖି ଗେରୁଆ ନେତାମାନଙ୍କ ଦେହରେ ଯାଉ ନ ଥାଏ। ସେଇଠୁ ସେଇଆ ବି ହେଲା, ବେଶି ସମୟଯାଏଁ ବାବୁମାନେ କଥାଗୁଡ଼ିକ ହଜମ କରିପାଲେନି। କିଛି ସମୟ ଯାଇଛି କି ନାହିଁ, ସମ୍ଭାଳି ନ ପାରି ଜଣେ କୁହାଳିଆ ବାବୁ ବୁହେ ଇଆଡୁ ସିଆଡୁ କରି କର୍ମୀ ଭାଇଙ୍କୁ ଶୁଣାଇଦେଲେ। ଆଉ କହିଲେ, ବୁଝିଲେ ଆଜ୍ଞା, ଆପଣଙ୍କର ସେ ବିଷୟରେ କିଛି ଜ୍ଞାନ ନାହିଁ। ସେମାନେ ଖାଲି ଛାଡ଼ କଥାଟି କହିଦେଲେ, ହେଲେ ଆମେ କାମରେ ଦେଖାଇଛୁ। ଆପଣ ଟିକେ ଅମୁକ, ସମୁକ ବହି ପଢ଼ନ୍ତୁ ତା'ପରେ ଏଠି ଆସିକି କଥା ହେବେ। ଶେଷରେ କର୍ମୀଜଣଙ୍କ କହିଲେ, ଇରେ ଭାଇ ସତକୁ ହଜମ କରି ଶିଖ, ତୁମମାନଙ୍କ ପାଖକୁ ଯିଏ ଆସିବ କ'ଣ ଖାଲି ମିଛ ପ୍ରଶଂସା କରିକି ଯିବ ନା କ'ଣ। ରାଜଧାନୀରେ ବସି ମତେ ବହି ପଢ଼ାନି କି ନିଜେ ପଢ଼ନି। ଗାଁକୁ ଯାଅ, ଲୋକଙ୍କ କଥା ବୁଝ, ଦେଖିବ ତୁମକୁ କୋଉ ବହି ପଢ଼ିବାକୁ ପଡ଼ିବନି, ତା'ଠୁ ଅଧିକ ଜାଣିଯିବ।

## ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ହେବ ଜନଜାତି ହାଟ

■ **ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ**

**ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)**

ଭୁବନେଶ୍ୱରର କେନ୍ଦ୍ର ସ୍ଥଳରେ ରହିଛି ଆଦିବାସୀ ପ୍ରଦର୍ଶନୀ ପଡ଼ିଆ। ପ୍ରତିବର୍ଷ ଜାନୁୟାରୀ ୨୬ରୁ ଫେବୃୟାରୀ ୯ ପର୍ଯ୍ୟନ୍ତ ଏଠାରେ ଆଦିବାସୀ ମେଳା ଅନୁଷ୍ଠିତ ହୋଇଥାଏ। ତେବେ ଏଠାରେ ସବୁଦିନିଆ ଆଦିବାସୀ ହାଟ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଜନଜାତି ହାଟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ହାଟ ପାଇଁ ୧୦ କୋଟି ଟଙ୍କା ବିନିଯୋଗ କରାଯିବ। ୫.୭୫ ଏକର ପରିମିତ ଜାଗାରେ ହେବାକୁ ଥିବା ଏହି ହାଟ ଦ୍ୱାରା ଆଦିବାସୀ ସ୍ୱୟଂ ସହାୟକ ଗୋଷ୍ଠୀ, ଆଦିବାସୀ ଚାଷୀ ଏବଂ ଉତ୍ପାଦନକାରୀ ସଂସ୍ଥାମାନେ ଆଦିବାସୀ ହସ୍ତଶିଳ୍ପ, ହସ୍ତକଳା ଆଦିର ବଜାରୀକରଣ କରିବାର ସୁଯୋଗ ପାଇବେ। ଏଠାରେ ପ୍ରଦର୍ଶନୀ ସହିତ ସାମଗ୍ରୀର ବିକ୍ରି ପାଇଁ ସୁବିଧା ରହିବ। ଆଦିବାସୀ ଶିଳ୍ପୀମାନଙ୍କ ଦ୍ୱାରା ହସ୍ତଶିଳ୍ପ, ହସ୍ତକଳା ଏବଂ ଚିତ୍ରକଳା କର୍ମଶାଳା ଆୟୋଜନ ପାଇଁ ସୁବିଧା କରାଯିବ। ଗ୍ରାହକମାନେ ଜିନିଷ କିଣିବା ସହିତ ଖାଦ୍ୟର ମଜା ନେବା ଲାଗି ଏକ ସ୍ୱତନ୍ତ୍ର ଫୁଡ୍‌କୋର୍ଟ ମଧ୍ୟ କରାଯିବ। ଏଠାରେ ଥିବା ମଞ୍ଚରେ ଆଦିବାସୀ ପାରମ୍ପରିକ ନୃତ୍ୟ ଓ ସଙ୍ଗୀତ ପରିବେଷିତ ହେବ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ରମେଶ ମାଝି କୁହନ୍ତି, ଗାଁ ଗହଳିରେ ଆଦିବାସୀମାନଙ୍କର ଯେଉଁଭଳି ହାଟ ରହିଛି, ସେଠାରେ ଯେଉଁଭଳି ଆନୁଷଙ୍ଗିକ ବ୍ୟବସ୍ଥା ଥାଏ ଏବଂ ଯାହା କିଣାବିକା ହୋଇଥାଏ ସେହିଭଳି ବ୍ୟବସ୍ଥା ଏଠାରେ ରହିବ। ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ କାମ ସାରିବା ଉପରେ ଗୁରୁତ୍ୱ ଦିଆଯିବ।

## ରାଜ୍ୟର କେବଳ ୬ ଗ୍ରାମରେ ବାର୍ଡ ଫ୍ଲୁ

**କଟକ ଅଫିସ,୧୯।୧୨**

ରାଜ୍ୟର ୬ଟି ଗ୍ରାମରେ ବାର୍ଡ ଫ୍ଲୁ ବ୍ୟାପିଛି। ଏହି ୬ଟି ଗ୍ରାମ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଧୀନରେ ରହିଛି। ବାକି କୌଣସି ସ୍ଥାନରେ ବାର୍ଡ ଫ୍ଲୁର ଭୟ ନ ଥିବା ରାଜ୍ୟ ପ୍ରାଣୀ ଚିକିତ୍ସା ବିଭାଗ ନିର୍ଦ୍ଦେଶକ ରତ୍ନାକର ରାଉତ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ମିଳିଥିବା ସୂଚନାନୁସାରେ, ଅଦ୍ୟାବଧି ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ୮୭୮୭ ନମୁନା ସଂଗ୍ରହ କରାଯାଇଛି। ଉକ୍ତ ନମୁନାକୁ ଭୋପାଳସ୍ଥିତ ଉଚ୍ଚତର ପରୀକ୍ଷା କେନ୍ଦ୍ରକୁ ପଠାଯାଇଥିବା ରାଉତ କହିଛନ୍ତି। ବାର୍ଡ ଫ୍ଲୁ ରୋଗ ସହିତ ରାଜ୍ୟର ଅନ୍ୟ ପ୍ରାନ୍ତରେ କାଉ ଅବା ଅନ୍ୟାନ୍ୟ ପକ୍ଷୀଙ୍କ ମୃତ୍ୟୁର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବୋର୍ଡ ଅଫିସ ...

ଏପରିକି ପୋର୍ଟିକୋରେ ଥିବା ଦୁଇଟି ଗାଡ଼ିକୁ ମଧ୍ୟ ସେମାନେ ପୋଡି ଦେଇ ଫେରାର ହୋଇଯାଇଥିଲେ। ମାଟ୍ରିକ ପରୀକ୍ଷାର୍ଥୀଙ୍କ ତାଲିକା ଦେବାକୁ ଆସିଥିବା ଶିକ୍ଷକମାନେ ବି ଦୁର୍ବୃତ୍ତଙ୍କ ଆକ୍ରୋଶରୁ ବାଦ୍ ପଡି ନ ଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଜିଲାପାଳ ସମର୍ଥ ବର୍ମା ଓ ଏସ୍‌ପି ସଞ୍ଜୀବ ଆରୋରା ବି ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ଉପସ୍ଥିତ ଥିବା ଶିକ୍ଷକମାନଙ୍କ ମଧ୍ୟରୁ ୫ ଜଣଙ୍କୁ ପୋଲିସ ଥାନାକୁ ନେଇ ପଚରାଉଚୁରା ଜାରି ରଖିଛି । ସେମାନଙ୍କ ଆଖି ଆଗରେ ଉପରୋକ୍ତ ଘଟଣା ଘଟିଥିବାରୁ ପୋଲିସ ସେମାନଙ୍କ ବୟାନକୁ ତର୍ଜମା କରୁଛି । ଏସ୍‌ପି ଆରୋରା କହିଛନ୍ତି, ଏହି ଅଭାବନୀୟ ଘଟଣାର ତଦନ୍ତ ଆରମ୍ଭ ହୋଇଛି । ଯେଉଁମାନେ ଏଥିରେ ସଂପୃକ୍ତ ଥିବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମାଧ୍ୟମିକ ଶିକ୍ଷା ପରିଷଦ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟମଣି ମାଝି କହିଛନ୍ତି, ବୁଧବାର ମାଟ୍ରିକ ପରୀକ୍ଷାର୍ଥୀଙ୍କ ଫର୍ମ ପୂରଣ ତାଲିକା ପ୍ରଦାନ କରିବାର ଶେଷ ତାରିଖ ଥିଲା। ତେଣୁ ଗୋଟିଏ ଦିନ ଅଫିସ ଖୋଲିବା ପାଇଁ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିଲା। ଓକିଲ ସଂଘକୁ ମଧ୍ୟ କାର୍ଯ୍ୟାଳୟ ଖୋଲିବା ପାଇଁ ଅନୁରୋଧ କରି କୋହଳ ମନୋଭାବ ପୋଷଣ କରିବାକୁ ଚିଠି କରାଯାଇଥିଲା। ଏହାପରେ ବି ଏପରି ଘଟଣା ଘଟିଛି। ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ିଯାଇଛି, ଯାହାର ଚିହ୍ନବର୍ଣ୍ଣ ସୁଦ୍ଧା ନାହିଁ। ତେବେ ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ଛାତ୍ରୀଛାତ୍ରଙ୍କ ଏଥିରେ କୌଣସି ସମସ୍ୟା ହେବ ନାହିଁ। ଅନ୍‌ଲାଇନରେ ଫର୍ମ ପୂରଣ ସରିଛି। ବୁଧବାର ଶେଷ ତାରିଖ ଥିବାରୁ ଶିକ୍ଷକମାନେ ଆସି ତାଲିକା ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ସମ୍ବଲପୁର ଓକିଲ ସଂଘ ସଭାପତି ବିଜିତେନ୍ଦ୍ରିୟ ପ୍ରଧାନ କହିଛନ୍ତି, ମାଧ୍ୟମିକ ଶିକ୍ଷା ପରିଷଦ ଅଫିସ ଖୋଲିବା ପାଇଁ ଆମକୁ ଅନୁରୋଧ କରାଯାଇଥିଲା। ସାଧାରଣ ପରିଷଦ ବୈଠକ ପରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟକୁ ଜଣାଇ ଦିଆଯାଇଥିଲା। ବୁଧବାର ବୈଠକରେ ହିଁ ମାଧ୍ୟମିକ ଶିକ୍ଷା ପରିଷଦ ଅଫିସ ଖୋଲିବାକୁ ଓକିଲ ସଂଘ କୋହଳ ମନୋଭାବ ରଖିବ କି ନାହିଁ ଜଣାଇ ଦିଆଯାଇଥାନ୍ତା। ହେଲେ ବୈଠକ ପୂର୍ବରୁ ଏପରି ଘଟଣା ଘଟିଥିଲା । ଏହି ପୋଡ଼ାଜଳାରେ ଓକିଲ ସଂଘର କୌଣସି ହାତ ନାହିଁ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ଲାଗି ୧୦୭ ଦିନ ହେଲାଣି ଆନ୍ଦୋଳନ ଚାଲିଛି। କୋର୍ଟ, କଚେରି, ଅଫିସ ସବୁ ବନ୍ଦ ରହିଛି। ଲୋକେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ହେଲେ ସରକାରଙ୍କ ନିଦ ଭାଙ୍ଗୁନି। ଏଣୁ ଜନ ଅସନ୍ତୋଷ ଆକ୍ରୋଶର ରୂପ ନେଇଛି। ଓକିଲମାନଙ୍କୁ ବଦନାମ କରିବା ପାଇଁ କେତେ ଜଣ ଆମକୁ ଲକ୍ଷ୍ୟ କରି ଏପରି ଚର୍ଚ୍ଚା କରୁଛନ୍ତି।

### କୋଟିଏ ଜରିମାନା...

କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଜଣେ ଅଧିକାରୀ କହିଛନ୍ତି। ସୂଚନାଥାଉ କି, ସର୍ବୋଚ୍ଚ ଅଦାଲତଙ୍କ ରାୟ ଅନୁଯାୟୀ କେବଳ ପାନ୍ ସହ ସଂଯୋଗ ତଥା ସରକାରୀ ଯୋଜନାର ଲାଭ କ୍ଷେତ୍ରରେ ଆଧାର ସଂଯୋଗକୁ ଅନୁମତି ଦିଆଯାଇଛି। ଆଇନରେ ହୋଇଥିବା ସଂଶୋଧନ ଅନୁଯାୟୀ ଆଧାର ଯାଞ୍ଚ କରୁଥିବା କୌଣସି ସଂସ୍ଥା ଯଦି ଡାଟା ପ୍ରକାଶ କରିଥିବା ଜଣେ ପଡେ ତେବେ ତାଙ୍କଠାରୁ ୫୦ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ ଏବଂ ଅଧିକାରୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଦିଆଯାଇପାରିବ। ଯାଞ୍ଚ ଲାଗି ଆଧାରକାର୍ଡଧାରୀଙ୍କ ପ୍ରାକ୍ ଅନୁମତି ନିଆ ଯାଇ ନ ଥିଲେ ସର୍ବନିମ୍ନ ୧୦ ହଜାର ଟଙ୍କା ଓ ୩ ବର୍ଷ ଜେଲ୍‌ର ବ୍ୟବସ୍ଥା ରହିଛି। ତେବେ କ୍ୟୁଆର୍ କୋଡ୍ ବ୍ୟବହାର କରି ଆଧାର ଯାଞ୍ଚ କ୍ଷେତ୍ରରେ ମଧ୍ୟ ସମାନ ଦଣ୍ଡବିଧାନ କରାଯିବ। ଅନ୍ୟପକ୍ଷରେ ବିନାନୁମତିରେ ଆଇଡି କିମ୍ବା ଫଟୋ ପ୍ରକାଶ କ୍ଷେତ୍ରରେ ୧୦ ହଜାରରୁ ୧ ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯିବ।

### ନାସାରେ ତଥ୍ୟ...

କେତେ ତଥ୍ୟ ଚୋରି ହୋଇଛି ଏବଂ ଏଥିଯୋଗୁ କେତେ ସଂଖ୍ୟକ କର୍ମଚାରୀ ପ୍ରଭାବିତ ହୋଇଛନ୍ତି ସେନେଇ ତଦନ୍ତ ଜାରି ରହିଛି। ସଂସ୍ଥାର ଯେଉଁ ସିଭିଲ୍ ସର୍ଭିସ୍ କର୍ମଚାରୀ କାର୍ଯ୍ୟରତ ଅଛନ୍ତି, ଅନ୍ୟତ୍ର ବଦଳି ହୋଇଯାଇଛନ୍ତି ଅଥବା ଅବସର ନେଇସାରିଛନ୍ତି, ୨୦୦୬ ଜୁଲାଇରୁ ୨୦୧୮ ଅକ୍ଟୋବର ମଧ୍ୟରେ ସେମାନେ ଏଥିରେ ପ୍ରଭାବିତ ହୋଇଥାଇ ପାରନ୍ତି ବୋଲି ନାସାର ସହକାରୀ ପ୍ରଶାସକ ବବ୍ ଗିବ୍ସ ଉକ୍ତ ମେମୋରେ କହିଛନ୍ତି। ପ୍ରକାଶ ଯେ, ୨୦୧୧ରୁ ୨୦୧୬ ଭିତରେ ମଧ୍ୟ ନାସାରୁ ଅନୁରୂପ ତଥ୍ୟ ଚୋରି ହୋଇଥିବା ଜେଡ୍‌ଡିନେଟ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ସଦ୍ୟ ତଥ୍ୟ ଚୋରି ଯୋଗୁ କୌଣସି ମିଶନ ପ୍ରଭାବିତ ହୋଇନାହିଁ ବୋଲି ନାସା ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ରାଜସ୍ଥାନରେ ...

ରାଜ୍ୟ। ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିଛନ୍ତି। ସଦ୍ୟ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଚାଷୀଙ୍କ ସମସ୍ୟା ମୁଖ୍ୟ ପ୍ରସଙ୍ଗ ପାଲଟିଥିଲା। କଂଗ୍ରେସ ସରକାର ଗଠନ କଲେ ୧୦ ଦିନ ମଧ୍ୟରେ ରାଜ୍ୟର କୃଷକମାନଙ୍କ ଋଣଛାଡ଼ କରାଯିବ ବୋଲି ପ୍ରଚାର ବେଳେ ଦଳ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ହେଲେ ଶପଥଗ୍ରହଣର ଦୁଇଦିନ ପରେ ଗେହଲଟ ଏଦିଗରେ ପଦକ୍ଷେପ ନେଇଛନ୍ତି। ସରକାରଙ୍କ ଘୋଷଣା ଅନୁସାରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଛାଡ଼ କରାଯିବ। ଏଥିଯୋଗୁ ରାଜ୍ୟ ରାଜକୋଷ ଉପରେ ଅତିରିକ୍ତ ୧୮,୦୦୦ କୋଟି ଟଙ୍କା ବୋଝ ପଡ଼ିବ। ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ ମଙ୍ଗଳବାର ସଚିବାଳୟ ଯାଇ ବରିଷ୍ଠ ଅଧିକାରୀମାନଙ୍କ ସହ କୃଷିଋଣ ଛାଡ଼ ନେଇ ଆଲୋଚନା କରିଥିଲେ। ଏହାର ଦିନକ ପରେ ଏହି ଘୋଷଣା ଚାଷୀଙ୍କୁ ଆଶ୍ୱସ୍ତି ଦେଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ମୂଳା ନକ୍ଷତ୍ରରେ ଚନ୍ଦ୍ର ଅବସ୍ଥାନ କରୁଥିବାରୁ ମାନସିକ ସ୍ଥିତି ବିକ୍ଷିପ୍ତ ରହିବ। ଦ୍ୱିଜା ନକ୍ଷତ୍ରର କେତେକାଂଶରେ ଗତକାଲିର ଟେନ୍‌ସନ ଆଜି କିଛିମାତ୍ରାରେ କମିଯାଇପାରେ। ଜମିଜମା, ପୁରାତନ ଗାଡ଼ି ମୋଟର ପ୍ରଭୃତି କ୍ରୟ ବିକ୍ରୟ କ୍ଷେତ୍ରରେ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ।

**ବୃଷ**
ରାଶ୍ୟାଧିପତିଙ୍କ ସହ ଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ଦୃଷ୍ଟି, ଉତ୍ତମ ଚିନ୍ତାଧାରା ଓ ସୁସଂଯତ କାର୍ଯ୍ୟଶୈଳୀ ଯୋଗୁ ବନ୍ଧୁ ଗହଣରେ ପ୍ରଶଂସିତ ହେବେ। ପରିବାର ସଦସ୍ୟଙ୍କ ନିକଟରେ ନିଜ ମନର ଦୁଃଖକୁ ଲୁଚାଇ ରଖି ହସି ହସି କଥା କହିବା ପାଇଁ ପରିସ୍ଥିତି ଆପଣଙ୍କୁ ବାଧ୍ୟ କରିବ। ପରିବହନ, ବ୍ୟବସାୟ, ବାଣିଜ୍ୟ, ଶିଳ୍ପ ଓ ଏଜେନ୍‌ସିପ୍ରରୁ ଖୁସି ରହିବେ।

**ମିଥୁନ**
ଲାଭ ଭାବରେ ଚନ୍ଦ୍ର ସପ୍ତମ କର୍ମାଧିପଙ୍କ ପୃଷ୍ଠପୋଷକତା ଲାଭକରି ଅଭିଳାଷ ପୂରଣ କରିପାରିବେ। ଆର୍ଥିକ ଅଭିବୃଦ୍ଧି ଘଟିଲେ ମଧ୍ୟ କେତେକ କ୍ଷେତ୍ରରେ ପରିସ୍ଥିତି ଆପଣଙ୍କୁ ଯେସାକୁ ତେସା ନୀତିରେ କାମ କରିବାକୁ ବାଧ୍ୟ କରିପାରେ। ଆରଦ୍ରା ନକ୍ଷତ୍ରକୁ ପ୍ରତ୍ୟେକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଇ ଚଳିବାକୁ ପଡିବ।

**କର୍କଟ**
କର୍ମସ୍ଥାନରେ ରାଶ୍ୟାଧିପତି ଆପଣଙ୍କୁ କଠୋର ପରିଶ୍ରମ ଜନିତ ସ୍ୱାସ୍ଥ୍ୟହାନି ଘଟାଇପାରେ। ଶୁକ୍ରଙ୍କ ସୁପ୍ରଭାବରୁ ପାରିବାରିକ ସ୍ଥିତି ଭଲ ରହିବା ସହ ସାମାଜିକ ସ୍ତରରେ ଆଦରଣୀୟ ହେବେ। ମାତ୍ର ଈର୍ଷା ଓ ଅସୂୟା କାରଣରୁ ଆଲୋଚନା ସମୟରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ସିଂହ**
ଧନାଧିପ କେନ୍ଦ୍ରସ୍ଥ ଯୋଗୁ ଆର୍ଥିକ ସ୍ୱଚ୍ଛଳତା ରହିବା କାରଣରୁ ମାନସିକ ସ୍ଥିରତା କେତେକାଂଶରେ ଆସିବ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଜଗି ରଖି ଚଳିବା ଭଲ ହେବ, ଅନ୍ୟଥା ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ପ୍ରରୋଚନାରେ ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିବାର ଶୁଭ ସୂଚନା ରହିଛି।

**କନ୍ୟା**
ଶନି ମିତ୍ର ଶୁକ୍ରଙ୍କ ନକ୍ଷତ୍ରସ୍ଥ ହେତୁ ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ ସମସ୍ୟା ସୁପ୍ତ ରହିପାରେ। ନିକଟସ୍ଥ ବନ୍ଧୁମାନେ ସହଯୋଗ କରିବାର ପ୍ରତିଶ୍ରୁତି ଦେବେ। ଆଇନ ଅଦାଲତରୁ ସୁଫଳ ପାଇବେ ଏବଂ ଦୀର୍ଘଦିନର ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟ କ୍ଷେତ୍ରରେ ପ୍ରତିକୂଳ ସ୍ଥିତି ଯୋଗୁ ମାନସିକ ସ୍ଥିତି ଠିକ୍ ରହିବ ନାହିଁ।

**ତୁଳା**
କେତୁଙ୍କ ପ୍ରଭାବରେ ପାରିବାରିକ ପରିସ୍ଥିତି ଉଠାପକା ମଧ୍ୟରେ ପୂର୍ବପରି ରହିବ। ସଭାସମିତିରେ ବନ୍ଧୁ ଗହଣରେ ସହମତିରେ କାମ କଲେ ଲକ୍ଷ୍ୟ ହାସଲ କରିପାରିବେ। ଆଜି ଇଚ୍ଛା ନ ଥିଲେ ମଧ୍ୟ ହାତରୁ ଖାଇ ପର ପାଇଁ ଖଟିବାକୁ ପଡିପାରେ। ପରିବହନ, ବ୍ୟବସାୟ ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବା ହେତୁ ସାମୟିକ ଆନନ୍ଦ ମିଳିବ।

**ବିଛା**
ଅବହେଳା ଓ ସମୟୋଚିତ ପଦକ୍ଷେପ ଅଭାବରୁ ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ ହାତମୁଠାରୁ ସୁଯୋଗ ଖସିଯାଇପାରେ। ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି, କିନ୍ତୁ କ୍ଷତିରେ ପଡିବେ ନାହିଁ । ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ ପାଇଁ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡିପାରେ।

**ଧନୁ**
ପୂର୍ବାପେକ୍ଷା ବହୁଳାଂଶରେ ଅବସ୍ଥାର ପରିବର୍ତ୍ତନ ଘଟିଥିଲେ ମଧ୍ୟ ମାନସିକ ଶାନ୍ତିର ଅଭାବ ପରିଲକ୍ଷିତ ହେବ। କର୍ମ ପରିସରରେ ଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ରହିଛି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ସରକାରୀ କାମ ଓ କଚେରି ମାମଲାରୁ ସାମାନ୍ୟ ଆଶ୍ୱସ୍ତି ମିଳିପାରେ।

**ମକର**
ମନ ଚାହୁଁଥିଲେ ମଧ୍ୟ ଆନ୍ତରିକ ଚେଷ୍ଟାର ଅଭାବ ଲକ୍ଷ୍ୟ ପୂରଣରେ ଅନ୍ତରାୟ ସୃଷ୍ଟି କରିବ। ବ୍ୟବସାୟ ଓ ପରିବହନରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାର, ନିଜ ପରିସର ତଥା କର୍ମକ୍ଷେତ୍ରରେ ଶ୍ରବଣା କୃତକାର୍ଯ୍ୟ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରି ମୂଳ ଲକ୍ଷ୍ୟକୁ ପାସୋରି ଦେଇପାରନ୍ତି।

**କୁମ୍ଭ**
ଭାଗ୍ୟସ୍ଥାନ ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି ପ୍ରଭାବରେ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ପ୍ରଶଂସା ପାଇବେ। ଅତିରିକ୍ତ ଭ୍ରମଣ ହେତୁକ ସନ୍ଧ୍ୟାରେ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି।

**ମୀନ**
ଅଫିସ କାମରେ ସାମାନ୍ୟ ଅନୁପସ୍ଥିତି କିମ୍ବା ବିଳମ୍ବ ପାଇଁ କୈଫିୟତ ଦେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟିର ଆଶଙ୍କା ରହିଛି। ଖଳ ଲୋକଙ୍କ କାନକୁହା କଥାକୁ ବିଶ୍ୱାସ କରି ପାରିବାରିକ ଜୀବନରେ ସମସ୍ୟା ଆସିବ। ହଜିଥିବା ଜିନିଷର ସନ୍ଧାନ ପାଇପାରନ୍ତି।

ଆଜି ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ଦିବା ଘ.୬।୪୭ମି. ଗତେ ଅନଙ୍ଗ ତ୍ରୟୋଦଶୀ, ଗୀତା ଜୟନ୍ତୀ, ମାଣବସା ଗୁରୁବାର, ଚତୁର୍ଥ ପାଳି, ଡିସେମ୍ବର ୨୦ ତାରିଖ ଗୁରୁବାର, ଅନ୍ତର୍ରାଷ୍ଟ୍ରୀୟ ମାନବ ଏକତା ଦିବସ, ରାଶି ନକ୍ଷତ୍ର– କୃତ୍ତିକା/ମେଷ, ଦିବା ଘ.୧୦।୫୧ମି. ଗତେ, ବୃଷ ଚନ୍ଦ୍ର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୨୨ମି. ଗତେ ଘ.୧୧।୪୨ମି. ମଧ୍ୟେ, ଘ.୧।୦୩ମି. ଗତେ ଘ.୨।୨୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୭।୪୦ମି. ମଧ୍ୟେ ଘ.୧୧।୪୨ମି. ଗତେ, ଘ.୧।୦୩ମି ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ.୧।୦୫ମି. ଗତେ ଘ.୨।୨୬ମି. ମଧ୍ୟେ ରାହୁ କାଳ।

**ସରି ସରି ଆସୁଛି ବର୍ଷ ୧୮ । ପଛରେ ରହିଯାଇଛି ନାନା ଘଟଣା, ଦୁର୍ଘଟଣା। କେଉଁଠି ପାର୍ସଲ ବୋମା ବିସ୍ଫୋରଣରେ ଛାରଖାର ହୋଇଯାଇଛି ନବ ଦମ୍ପତିଙ୍କ ସ୍ୱପ୍ନ ତ ଆଉ କେଉଁଠି ଦୁର୍ଘଟଣାରେ ସରିଯାଇଛି ବହୁ ଜୀବନ । ମୁଖ୍ୟମନ୍ତ୍ରୀଙ୍କ ସଭାମଞ୍ଚକୁ ଜୋତା ଫୋପଡା ହେଉ କି ଓକିଲଙ୍କ ମହାବନ୍ଦ ଡାକରା ଏ ବର୍ଷ ଚର୍ଚ୍ଚାରେ ରହିଛି । କିଛି ଲୋକଙ୍କୁ ଆମେ ହରାଇ ଥିବା ବେଳେ ଗର୍ବ ଓ ସଫଳତା ସାଉଁଣ୍ଟିଛୁ ଅନେକ.. ।**

## ପାର୍ସଲ ବୋମା ବିସ୍ଫୋରଣ





କିଛିଦିନ ତଳେ ସରିଥିଲା ବିବାହ ଭୋଜି । ବାହାଘରକୁ ଆସିଥିବା ବନ୍ଧୁ, ସମ୍ପର୍କୀୟମାନେ ଫେରିଯାଇଥିଲେ ନିଜ ନିଜ ଘରକୁ । ନବବଧୂର ହାତରୁ ଲିଭି ନ ଥିଲା ମେହେନ୍ଦୀ, ବାହା ଅଳତା ବି ଅସ୍ପଷ୍ଟ ହୋଇ ନ ଥିଲା ବରର ପାଦରୁ। ଆସ୍ତେ ଆସ୍ତେ କମି ଆସୁଥିଲା ବାହାଘରର ଗହଳି । ଏମିତି ଏକ ମୁହୂର୍ତ୍ତରେ ହେଲା ବିସ୍ଫୋରଣ । ଛାରଖାର ହୋଇଗଲା ସବୁ କିଛି...। ଫେବୃୟାରୀ ୨୩ରେ ବଲାଙ୍ଗୀର ଜିଲା ପାଟଣାଗଡ଼ରେ ଘଟିଥିବା ଏହି ପାର୍ଶଲ ବୋମା ବିସ୍ଫୋରଣ ଘଟଣା ଚଳିତ ବର୍ଷର ସବୁଠୁ ଦୁଃଖଦ ଖବର ଥିଲା। ବିସ୍ଫୋରଣରେ ପାଟଣାଗଡ଼ ଜବାହରଲାଲ କଲେଜର ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ନବବିବାହିତ ପୁଅ ସୌମ୍ୟ ଶେଖର ସାହୁ ଓ ତାଙ୍କ ସମ୍ପର୍କୀୟ ଜେଜେମା'ଙ୍କ ମୃତ୍ୟୁ ଘଟିଥିଲା । ନବବଧୂ ରିମା ସାହୁ ଗୁରୁତର ଆହତ ହୋଇଥିଲେ । ଶେଷରେ କ୍ରାଇମବ୍ରାଞ୍ଚ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଭଇଁଷା କଲେଜର ଅଧ୍ୟାପକ ପ୍ରଫେସର ପୁଞ୍ଜିଲାଲ ମେହେରଙ୍କୁ ଗିରଫ କରିଥିଲା । ଏହି ଖବର କେବଳ ଓଡ଼ିଶାରେ ନୁହେଁ ଜାତୀୟସ୍ତରରେ ବି ଆଲୋଡ଼ନ ସୃଷ୍ଟି କରିଥିଲା। ଏହି ଘଟଣାକୁ ନେଇ ଏବେ ଏକ ସିନେମାର ଶୁଟିଂ ଚାଲିଛି ।

## ବିଜେପୁର ଉପନିର୍ବାଚନ, ଜୋତା ଫିଙ୍ଗା



ଫେବୃୟାରୀରେ ବରଗଡ଼ ଜିଲା ବିଜେପୁରରେ ଅନୁଷ୍ଠିତ ହୋଇଥିଲା ଉପନିର୍ବାଚନ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥିନୀ ରୀତା ସାହୁଙ୍କ ପାଇଁ ପ୍ରଚାରରେ ଆସିଥିଲେ। ସଭାମଞ୍ଚରେ ମୁଖ୍ୟମନ୍ତ୍ରୀ ଭାଷଣ ଦେଉଥିବା ବେଳେ କାର୍ତ୍ତିକ ମେହେର ନାମକ ଜଣେ ଯୁବକ ସଭାମଞ୍ଚକୁ ଜୋତା ଫିଙ୍ଗିଥିଲେ। ସେ ୨ଟି ଜୋତା ଫିଙ୍ଗିଥିଲେ ହେଁ ମୁଖ୍ୟମନ୍ତ୍ରୀଙ୍କ ଦେହରେ ତାହା ବାଜି ନ ଥିଲା। କାର୍ତ୍ତିକଙ୍କୁ ପୋଲିସ ଗିରଫ କରିଥିଲା। ଏହି ନିର୍ବାଚନରେ ବିଜେଡି ପ୍ରାର୍ଥୀ ରୀତା ସାହୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ଅଶୋକ କୁମାର ପାଣିଗ୍ରାହୀଙ୍କୁ ପରାସ୍ତ କରି ବିଜୟ ହୋଇଥିଲେ।


## ଲିଟିଲ ମିସ୍ ୱାର୍ଲ୍ଡ ଅର୍ପିତା



ଚଳିତ ବର୍ଷ ମାର୍ଚ୍ଚରେ ୟୁରୋପର ବୁଲଗେରିଆ (ସୋଫିଆ)ରେ ଲିଟିଲ ମିସ୍ ୱାର୍ଲ୍ଡ ଟାଇଟଲ୍ ହାସଲ କରିଛନ୍ତି ସମ୍ବଲପୁର ସାକ୍ଷୀପଡାର ଝିଅ ଅର୍ପିତା ବେହେରା। ଏହି ପ୍ରତିଯୋଗିତାରେ ବିଭିନ୍ନ ଦେଶରୁ ୪୩ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅର୍ପିତା କିନ୍ତୁ ୭ଟି ରାଉଣ୍ଡରେ ସମସ୍ତଙ୍କୁ ପଛରେ ପକାଇ ଲିଟିଲ ମିସ୍ ୱାର୍ଲ୍ଡ ଟାଇଟଲ୍ ହାସଲ କରିଥିଲେ। ରାଜେଶ କୁମାର ବେହେରା ଓ ବୀଣା କୁମାରୀ ବେହେରାଙ୍କ ଝିଅ ଅର୍ପିତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ ।


ପ୍ରିୟଦର୍ଶିନୀ ପଣ୍ଡା

ସମ୍ବଲପୁରର ଝିଅ ପ୍ରିୟଦର୍ଶିନୀ ପଣ୍ଡା ସିଙ୍ଗାପୁରଠାରେ ଫେବୃୟାରୀ ୨ରେ ଆୟୋଜିତ ମିସେସ୍ ଇଣ୍ଟରନ୍ୟାଶନାଲ-୨୦୧୮ ପ୍ରତିଯୋଗିତାରେ ସଫଳତା ହାସଲ କରିଥିଲେ । ମିସେସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ, ମୋଷ୍ଟ ବ୍ୟୁଟିଫୁଲ ମମ୍ ଇଣ୍ଟରନ୍ୟାଶନାଲ, ରୟାଲ ବ୍ୟୁଟି ଇଣ୍ଟରନ୍ୟାଶନାଲ ମୁକଟ ହାସଲ କରି ସମ୍ବଲପୁର ପାଇଁ ଗୌରବ ଆଣିଥିଲେ।




## ମହାବଳ ବାଘକୁ ମାରି ପୋତିଦେଲେ

ଅକ୍ଟୋବର ୨୮ରେ ମହାବଳ ବାଘର ମୃତଦେହକୁ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଉଦ୍ଧାର କରିଥିଲେ । ବରଗଡ ଜିଲା ଭଟଲି ବ୍ଲକ ଖଜୁରିଆ ଗ୍ରାମ ନିକଟ ଦାମୋଦରପଡ଼ା ଜଙ୍ଗଲରେ ସେହି ବାଘକୁ ମାରି ପୋତି ଦିଆଯାଇଥିଲା। ଡେବ୍ରିଗଡ଼ ଅଭୟାରଣ୍ୟ ପାଦଦେଶରେ ଏହି ଘଟଣା ଘଟିଥିଲା । ବିଦ୍ୟୁତ୍ ତାର ବିଛାଇ ବାଘକୁ ହତ୍ୟା କରାଯାଇଥିଲା । ଶେଷରେ ଏନଟିସିଏ (ନ୍ୟାଶନାଲ ଟାଇଗର କଞ୍ଜର୍ଭେଶନ ଅଥରିଟି) ଏବଂ କ୍ରାଇମବ୍ରାଞ୍ଚ(ବନ୍ୟପ୍ରାଣୀ) ତଦନ୍ତ ଆରମ୍ଭ କରିବା ପରେ ଏହି ଘଟଣା ଚଳିତ ବର୍ଷ ଚହଳ ପକାଇଥିଲା। ସେହିପରି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଗନ୍ଧମାର୍ଦ୍ଦନ ପାହାଡରୁ ଏକ ମାଈ ଚିତାବାଘର ମୃତଦେହ ବନ ବିଭାଗ ଉଦ୍ଧାର କରିଥିଲା ।

## ଟ୍ରେନ୍ ନେଲା ୪ ହାତୀ ଜୀବନ



ଏପ୍ରିଲ ୧୬ । ହାତୀ ବଞ୍ଚାଅ ଦିବସ । ହେଲେ ସେ ଦିବସ ପାଳନର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ୧୫ ତାରିଖ ଭୋରୁ ଝାରସୁଗୁଡ଼ା ଜିଲା ବାଗଡିହି ରେଞ୍ଜ୍‌ର ତେଲିଡିହିଠାରେ ଏକ ଏକ୍ସପ୍ରେସ୍ ଟ୍ରେନ୍ ଧକ୍କାରେ ଛୋଟ ବଡ ୪ ହାତୀର ମୃତ୍ୟୁ ଘଟିବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା । ଏହି ଦୁର୍ଘଟଣା ପରେ ସେହି ଲାଇନ୍‌ରେ ଦୀର୍ଘ ୪ ଘଣ୍ଟା କାଳ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ବନ ବିଭାଗ ୪ ହାତୀର ମୃତଦେହ ହଟାଇବା ପରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା । ଏହା ସହିତ ଚଳିତ ବର୍ଷ ଏକାଧିକ ହାତୀଙ୍କ ବିଭିନ୍ନ କାରଣରୁ ମୃତ୍ୟୁ ଘଟିଥିଲା । ଏଥିପାଇଁ ଏଲିଫ୍ୟାଣ୍ଟ ଡାଇଭିଂ ସ୍କ୍ୱାର୍ଡ(ଇଡିଏସ୍)ର ୩ ଜଣ ଫରେଷ୍ଟର ଏବଂ ବାଗଡିହିର ରେଞ୍ଜ୍‌ର ଜଣେ ଫରେଷ୍ଟ ଗାର୍ଡ ନିଲମ୍ବିତ ହୋଇଥିଲେ ।



## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

୨୦୧୮ ମସିହା ଲାଗି ଓଡ଼ିଶାରୁ ୪ ବିଶିଷ୍ଟ ସାହିତ୍ୟିକ ସମ୍ମାନଜନକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ସମ୍ବଲପୁରୀ ଭାଷା ସମ୍ମାନ ପାଇଁ ପ୍ରଫୁଲ ତ୍ରିପାଠୀ ଓ ହଳଧର ନାଗ ମନୋନୀତ ହୋଇଛନ୍ତି । ଏଥର ପ୍ରଥମ ଥର ଲାଗି ଅଣସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ଭାଷାକୁ ସମ୍ମାନିତ କରିବାକୁ ଘୋଷଣା କରାଯାଇଛି । ସେହିପରି ପ୍ରଖ୍ୟାତ ସାହିତ୍ୟ ସମାଲୋଚକ ଡ. ଦାଶରଥି ଦାସ ତାଙ୍କ ନିବନ୍ଧ ଗ୍ରନ୍ଥ 'ପ୍ରସଙ୍ଗ ପୁରୁଣା ଭାବନା ନୂଆ' ପାଇଁ କେନ୍ଦ୍ର ସାହିତ୍ୟ ପୁରସ୍କାର ପାଇବେ । ଡ.ଗଗନେନ୍ଦ୍ର ନାଥ ଦାସ ମର୍ଯ୍ୟାଦାଜନକ ଭାଷା ସମ୍ମାନ ପାଇବେ ବୋଲି ଘୋଷଣା କରାଯାଇଛି ।

## କଳାହାଣ୍ଡି ଜିଲାର ୫ ଚାଷୀଙ୍କ ଆତ୍ମହତ୍ୟା

ଚାଷୀ ଆତ୍ମହତ୍ୟା ଖବର ଚଳିତବର୍ଷ ମଧ୍ୟ ବିଭିନ୍ନ ଗଣମାଧ୍ୟମରେ ସ୍ଥାନ ପାଇଥିଲା । ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଏପରି ଅଭିଯୋଗ ଆସିଥିଲା । ହେଲେ କଳାହାଣ୍ଡି ଜିଲାରୁ ଚଳିତ ବର୍ଷ ୫ ଜଣ ଚାଷୀ ଆତ୍ମହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଥିଲା । କୋକସରା ବ୍ଲକ ଗମ୍ଭାରୀଗୁଡ଼ା ଗାଁର ଯୁବଚାଷୀ ପରମାନନ୍ଦ ଲହଜଲ(୨୮), ଲଡୁଗାଁ ପଞ୍ଚାୟତ ସୁନାମାଲ ଗ୍ରାମର ଗଣେଶ ସାହୁ (୨୨)। କନ୍ଦାବୁରୁରା ପଞ୍ଚାୟତ ଡୁନଗାଁ ଗ୍ରାମର ଚାଷୀ ସୁଦର୍ଶନ ମାଝି (୬୫) ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ମାଦିଗୁଡ଼ା ଗାଁର ବାହାଦୁର ରଣା (୪୨) ବି ଆତ୍ମହତ୍ୟା କରିଥିଲେ। କଲମପୁର ବ୍ଲକ ସାନକୁଟ୍ରୁ ଗ୍ରାମର ଯୁବ ଚାଷୀ ବିନୋଦ ବିହାରୀ ମାଝି ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ ।

## ପୁଣି ଚାଷ ଜମିରେ ନିଆଁ



ଗତ ବର୍ଷ ମାଟିଆଗୁଣ୍ଡି ପୋକ ପ୍ରାଦୁର୍ଭାବ ଚରମ ସ୍ଥିତିରେ ପହଞ୍ଚି ଥିଲା । ଚକଡ଼ା ରୋଗରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ । ଏହି କାରଣରୁ ଏକାଧିକ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ଆସିଥିଲା । ଚଳିତବର୍ଷ ବି ଚକଡ଼ା ରୋଗ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ଏହି କାରଣରୁ ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ସାହାଜବାହାଲ ଓ ଝରେଇବାହାଲି ଗାଁର ୨ ଚାଷୀ ନିଜ କ୍ଷେତରେ ନିଆଁ ଲଗାଇ ଦେଇଥିଲେ। କେବଳ ବଲାଙ୍ଗୀର ଜିଲା ନୁହେଁ, ଅନ୍ୟାନ୍ୟ ଜିଲାରୁ ମଧ୍ୟ ଏହି ଖବର ଆସିଥିଲା ।

## ବିଜୁ ଏକ୍ସପ୍ରେସ୍ ୱେ,ରମ୍ଭେଲା ସେତୁ

ମାର୍ଚ୍ଚ ୧୨ରେ ସମ୍ବଲପୁରରୁ ରାଉରକେଲା ପର୍ଯ୍ୟନ୍ତ ୧୬୩ କି.ମି ବିଶିଷ୍ଟ ଚାରିଥାକିଆ ବିଜୁ ଏକ୍ସପ୍ରେସ୍‌ୱେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେହିପରି ଏପ୍ରିଲ ୧୫ରେ ବହୁ ପ୍ରତୀକ୍ଷିତ ଇବ୍‌ସେତୁ(ରମ୍ଭେଲା ବ୍ରିଜ୍) ଉଦ୍‌ଘାଟିତ ହୋଇ ଗମନାଗମନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା ।

## ମନ୍ଦିରରୁ ଫେରିବା ବେଳେ ୧୦ ଜୀବନ ଗଲା



ଅକ୍ଟୋବର ୧୬ । ରାତି ପ୍ରାୟ ୨ଟା। ନୂଆପଡ଼ା–ଖରିଅମାରରୋଡ୍ ୩୫୩ନଂ. ଜାତୀୟ ରାଜପଥର ସିଲଦା ନାଳ ନିକଟରେ ଏକ ଟ୍ରକ୍ ସହ ବୋଲେରୋ ମୁହାଁମୁହିଁ ଧକ୍କା ହେଲା। ଏହି ହୃଦୟ ବିଦାରକ ଦୁର୍ଘଟଣାରେ ୧୦ ଜଣଙ୍କ ଜୀବନ ଦୀପ ଲିଭିଗଲା । ଛତିଶଗଡ଼ ମହାସମୁନ୍ଦ ଜିଲା ସାକରା ଗାଁର ଲୋକମାନେ ଏକ ବୋଲେରୋରେ ନୂଆପଡ଼ା ଜିଲା କୋମନାସ୍ଥିତ ବୈଷ୍ଣୋଦେବୀ ମନ୍ଦିରକୁ ଆସିଥିଲେ। ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ସବୁ ଯେମିତି ଓଲଟ ପାଲଟ ହୋଇଯାଇଥିଲା । କେବଳ ଏହି ଗୋଟିଏ ଘଟଣା ନୁହେଁ, ଏମିତି ଏକାଧିକ ସଡ଼କ ଦୁର୍ଘଟଣା ଚଳିତ ବର୍ଷ ନେଇଥିଲା ଜୀବନ। ସେହିପରି ଫେବୃୟାରୀ ମାସରେ କଳାହାଣ୍ଡି ଜିଲା ଜୟପାଟଣା ଥାନା କଲମପୁର ବ୍ଲକ ଅନ୍ତର୍ଗତ ବନ୍ଧକନା ମଣ୍ଡି ନିକଟରେ ଏକ ୪୦୭ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେବାରୁ ୪ଜଣଙ୍କ ମୃତ୍ୟୁ ଘଟିଥିଲା ।

## ଝାରସୁଗୁଡାରେ ବିମାନବନ୍ଦର



୧୦୨୭.୫ ଏକର ପରିମିତ ଜମିରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ୨୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଝାରସୁଗୁଡା ବିମାନବନ୍ଦର ସେପ୍ଟେମ୍ବର ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସେଦିନ ରିଜିଓନାଲ କନେକ୍ଟିଭିଟି ସ୍କିମ୍(ଆରସିଏସ୍) ଅନ୍ତର୍ଗତ ଉଡାନ୍ ଯୋଜନାରେ ଏୟାର ଓଡ଼ିଶାର ବିମାନ ଝାରସୁଗୁଡ଼ାରୁ ଉଡିଥିଲା । ହେଲେ ମାତ୍ର ୧୫ ଦିନର ଅବ୍ୟବସ୍ଥିତି ସେବାର ଅବସାନ ଘଟିଲା । ଅକ୍ଟୋବର ୬ରୁ ଏୟାର ଓଡ଼ିଶାର ବିମାନ ଆଉ ଉଡି ନ ଥିଲା । ଶେଷରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଣାଳୟ ଏୟାର ଓଡ଼ିଶାର ଲାଇସେନ୍ସ ରଦ୍ଦ କରିଥିଲା ।

## ଇଞ୍ଜିନ ଛାଡ଼ି ୧୦ କି.ମି. ଗଡ଼ିଲା ୨୧ ବଗି



ଏପ୍ରିଲ ୭ ତାରିଖ ରାତି । ବଲାଙ୍ଗୀର ଜିଲା ଟିଟିଲାଗଡ଼ ରେଳ ଜଙ୍କସନ୍‌ରେ ଏକ ଅଭାବନୀୟ ଘଟଣା ଘଟିଥିଲା । ଇଞ୍ଜିନ ପରିବର୍ତ୍ତନ ବେଳେ ଅହମ୍ମଦାବାଦ୍–ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ର ୨୧ ବଗି ମୂଳ ଇଞ୍ଜିନ ଧକ୍କାରେ ଅଲଗା ହୋଇ ପ୍ରାୟ ୧୦କିଲୋମିଟର ଦୂରକୁ ଗଡ଼ିଯାଇଥିଲା । ଏଭଳି ଏକ ଅପ୍ରତ୍ୟାଶିତ ଘଟଣାରେ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ । ସେହି ଟ୍ରାକ୍‌ରେ ସେତେବେଳେ ଅନ୍ୟ କୌଣସି ଟ୍ରେନ୍ ଆସୁ ନ ଥିବାରୁ ଏକ ବଡଧରଣର ଦୁର୍ଘଟଣାରୁ ଯାତ୍ରୀମାନେ ବର୍ତ୍ତିଯାଇଥିଲେ । କେବଳ ଏହି ଗୋଟିଏ ଘଟଣା ନୁହେଁ, ଏମିତି ଏକାଧିକ ଘଟଣା ଚଳିତ ବର୍ଷ ଘଟିଥିବା ନଜରକୁ ଆସିଥିଲା ।

## ହାଜତ ମୃତ୍ୟୁରୁ ଥାନା ପୋଡ଼ି




ସମ୍ବଲପୁର ଅଇଁଠାପାଲି ଥାନାରେ ଅଟକ ଥିବା ଜଣେ ଯୁବକଙ୍କ ହାଜତ ମୃତ୍ୟୁକୁ ନେଇ ଲଙ୍କାକାଣ୍ଡ ଘଟିବା ପୋଲିସ ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା । ଉତ୍ତ୍ୟକ୍ତ ଲୋକେ ବ୍ୟାପକ ଜଳାପୋଡ଼ା ଓ ଭଙ୍ଗାରୁଜା କରିବା ସହ ଥାନାରେ ପଶି ନିଆଁ ଲଗାଇ ଦେଇଥିଲେ । ଏଥିଯୋଗୁ ଥାନା ପରିସରରେ ୮ ଚାରି ଚକିଆ ଗାଡ଼ି, ୯ ବାଇକ୍ ଓ ୨ଟି ସାଇକେଲ ପୋଡି ନଷ୍ଟ ହୋଇଥିଲା । ପୋଲିସ–ଜନତା ଖଣ୍ଡଯୁଦ୍ଧରେ ୨ ଏସ୍‌ଡିପିଓଙ୍କ ସମେତ ୩୦ରୁ ଅଧିକ ପୋଲିସ କର୍ମଚାରୀ, ୬ ଖବରଦାତା ଓ କେତେଜଣ ଉତ୍ତ୍ୟକ୍ତ ଲୋକ ଆହତ ହୋଇଥିଲେ ।

## ମାଓବାଦୀଙ୍କ ଗୁଳିମାଡ଼
## ଟଳିପଡ଼ିଲେ ଅଚ୍ୟୁତାନନ୍ଦ



ଅକ୍ଟୋବର ୩୦ । ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ଚାଲିଥିଲା ସାଧାରଣ ନିର୍ବାଚନ ପାଇଁ ଜୋର୍‌ଦାର ପ୍ରସ୍ତୁତି। ଖବର ସଂଗ୍ରହ ପାଇଁ ଯାଇଥିଲେ ଦୂରଦର୍ଶନର କ୍ୟାମେରା ମ୍ୟାନ ଅଚ୍ୟୁତାନନ୍ଦ ସାହୁ। ହଠାତ୍ ମାଓବାଦୀଙ୍କ ଗୁଳିମାଡ଼ରେ ଅଚ୍ୟୁତାନନ୍ଦଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ପୋଲିସ କର୍ମଚାରୀ ଶହୀଦ ହୋଇଥିଲେ। ମୃତ ଅଚ୍ୟୁତାନନ୍ଦଙ୍କ ଘର ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଘୁଷୁରାମୁଣ୍ଡା ଗାଁରେ। ଏହି ଖବର ମିଳିବା ପରେ ଘୁଷୁରାମୁଣ୍ଡାରେ ଶୋକର ଛାୟା ଖେଳିଯାଇଥିଲା ।

## ୩.୧ ଭିଏସଏଲଭିର ସଫଳ ପରୀକ୍ଷଣ



ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଆଇଡିଆ ଇନୋଭେସନ୍ ସେଲ୍ (ଆଇଆଇସି) ଛାତ୍ର ଭେଇକିଲ (ଭିଏସଏଲଭି – ୩.୧ ) ସଫଳତାର ସହ ପରୀକ୍ଷଣ କରିଥିଲେ । ଗୋଶାଳା ପଡିଆଠାରେ ଭିଏସଏଲଭି–୩.୧କୁ ଆକାଶ ମାର୍ଗକୁ କ୍ଷେପଣ କରିଥିଲେ, ଯାହାକି ପୃଥିବୀ ପୃଷ୍ଠରୁ ୧୩ ହଜାର ଫୁଟ ଉପରକୁ ଯାଇ ତାହା ପାରାଚୁଟ୍‌ରେ ଫେରି ଆସିଥିଲା ।

❝ ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ । କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ । ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ । ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ । –ଶ୍ରୀଅରବିନ୍ଦ



# ଜିରାଫ ବଂଶ ବିପଦରେ

ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

୧୯୯୦ ମସିହାରେ ମୁଁ ବୀଭତ୍ସ କୋଲକାତା ଚିଡ଼ିଆଖାନାକୁ ଯାଇଥିଲି । ସେମାନେ ଆଫ୍ରିକାରୁ ଏକ ମାଈ ଯୁବ ଜିରାଫ ଆଣିଥିଲେ, ଯେଉଁ ପରମ୍ପରାକୁ ଆମେ ବନ୍ଦ କରିବା ଉଚିତ । ଜିରାଫଟି ବାସ୍ତବରେ ଖୁବ୍ ସୁନ୍ଦର ଥିଲା । ମୁଁ ତା'ର ନାଁ ଦେଇଥିଲି ତିସ୍ତା– ଏକ ରହସ୍ୟମୟ ଓ ଚିତ୍ତାକର୍ଷକ ନଦୀର ନାମାନୁସାରେ । କୋଲକାତା ଚିଡ଼ିଆଖାନାର କର୍ମକର୍ତ୍ତା ତଥା ବିଭାଗୀୟ ମନ୍ତ୍ରୀ ମୋ ଆଗରେ କଥା ଦେଇଥିଲେ ଯେ, ସେମାନେ ଚିଡ଼ିଆଖାନାଟିକୁ ଏକ ବୃହତ୍ତର ଜାଗାକୁ ଉଠାଇନେବେ, ଯେଉଁଠି ପ୍ରାଣୀମାନେ ସ୍ୱଚ୍ଛନ୍ଦରେ ବିଚରଣ କରିପାରିବେ । କିନ୍ତୁ ଏହା ଭିତରେ ଅନେକ ବର୍ଷ ବିତିଯାଇଥିଲେ ବି ଏବଂ ପ୍ରାୟ ୪୦୦୦ ପ୍ରାଣୀଙ୍କ ଅକାଳ ମୃତ୍ୟୁ ଘଟିଥିଲେ ମଧ୍ୟ ସେ ପ୍ରତିଶ୍ରୁତି ଏଯାଏ ପାଳନ ହୋଇନାହିଁ । ତିସ୍ତା ଏବେ ମୃତ । କୋଲକାତା ଚିଡ଼ିଆଖାନା କର୍ତ୍ତୃପକ୍ଷ ଜିରାଫମାନଙ୍କୁ ଓଡ଼ିଶାର ନନ୍ଦନକାନନ ପଠାଇଦେବାକୁ ନିଷ୍ପତ୍ତି ନେଲେ । ସେମାନେ ଏକ ଖୋଲା ଟ୍ରକ୍‌ରେ ପ୍ରାଣୀମାନଙ୍କୁ ଭର୍ତ୍ତି କଲେ । ରାସ୍ତାରେ ଗଲାବେଳେ ଏକ ବାଙ୍କ ମୋଡ଼ିବା ବେଳେ ପ୍ରାଣୀମାନଙ୍କ ମୁଣ୍ଡ ଏକ ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇଯିବା ଯୋଗୁ ସେମାନେ ମୃତ୍ୟୁବରଣ କଲେ ।

ସିଂହମାନଙ୍କ ସୁରକ୍ଷା ପ୍ରତି ବେଶି ଧ୍ୟାନ ଦିଆଯାଉଥିବା ବେଳେ ଗରିଲା ଓ ହାତୀମାନେ ବହୁ ସଂଖ୍ୟାରେ ମରୁଛନ୍ତି ଏବଂ ଜିରାଫ ଏକ ପ୍ରକାର ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲେଣି । ଗତ ୧୫ ବର୍ଷ ଭିତରେ ଜିରାଫଙ୍କ ସଂଖ୍ୟା ୪୦% କମିଗଲାଣି । ବର୍ତ୍ତମାନ ଆଉ ମାତ୍ର ୮୦,୦୦୦ ଜିରାଫ ବଞ୍ଚିଥିବା ବେଳେ ସେମାନଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି । ଆଉ କିଛିବର୍ଷ ପରେ ସେମାନେ କେବଳ ଚିଡ଼ିଆଖାନାରେ ଦେଖିବାକୁ ମିଳିବେ ଓ ତା'ପରେ କେବଳ ବହିର ଛବିରେ ।

ଜିରାଫଙ୍କ ବଂଶନାଶର ମୁଖ୍ୟ ଅପରାଧୀ ହେଉଛନ୍ତି ଆମେରିକୀୟମାନେ । ଜିରାଫମାନଙ୍କୁ ବିପନ୍ନ ପ୍ରଜାତି ଆଇନ ଅନୁଯାୟୀ ସୁରକ୍ଷା ଦେବାକୁ ଦୁଇବର୍ଷ ହେଲା ଉଦ୍ୟମ କରାଯାଇଆସୁଛି । କିନ୍ତୁ ଏଯାବତ୍ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଜିରାଫଙ୍କ ହାଡ଼ରେ କାରୁକାର୍ଯ୍ୟ କରି ବିକ୍ରି କରିବା ପାଇଁ ସେମାନଙ୍କୁ ଶିକାର କରାଯାଉଛି । ଆମେରିକା ଏହାର ସବୁଠାରୁ ବଡ଼ ଆମଦାନିକାରୀ । ଯଦି ଚାଇନା ଏହି ବ୍ୟବସାୟରେ ସାମିଲ ହୋଇଯାଏ, ତେବେ ଛଅମାସ ଭିତରେ ଜିରାଫ ବଂଶ ଲୋପ ପାଇଯିବ । ବର୍ତ୍ତମାନ ଆଫ୍ରିକାରେ ଯେତିକି ହାତୀ ଅଛନ୍ତି, ତା'ଠୁ କମ୍ ଜିରାଫ ଅଛନ୍ତି ।

ଜିରାଫ ହେଉଛନ୍ତି ପୃଥିବୀର ସବୁଠାରୁ ଡେଙ୍ଗା ସ୍ତନ୍ୟପାୟୀ ପ୍ରାଣୀ । କେବଳ ସେମାନଙ୍କ ଗୋଡ଼ ଅନେକ ମଣିଷଙ୍କଠାରୁ ଲମ୍ବା । ସେମାନେ ଘଣ୍ଟାକୁ ୩୫ ମାଇଲ ବା ୫୬ କିଲୋମିଟର ବେଗରେ ଦୌଡ଼ିପାରନ୍ତି । କିନ୍ତୁ ଶିକାରୀଙ୍କ ଗୁଳିଠାରୁ ଅଧିକ ବେଗରେ କିଏ ଦୌଡ଼ିପାରିବ ? ଆଫ୍ରିକାର ଶୁଷ୍କ ସାଭାନ୍ନା ତୃଣଭୂମି ଅଞ୍ଚଳରେ ସେମାନେ ଦେଖିବାକୁ ମିଳନ୍ତି । ସେମାନେ ଆକାଶିଆ ଗଛର ପତ୍ର ଖାଆନ୍ତି । ସେମାନେ ଦୈନିକ ୫୦ କେଜି ପର୍ଯ୍ୟନ୍ତ ଡାଳପତ୍ର ଭାଙ୍ଗି ଖାଇପାରନ୍ତି । ଉଚ୍ଚତା ଓ ଦୃଷ୍ଟିଶକ୍ତି ଯୋଗୁ ସେମାନେ ବହୁ ଦୂରରୁ ସିଂହ, ହେଟା ବାଘ ପ୍ରଭୃତି ଶିକାରୀଙ୍କୁ ଠାବ କରିପାରନ୍ତି । ସେମାନେ ନାତ ମାରି ବେଳେ ବେଳେ ଶିକାରୀ ପ୍ରାଣୀଙ୍କୁ ମାରିଦେଇପାରନ୍ତି ।

ଜିରାଫମାନେ ହେଉଛନ୍ତି ସାମାଜିକ ପ୍ରାଣୀ ଏବଂ ଅଣ୍ଡିରା ଜିରାଫଙ୍କ ନେତୃତ୍ୱରେ ମାଈ ଜିରାଫ ଓ ଛୁଆମାନେ ଦଳ ଦଳ ହୋଇ ବୁଲନ୍ତି । ସେମାନଙ୍କ ପରମାୟୁ ପ୍ରାୟ ୪୦ ବର୍ଷ । ସେମାନଙ୍କ ଚମଡ଼ାର ଦାଗ ଯେତେ କଳା, ସେମାନେ ସେତେ ବୟସ୍କ ହୋଇଥାନ୍ତି । ମାଈ ଜିରାଫ ଠିଆ ଠିଆ ସନ୍ତାନ ପ୍ରସବ କରନ୍ତି । ଛୁଆମାନେ ଛଅଫୁଟ୍ ତଳକୁ ପଡ଼ି ଅଧଘଣ୍ଟା ଭିତରେ ଠିଆ ହୁଅନ୍ତି ଓ ଅଳ୍ପ କେଇ ଘଣ୍ଟା ଭିତରେ ମାଆ ସହ ଦୌଡ଼ିବାକୁ ସକ୍ଷମ ହୁଅନ୍ତି । ମାଈ ଜିରାଫ ୪୫୭ ଦିନ ବା ପ୍ରାୟ ୧୫ ମାସ ଗର୍ଭଧାରଣ କରିବା ପରେ ଛୁଆ ଜନ୍ମ କରେ ଏବଂ ଥରକେ ମାତ୍ର ଗୋଟିଏ ଛୁଆ ଜନ୍ମ କରେ । ଗୋଟିଏ ମାଈ ଜିରାଫ ଜୀବନକାଳ ଭିତରେ ପ୍ରାୟ ୫ଟି ଛୁଆ ଜନ୍ମ କରେ । ପ୍ରାୟ ୫୦ ପ୍ରତିଶତ ଛୁଆ ଗୋଟିଏ ବର୍ଷରୁ କମ୍ ସମୟ ବଞ୍ଚନ୍ତି । ଜିରାଫଙ୍କ ଶିଶୁ ମୃତ୍ୟୁହାର ଅଞ୍ଚଳରେ ବାସ କରୁଥିବା ସିଂହ ସଂଖ୍ୟା ଉପରେ ନିର୍ଭର କରେ । ନିକଟରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ସିଂହବହୁଳ ଅଞ୍ଚଳରେ ୮୨ ପ୍ରତିଶତ ଜିରାଫ ଛୁଆ ମରନ୍ତି ।

ଜିରାଫମାନେ ସାହାରା ମରୁଭୂମି ସମେତ ଉତ୍ତର ଓ ପଶ୍ଚିମ ଆଫ୍ରିକାରେ ଏବଂ ନୀଳନଦୀ ତଟ ଅଞ୍ଚଳରେ ବାସ କରୁଥିଲେ । ବର୍ତ୍ତମାନ ସେମାନେ କେବଳ ଆଫ୍ରିକାର ଉପସାହାରା ଅଞ୍ଚଳରେ ଦେଖିବାକୁ ମିଳୁଛନ୍ତି । ୯୦ ଦଶକରେ ଗୋଟିଏ ଦଳରେ ୨୦ରୁ ୩୦ ଜିରାଫ ରହୁଥିଲେ । ବର୍ତ୍ତମାନ ଗୋଟିଏ ଦଳରେ ୬ରୁ କମ୍ ପ୍ରାଣୀ ଦେଖିବାକୁ ମିଳୁଛନ୍ତି । ଆଇୟୁସିଏନ୍ ମତରେ ଜିରାଫମାନେ 'ନୀରବ ବିଲୁପ୍ତି' (ସାଇଲେଣ୍ଟ ଏକ୍ସଟିଙ୍କ୍‌ଶନ) ଦେଇ ଗତି କରୁଛନ୍ତି । ଏହିପରି ଭାବେ ଜିରାଫ ବଂଶ ଲୋପ ପାଇଚାଲିଲେ ତାହା ଆଫ୍ରିକାର ପ୍ରାକୃତିକ ପରିସ୍ଥିତିକୁ ବିଗାଡ଼ିଦେବ, ତା' ପଛକୁ ପଡ଼ିବ ସିଂହଙ୍କ ପାଳି । ଯୁଦ୍ଧବିଧ୍ୱସ୍ତ କେନିଆ, ସୋମାଲିଆ, ଇଥିଓପିଆ ଓ ଦକ୍ଷିଣ ସୁଦାନରେ ଲୋକମାନେ ଖାଇବାକୁ ନ ପାଇ ଜିରାଫ ମାଂସ ଖାଉଛନ୍ତି ଏବଂ ସେମାନଙ୍କ ପାଇଁ ଗୋଟିଏ ଜିରାଫର ମୂଲ୍ୟ ଗୋଟିଏ ଗୁଳିର ମୂଲ୍ୟ ସହ ସମାନ । ବର୍ତ୍ତମାନ ଜିରାଫମାନେ ୨୧ଟି ଦେଶର ଜାତୀୟ ପ୍ରାଣୀ ଉଦ୍ୟାନ, ଘରୋଇ ଓ ଗୋଷ୍ଠୀ ଭୂମିରେ ଅଛନ୍ତି । ୯ଟି ଉପଜାତି ମଧ୍ୟରୁ ପଶ୍ଚିମ ଆଫ୍ରିକୀୟ ଜିରାଫଙ୍କ ସଂଖ୍ୟା ଏବେ ୩୦୦ରୁ ବି କମ୍ ରହିଛି । ସେମାନେ ନାଇଜର ଅଞ୍ଚଳରେ ଅଛନ୍ତି । ସେହିପରି ରଥ୍‌ସ୍କିଲ୍‌ଡସ ଜିରାଫଙ୍କ ସଂଖ୍ୟା ମାତ୍ର ୭୦୦ରୁ କମ୍ ରହିଛି । ସେମାନେ ଉଗାଣ୍ଡା ଓ କେନିଆ ଅଞ୍ଚଳରେ ଅଛନ୍ତି । କେନିଆରେ ୧୯୯୦ ଦଶକରେ ୩୦,୦୦୦ରୁ ଅଧିକ ଜିରାଫ ଥିବାବେଳେ ସେମାନଙ୍କ ସଂଖ୍ୟା ଏବେ ୫,୫୦୦ ତଳକୁ ଖସିଯାଇଛି । ଦକ୍ଷିଣ ଆଫ୍ରିକାରେ ଜିରାଫ ସଂଖ୍ୟା ଆଶାଜନକ ଭାବେ ରହିଥିବା ବେଳେ ପୂର୍ବ ଆଫ୍ରିକାରେ ୯୫% ହ୍ରାସ ପାଇଛି । ସଫଳ ବନ୍ୟପ୍ରାଣୀ ଅଞ୍ଚଳ ପରିଚାଳନା ଯୋଗୁ ଦକ୍ଷିଣ ଆଫ୍ରିକାରେ ସେମାନଙ୍କ ସଂଖ୍ୟା ଅଧିକ ରହିଛି ।

ତାଞ୍ଜାନିଆରେ ଲୋକଙ୍କ ଅନ୍ଧବିଶ୍ୱାସ ରହିଛି ଯେ, ଜିରାଫଙ୍କ ମସ୍ତିଷ୍କ ଓ ଅସ୍ଥିମଜ୍ଜା ଖାଇଲେ ଏଡ୍‌ସ ଭଲ ହୋଇଯିବ । ସେହି କାରଣରୁ ସେଠାରେ ଗୋଟିଏ ଜିରାଫ ମୁଣ୍ଡ ଓ ଅସ୍ଥିର ଦାମ୍ ୧୪୦ ଡଲାର ପର୍ଯ୍ୟନ୍ତ ହୋଇଛି । ଅନେକ ଆଫ୍ରିକୀୟ ଜନଜାତି ଜିରାଫ ମାଂସ ଖାଆନ୍ତି । ଜିରାଫର ଚମଡ଼ାରୁ ପୋଷାକ, ଜୋତା, ବ୍ୟାଗ୍, ବେଲ୍ଟ, ଟୋପି ଓ ଡ୍ରମ୍ କଭର ତିଆରି ହେଉଛି । ତାଙ୍କ ବାଳକୁ ଗହଣା, ବୁଣାବୁଣି ସୂତା ଓ ମାଳିଗୁନ୍ଥାର ରଜ୍ଜୁ ଭାବେ ବ୍ୟବହାର କରାଯାଉଛି । ସ୍ୱିସ୍ ମାଛି ଘଉଡ଼େଇବା ପାଇଁ ଜିରାଫ ଲାଞ୍ଜକୁ ବ୍ୟବହାର କରାଯାଉଛି । ଅନେକ ଆଫ୍ରିକୀୟ ଦେଶର ସରକାର ଜାତୀୟ ଉଦ୍ୟାନଗୁଡ଼ିକରେ ଶିକାରକୁ ନିଷିଦ୍ଧ କରିଛନ୍ତି । କିନ୍ତୁ ଲୋକମାନେ ବେଆଇନଭାବେ ଶିକାର କରୁଛନ୍ତି । ଆମେରିକୀୟ ପର୍ଯ୍ୟଟକମାନେ ସ୍ଥାନୀୟ ଶିକାରୀଙ୍କୁ ଟଙ୍କା ଦେଇ ଶିକାର କରାଉଛନ୍ତି ଏବଂ ଜିରାଫଙ୍କ ଅବୟବକୁ କୋରିୟର ମାଧ୍ୟମରେ କିଣି ନେଉଛନ୍ତି । ଜିରାଫ ଅସ୍ଥିରେ ତିଆରି ହୋଇଥିବା ଟ୍ରଫିର ସବୁଠାରୁ ବଡ଼ କ୍ରେତା ହେଉଛି ଆମେରିକା ।

ଜନସଂଖ୍ୟା ବୃଦ୍ଧି ସହ କୃଷି ଓ ଶିଳ୍ପର ସମ୍ପ୍ରସାରଣ ଏବଂ ଜଙ୍ଗଲ ଧ୍ୱଂସ ଯୋଗୁ ଜିରାଫମାନେ ସେମାନଙ୍କ ଖାଦ୍ୟର ମୁଖ୍ୟ ଉତ୍ସ ଆକାଶିଆ ଗଛ ପାଉନାହାନ୍ତି । ସେମାନେ ଗାଡ଼ିମୋଟର ଧକ୍କା ହୋଇ ଓ ବିଜୁଳି ତାର ଲାଗି ମରୁଛନ୍ତି । କିନ୍ତୁ ସେମାନଙ୍କର ସବୁଠାରୁ ବଡ଼ ଶତ୍ରୁ ହେଉଛନ୍ତି 'ଟ୍ରଫି' ଶିକାରୀ ଏବଂ ଏହି ଶିକାରୀମାନେ ମୁଖ୍ୟତଃ ଆମେରିକାରୁ ଯାଇ ଶିକାର କରନ୍ତି ବା ସ୍ଥାନୀୟ ଶିକାରୀଙ୍କ ସାହାଯ୍ୟ ନିଅନ୍ତି । ତେଣୁ ଜିରାଫ ବଂଶ ଏବେ ବିପନ୍ନ । ଆମେରିକା ସରକାର ତୁରନ୍ତ ଏହା ହୃଦୟଙ୍ଗମ କରି ଜିରାଫ ଟ୍ରଫି ଉପରେ ନିଷେଧାଦେଶ ଲାଗୁ କରିବା ଉଚିତ । ପଲାଙ୍କ ବହିରେ ଲେଖାଥାଏ 'ଜି' ଫର୍ ଜିରାଫ । ମାତ୍ର ଆଉ ୧୦ ବର୍ଷ ପରେ ଜିରାଫ କେମିତିକା ପ୍ରାଣୀ ଥିଲା ବୋଲି ଆମେ ପିଲାଙ୍କୁ କ'ଣ ବୁଝାଇବା ?

Email: gandhim@nic.in

# ଅଭିଯାନର ନାଁ ରହୁ 'ୱିଟୂ'

ଦ୍ୟୁତି ଚନ୍ଦ୍ର ସାହୁ

ଲୋକଙ୍କ ମୁହଁରୁ ଅନେକ ସମୟରେ ଶୁଣିବାକୁ ମିଳେ 'ସବୁ ଯାଉ ପଛେ ଚରିତ୍ର ଥାଉ' । ଆତ୍ମ ସ୍ୱାଭିମାନ ସମାଜର ପ୍ରତ୍ୟେକ ବ୍ୟକ୍ତି ଲାଗି ବଡ଼ ସମ୍ପତ୍ତି । ମଣିଷକୁ ଆଉ ମଣିଷ ନିକଟରେ ପରିଚିତ କରାଏ ସେ । ଦୁନିଆରେ ପରିଚୟ ନଷ୍ଟ ହୋଇଗଲେ କିଛି ବାକି ରହେନା । ଏଇ କାରଣରୁ ବିଗତ ଦିନଗୁଡ଼ିକରେ ନିଜର ସମ୍ମାନ ଓ ଆଦର୍ଶକୁ ନେଇ ସମାଜରେ ସ୍ଥାନ ମିଳୁଥିଲା । ନିଚ୍ଛକ ଭଲ ମଣିଷଟିଏ ପାଖରେ ଲୋକଙ୍କ ଭିଡ଼ ଜମୁଥିଲା । ସହାୟତାର ହାତ ଲମ୍ବୁଥିଲା । ଏସବୁ ସତ୍ତ୍ୱେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ରାମଚନ୍ଦ୍ର ମଙ୍ଗରାଜ, ଗୋପୀନାଥ ମହାନ୍ତିଙ୍କ 'ପରଜା' ଉପନ୍ୟାସର ରାମଚନ୍ଦ୍ର ବିଶୋଇଙ୍କ ଭଳି ବହୁ ଚରିତ୍ର ଥିଲେ । ଯେଉଁମାନେ ଧନ ଓ ଜନ ବଳରେ ବ୍ୟଭିଚାରକୁ ଆଚାର ଏବଂ ଅନ୍ୟାୟକୁ ନ୍ୟାୟ ଭାବେ ପ୍ରତିପାଦିତ କରୁଥିଲେ । ସମାଜକୁ ନିଜ ଅଙ୍ଗୁଳି ଅଗରେ ନଚେଇବାକୁ ପଛେଇ ନ ଥିଲେ । ସମାଜରେ ଏମିତି ଅନେକ ଚରିତ୍ର ବିଧିବ୍ୟବସ୍ଥାକୁ ଗୋଡ଼ରେ ମକଚି ନୂଆ ସମ୍ବିଧାନ ତିଆରି କରୁଥିଲେ ନିମିଷକରେ । ଏହାର ପ୍ରତିବାଦ କରିବାକୁ ଇଚ୍ଛା ଥିଲେ ବି କରିପାରୁ ନ ଥିଲେ ନିରୀହ ଲୋକେ । ସେମାନଙ୍କ ଆୟତ୍ତରେ ଥିବା ଅର୍ଥ, ବ୍ୟବସ୍ଥା ଓ ନ୍ୟାୟ ସବୁ ପାଦତଳେ ଲୋଟୁଥିଲେ ବିନା ସର୍ତ୍ତରେ । ବଦଳିଯାଉଥିଲା ପରିସ୍ଥିତି ସାମାନ୍ୟ ଇଶାରାରେ । ଆଉ ଯେଉଁମାନେ ବିରୋଧ କରୁଥିଲେ ସେମାନେ ତଳିତଳାନ୍ତ ହୋଇ ଯାଉଥିଲେ । ଏଇସବୁ ଘଟଣାକ୍ରମ ଅନ୍ୟମାନଙ୍କ ପାଟିକୁ ବନ୍ଦ କରିଦେଉଥିଲା ଅକ୍ଳେଶରେ ।

ଏବେ ସମାଜ ବଦଳିଯାଇଛି । ବ୍ୟବସ୍ଥାରେ ବି ଅନେକ ସୁଧାର ଆସିଛି । ନିରୀହ ଲୋକଟି ବି ମୁହଁ ଖୋଲି କହିବାର ଆସ୍ପର୍ଦ୍ଧା ରଖିପାରୁଛି । ତା'ର କଥାକୁ ସମର୍ଥନ ଜଣାଇବା ଲାଗି ଗଣମାଧ୍ୟମ ଅଛି । କିଛି ନ ହେଲେ ବି ସାମାଜିକ ଗଣମାଧ୍ୟମ ରହିଛି । ଆଜି ନିମିଷକରେ କାୟା ପଲଟିଯାଉଛି । ପ୍ରତିପତ୍ତି, କ୍ଷମତା, ବ୍ୟବସ୍ଥା ଭିତରେ ଥିବା ମଣିଷ ବି ମାମୁଲି ଲାଗୁଛି । ଏଥିପାଇଁ 'ମିଟୂ'ର ଝଡ଼ । ନିଜ ପ୍ରତି ହୋଇଥିବା ଅନ୍ୟାୟକୁ ମୁହଁ ଖୋଲି କହିପାରୁଛି ମହିଳାଟିଏ । ଅନେକଙ୍କ ଭଦ୍ରମୁଖା ଖୋଲିଯାଉଛି । ଅନ୍ତର୍ଜାତୀୟଠାରୁ ପ୍ରାନ୍ତୀୟ ସ୍ତର ଯାଏ ଧୀରେ ଧୀରେ ଏଇ ଅଭିଯାନ ଏକ ଆନ୍ଦୋଳନ ରୂପ ନେଇଛି । ଅନେକ ବଡ଼ପଣ୍ଡା ଭୟ ଓ ଆଶା ଆଶଙ୍କା ଭିତରେ ବଞ୍ଚୁଛନ୍ତି । କେତେବେଳେ କିଏ ଏଇ ଆନ୍ଦୋଳନରେ ନିଜକୁ ଛନ୍ଦି ଦେବନି ତ– ଏଇ ଚିନ୍ତା ଘାରୁଛି । ନିଜର ଅତୀତକୁ ରୋମନ୍ଥନ କରୁଛନ୍ତି । ନିଜର କୃତକର୍ମ ଲାଗି ଅନେକେ ଭିତିରି ପ୍ରାୟଶ୍ଚିତ୍ତ କରିବାକୁ ମଧ୍ୟ ପଛାଉ ନ ଥିବେ । ଅବଶ୍ୟ ଚରିତ୍ର ଯାଉ ପଛେ ସବୁ ଥାଉ ବୋଲି ଚିନ୍ତା କରୁଥିବା ଆଜିକାର କିଛି ମଣିଷଙ୍କ ଲାଗି ଏଇ ଝଡ଼ର କିଛି ମାନେ ନାହିଁ । କିନ୍ତୁ ବଦନାମ ହେବାର ଭୟ ନିଶ୍ଚିତ ଉଣାଅଧିକେ ରହିଛି ସେମାନଙ୍କ ଭିତରେ । ଏଇ ଡର ଅନେକମାତ୍ରାରେ ସମାଜ ଭିତରେ ଚେତନା ଜାଗ୍ରତ କରିଛି । ତଥାପି ଆଜି ବି ଅନେକ ମହିଳା ନିଜ ନିଜ କର୍ମକ୍ଷେତ୍ରରେ ଅତ୍ୟାଚାରିତ । ଅଶ୍ଳୀଳ ଇଙ୍ଗିତ ଭିତରେ ବିବୃତ୍ତିଗତ କାରଣରୁ ନିଜ ପିଲାକୁଟୁମ୍ବର ଭବିଷ୍ୟତ ଲାଗି ସହିଯାଉଛନ୍ତି ସବୁକିଛି । ଦାରିଦ୍ର୍ୟ, ଆତ୍ମସମ୍ମାନ, ପାରିବାରିକ ତାଡନାର ଭୟ ସେମାନଙ୍କୁ ନିରସ୍ତ କରୁଛି ଏଇ 'ମିଟୂ'ରେ ସାମିଲ ହେବାରୁ । ହୁଏତ ଅନ୍ୟମାନଙ୍କ ଭଳି ସମୟ ଲାଗିପାରେ ଏଇ ଅଭିଯାନରେ ସାମିଲ ହେବାକୁ ।

'ମିଟୂ' ଅତ୍ୟାଚାରୀ ମଣିଷଙ୍କ ବିରୋଧରେ ଗୋଟିଏ ଅଭିଯାନ । ତାଡନାର ଶିକାର ହୋଇଥିବା ମହିଳାଙ୍କ ଶାଣିତ ସ୍ୱର । ଯୁଗେ ଯୁଗେ ମହିଳାମାନେ ହିଁ ସମାଜକୁ ରକ୍ଷା କରି ଆସିଛନ୍ତି । ନିଜ ପାଇଁ ଯେତିକି, ପର ପାଇଁ ଅଧିକ ବଳିଦାନ ଦେଇଛନ୍ତି । ଏଇ ଅଭିଯାନ ଆମ ସମାଜ ଭିତରେ ଚେତନା ଜାଗ୍ରତ କରିଛି । ବାସ୍ତବରେ ଆମେ ସମସ୍ତେ ଜଣେ ଜଣେ ଅତ୍ୟାଚାରୀ ନିଜ ନିଜ ସ୍ତରରେ । ସେ ଅତ୍ୟାଚାର ହୁଏତ ମଣିଷ ବିରୋଧରେ ହୋଇ ନ ପାରେ, ହୋଇପାରେ ପ୍ରକୃତି ବିରୋଧରେ । ଆମେ ପ୍ରତି ମୁହୂର୍ତ୍ତରେ ଅତ୍ୟାଚାର କରୁଛୁ । ଅନ୍ୟର ଅତ୍ୟାଚାରକୁ ଦେଖି ଚୁପ୍ ରହୁଛୁ । ଅନ୍ୟ ପ୍ରତି ଅନ୍ୟାୟକୁ ଦେଖି ବି ଅଣଦେଖା କରୁଛୁ । ପ୍ରତିବାଦ ନ କରିବା ହୁଏ ତ ଅନ୍ୟାୟକୁ ସହୁଥିବା ଲୋକଟିର ବିବଶତା ହୋଇପାରେ । କିନ୍ତୁ ପାପକୁ ଦେଖି ଚୁପ୍ ରହିବା ବି ପାପ । କେବଳ ମହିଳାଙ୍କ ବିରୋଧରେ ହେଉଥିବା ଅତ୍ୟାଚାର, ଅଶ୍ଳୀଳ ଆଚରଣ ଭିତରେ 'ମିଟୂ' ଅଭିଯାନ ସୀମିତ ।

ଏବେ ସମୟର ଆହ୍ୱାନ । ସମସ୍ତଙ୍କୁ ପ୍ରାୟଶ୍ଚିତ୍ତ କରିବାର ସମୟ ଆସିଛି । ଆରମ୍ଭ ହେଉ ଆଉ ଏକ ଭିନ୍ନ ଅଭିଯାନ 'ୱିଟୂ', ଯେଉଁଥିରେ କେବଳ ନାରୀ ପ୍ରତି ବା ମଣିଷ ପ୍ରତି ହେଉଥିବା ଅତ୍ୟାଚାର, ଅନ୍ୟାୟକୁ ସ୍ଥାନ ଦିଆ ନ ଯାଉ । ସେଥିରେ ପ୍ରକୃତି ଉପରେ ହେଉଥିବା ଅତ୍ୟାଚାର ବି ସ୍ଥାନ ପାଉ । ଆଉ ସ୍ଥାନ ପାଉ ପ୍ରକୃତିକୁ ସୁରକ୍ଷିତ ରଖିବା ଲାଗି ସମାଜରେ ହେଉଥିବା ମହତ୍ ପ୍ରୟାସସବୁ । ଏସବୁକୁ ସାମିଲ କରି ଅନ୍ୟକୁ ପ୍ରେରିତ କରିବା ଦିଗରେ ସମ୍ଭାବନା ସୃଷ୍ଟି କରାଯାଉ । ବୃକ୍ଷରୋପଣ, ସ୍ୱଚ୍ଛ ଅଭିଯାନଠାରୁ ଆରମ୍ଭକରି ପଲିଥିନ ବିରୋଧୀ ଅଭିଯାନ, ସମୁଦ୍ରତଟ ସୁରକ୍ଷା ଅଭିଯାନ, ମୁକ୍ତ ମଳତ୍ୟାଗ ବିରୋଧୀ ଅଭିଯାନ, ପକ୍ଷୀ, ପଶୁ ସଂରକ୍ଷଣ ଅଭିଯାନ, ପରିବେଶ ସୁରକ୍ଷା ଦିଗରେ ହେଉଥିବା ଅହରହ ପ୍ରୟାସ ଭଳି ବହୁ ଭଲ କଥାକୁ ନିଜ ଭିତରେ କିମ୍ବା ନିଜ ଅଞ୍ଚଳ ଭିତରେ ଆଉ ସୀମିତ ନ ରଖି ଏହାକୁ ଜଗତବ୍ୟାପୀ କରାଯାଉ । ସମସ୍ତଙ୍କ ହାତପାଆନ୍ତାରେ ଥିବା ସ୍ମାର୍ଟଫୋନର ପ୍ରକୃତ ଉପଯୋଗ କରି ଏ ସଂପର୍କିତ ଭିଡିଓ କିମ୍ବା ଫଟୋକୁ ଏହି ଅଭିଯାନରେ ସାମିଲ କରି ଅନ୍ୟକୁ ସାମିଲ ହେବା ଲାଗି ପ୍ରେରଣା ପାଲଟିଯାଆନ୍ତୁ । ହୁଏତ ଏହା ନିଜକୁ ଆତ୍ମତୁଷ୍ଟି ଦେବା ସହ କୋଟିଏ ଲୋକଙ୍କୁ ବି ପ୍ରଭାବିତ କରିପାରିବ । ଏଇକ୍ରମରେ ସମାଜ ଓ ପ୍ରକୃତି ସୁଧାର ଦିଗରେ ଇଏ ହୁଏତ ବଡ ପଦକ୍ଷେପ ହୋଇପାରିବ । ଏହା ଆପଣଙ୍କୁ ଅବଗତ କରାଇ ମୁଁ ନିଜେ ତ ସାମିଲ ହୋଇଗଲି । ଆପଣଙ୍କର ଏଥର ପାଳି । ଆରମ୍ଭ କରନ୍ତୁ ଭଲ କାମ ଓ ଆଗକୁ ବଢାନ୍ତୁ 'ୱିଟୂ' ଅଭିଯାନ ।

ଇନ୍ଦିରା ନଗର, ରାୟଗଡା, ମୋ– ୯୫୫୬୨୮୭୭୭୫

## ଏଇ ଭାରତରେ

ସେ ଜନ୍ମରୁ ଭିନ୍ନକ୍ଷମ । ହାତ ୨ଟି ନାହିଁ । କିନ୍ତୁ ନିଜର ଦୃଢ଼ ପ୍ରଚେଷ୍ଟା ବଳରେ ଆଜି ବେଶ୍ ରୋଜଗାରକ୍ଷମ ହୋଇପାରିଛନ୍ତି । ସେ ହେଉଛନ୍ତି ଉତ୍ତରାଖଣ୍ଡ ଋଷିକେଶର ସ୍ୱର୍ଗାଶ୍ରମ ଅଞ୍ଚଳରେ ରହୁଥିବା ୩୨ବର୍ଷୀୟା ଅଞ୍ଜନା । ଗତ ୧୨ବର୍ଷ ଧରି ରାସ୍ତା ପାର୍ଶ୍ୱରେ ଭିକ ମାଗି ଚଳି ଆସୁଥିବା ଅଞ୍ଜନା ଜଣେ ବିଦେଶିନୀଙ୍କ ପ୍ରେରଣା ଓ ସହଯୋଗରେ ଏବେ ଜଣେ ବିଶିଷ୍ଟ ଚିତ୍ରକର ହୋଇପାରିଛନ୍ତି । ଆଉ ତାଙ୍କର ବିଭିନ୍ନ ଚିତ୍ରକୁ ଲୋକମାନେ କିଣି ନେଉଛନ୍ତି । ଗୋଟିଏ ଗୋଟିଏ ଚିତ୍ରକୁ ଅଞ୍ଜନା ୨ହଜାର ଟଙ୍କା ଏବଂ ତା'ଠାରୁ ଅଧିକ ଦରରେ ମଧ୍ୟ ବିକ୍ରି କରୁଛନ୍ତି । ୨୦୧୫ରେ ଅଞ୍ଜନା ରାସ୍ତା ପାର୍ଶ୍ୱରେ ଭିକ୍ଷାବୃତ୍ତି କରୁଥିବାବେଳେ ତାଙ୍କ ଉପରେ ଜଣେ ବିଦେଶିନୀଙ୍କ ନଜର ପଡ଼ିଥିଲା । ସେତେବେଳେ ଅଞ୍ଜନା ନିଜ ପାଦରେ ଏକ କୋଇଲା ଖଣ୍ଡରେ ତଳେ କିଛି ଚିତ୍ର ଆଙ୍କୁଥିଲେ । ଏହା ଦେଖି ବିଦେଶିନୀ ଜଣକ ଅଞ୍ଜନାଙ୍କୁ ଚିତ୍ରକଳା ଶିଖିବାକୁ ପ୍ରବର୍ତ୍ତାଇଥିଲେ । ଏପରିକି ତାଙ୍କୁ ଏକ କେନ୍ଦ୍ରରେ ଚିତ୍ରକଳା ପ୍ରଶିକ୍ଷଣ ମଧ୍ୟ ଦେଇଥିଲେ । ଏହା ପରେ ଅଞ୍ଜନା ନିଜର ସାଧନା ବଳରେ ଜଣେ ଭଲ ଚିତ୍ରକର ହୋଇପାରିଲେ । ସେ ଏବେ ବିଭିନ୍ନ ପ୍ରକାର ପେଣ୍ଟିଂ କରି ରାସ୍ତା ପାର୍ଶ୍ୱରେ ରଖି ବିକ୍ରି କରୁଛନ୍ତି । ତାହାକୁ ଲୋକମାନେ ଭଲ ଦାମ୍ ଦେଇ କିଣି ନେଉଛନ୍ତି । ଭିନ୍ନକ୍ଷମ ହୋଇ ସୁଦ୍ଧା ଜଣେ ବିଦେଶିନୀଙ୍କ ପ୍ରେରଣାରେ ଆଜି ଅଞ୍ଜନା ସ୍ୱାବଲମ୍ବୀ ହୋଇପାରିଥିବାରୁ ସେ ଏହାର ସମସ୍ତ ଶ୍ରେୟ ଉକ୍ତ ବିଦେଶିନୀଙ୍କୁ ଦେଉଛନ୍ତି ।

## ଚିରନ୍ତନୀ

ଆଦର୍ଶ ଯାହାର ମହା ସାମ୍ୟ–ନୀତି ନାହିଁ ଭେଦଜ୍ଞାନ,
ମାନବ–ଶିଶୁର ଯହିଁ ନାହିଁ ଜାତି ଦ୍ୱେଷ ଅପମାନ,
କବୀର, ନାନକ, ବୁଦ୍ଧ, ଚୈତନ୍ୟ, ଶଙ୍କର
କଲେ ଯହିଁ ସମାବେଶ ସକଳ ଧର୍ମର,
ଲେଖିଲେ ଏ ପାଷାଣର ଗତେ
''ସକଳ ଯେ ସମାନ ଜଗତେ''
ସବୁ ବଡ଼ ସାନ
ଦୀନ ଧନବାନ
ନତ ମୁଣ୍ଡ
ଏଥି ରୁଣ୍ଡ । (ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# କରତାଳି ସଂଗ୍ରହ

ଡ. ସୁବାସ ଚନ୍ଦ୍ର ପାତ୍ର

କ୍ରିକେଟ ଖେଳର ବର୍ଣ୍ଣନାକ୍ରମରେ ଏକ ପ୍ରକାର ରୂଢ଼ି ପ୍ରୟୋଗ କରାଯାଏ– 'ପ୍ଲେ ଟୁ ଦ ଗ୍ୟାଲେରି' ଅର୍ଥାତ୍ ଗ୍ୟାଲେରିରେ ଦର୍ଶକମାନଙ୍କ ମନୋରଞ୍ଜନ ପାଇଁ ଖେଳିବା, ସ୍ଥଳବିଶେଷରେ ଦଳର ସ୍ୱାର୍ଥକୁ ନଜର ଅନ୍ଦାଜ କରି । ଚଉକା ଓ ଛକା ବର୍ଷଣ କରୁଥିବା ଏହି ଗୋଷ୍ଠୀର ଖେଳାଳିମାନେ ଦର୍ଶକମାନଙ୍କର ଭାରି ପ୍ରିୟ କିନ୍ତୁ ଦଳର ଦଳପତି ଓ ଅନ୍ୟାନ୍ୟ ସମ୍ପର୍କିତ ବ୍ୟକ୍ତିମାନଙ୍କର ଏମାନଙ୍କୁ ଥାଏ ଘୋର ସନ୍ଦେହ, କାରଣ ଏମାନଙ୍କର ମନୋରଞ୍ଜନଧର୍ମୀ ଖେଳ ବେଳେବେଳେ ଦଳପାଇଁ ମହଙ୍ଗା ପଡ଼େ । ସତୁରି ଦଶକରେ ସଲିମ ଦୁରାନୀ ଏବଂ ନିଜ ପ୍ରାରମ୍ଭିକ ବେଳର କପିଳଦେବ ଏ ପ୍ରକାର ଖେଳାଳି ଥିଲେ, ଯଦିଚ ପରେ କପିଳ ଅଧିକ ଦାୟିତ୍ୱବାନ୍ ହୋଇ ଖେଳିଲେ । କ୍ରିକେଟ ପାଇଁ ବ୍ୟବହୃତ ଏ ରୂଢ଼ି ତା' ପୃଷ୍ଠଭୂମିରେ ଥିବା ଲୋକପ୍ରିୟତା ବନାମ ଦାୟିତ୍ୱଶୀଳତାର ସଂଘର୍ଷ ଯୋଗୁ ପରବର୍ତ୍ତୀ ସମୟରେ ଏହା ବିଭିନ୍ନ ଅଣକ୍ରୀଡ଼ା ପ୍ରସଙ୍ଗରେ ବ୍ୟବହୃତ ହେଲା । ସଙ୍ଗୀତ, ରାଜନୀତି, ସାହିତ୍ୟ, ସାମାଜିକ ଗଣମାଧ୍ୟମ ପ୍ରମୁଖ କେତେକ କ୍ଷେତ୍ର ଉପରେ ନଜର ପକାଇଲେ ଦେଖାଯିବ, କିପରି ଏହି ଗ୍ୟାଲେରି ଚିନ୍ତା ସମସ୍ତଙ୍କୁ ଘାଇଲା କରିଛି ।

କ୍ରିକେଟ ପରି ନାଟକ ଏକ ମନୋରଞ୍ଜନଧର୍ମୀ କଳା । କିନ୍ତୁ ବେଳେ ବେଳେ ଦର୍ଶକମାନଙ୍କ ପାଖରୁ ଆବଶ୍ୟକତାଠୁ ଅଧିକ କରତାଳି ସଂଗ୍ରହ କରିବାକୁ ଯାଇ ଅଭିନେତାଟିଏ ଲିଖିତ ନାଟକର ମୂଳ ସଂଳାପଠୁ ହଟିଯାଇ ଏମିତି କିଛି ସଂଳାପ, ଭାବଭଙ୍ଗୀ ପ୍ରଦର୍ଶନ କରେ ଯାହା ତାକୁ ଉଚ୍ଛ୍ୱସିତ ପ୍ରଶଂସା ଓ 'ଗ୍ୟାଲେରି' ଭାଙ୍ଗି ପଡ଼ିଲା ଭଳି କରତାଳି ସାଉଁଟିବାରେ ସାହାଯ୍ୟ କରେ । ଅବଶ୍ୟ ଏହାର ଶିକାର ସାଜନ୍ତି ସାଥୀ କଳାକାରମାନେ, ଯେଉଁମାନେ ନିଜ ସଂଳାପ ଠିକ୍‌ଭାବେ କହିପାରନ୍ତି ନାହିଁ ଏବଂ ଏହାଠୁ ବଳି ଶିକାର ହୋଇ ନୀରବରେ ଅଶ୍ରୁପାତ କରନ୍ତି ସେ ନାଟକର ଲେଖକଟିଏ । କାରଣ କରତାଳି ସଂଗ୍ରହ କରିବାକୁ ଯାଇ ତାଙ୍କ ନାଟକ ସାମୟିକ ବଳାତ୍କାରର ଶରବ୍ୟ ହୁଏ । ଗୀତ ରଚନା ଓ ଗାଇବା କ୍ଷେତ୍ରରେ ବେଳେବେଳେ ଏହି 'ଗ୍ୟାଲେରି ଦୃଷ୍ଟି' ଗୀତ ଲେଖକ ଓ ଗାୟକମାନଙ୍କୁ ପଥଚ୍ୟୁତ କରେ । ଶ୍ରୋତାଙ୍କ ମନୋରଞ୍ଜନ ପାଇଁ ଶସ୍ତା ଗୀତ ଲେଖି ବା ଗାଇ ସେମାନେ ବେଶ୍ ଦୁଇପଇସା କମେଇ ପାରନ୍ତି କିନ୍ତୁ ନିଜର ଗୁଣବତ୍ତା, ପ୍ରତିଭା ପ୍ରତି ଅନ୍ୟାୟ କରି ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଭାବରେ ସେମାନେ ଦୁଃଖିତ ହେବା ସହ ସମାଜକୁ ଅପସଂସ୍କୃତି ଭିତରକୁ ଠେଲିଦେବାର ଅପଯଶ ମୁଣ୍ଡାନ୍ତି । ପ୍ରଚଣ୍ଡ ପ୍ରତିଭାଧର ଅକ୍ଷୟ ମହାନ୍ତିଙ୍କ ବାବଦରେ ସେମିତି କିଛି ଅପବାଦ ଶୁଣିବାକୁ ମିଳେ ।

କ୍ରିକେଟ ପରି ରାଜନୀତିର ପାଞ୍ଚବର୍ଷିଆ ମ୍ୟାଚ୍‌ରେ ଭୋଟର ଗ୍ୟାଲେରି ଉପରେ ସମସ୍ତଙ୍କ ଆଖି । ଏକ ସୀମିତ ଓଭର ଲଢ଼େଇ– ପାଞ୍ଚବର୍ଷ– ହୋଇଥିବାରୁ ରାଜ୍ୟ ବା ରାଷ୍ଟ୍ରର ଦୀର୍ଘମିଆଦୀ ସ୍ୱାର୍ଥ ଅପେକ୍ଷା ଭୋଟଦାତାଙ୍କ ମନ ମୋହନକାରୀ ଚଉକା ଓ ଛକା ବର୍ଷଣର ଔଚିତ୍ୟ ଓ ଅନୌଚିତ୍ୟ କେହି ଦେଖନ୍ତି ନାହିଁ । ବରଂ କେତେ ଆକର୍ଷଣୀୟ ଛକା ମାରି ବିପକ୍ଷ ଶିବିରରେ ଆତଙ୍କ ଖେଳେଇହେବ ତାହା ହିଁ ପ୍ରମୁଖ ଚିନ୍ତା । ରାଷ୍ଟ୍ରନୀତିଜ୍ଞ, ଅର୍ଥନୀତିଜ୍ଞ, କଳା ଓ ସଂସ୍କୃତିରକ୍ଷକମାନଙ୍କୁ ପୁରୁଣାକାଳିଆ ଛଅଦିନିଆ ଟେଷ୍ଟମ୍ୟାଚ୍‌ର ପ୍ରଶିକ୍ଷକ ହିସାବରେ ଦେଖାଯାଏ ଏବଂ ସେମାନଙ୍କ ଚେତାବନୀକୁ ନିର୍ବାଚନର ବିଜୟ ମାଧ୍ୟମରେ ସୀମା ସେପାରିକୁ ପଠେଇ ଦିଆଯାଏ । ଏ ଖେଳରେ ଚୌକା–ଛକା ଜୋତା, ଛତା, କମ୍ବଳ, ମୋବାଇଲ ଫୋନ, ଗାଈ, ଟିଭି ସେଟ୍, ମଙ୍ଗଳସୂତ୍ର, ଋଣଛାଡ଼ ନାମରେ ବର୍ଷେ । ୫ ବର୍ଷ ପରେ ରାଜ୍ୟ ବା ରାଷ୍ଟ୍ରର ଅବସ୍ଥା କ'ଣ ହେବ, ଏମାନେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଅନ୍ୟ ରାଜ୍ୟ ବା ରାଷ୍ଟ୍ର ସହ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହେବେ କି ନାହିଁ, ତାହାକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ରାଜ୍ୟ ବା ରାଷ୍ଟ୍ରର ତଥାକଥିତ ହିତ ପାଇଁ ନିଆଯାଉଥିବା ମୂଳତଃ ଏହି ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକ ଖାଲି ନିର୍ବାଚନ ପୂର୍ବରୁ ଦେଖିବାକୁ ମିଳେନାହିଁ । ପ୍ରତ୍ୟେକ ନାଗରିକଙ୍କୁ ୩୬୫ ଦିନିଆ ଭୋଟଦାତା କରି ରଖିବା ପାଇଁ 'ଯୁଦ୍ଧ' ଅପେକ୍ଷା 'ଶାନ୍ତି' ସମୟରେ ମଧ୍ୟ କମ୍ କସରତ କରାଯାଏ ନାହିଁ । ଲୋକଙ୍କୁ ମନୋରଞ୍ଜନ ଚର୍ଚ୍ଚାର ଖୋରାକ ଯୋଗାଇବା ପାଇଁ ଅଣନିର୍ବାଚନୀ ଋତୁ ବା ଦିନଗୁଡ଼ିକରେ ଭାଷଣବାଜି, ବୟାନବାଜି ଜାରି ରଖି ରାଜନୈତିକ ତାୱାକୁ ସବୁବେଳେ ଗରମ ରଖାଯାଏ । ସୌଭାଗ୍ୟକୁ ପୂର୍ବର ଗୋଟିଏ ଦୂରଦର୍ଶନ ବା ଆକାଶବାଣୀ କେନ୍ଦ୍ର ବା ଗୋଟିଏ ଦୁଇଟି ଖବରକାଗଜ ସ୍ଥାନରେ ଆଜି ଶହ ଶହ ଘରୋଇ ଚ୍ୟାନେଲ ଓ ସମ୍ବାଦପତ୍ର । ତେଣୁ ତାୱା ଗରମ ପାଇଁ ପରିସରର ଅଭାବ ନାହିଁ । ଛତା, ଜୋତା ବାଣ୍ଟିଲା ଭଳି ଆଜି ରାଜନେତାମାନଙ୍କ ଭାଷଣର ବ୍ୟାକରଣ, ଶୈଳୀ ସବୁ ବଦଳିଯାଇଛି । ଗ୍ୟାଲେରିଧର୍ମୀ ରାଜନୀତିକୁ ଆହୁରି ଆକର୍ଷଣୀୟ ଓ ରଙ୍ଗିନ କରିବା ପାଇଁ ସବୁ ଦଳରେ ପୁଳାପୁଳା ଅଭିନେତା ଓ ଅଭିନେତ୍ରୀ । ଆଗାମୀ ୫୦ବର୍ଷ ଭିତରେ ରାଜ୍ୟ ବା ରାଷ୍ଟ୍ରକୁ ନେଇ ଆପଣଙ୍କ ସ୍ୱପ୍ନ କ'ଣ ଜାଣିବା ପରିବର୍ତ୍ତେ ଦର୍ଶକ–ଭୋଟର ଚାହାନ୍ତି କୌଣସି ଦମ୍‌ଦାର ଫିଲ୍ମର ଜବରଦସ୍ତ 'ଡାଏଲଗ୍'ର ଆବୃତ୍ତି । ଏ ପ୍ରକାର ମନୋଭାବାପନ୍ନ ରାଜନୀତିରେ ବଲ୍ ଦର୍ଶକ ଗ୍ୟାଲେରିରେ ପଡ଼ିବା ଥୟ, ଦଳ (ରାଜ୍ୟ ବା ରାଷ୍ଟ୍ର) ହାରୁ କି ଜିତୁ !

ଏବେ ସାମାଜିକ ଗଣମାଧ୍ୟମ କରତାଳି ସଂଗ୍ରହର ନୂଆରାସ୍ତା ଫିଟେଇଛି । ଫେସ୍‌ବୁକ୍ ପରି କୌଣସି ସାମାଜିକ ଗଣମାଧ୍ୟମରେ କିଛି ଲୋକ ନିଜର ଚିନ୍ତନଟି ଛାଡ଼ି କେତେଜଣ ବୃଦ୍ଧାଙ୍ଗୁଷ୍ଠି ଟେକିଲେ ଅବା 'ଲାଇକ୍' କଲେ ତାକୁ ଦିନସାରା ଗଣୁଛନ୍ତି । ଆଉ ଥୋକେ ସେ ପ୍ରକାର ବଡ଼ଲୋକଙ୍କ ପାଇଁ ବୁଢ଼ା ଆଙ୍ଗୁଳି ଟେକିଥିବାରୁ ପ୍ରତିଫଳିତ ଗୌରବରେ ଉଲ୍ଲସିତ ହୋଇ ନିଜ ପରିବାରବର୍ଗଙ୍କୁ ମଧ୍ୟ 'ପ୍ରତିଫଳିତ' କରାନ୍ତି । ଏହା ଆଜିର ଯୁଗଧର୍ମ । ଏହାକୁ ରୋକିହେବ ନାହିଁ, ଏହା କୌଣସି ଖରାପ କଥା ବି ନୁହେଁ । ତେବେ ଏଥିରେ ଏକ ସୂକ୍ଷ୍ମ ବିପଦ ଅଛି । ପ୍ରଖ୍ୟାତ ଇଂଲିଶ୍ ଉପନ୍ୟାସ 'ଆନିମଲ ଫାର୍ମ'ର ପଶୁପକ୍ଷୀମାନେ ମଣିଷ ବିଷୟରେ ଯେଉଁ ଅଭିଯୋଗ କରନ୍ତି, ଭାରତୀୟମାନଙ୍କ ବିରୋଧରେ ସମାନ ଅଭିଯୋଗ ଆଣନ୍ତି ଜାତୀୟ ତଥା ଅନ୍ତର୍ଜାତୀୟ ଚିନ୍ତାନାୟକମାନେ । ପଶୁପକ୍ଷୀଙ୍କ ଅଭିଯୋଗ, 'ଆମେ କ୍ଷୀର ଦେଉ, ଅଣ୍ଡା ଦେଉ, ମଣିଷ ତାକୁ ଖାଏ ବା ପିଏ । ଅର୍ଥାତ୍ ଆମେ ଉତ୍ପାଦକ, ସେମାନେ ଗ୍ରାହକ ।' ଭାରତୀୟଙ୍କ ସମ୍ବନ୍ଧରେ ଅଭିଯୋଗ, 'ଏମାନେ ମୋବାଇଲ ଫୋନ ବ୍ୟବହାର କରନ୍ତି, ତିଆରି କରନ୍ତି ନାହିଁ ।' ସାମାଜିକ ଗଣମାଧ୍ୟମରେ କାହାରି ଚିନ୍ତନକୁ ତାରିଫ କରିବାରେ ଅସୁବିଧା ନାହିଁ କିନ୍ତୁ ସେହି ତାରିଫ ଭିତରେ ନିଜର ଅନୁଗାମୀପଣକୁ ସୀମିତ ନ ରଖି ସମସ୍ତେ ଅଳ୍ପବହୁତେ ଯଦି ସର୍ଜନଶୀଳ ହୁଅନ୍ତେ ତା'ହେଲେ ଆମେ ଖାଲି ତାଳି ମାରନ୍ତୁ ନାହିଁ ଆମର ପିଠି ମଧ୍ୟ କେହି ଥାପୁଡ଼େଇ ପାରନ୍ତେ ।

କ୍ରିକେଟ ହେଉ ଅବା କଳା, ରାଜନୀତି ହେଉ ଅବା ଗଣମାଧ୍ୟମ– ନିଃସ୍ୱାର୍ଥପର ଭାବରେ, ନିରହଂକାର ଭାବରେ କାମ କରୁ କରୁ ଯଦି କେଉଁଠୁ କେମିତି କରତାଳିଟିଏ ମିଳିଗଲା ତାହା ଏକ ବୋନସ, ଏକ ଅପ୍ରତ୍ୟାଶିତ ପାରିଶ୍ରମିକ । ସେ ପ୍ରକାର ପ୍ରଶଂସା ଏକ ପ୍ରେରଣା । କିନ୍ତୁ ବ୍ୟକ୍ତିଗତ, ସାମାଜିକ ଏବଂ ଜାତୀୟ ଦୀର୍ଘମିଆଦୀ ସ୍ୱାର୍ଥକୁ ବଳିଦେଇ ଗ୍ୟାଲେରିକୁ ବଲ ପଠାଇବା ନ୍ୟାୟରେ କୌଣସି ସୂକ୍ଷ୍ମ ବା ସ୍ଥୂଳ ସ୍ତରରେ ଆତ୍ମହତ୍ୟାକାରୀ ପଦକ୍ଷେପ ସମାଜ ପାଇଁ ଗ୍ରହଣୀୟ ନୁହେଁ ।

ମୋ. : ୯୪୩୭୩ ୭୬୨୧୯,
subashbls56@gmail.com

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 4 | | C | | | | 7 | E | 2 | | | | | |
| | A | | | 9 | | | | B | | | 0 | 7 | | |
| | | E | 5 | B | | | 4 | 0 | 7 | | | | 8 | 6 |
| 2 | | | 6 | | | 8 | D | | | | 5 | C | 1 | 4 |
| | | 7 | | | | | | | | 8 | | | | |
| 5 | | 6 | E | | A | | | 1 | | | | | | |
| | | | | | | | 6 | | | 7 | B | | | |
| | 2 | | | | 1 | | | | | | | 8 | | D |
| 8 | | A | B | | | D | | C | 4 | | | | | 5 |
| | 7 | 1 | D | 8 | 6 | | | 5 | 9 | 3 | | 2 | | A |
| | | | | 4 | | B | 5 | | | D | | | | 2 |
| | 9 | | | | C | 6 | 8 | | A | | | | D | |
| | B | 4 | 8 | | | | 1 | | | | | 5 | | |
| | 5 | C | | A | | 4 | | | | | | | | 0 |
| 1 | | | 2 | 0 | 3 | | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 5 | 4 | B | 9 | 8 | E | 1 | 2 | D | C | 3 | 7 | A | 6 |
| 8 | 2 | B | C | D | 5 | 3 | 9 | A | 7 | 6 | 4 | E | 1 | 0 |
| C | D | A | 0 | 6 | 1 | 7 | 4 | 5 | E | B | 2 | 8 | 9 | 3 |
| 7 | 1 | 9 | E | 3 | 4 | 6 | D | 0 | 8 | 5 | A | B | C | 2 |
| 6 | 3 | E | A | 2 | 7 | 8 | C | B | 1 | 0 | 9 | D | 4 | 5 |
| A | 7 | 5 | 3 | 1 | D | 2 | B | C | 9 | 8 | 6 | 4 | 0 | E |
| 2 | 0 | 3 | 7 | 4 | A | D | 8 | 1 | C | E | 5 | 6 | B | 9 |
| B | 6 | 8 | 2 | C | 9 | 4 | A | E | 0 | D | 1 | 5 | 3 | 7 |
| 9 | 4 | D | 5 | E | 6 | 0 | 7 | 3 | A | 2 | B | C | 8 | 1 |
| 1 | E | C | 8 | 0 | B | 9 | 5 | 6 | 3 | 4 | 7 | A | 2 | D |
| E | 8 | 7 | 4 | A | C | 5 | 2 | 9 | 6 | 3 | 0 | 1 | D | B |
| 3 | A | 6 | D | B | 0 | 1 | E | 4 | 2 | 7 | C | 9 | 5 | 8 |
| D | 9 | 0 | 1 | 5 | 3 | C | 6 | 8 | B | A | E | 2 | 7 | 4 |
| 4 | C | 1 | 6 | 8 | 2 | B | 0 | 7 | 5 | 9 | D | 3 | E | A |
| 5 | B | 2 | 9 | 7 | E | A | 3 | D | 4 | 1 | 8 | 0 | 6 | C |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରେଣୀପରୀକ୍ଷା ଢିଲା ନ ହେଉ

ମହାଶୟ,

ପ୍ରତ୍ୟେକ ବିଦ୍ୟାଳୟରେ ଶ୍ରେଣୀ ପରୀକ୍ଷା ହେଉଛି । ଉକ୍ତ ପରୀକ୍ଷାଗୁଡ଼ିକ କଡ଼ାକଡ଼ି ହେଉନାହିଁ । ଏହି ପରୀକ୍ଷାଗୁଡିକ ଯଦି ଢିଲା ହେବ, ତେବେ ପରବର୍ତ୍ତୀ ବୋର୍ଡ ପରୀକ୍ଷାରେ ପିଲାମାନେ ଶୃଙ୍ଖଳିତ ହେବେ କିପରି ? ତେଣୁ ପ୍ରତ୍ୟେକ ସ୍କୁଲକୁ ଶିକ୍ଷା ଦପ୍ତରରୁ ଏକ ସୂଚକ ବା ବିଜ୍ଞପ୍ତି ପ୍ରକାଶ କରି ଶୃଙ୍ଖଳିତ ପରୀକ୍ଷା ପାଇଁ ବ୍ୟବସ୍ଥା କରାଯାଉ । ତାହା ଠିକ୍ ଅନୁପାଳିତ ହେଉଛି କି ନାହିଁ ଜିଲାର ବିଇଓ କିମ୍ବା ଡିଇଓ ତଦାରଖ କରନ୍ତୁ ।

ମନୋରମା ଛାଟୋଇ, ମହୁରା, ପୁରୀ

### ସିଟି ବସ୍ ସେବା

ଗତ ନଭେମ୍ବର ୬ତାରିଖରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଭୁବନେଶ୍ୱର ମେୟର ଏବଂ ସ୍ଥାନୀୟ କର୍ପୋରେଟରମାନଙ୍କ ଉପସ୍ଥିତିରେ ଦୁର୍ଗାମଣ୍ଡପଠାରେ ମୋ ବସ୍ ସେବା ଲୋକାର୍ପିତ କରିଥିଲେ, ଯେଉଁଥିରେ ଆମ୍ଭମାନଙ୍କର ବହୁ ପ୍ରତୀକ୍ଷିତ ଦାବିକୁ ଉପେକ୍ଷା କରାଯାଇଛି । ମନ୍ତ୍ରୀ ଓ ମେୟର ଉଭୟ ଏଥିପ୍ରତି ଧ୍ୟାନ ଦେଇ ରୁଟ୍ ଚାର୍ଟ ଯଥା ଡୁମ୍‌ଡୁମା ପାଲାମଣ୍ଡପ, ଚତୁର୍ଥ ପର୍ଯ୍ୟାୟ ରାମନ୍ଦିର, କମ୍ପୋପଲିସ ଦେଇ ୬ ନମ୍ବର ମେଡିକାଲ, ଷ୍ଟେଶନ ଯିବ ବୋଲି ଆଶ୍ୱାସନା ଦେଇଥିଲେ । ସୁତରାଂ ଆବଶ୍ୟକତା ଦୃଷ୍ଟିରୁ ଉକ୍ତ ରୁଟ୍‌ରେ ତୁରନ୍ତ ମୋ ବସ ସେବା ଯୋଗାଇଦେବା ପାଇଁ ଏ ଅଞ୍ଚଳର ଜନସାଧାରଣ ଓ ବିଭିନ୍ନ ସଙ୍ଗଠନ ତରଫରୁ ଦାବି ହେଉଛି । ଫଳରେ ବରିଷ୍ଠ ନାଗରିକ, ମହିଳା, ଛାତ୍ରୀଛାତ୍ର, ବିଭିନ୍ନ ଦପ୍ତରର କର୍ମଚାରୀ ତଥା ବ୍ୟବସାୟୀମାନେ ଉପକୃତ ହେବା ସଙ୍ଗେ ସଙ୍ଗେ ଓଡ଼ିଶା ସରକାରଙ୍କର ରାଜସ୍ୱ ବଢ଼ିବ ।

ବିଶ୍ୱନାଥ ଜେନା, ବରିଷ୍ଠ ନାଗରିକ, ଏଲଆଇଭି–୨୭୪, ଚତୁର୍ଥ ପର୍ଯ୍ୟାୟ, ଡୁମ୍‌ଡୁମା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୨୦ ଡିସେମ୍ବର ୧୯୯୩

- କଲମ୍ବିଆର ଉତ୍ତର ପଶ୍ଚିମାଞ୍ଚଳସ୍ଥିତ ଏକ ସହର ମଧ୍ୟକୁ କାଦୁଅ ଅତଡା ମାଡିଯିବା ଫଳରେ ୬୦ ଜଣ ଲୋକଙ୍କ ମୃତ୍ୟୁ ।
- କାଏରୋର ମୋକ୍ୱାଟାମ ପର୍ବତମାଳାରୁ ଖସି ପଡ଼ିଥିବା ଏକ ତିନି ହଜାର ଟନବିଶିଷ୍ଟ ଶିଳାଖଣ୍ଡରେ ଚାପି ହୋଇ ୪୨ ଜଣଙ୍କ ମୃତ୍ୟୁ ।

## ସଂକ୍ଷେପରେ

### ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନବଜାତକ ମୃତଦେହ

ବଇଣ୍ଡା, ୧୯।୧୨(ଡି.ଏନ.ଏ.)- କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ ରାସ୍ତାରେ ବୁଧବାର ସକାଳୁ ଏକ ନବଜାତ ଶିଶୁର ମୃତଦେହ ପଡିଥିବା ଦେଖିବାକୁ ମିଳିଛି। ସକାଳୁ ଖବର ଲେଖା ହେବା ସୁଦ୍ଧା ସେଠାରେ ମୃତଦେହ ପଡିରହିଥିବା ଜଣାପଡିଛି। ବଇଣ୍ଡା ଫାଣ୍ଡିଠାରୁ ଶହେ ମିଟର ଦୂରରେ ମୃତ ନବଜାତକ ପଡିରହିଥିଲେ ମଧ୍ୟ ପୋଲିସ ପକ୍ଷରୁ ଏହାକୁ ଉଠାଯାଇ ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ମୃତଦେହକୁ କୁକୁର ଘୋଷାଡି ନେଉଥିବା ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ହଣ୍ଡପା ଥାନା ଆଇଆଇସି ଡାନିଏଲ କେରକେଟା କୁହନ୍ତି, ଏ ନେଇ ସୂଚନା ନାହିଁ। ତୁରନ୍ତ ପଦକ୍ଷେପ ନିଆଯିବ।

### ପୂର୍ବତନ ବିଧାୟକଙ୍କ ବିୟୋଗରେ ସ୍ମୃତିସଭା

ବଇଣ୍ଡା, ୧୯।୧୨(ଡି.ଏନ.ଏ.)- ଆଠମଲ୍ଲିକର ପୂର୍ବତନ ବିଧାୟକ ରାଜକିଶୋର ପ୍ରଧାନଙ୍କ ବିୟୋଗରେ ବୁଧବାର ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ପାଇକସାହିସ୍ଥିତ ତାଙ୍କ ବାସଭବନରେ ଏକାଦଶାହ ଅବସରରେ ଅନୁଷ୍ଠିତ ଏହି ସଭାରେ ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ, ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ, ଭାଜପା ଜିଲା ସଭାପତି ଭାଗୀରଥି ପ୍ରଧାନ, କିଶୋରନଗର ବ୍ଲକ ଅଧ୍ୟକ୍ଷା ବବିତା ପ୍ରଧାନ, ଭାଜପା ନେତା ପ୍ରତାପ ଚନ୍ଦ୍ର ପ୍ରଧାନ, ତାମଡା ଅଧ୍ୟକ୍ଷ ଶକ୍ତିପ୍ରସାଦ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ କର୍ଣ୍ଣ, ଆଠମଲ୍ଲିକ ବ୍ଲକ ବିଜେଡି ସଭାପତି ମହେଶ୍ୱରୀ ଦେହୁରୀ, ଆଇନଜୀବୀ ଅସିତ ରଞ୍ଜନ ଦେଓ, ଅଞ୍ଜନ କୁମାର ପ୍ରଧାନଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ, ଅବସରପ୍ରାପ୍ତ ଶିକ୍ଷକମାନେ ଯୋଗ ଦେଇ ତାଙ୍କ ଆତ୍ମାର ସଦ୍‌ଗତି ପ୍ରାର୍ଥନା କରିଥିଲେ।

### ଧାନ ନଷ୍ଟ କଲେ ହାତୀପଲ ବିଟ୍ ହାଉସ୍‌ରେ ତାଲା

ବନ୍ତଲା, ୧୯।୧୨(ଡି.ଏନ.ଏ.)- ଅନୁଗୋଳ ଜିଲା ବନ୍ତଲା ରେଞ୍ଜ କଣ୍ଟମେଘ ଗ୍ରାମରେ ମଙ୍ଗଳବାର ରାତିରେ ହାତୀପଲ ଉପଦ୍ରବ କରିବା ସହ ବ୍ୟାପକ ଧାନ ଓ ପନିପରିବା ଫସଲ ନଷ୍ଟ କରିଛନ୍ତି। ଖବରପାଇ ବନ ବିଭାଗ ଅଧିକାରୀ ଗ୍ରାମକୁ ନ ଆସିବାରୁ ଉତ୍ତେଜିତ ହୋଇ କ୍ଷତିଗ୍ରସ୍ତ ଚାଷୀଙ୍କ ସମେତ ସ୍ଥାନୀୟ ଲୋକେ କଣ୍ଟମେଘ ବିଟ୍ ହାଉସ୍‌ରେ ତାଲା ପକାଇ ଦେଇଛନ୍ତି। ଗ୍ରାମର ଈଶ୍ୱର ଚନ୍ଦ୍ର ଦେହୁରୀ, ସାରଙ୍ଗଧର ପ୍ରଧାନ, ସୁବର୍ଣ୍ଣ ସାହୁ, ପ୍ରସନ୍ନ ସାହୁ, ଉପେନ୍ଦ୍ର ସାହୁ, ସୁବାସ ସାହୁଙ୍କ ସମେତ ୨୫ରୁ ଉର୍ଦ୍ଧ୍ୱ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ତୁରନ୍ତ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହୋଇଛି।

### ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ

ଅନୁଗୋଳ ଅଫିସ, ୧୯।୧୨- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ଅଚିହ୍ନା ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ଗତ ୩ ତାରିଖରେ ସମ୍ପୃକ୍ତା ମହିଳାଙ୍କୁ ବସ୍‌ଷ୍ଟାଣ୍ଡରୁ ଉଦ୍ଧାର କରାଯାଇ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

■ବିଦ୍ୟାଳୟ, ମହାବିଦ୍ୟାଳୟରେ ପ୍ରତିଷ୍ଠା ହେବ ସାକ୍ଷରତା କ୍ଲବ

# ପ୍ରତି ବୁଥ୍ ଭୋଟର ପାଠଶାଳା

ଅନୁଗୋଳ ଅଫିସ, ୧୯।୧୨



ଭୋଟର ତାଲିକାରେ ନାମ ପଞ୍ଜୀକରଣ ଓ ମତଦାନର ସମସ୍ତ ପ୍ରକ୍ରିୟା ସମ୍ପର୍କରେ ମତଦାତାମାନଙ୍କୁ ସଚେତନ କରିବା ପାଇଁ ପ୍ରତି ବିଦ୍ୟାଳୟରେ ପ୍ରତିଷ୍ଠା ହେବ ସାକ୍ଷରତା କ୍ଲବ। ଜିଲାରେ ଥିବା ୨୪୮ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହି ଭୋଟର ସାକ୍ଷରତା କ୍ଲବ ପ୍ରତିଷ୍ଠା ପାଇଁ ବୁଧବାର ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଟଗ୍ରହଣ କାର୍ଯ୍ୟରେ ଯୁବ ମତଦାତା (୧୮ ବର୍ଷରୁ ଉର୍ଦ୍ଧ୍ୱ) ମାନେ କିପରି ଅଧିକ ସଂଖ୍ୟାରେ ଯୋଗଦାନ କରିବେ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ୧୧୬୩ଟି ଭୋଟଗ୍ରହଣ କେନ୍ଦ୍ରରେ ପରିଚାଳିତ ହେବ ଭୋଟର ପାଠଶାଳା। ଅଧାରୁ ପାଠ ଛାଡୁଥିବା ୧୭ରୁ ୧୮ ବର୍ଷରୁ ଉର୍ଦ୍ଧ୍ୱ ଭୋଟରମାନଙ୍କୁ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଗଠିତ ବୁଥ୍‌ସ୍ତରୀୟ ସଚେତନତା ଦଳ ଭୋଟ ଦାନ ପ୍ରକ୍ରିୟା ସମ୍ପର୍କରେ ସଚେତନ କରିବା ସହ ମତଦାନ କିପରି ସେମାନଙ୍କ ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରୁଛି ସେ ସମ୍ପର୍କରେ ଅବଗତ କରିବେ। ପ୍ରତ୍ୟେକ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ପ୍ରତିଷ୍ଠା ହେବ ଭୋଟର ସଚେତନତା ଫୋରମ୍। ବିଭାଗୀୟ ଅଧିକାରୀମାନେ ଏହାର ନୋଡାଲ ଅଫିସର ଭାବେ କାର୍ଯ୍ୟ କରିବେ। ଜିଲାର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ୪୬ଟି ମତଦାତା ସାକ୍ଷରତା କ୍ଲବ ପ୍ରତିଷ୍ଠା ହୋଇଛି। ଅବଶିଷ୍ଟ ଶିକ୍ଷାନୁଷ୍ଠାନଗୁଡ଼ିକରେ ତୁରନ୍ତ ଏହା ପ୍ରତିଷ୍ଠା କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ଭିନ୍ନକ୍ଷମମାନଙ୍କ ପାଇଁ ମତଦାନ ସମ୍ପର୍କରେ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମ ଓ ଭୋଟ ଗ୍ରହଣ କେନ୍ଦ୍ର ଗୁଡ଼ିକରେ ର୍‍ୟାମ୍ପ ପ୍ରତିଷ୍ଠା କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ଡେରେଙ୍ଗ ଗ୍ରାମବାସୀଙ୍କ ଧାରଣା ଜାରି

## ପୋଲିସ ଉପସ୍ଥିତିରେ ଆଶ୍‌ପଣ୍ଡ କାର୍ଯ୍ୟ ଆରମ୍ଭ

କଣିହାଁ, ୧୯।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁ ବ୍ଲକ ଡେରେଙ୍ଗ ଗ୍ରାମ ମଝିସାହିବାସିନ୍ଦାଙ୍କ ଆନ୍ଦୋଳନ ଯୋଗୁ ୮ ଦିନ ବନ୍ଦ ଥିବା ଏନ୍‌ଟିପିସି ଆଶ୍‌ପଣ୍ଡ କାମ ବୁଧବାର ପୋଲିସ ଫୋର୍ସ ଉପସ୍ଥିତିରେ ଆରମ୍ଭ ହୋଇଛି। ପ୍ରଶାସନସ୍ତରରେ ଆଲୋଚନା ବିଫଳ ହେବାରୁ ପୋଲିସ ସହଯୋଗରେ କାମ ଆରମ୍ଭ କରାଯାଇଛି। ୪୧ ଆନ୍ଦୋଳନକାରୀଙ୍କ ନାମରେ ୧୦୭ ମାମଲା ରୁଜୁ ହୋଇଥିବା ବେଳେ ଆଶ୍‌ପଣ୍ଡ ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟ ଚାଲୁ କରିବା ପାଇଁ ମଙ୍ଗଳବାର ଆନ୍ଦୋଳନ ସ୍ଥଳରେ ୧୪୪ ଧାରା ଜାରି କରାଯାଇଥିଲା। ବୁଧବାର ପୋଲିସ ଫୋର୍ସ, ପ୍ରଶାସନିକ ଅଧିକାରୀ ଓ ଏନ୍‌ଟିପିସି କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ କାମ ଆରମ୍ଭ ହୋଇଛି। ଡେରେଙ୍ଗ ଗ୍ରାମ କମିଟି ସଭାପତି ବୁଦ୍ଧଦେବ ସାହୁ କହିଛନ୍ତି, ନ୍ୟାୟ ପାଇଁ ଧାରଣା ଜାରି ରହିଛି। ଆଶ୍‌ପଣ୍ଡ କାର୍ଯ୍ୟରେ ଆନ୍ଦୋଳନକାରୀ ବାଧା ସୃଷ୍ଟି କରିନାହାନ୍ତି। ଆର୍‌ପିଡିଏସି ବୈଠକ ପର୍ଯ୍ୟନ୍ତ ଧାରଣା ଚାଲିବ।

# ଭିନ୍ନକ୍ଷମଙ୍କ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ

ଅନୁଗୋଳ ଅଫିସ, ୧୯।୧୨

ଭିନ୍ନକ୍ଷମମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନାର ଠିକ୍ କାର୍ଯ୍ୟକାରିତା ନିମନ୍ତେ ବୁଧବାର ଜିଲାପାଳ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ମାସରେ ବୈଠକ ଡାକି କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା ସହ ଚିହ୍ନଟୀକରଣ ଓ ପ୍ରମାଣପତ୍ର ପ୍ରଦାନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଭିନ୍ନକ୍ଷମଙ୍କୁ ୩ ପ୍ରତିଶତ ସୁଧରେ ପ୍ରଦାନ କରାଯାଉଥିବା ଡିଆରଆଇ ଋଣ ଓ ଜୀବନ ଜୀବିକା ନିର୍ବାହ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କାର୍ଯ୍ୟକାରୀ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ କହିଥିଲେ। ଭିନ୍ନକ୍ଷମମାନଙ୍କୁ ଆର୍ଥିକ ସ୍ତରରେ ଉନ୍ନତ କରିବା ପାଇଁ ସେମାନଙ୍କୁ ବିଭିନ୍ନ ଧନ୍ଦାମୂଳକ କାର୍ଯ୍ୟରେ ନିୟୋଜିତ କରି ସହାୟତା ପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ସେମାନଙ୍କୁ ବସ୍ ଓ ରେଲୱେ ପାସ ପ୍ରଦାନ, ବାଣିଶ୍ରୀ ସହାୟତା, ପୋଷ୍ଟ ମାଟ୍ରିକ୍ ସ୍କଲାରଶିପ୍, ଭତ୍ତା ଓ ବିଜୁ ପକ୍କାଘର ଆଦି ପ୍ରଦାନ ସହ ଭିନ୍ନକ୍ଷମ ବିବାହ ପ୍ରୋତ୍ସାହନ ରାଶି ଠିକ୍ ସମୟରେ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରୁ ୩୨ ଜଣ ଭିନ୍ନକ୍ଷମଙ୍କୁ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଧନ୍ଦାମୂଳକ ଥଇଥାନ କେନ୍ଦ୍ରକୁ ତାଲିମ ପାଇଁ ପଠାଯିବ ବୋଲି ସ୍ଥିର ହୋଇଥିଲା। ବିଜୁପକ୍କା ଘର ଯୋଜନା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସେମାନଙ୍କୁ ସାମିଲ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ମିଶନ ଶକ୍ତି ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା ୩୪ ଭିନ୍ନକ୍ଷମ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଚୟନ କରାଯାଇଛି। ଗ୍ରେଡେଶନ୍ ପରେ ସେମାନଙ୍କୁ ସହାୟତା ରାଶି ପ୍ରଦାନ କରାଯିବ। ଭିନ୍ନକ୍ଷମମାନଙ୍କୁ ବିଭିନ୍ନ ସହାୟତା ଉପକରଣ କ୍ୟାମ୍ପ ଜରିଆରେ ନିୟମିତ ପ୍ରଦାନ ଉପରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଗୁରୁତ୍ୱାରୋପ କରିଥିଲେ। ଦୃଷ୍ଟିଶକ୍ତିହୀନ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ବ୍ରେଲିର ସ୍ୱତନ୍ତ୍ର ଲ୍ୟାପଟପ୍ ପ୍ରଦାନ କରାଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ଼ କହିଥିଲେ। ଏହି ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

■ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ପୂରଣ ହେବ

# ରାଜ୍ୟପାଳଙ୍କୁ ସୁପାରିସ କଲା ଚୟନ କମିଟି

ଭୁବନେଶ୍ୱର, ୧୯।୧୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆରସି) ଅଧ୍ୟକ୍ଷ ଏବଂ ସଦସ୍ୟ ପଦବୀ ଖାଲି ପଡ଼ିବା ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହେବା ପରେ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଦୀର୍ଘ ଦିନ ଧରି ଖାଲି ପଡିଥିବା ଏହି ପଦବୀ ପୂରଣ ପାଇଁ ବୁଧବାର ଚୟନ କମିଟି ବୈଠକ ବସି ରାଜ୍ୟପାଳଙ୍କୁ ସୁପାରିସ କରାଯାଇଛି। ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚୟନ କମିଟି ବୈଠକରେ ବାଚସ୍ପତି ପ୍ରଦୀପ ଅମାତ ଏବଂ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଯୋଗଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ଓଏଚ୍‌ଆର୍‌ସି ଅଧ୍ୟକ୍ଷ ପଦବୀ ପାଇଁ ହାଇକୋର୍ଟର ୨ ଜଣ ପୂର୍ବତନ ବିଚାରପତି, ସଦସ୍ୟ ପାଇଁ ୪ ପୂର୍ବତନ ବିଚାରପତି ଓ ମାନବିକ ଅଧିକାର ଜ୍ଞାନ ଥିବା ଜଣେ ଅବସରପ୍ରାପ୍ତ ଆଇଏଏସ ଅଫିସରଙ୍କ ନାମ ସୁପାରିସ କରାଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ଏହି ସୁପାରିସକୁ ଅନୁମୋଦନ କରିବା ପରେ ଖାଲି ପଦବୀଗୁଡ଼ିକ ପୂରଣ ହେବ।

ସୂଚନାଯୋଗ୍ୟ, ଓଏଚ୍‌ଆରସିରେ ଜଣେ ଅଧ୍ୟକ୍ଷ, ଦୁଇଜଣ ସଦସ୍ୟ ରହିବା ବ୍ୟବସ୍ଥା ରହିଛି। ଅଧ୍ୟକ୍ଷ ପଦବୀରୁ ପୂର୍ବତନ ବିଚାରପତି ଜଷ୍ଟିସ ଆର.କେ. ପାତ୍ର ୨୦୧୨ରେ ଅବସର ଗ୍ରହଣ କରିବା ପରେ ଏହି ପଦବୀ ଖାଲି ପଡିଛି। ତେବେ ତତ୍କାଳୀନ ସଦସ୍ୟ ତଥା ପୂର୍ବତନ ଆଇଏଏସ ଅଫିସର ଆର.ଏନ. ବହିଦାର କାମଚଳା ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ବହିଦାର ୨୦୧୩ରେ ଏହି ପଦବୀରୁ ଅବ୍ୟାହତି ନେଇଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକ ୨୦୧୫ରେ ଓଏଚଆରସିରେ ସଦସ୍ୟ ଭାବେ ଯୋଗ ଦେଇଥିଲେ। ୨୦୧୬ରେ ସେ ନିଜ ପଦବୀରୁ ଇସ୍ତଫା ଦେଇଥିଲେ। ସେବେଠାରୁ ପୂର୍ବତନ ବିଚାରପତି ଜଷ୍ଟିସ ବୀର କିଶୋର ମିଶ୍ର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ମିଶ୍ରଙ୍କ କାର୍ଯ୍ୟକାଳ ୨୦୧୮ ଅଗଷ୍ଟ ୧୫ରେ ଶେଷ ହୋଇଥିଲା। ଫଳରେ ଓଏଚ୍‌ଆର୍‌ସି ଅଧ୍ୟକ୍ଷ ଓ ସଦସ୍ୟ ଶୂନ୍ୟ ହୋଇଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ମାନବାଧିକାର କମିଶନଗୁଡିକରେ ଅଧ୍ୟକ୍ଷ ପଦବୀ ୬ ମାସରୁ ଅଧିକ ସମୟ ଖାଲି ପଡି ପାରିବ ନାହିଁ। ତେବେ ସ୍ଥାୟୀ ଅଧ୍ୟକ୍ଷ ପଦବୀ ୬ ବର୍ଷ ଧରି ଖାଲି ପଡିଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉ ନ ଥିଲେ। ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର ହେବା ପରେ କୋର୍ଟ ସରକାରଙ୍କୁ ଭର୍ତ୍ସନା କରିଥିଲେ।

## 'ବିଜେଡି ପ୍ରତିଷ୍ଠା ଦିବସରେ ତୃଣମୂଳ ସଭାକୁ ଗୁରୁତ୍ୱ'

ଭୁବନେଶ୍ୱର,୧୯।୧୨(ବ୍ୟୁରୋ)

ଆସନ୍ତା ୨୬ତାରିଖରେ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯିବ। ପୂର୍ବବର୍ଷ ଭଳି ଚଳିତ ବର୍ଷ ବଡ଼ ସମାବେଶ ହେବ ନାହିଁ। ହେଲେ ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳୀୟ କର୍ମୀ ଏବଂ ନେତାମାନଙ୍କୁ ନେଇ ପ୍ରତିଷ୍ଠା ଦିବସ ଦିନ ସଭା ଆୟୋଜନ କରାଯିବ। ଏହା ପୂର୍ବରୁ ଅର୍ଥାତ ୨୦ରୁ ୨୫ ଯାଏ ଜିଲା ପରିଷଦ ଜୋନସ୍ତରୀୟ ସଭା ଆୟୋଜନ କରାଯିବ। ସ୍ଥଳ ବିଶେଷରେ ସଂଗଠନକୁ ଦୃଷ୍ଟିରେ ରଖି ନିୟମିତ ବ୍ୟବଧାନରେ ୱାର୍ଡ କମିଟି ବୈଠକ ବସିବ। ଦଳୀୟ କାର୍ଯ୍ୟାଳୟରେ ମଧ୍ୟ କ୍ଷୁଦ୍ର ସଭାରେ ପ୍ରତିଷ୍ଠା ଦିବସ ପାଳନକୁ ସୀମିତ ରଖାଯିବ ବୋଲି ଦଳର ଜଣେ ସାଧାରଣ ସମ୍ପାଦକ କହିଛନ୍ତି। ନିର୍ବାଚନ ବର୍ଷ ହେଉଥିବାରୁ ଆଡମ୍ବର ଅପେକ୍ଷା ତୃଣମୂଳସ୍ତରୀୟ ସଭାକୁ ବିଜେଡି ଗୁରୁତ୍ୱ ଦେଉଥିବା କୁହାଯାଉଛି।

■ଢେଙ୍କାନାଳ ଶେଲ୍‌ଟର ହୋମ୍ ନିର୍ଯାତନା ମାମଲା

## ଜାମିନ ପାଇଁ ଫୟାଜ ରହମନ ହାଇକୋର୍ଟଙ୍କ ଦ୍ୱାରସ୍ଥ

କଟକ ଅଫିସ,୧୯।୧୨

ବହୁଚର୍ଚ୍ଚିତ ଢେଙ୍କାନାଳ ଗୁଡ୍ ନ୍ୟୁଜ୍ ଇଣ୍ଡିଆ ଶେଲ୍‌ଟର ହୋମ୍ ଯୌନ ନିର୍ଯାତନା ଘଟଣାର ମୁଖ୍ୟ ଅଭିଯୁକ୍ତ ଫୟାଜ୍ ରହମନ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେହିଭଳି ଉକ୍ତ ମାମଲାରେ ସମ୍ପୃକ୍ତ ଅନ୍ୟ ୧୩ ଜଣ ଅଭିଯୁକ୍ତ ମଧ୍ୟ ପୋଲିସ ଗିରଫଦାରିରୁ ବର୍ତ୍ତିବା ପାଇଁ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ସୂଚନାଥାଉକି, ଏହି ଶେଲ୍‌ଟର ହୋମ୍‌ରେ ରହୁଥିବା ଅନ୍ତେବାସୀଙ୍କୁ ଯୌନ ନିର୍ଯାତନା ଦିଆଯାଉଥିଲା। ଉକ୍ତ ଘଟଣାକୁ ନେଇ ଶେଲ୍‌ଟର ହୋମ୍‌ର ମୁଖ୍ୟ ଫୟାଜ୍ ରହମନଙ୍କୁ ପୋଲିସ ଗିରଫ କରିଥିଲା। ପୂର୍ବରୁ ନିମ୍ନ ଅଦାଲତ ଫୟାଜ୍‌ଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ।

# ଜରଡ଼ା ଗ୍ରାମବାସୀଙ୍କ ଆନ୍ଦୋଳନ ସ୍ଥଗିତ

କଣିହାଁ, ୧୯।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା ସ୍ଥିତ ଏମ୍‌ସିଏଲର କଣିହାଁ ଓସିପି କ୍ଷତିଗ୍ରସ୍ତ ଜରଡା ଗ୍ରାମବାସୀ ପୁନର୍ବସତି ଓ ଥଇଥାନ ଦାବିରେ ଚଳାଇଥିବା ଖଣି ବନ୍ଦ ଆନ୍ଦୋଳନ ବୁଧବାର ସ୍ଥଗିତ ରହିଛି। ପୋଲିସ, ପ୍ରଶାସନ, ଖଣି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ଆର୍‌ପିଡିଏସି ବୈଠକରେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ହଟିଥିବା ଜଣାପଡିଛି। ଜରଡା ଗ୍ରାମ ପରିଚାଳନା ସମ୍ପାଦକ ଭରତ ବେହେରା କହିଛନ୍ତି, ଆଲୋଚନା ଓ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନ ସ୍ଥଗିତ ରହିଛି। ଖଣି କାର୍ଯ୍ୟ ସ୍ୱାଭାବିକ ହୋଇଛି। ଦାବି ପୂରଣ ନ ହେଲେ ପୁନଃ ଆନ୍ଦୋଳନ କରାଯିବ।

(ପ୍ରଥମ ପୃଷ୍ଠାରୁ)

## ତାଳଚେର ...

ଡାକ୍ତରଖାନାରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ଏବଂ ତାଳଚେରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଦାବି ନେଇ ପରିଷଦ ନେତୃତ୍ୱରେ ଗଢା ଯାଇଥିବା ବିଭିନ୍ନ କମିଟି ସକାଳୁ ଭିନ୍ନ ଭିନ୍ନ ସ୍ଥାନରେ ଆନ୍ଦୋଳନ ଚଳାଇଥିଲେ। ବାଇପାସ୍ ଛକ ଠାରେ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଆନ୍ଦୋଳନକାରୀ ବସି ରହିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଛିଡା ହୋଇ ରହିଥିଲା। ତାଳଚେର ରେଳ ଷ୍ଟେଶନ, ବାଙ୍କଧରା ଛକ, ଡେରା ଓଭରବ୍ରିଜ ଠାରେ ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ପରିଷଦର ସଦସ୍ୟମାନେ ବୁଲି ବୁଲି ବିଭିନ୍ନ କୋଇଲା ଖଣି କାର୍ଯ୍ୟ, ସରକାରୀ ଅଫିସ, ବ୍ୟାଙ୍କ, ସ୍କୁଲ, କଲେଜ ଓ ଦୋକାନ, ବଜାର ଆଦି ବନ୍ଦ କରାଇ ଥିଲେ। ଆନ୍ଦୋଳନ ଯୋଗୁ ଏମ୍‌ସିଏଲ୍‌ର ଏଠାରେ ଥିବା ସମସ୍ତ ୭ ଗୋଟି କୋଇଲା ଖଣିରେ କୌଣସି କାର୍ଯ୍ୟ ହୋଇପାରି ନ ଥିଲା। ରେଳ ଓ ସଡକ ପଥରେ ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ କୋଇଲା ପରିବହନ ବନ୍ଦ ରହିଥିଲା। ଅପରାହ୍ନରେ ରେଲୱେ ପୋଲିସ ୨୦ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ ଯେ, ତାଳଚେର ଥାନା ସମ୍ମୁଖରେ ଜନୈକ ବ୍ୟକ୍ତିଙ୍କ ଘର ଅଗଣା ମାଟି ଦବି ଗର୍ତ୍ତ ସୃଷ୍ଟି ହେବା ପରେ ସହରବାସୀ ଆନ୍ଦୋଳନକୁ ଓହ୍ଲାଇଥିଲେ। ୧୦ଦିନ ମଧ୍ୟରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇ ଏ ସମ୍ପର୍କରେ ଆଲୋଚନା କରାଯିବାକୁ ପ୍ରଶାସନ ପକ୍ଷରୁ ସେତେବେଳେ କୁହାଯାଇଥିଲା। କିନ୍ତୁ ସମୟସୀମା ଅତିକ୍ରାନ୍ତ ହୋଇ ଯାଇଥିଲେ ହେଁ ଏ ଦିଗରେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଜିଲା ପ୍ରଶାସନ ଓ ଜିଲାପାଳଙ୍କ ତାଳଚେର ପ୍ରତି ଏପରି ବୈମାତୃକ ମନୋଭାବକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ବନ୍ଦ ପାଳନରେ ବଳରାମ କୁଣ୍ଡ, ଯଯାତି ପଟ୍ଟନାୟକ, ଚିନ୍ତାମଣି ମହାପାତ୍ର, ରଞ୍ଜିତ ମହାପାତ୍ର, ପ୍ରଦୀପ ମହାରଣା, ବାଉରୀବନ୍ଧୁ ବେଜ, ବିଷ୍ଣୁମୋହନ ରଥ, ବଜରଙ୍ଗ ଅଗ୍ରୱାଲ, ରାଜକିଶୋର ସାହୁ, ସବିତା ଧୀର, ଜିନେଶ ସାହୁଙ୍କ ସମେତ ବହୁ ସ୍ଥାନୀୟ ଅଧିବାସୀ ସାମିଲ ହୋଇଥିଲେ। କୌଣସି ସ୍ଥାନରେ ଅପ୍ରୀତିକର ପରିସ୍ଥିତି ଉପୁଜି ନ ଥିବା ଏସଡିପିଓ ହେମନ୍ତ ପଣ୍ଡା ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ କହିଛନ୍ତି, ତାଳଚେର ସମସ୍ୟା ପ୍ରତି ଉପଖଣ୍ଡ ଓ ଜିଲା ପ୍ରଶାସନ ସଚେତନ ଅଛନ୍ତି। ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି।



ବାଇପାସ୍ ଛକରେ ରାସ୍ତାରୋକୋ କରାଯାଇଛି।



ଷ୍ଟେଶନରେ ରେଳରୋକୋ ବେଳେ ପୋଲିସର ଗିରଫଦାରି।




ହାଟତୋଟା ମାର୍କେଟ୍ ବନ୍ଦ ରହିଛି।

■ତାଳଚେର କୋଲ୍ କଞ୍ଜ୍ୟୁମର ସଂଘ ବୈଠକ

# ଏମ୍‌ସିଏଲ୍ ସିଏମ୍‌ଡିଙ୍କୁ ଦିଆଯିବ ଦାବିପତ୍ର

ତାଳଚେର,୧୯।୧୨(ନି.ପ୍ର)

ତାଳଚେର କୋଲ୍ କଞ୍ଜ୍ୟୁମର ଆସୋସିଏଶନ ଅଫିସ ପ୍ରାଙ୍ଗଣରେ ବୁଧବାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି କ୍ଷୀରୋଦ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସଂଘର ସାଙ୍ଗଠନିକ ବୈଠକ ସମ୍ପର୍କରେ ଆଲୋଚନା କରାଯାଇ ଥିଲା। ଅଗ୍ରାଧିକାର ଭିତ୍ତିରେ ତାଳଚେର ଟ୍ରକ୍ ମାଲିକ ଓ ବ୍ୟବସାୟୀଙ୍କୁ କୋଇଲା ଯୋଗାଇ ଦିଆଯିବା, ସମସ୍ତ ଖଣିରୁ ସମାନ ପରିମାଣର କୋଇଲା ଯୋଗାଣ କରାଯିବାକୁ ଦାବି କରାଯାଇଥିଲା। ସଂଘ ପକ୍ଷରୁ ଏକ ପ୍ରତିନିଧିଦଳ ଆଗାମୀ ୨୨ ତାରିଖରେ ଏମ୍‌ସିଏଲ୍ ମୁଖ୍ୟାଳୟରେ ସିଏମ୍‌ଡିଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଦାବିପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ପ୍ରଭାକର ସାହୁ, ନୟନ ରଞ୍ଜନ ସାହୁ, ପ୍ରବୀର ପ୍ରଧାନ, ସୁଧିର ନାଥ, ଚିତ୍ତରଞ୍ଜନ ସାହୁ, ରାଜେଶ ଘୋଷ, ଯତୀନ ଦାସଙ୍କ ସମେତ ୫୦ ଜଣ ଟ୍ରାନ୍ସପୋର୍ଟର ସଂଘରେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ତାଳଚେରରେ କୋଇଲା ବ୍ୟବସାୟ ଓ ପରିବହନ କିଭଳି ସୁରୁଖୁରରେ ଚାଲିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଶରତ ନାୟକ, ରାଜକିଶୋର ସାହୁ, ଅଶୋକ ସାହୁ, ହୃଦୟ ପ୍ରଧାନ, ରାଜେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ଟ୍ରକ୍ ମାଲିକ, କୋଲ୍ କଞ୍ଜ୍ୟୁମର ସଦସ୍ୟ, ଟ୍ରାନ୍ସପୋର୍ଟସ ଯୋଗ ଦେଇଥିଲେ। ବିଧାୟକ ବ୍ରଜକିଶୋର ପ୍ରଧାନଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା। ପ୍ରକାଶଥାଉ କି, କିଛି ମାସ ହେଲା ବିଭିନ୍ନ ଖଣିରୁ ଟ୍ରକ୍‌ରେ ପରିବହନ ପାଇଁ ଦିଆଯାଉଥିବା କୋଇଲା ପରିମାଣ କମିବାରେ ଲାଗିଛି। ଏହାକୁ ନେଇ କୋଲ୍ କଞ୍ଜ୍ୟୁମର ଓ ଟ୍ରକ୍‌ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି।




ବୈଠକରେ ଉପସ୍ଥିତ ସଦସ୍ୟମାନେ।

## ଯୋଡ଼ା ପୌର ଉପାଧ୍ୟକ୍ଷ ଗିରଫ

ଯୋଡ଼ା, ୧୯।୧୨(ଡି.ଏନ.ଏ.)

ସ୍ଥାନୀୟ ଖଣି ମଣ୍ଡଳ ଟାଟା ଷ୍ଟିଲ ଖଣ୍ଡବନ୍ଧ ଖଣି ଘେରାଉ ମାମଲାରେ ବୁଧବାର ବାମେବାରୀ ପୋଲିସ ଯୋଡ଼ା ପୌରପାଳିକାର ଉପାଧ୍ୟକ୍ଷ ସୁରେନ୍ଦ୍ରନାଥ ଜେନାଙ୍କୁ ଗିରଫ କରିଛି। ଉକ୍ତ ଖଣିରେ ନିଯୁକ୍ତି ଦାବିକରି ୦୫।୧୨।୧୮ରେ ଜଳହରି, ଜୁରୁଡି, ଜଜାଙ୍ଗ ପଞ୍ଚାୟତର ସ୍ଥାନୀୟ ଶ୍ରମିକ, କେତେ ଜଣ ଲୋକ ଘେରାଉ କରିଥିଲେ। ଘେରାଉ ସମୟରେ ଖଣିରେ ଥିବା ଏକ ଡ୍ରିଲିଂ ମେଶିନକୁ ଆନ୍ଦୋଳନକାରୀ ପୋଡ଼ି ଦେଇଥିଲେ। ଏଥିସହ ୮୦ ହଜାର ଟଙ୍କା ମୂଲ୍ୟର ଏକ ଯନ୍ତ୍ରାଂଶ ଲୁଟ୍ ଉଦ୍ୟମ କରାଯାଇଥିବା ନେଇ ବାମେବାରୀ ଟିସ୍କୋ ଖଣ୍ଡବନ୍ଧ ଖଣିର ଏସଆଇଏସ ସିକ୍ୟୁରିଟି ସଂସ୍ଥାର ମ୍ୟାନେଜର ଲମ୍ବୋଦର ମହାନ୍ତ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୧୫୨/୧୮) ରୁଜୁ କରି ତଦନ୍ତ ଜାରି ରଖିଛି। ଏହି ମାମଲାରେ ପୋଲିସ ପୂର୍ବରୁ ୪ ଆନ୍ଦୋଳନକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୮୮୫୫୪.୮୩ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+LGF+M2+M1+UGF+G+29) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. ୬୩୬୫/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

## ସର୍ବସାଧାରଣ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ., ଭୁବନେଶ୍ୱର, ସତ୍ୟନଗର ଅଞ୍ଚଳରେ ୪୯୯୨୭.୧୧ ବର୍ଗ ପରିମିତ ଅଞ୍ଚଳରେ ଏକ ନୂତନ ବାସୋପଯୋଗୀ ବିଶିଷ୍ଟ (B2+B1+G+25) ମହଲା ଆପାର୍ଟମେଣ୍ଟ ଘର ସ୍ଥାପନ ନିମନ୍ତେ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କଠାରୁ ଅନୁମତି ହାସଲ କରିଛନ୍ତି। ଏହାସହିତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଏହି ପ୍ରକଳ୍ପ ସରକାରୀ ଏବଂ ବେସରକାରୀ ସହଭାଗୀତା ଯୋଜନାର ଅନ୍ତର୍ଭୁକ୍ତ ଅଟେ। ଉପରୋକ୍ତ ଅନୁମତି ପତ୍ରର ଏକକିତା ନକଲ ଚିଠି ନଂ. 63F/ଏସ୍.ଇ.ଆଇ.ଏ.ଏ., ତା୦୩।୧୨।୨୦୧୮ରିଖ ଓଡ଼ିଶା ସରକାରଙ୍କ ରାଜ୍ୟ ପରିବେଶ ପ୍ରଭାବ ଆକଳନ ବିଭାଗଙ୍କ ୱେବ୍‌ସାଇଟ୍ http://www.orissaseiaa.gov.in/ରେ ଉପଲବ୍ଧ ଅଟେ।

–ମେସର୍ସ ପରମିତ୍ର ସ୍ମାର୍ଟ ଇନ୍‌ଫ୍ରା ଏସ୍‌ଏନ୍‌ଏ ପ୍ରା.ଲିଃ.

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନାହିଁ ଯାହାର**
**ବାତ୍ ନାହିଁ ତାହାର**
**ନାତ୍ ନାହିଁ ତାହାର**
**ଜାତି ନାହିଁ ତାହାର ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ଯାହା ପାଖରେ ଅର୍ଥ ଅଛି ତା'ର ମାନ ମହତ କାହିଁ କେତେ ବେଶି। କିନ୍ତୁ ଯାହା ପାଖରେ ଅର୍ଥ ନାହିଁ ତାକୁ କେହି ପାସଙ୍ଗରେ ପକାଇ ନ ଥାନ୍ତି। କଥା କହିବା ତ ଦୂରର କଥା ତାଙ୍କ ମୁହଁକୁ ମଧ୍ୟ ଚାହିଁ ନ ଥାନ୍ତି। ଅବହେଳାର ଶିକାର ହେବା ସହ ଥଟ୍ଟା ପରିହାସର ପାତ୍ର ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଭିଡ଼ କାମକୁ ପାରିବି ନାହିଁ ଲୋ**
**ଅଣ୍ଟାରେ ପଡ଼ିଛି ବାତ**
**ଖଣତି ଖଣ୍ଡିଏ ଦିଅ ଲୋ ମାଆ**
**ବସି ଖୋଳୁଥାଏ ଗାତ ।**

ଅଳସୁଆ ଓ ନିକମା ପ୍ରକୃତିର ବ୍ୟକ୍ତି କାମ କରିବା କଥା ଶୁଣିଲେ ଛାନିଆ ହୋଇଯାଆନ୍ତି। କଷ୍ଟ କରି କାମ କରିବା ତାଙ୍କ ଜାତକରେ ଲେଖା ନ ଥାଏ। କିଛି କାମ କରିବା କଥା ପଡ଼ିଲେ ନିଜ ଦେହ ଖରାପର ଆଳ ଦେଖାଇ ସହଜ ସୁବିଧା କାମ ଆବୋରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଦୂର ହୋଇନି ଜାତିଭିତ୍ତିକ ଅସ୍ପୃଶ୍ୟତା

- ୯୦ ପ୍ରତିଶତ ଗାଁରେ ଅନୁସୂଚିତ ବର୍ଗଙ୍କୁ ମନ୍ଦିର ପ୍ରବେଶ ମନା
- ୮୦ ପ୍ରତିଶତ ଅଞ୍ଚଳରେ ଅନୁସୂଚିତ ଜାତିର ଲୋକଙ୍କଠୁ ପାଣି ଗ୍ରହଣ କରନ୍ତିନି ଲୋକେ

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ଓଡ଼ିଶାର ୮୦ ପ୍ରତିଶତ ଗାଁରେ ଲୋକେ ଅନୁସୂଚିତ ଜାତିର ଲୋକଙ୍କଠୁ ପାଣି ଗ୍ରହଣ କରନ୍ତି ନାହିଁ। ୭୦ ପ୍ରତିଶତ ଗାଁରେ ଧର୍ମୀୟ କ୍ଷେତ୍ରରେ ପକ୍ଷପାତିତା ରହିଛି। ବିଶେଷକରି ପ୍ରସାଦ ସେବନ, ମନ୍ଦିର ପ୍ରବେଶ, ଠାକୁର ସ୍ପର୍ଶ, ପୂଜା ସାମଗ୍ରୀ ସ୍ପର୍ଶ, ଦେବ ଦର୍ଶନ, ଭଜନ କୀର୍ତ୍ତନ, ସତ୍‌ସଙ୍ଗ ଆଦି କ୍ଷେତ୍ରରେ ଛୁଆଁ, ଅଛୁଆଁ ଭେଦଭାବ ଦେଖିବାକୁ ମିଳେ। ୯୦ ପ୍ରତିଶତ ଗାଁରେ ଅନୁସୂଚିତ ବର୍ଗଙ୍କୁ ମନ୍ଦିର ପ୍ରବେଶ ବାରଣ ଥିବା ବେଳେ ଗାଁର ସାମୂହିକ ପୂଜା ପାର୍ବଣରେ ସେମାନେ ସାମିଲ ହୋଇପାରନ୍ତି ନାହିଁ। ଜାତିଭିତ୍ତିକ ଅସ୍ପୃଶ୍ୟତା ମାନବିକ ଅଧିକାରକୁ କ୍ଷୁଣ୍ଣ କରୁଥିବା ବେଳେ ଓଡ଼ିଶାର ଗ୍ରାମାଞ୍ଚଳରେ ଏବେ ବି ଏହି କୁପ୍ରଥା ଦେଖିବାକୁ ମିଳୁଛି। ଆଇନଗତ ବିଧି ବ୍ୟବସ୍ଥା ଥିଲେ ମଧ୍ୟ ସଚେତନତା ଓ ଆଇନର କାର୍ଯ୍ୟକାରିତା ଅଭାବ ହେତୁ ଏଭଳି ସ୍ଥିତି ସୃଷ୍ଟି ହେଉଥିବା କୁହାଯାଇଛି।

ଆକ୍ସନଏଡ୍ ଓ ଦଳିତ ଅଧିକାର ସଙ୍ଗଠନର ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ଉପସ୍ଥାପନ କରାଯାଇଥିବା ଏକ ରିପୋର୍ଟରୁ ଏଭଳି ତଥ୍ୟ ସାମ୍ନାକୁ ଆସିଛି। ଆକ୍ସନଏଡ୍ ତରଫରୁ ୮ ଜିଲାର ୧୦ ବ୍ଲକ ଅନ୍ତର୍ଗତ ୧୦ ପଞ୍ଚାୟତର ୧୦ଟି ଗ୍ରାମରେ ଅସ୍ପୃଶ୍ୟତା ସମ୍ପର୍କରେ କରାଯାଇଥିବା ଏକ ପ୍ରାଥମିକ ଅଧ୍ୟୟନରୁ ଏ ସମ୍ପର୍କରେ ଜଣାପଡ଼ିଛି। ଅସ୍ପୃଶ୍ୟତା ଏକ ସାମାଜିକ ବ୍ୟାଧି ହୋଇଥିବା ବେଳେ ଅନୁସୂଚିତ ବର୍ଗ ନିର୍ଯାତନାର ଶିକାର ହେଉଛନ୍ତି। ୭୦ ପ୍ରତିଶତ ଗ୍ରାମାଞ୍ଚଳରେ ଅଜାତିକ ବିବାହକୁ ବାରଣ କରାଯାଇଛି। ୩୦ ପ୍ରତିଶତ ଗାଁରେ ଅନୁସୂଚିତ ବର୍ଗଙ୍କୁ ଭଡ଼ା ଦେବା ପାଇଁ ବାରଣ ଅଛି। ସେହିଭଳି ୧୦ ପ୍ରତିଶତ ଗାଁରେ ଶବ ଶୋଭାଯାତ୍ରା ଓ ବିବାହ ଶୋଭାଯାତ୍ରାକୁ ମନା କରାଯାଏ। ୭୦ ପ୍ରତିଶତ ଗାଁରେ ଅନୁସୂଚିତ ଜାତିର ଲୋକମାନଙ୍କୁ ପାଣିପାତ୍ର ଛୁଇଁବା ମନା ଏବଂ ୩୦ ପ୍ରତିଶତ ଗାଁରେ ଉଚ୍ଚ ଜାତିର ଲୋକଙ୍କୁ ଅନୁସୂଚିତ ଜାତିର ଲୋକେ ଛୁଇଁଲେ ଶୁଦ୍ଧସ୍ନାନ ହେବାକୁ ପଡ଼ିଥାଏ ବୋଲି ଏହି ଅନୁଧ୍ୟାନରୁ ଜଣାପଡ଼ିଛି। ଏହି ଅବସରରେ ଅନୁସୂଚିତ ବର୍ଗ ଇସ୍ତାହାର ସମ୍ପର୍କରେ ଜମି, ଘର, ଚାଷ, ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱତନ୍ତ୍ର ପାଣ୍ଠି, ଜନମଙ୍ଗଳ, ସାମାଜିକ ସୁରକ୍ଷା ଓ ମୌଳିକ ସୁବିଧା ସୁଯୋଗ ଉପରେ ଆଲୋଚନା ହୋଇଥିଲା। ଏହାସହ 'ଗ୍ରାମୀଣ ଓଡ଼ିଶାରେ ଅସ୍ପୃଶ୍ୟତା' ସମ୍ପର୍କିତ ଏକ କ୍ଷୁଦ୍ର ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଏହି ରାଜ୍ୟସ୍ତରୀୟ ସମାବେଶରେ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭଜମନ ବେହେରା, ପୂର୍ବତନ ଏମ୍‌ପି ମୋହନ ଜେନା, ପୂର୍ବତନ ଡିଜି(କାରାଗାର) ଭି. ତ୍ୟାଗରାଜନ୍, ଆକ୍ସନଏଡ୍‌ର ଆଞ୍ଚଳିକ ପରିଚାଳକ ଦେବବ୍ରତ ପାତ୍ର, ଉତ୍କଳ ସର୍ବୋଦୟ ମଣ୍ଡଳର ରମାକାନ୍ତ ମଣ୍ଡଳ, ଶିକ୍ଷାବିତ୍ ସୁପ୍ରିୟା ମଲ୍ଲିକ, ଡ. କୁମୁଦ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

**OFFICE OF THE SUPERINTENDENT**
MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BRAHMAPUR, - 760004, GANJAM, ODISHA
Tel. 0680-2292624, Fax: 0680-2292752, Email: supdtmkcg@gmail.com, mkcgmchberhampur@gmail.com, website: www.mkcgmch.org
No. 16359/MCH/CS/2018 Dt./Berhampur the 17.12.18

**1st CORRIGENDUM TO THIS OFFICE TENDER CALL NOTICES NO-14912 DT. 15.11.2018 PUBLISHED IN ODIA DAILY "DHARITRI" & ENGLISH DAILY "THE PIONEER" DT. 18.11.2018**

No.676-E: The last date of receipt of the tender for supply of **"Medicine Items"** to this hospital is extended up to **01.01.2019 (by 5.00 P.M.)** and will be opened on **03.01.2019**. If the opening day falls on public holiday the bids will be opened on next working day.

The Tender Call Notice No- 14912 dt. 15.11.2018 and terms & conditions, the details list and specifications can available in website **www.ganjam.nic.in** and in the office of the undersigned.

Other terms and conditions remain unaltered.

**Sd./- Superintendent,**
**M.K.C.G. Medical College Hospital, Berhampur**
10028/11/0016/1819

**OFFICE OF THE DIRECTOR FORESTRY TRAINING, ODISHA FOREST RANGERS' COLLEGE, ANGUL**

No.121-MM **PHONE NO./ FAX-06764-233652,**
**E-mail: directorofrcangul@gmail.com**

**Tender/ Bid Information Sheet for "Tender for supply of Shoes, Sports T Shirt, Track Suit, Brown Shoe, Binocular, Swiss Knife, Hard Disk ITB, Digital camera/ Laptop/ Tab in the Odisha Forest Rangers' College, Angul"**

| | | |
|---|---|---|
| Date & Time per-Bid Meeting | : | 14.01.2019 |
| Late Date & Time for submission of Tender | : | 15.01.2019 |
| Date & Time of Technical Bid opening | : | 16.01.2019 |
| Place of opening of Tender/Bid | : | Officer of OFRC, Angul |
| Date & Time of Financial Bid opening | : | 16.01.2019 (11.00 AM) |

Important Notes: Prospective Bidders are requested to remain update for any notices/ amendments clarifications etc. to the Tender Document through the website www. tenderodisha.gov.in / Notice Board of the office of OFRC, Angul. No separate notifications will be issued for such notices/ amendments/ clarifications etc. in the print media of individually.

Address for Communication:

**Sd./- Director**
**Forestry Training**
**Odisha Forest Rangers' College**
**Angul**
08027/11/0005/1819

# ଆଜି ରାଜ୍ୟ ସଭାରେ ତିତ୍‌ଲି କ୍ଷୟକ୍ଷତି ଆଲୋଚନା

**ଭୁବନେଶ୍ୱର, ୧୯।୧୨ (ବ୍ୟୁରୋ)**

ରାଜ୍ୟ ସଭାରେ ଗୁରୁବାର ତିତ୍‌ଲି କ୍ଷୟକ୍ଷତି ନେଇ ଆଲୋଚନା ହେବ। ବିଜେଡିର ପକ୍ଷରୁ ଏ ନେଇ ଦିଆଯାଇଥିବା ମୁଲତବି ପ୍ରସ୍ତାବକୁ ରାଜ୍ୟ ସଭା ଅଧ୍ୟକ୍ଷ ଭେଙ୍କାୟା ନାଇଡୁ ବୁଧବାର ଗ୍ରହଣ କରିଛନ୍ତି। ଉକ୍ତ ସଦନରେ ବିଜେଡିର ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ ଏ ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେ କହିଛନ୍ତି, ସାମୁଦ୍ରିକ ଝଡ ତିତ୍‌ଲି ଏବଂ ପରବର୍ତ୍ତୀ ବନ୍ୟା ଦ୍ୱାରା ଓଡ଼ିଶାର ବହୁତ କ୍ଷତି ହୋଇଛି। କ୍ଷୟକ୍ଷତିର ପରିମାଣ ୨୭୭୯.୩୨ କୋଟି ଟଙ୍କା ବୋଲି ଆକଳନ କରାଯାଇଥିଲା। ଏଥିସହିତ କେନ୍ଦ୍ର ସରକାରଙ୍କୁ ୨୦୨୩.୧୦ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଅନୁରୋଧ କରାଯାଇଥିଲା। ଅନ୍ତରୀଣ ସହାୟତା ଭାବେ ୧୦୦୦ କୋଟି ଘୋଷଣା କରିବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିଲେ। ହେଲେ ବିପର୍ଯ୍ୟୟ ଭୋଗିଥିବା ଅନ୍ୟ ରାଜ୍ୟ ଯଥା- କେରଳ, ଆନ୍ଧ୍ର ପ୍ରଦେଶକୁ ଯେଉଁ ପରିମାଣରେ ସହାୟତା ରାଶି ଘୋଷଣା କରାଯାଇଛି, ସେହି ପରିମାଣ ସହାୟତା ଓଡ଼ିଶା ପାଇଁ ଘୋଷଣା ହୋଇନାହିଁ। ନିକଟରେ କେନ୍ଦ୍ର ପକ୍ଷରୁ ମାତ୍ର ୧୦୨୩.୬୯ କୋଟି ଟଙ୍କାର ସହାୟତା ପ୍ରଦାନ ନେଇ ଘୋଷଣା କରାଯାଇଥିବା ପ୍ରସନ୍ନ କହିଛନ୍ତି। ତେଣୁ ଗୃହରେ ତିତ୍‌ଲି କ୍ଷୟକ୍ଷତି ଏବଂ ସହାୟତା ରାଶି ସମ୍ପର୍କିତ ବିଶଦ୍ ଆଲୋଚନା ହେବାର ଆବଶ୍ୟକତା ଦଳ ଅନୁଭବ କରିଛି। ଏହାକୁ ଅନ୍ୟ କେତେକ ରାଜନୈତିକ ଦଳ ମଧ୍ୟ ସମର୍ଥନ କରିଥିବା ପ୍ରସନ୍ନ ସୂଚନା ଦେଇଛନ୍ତି।

# CLASSIFIED DISPLAY

**ALL EDITION-B/W (Every Day)** **For Booking Contact: 0674-2580385, 7894447131, 7894447148, 9437038266, 7894447166**

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

SMS JOB
ଭାରତର Reputed Company ରେ SMS JOB କରି Part/Full Time ଘରେ ବସି ଶିକ୍ଷିତ ବେରୋଜଗାର ମାସକୁ ୧୫୦୦୦/- ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Sim + ୫୦୦୦୦ର ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9631847145
9006905977

ଧୂପକାଠି ମେସିନ୍
DEP, PERFUME, MATCH BOX, READYMADE COVER, PREMIX
ସହଜ ଋଣ ବ୍ୟବସ୍ଥା ଉପଲବ୍ଧ
ଧୂପକାଠି ମେସିନ୍ ବସାଇ ତିଆରି ପ୍ରଡକ୍ଟସ୍‌କୁ ଆମ ମାଧ୍ୟମରେ ବିକ୍ରୟ କରି ଦିନକୁ ୧୫୦୦/- ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ ଏବଂ ସମସ୍ତ ପ୍ରକାର ଧୂପକାଠି କଞ୍ଚାମାଲ୍ ସୁଲଭ ମୂଲ୍ୟରେ ଉପଲବ୍ଧ ।
SAMEEPTA INDUSTRIES PVT. LTD
B-157, Baramunda, BBSR
9777196285
9861088447

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେସନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍‌ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

M. GROUP FINANCE CO.
DIWALI OFFER (Govt. Approved)
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

FINANCE
National Corporation
ପର୍ସନାଲ, ଏଜ୍ୟୁକେସନ୍, ପ୍ରପର୍ଟି, ଏଗ୍ରିକଲଚର୍, ଟେକ୍‌ଓଭର୍ ପ୍ରଭୃତି ଋଣ 3% ବାର୍ଷିକ ସୁଧରେ ଉପଲବ୍ଧ ।
(B.B.28, Sec. 4, Salt Lake City Kolkatta- 700064)
7606086442
7606062768
nationalcoop98@gmail.com

BUSINESS
ନ୍ୟାଶନାଲ କମ୍ପାନୀ
ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୭୦ ଲକ୍ଷ
ଭଡ଼ା ୩୫,୦୦୦
୧ ବ୍ୟକ୍ତିଙ୍କ ପାଇଁ ୩୫,୦୦୦ର ଅନ୍ୟାନ୍ୟ ସୁବିଧା
7048574723
7048574637
Add : 41/14, Sce.1, Pushp Vihar, Delhi-17

ନବବର୍ଷ ଧମାକା!!!
କୁବେର ଫାଇନାନ୍ସ
ଖର୍ଚ୍ଚ ଋଣରୁ କଟିବ (ପଞ୍ଜୀକୃତ)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ୍
ସମସ୍ତ ଋଣ ୧% ସୁଧ, ୪୦% ରିହାତି
9354181401
8375014500
41/14, ସେକ୍ଟର-1, ପୁଷ୍ପ ବିହାର, ଦିଲ୍ଲୀ-110017

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286
7750921101

FINANCE
Mahalaxmi Credit Services
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ପାଆନ୍ତୁ
25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ
website- mahalaxmicreditservices.com
Lane No - 5, MG Road, Bangalore
9105689469
8395030162

ଟି.ସି.ଏଫ୍. ଫାଇନାନ୍ସ
(ସରକାରୀ ପଞ୍ଜୀକୃତ)
ଋଣ ମାତ୍ର ୬ ଘଣ୍ଟାରେ ।
ନୋ ଫାଇଲ ଚାର୍ଜ, ବିନା ଗ୍ୟାରେଣ୍ଟର ମାର୍କଶିଟ୍ ଋଣ (ସାର୍ଟିଫିକେଟ୍), ପ୍ରପର୍ଟି, ପର୍ସନାଲ, ଗୃହଋଣ, ୦% ସୁଧ, ୫୦% ରିହାତି।
୦୮୮୫୯୬୬୮୫୫୮
୩୯, ପଟେଲ ନଗର, ଆଶିକ ସାହାରନପୁର ରୋଡ୍, ଡେରାଡୁନ୍ - ୨୪୫୦୦୧

BUSINESS
ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ।
ଅଗ୍ରିମ ୬୫ ଲକ୍ଷ
ଭଡ଼ା ୭୫,୦୦୦
କୌଣସି ଏଗ୍ରିମେଣ୍ଟ ଦେୟ ନାହିଁ
6391829110
6391829112
Add : T-51, Gautampuri Delhi-53

BUSINESS
SURYA କମ୍ପାନୀ
ଦ୍ୱାରା ନିଜ ଖାଲି ଜମି, ଛାତ, ପ୍ଲଟ୍ ଉପରେ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। ଅଗ୍ରିମ 1 କୋଟି, ଭଡ଼ା 55000/- + ଗାଡ଼ି।
ଯୋଗାଯୋଗ କରନ୍ତୁ
9804822350

TCF FINANCE
TCF ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ମାତ୍ର ୧ ଦିନରେ । 0% ସୁଧ 45% ଛାଡ । ଘରେ ବସି ପାଆନ୍ତୁ
ଖର୍ଚ୍ଚ ଲୋନ ପାସ ହେଲା ପରେ
Plot No-14/524, Chandini Chowk, Kolkata
8938866345
7088891905

!!! ଋଣ ଋଣ ଋଣ !!!
କ୍ୟାପିଟାଲ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 5 ଲକ୍ଷ) ଋଣ ଉପଲବ୍ଧ
ଯୋଗାଯୋଗ
9667895027
7835981792
capitalfinanceindialtd@gmail.com
Add : - 41/14, Sec.1, Pushp Vihar, Delhi

ବାବା ବଙ୍ଗାଳୀ
ଫ୍ରି ସେବା ବାବା ବଙ୍ଗାଳୀ ୧୫ ମିନିଟ୍‌ରେ ଘରେବସି ସମାଧାନ
ସ୍ପେଶାଲିଷ୍ଟ:
ପ୍ରେମବିବାହ, ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁମୁକ୍ତି, ପତି - ପତ୍ନୀ ଅନବନ, ପାଠରେ ମନ ନଲାଗିବା, ଗୃହକ୍ଳେଶ, ବ୍ୟବସାୟରେ ବାଧା । A to Z ସମସ୍ୟାର ଘରେବସି ୧୦୧% ଗ୍ୟାରେଣ୍ଟେଡ ଫ୍ରୀ ସମାଧାନ
9982292667
8239254882

SMS JOB
PTJ କମ୍ପାନୀରେ SMS JOB ପାଇଁ ୩୯୦ ଯୁବକ, ଯୁବତୀ ଘରେବସି Part/Full Time JOB କରି ୧୪୦୦୦/- ରୁ ୪୨୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+Laptop+ Printer FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9135595515
7870216361

ITEL କମ୍ପାନୀ ଦ୍ୱାରା ଖାଲି ଜମି ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ, ଅଗ୍ରିମ - ୯୦ ଲକ୍ଷ, ଭଡ଼ା - ୪୫୦୦୦ + ମାସିକ ୧୫୦୦୦ର ଅନ୍ୟାନ୍ୟ ସୁବିଧା + ଆଜୀବନ ଜୀବନ ବୀମା + ମେଡିକାଲ ସୁବିଧା ମାଗଣା।
Email- iteltowerltd@gmail.com
WhatsApp
7788995264
9126351642
Gram Bakrihari, Dhaka, East Champaran, Bihar - 845418

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

| TARIFF | For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|---|
| | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MORE SPACE • SAME PRICE — *GST 5% Extra

ଘରେ ବସି SMS JOB
Mobile Telecom କମ୍ପାନୀରେ ଘରେ ବସି SMS ଜବ୍ କରି ପୁଅ, ଝିଅ, ଗୃହିଣୀ, ଅବସରପ୍ରାପ୍ତ କର୍ମଚାରୀ, ବିଦ୍ୟାର୍ଥୀ, ସମସ୍ତ ବେରୋଜଗାର ପାର୍ଟଟାଇମ୍, ଫୁଲ୍‌ଟାଇମ୍ କାମ କରି ରୋଜଗାର କରନ୍ତୁ
15000 ରୁ 35000 ମାସିକ
ଏହା ସହିତ ଲାପ୍‌ଟପ୍ + ମୋବାଇଲ + ପ୍ରିଣ୍ଟର + ଡାଟା କାର୍ଡ + SMS ଖର୍ଚ୍ଚ
କମ୍ପାନୀ ଦ୍ୱାରା ଫ୍ରି
ବୁକାରୋ ମାଲେପୁର, ଜାମୁଇ, ବିହାର - 811313
8084778397
8084682610

FINANCE
ଧନଲକ୍ଷ୍ମୀ ଋଣ ଲିମିଟେଡ୍ ଭରସାର ପ୍ରତୀକ ସରକାରୀ ପଞ୍ଜିକୃତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଗୃହଋଣ ମାତ୍ର ୨୪ ଘଣ୍ଟାରେ । 2% ସୁଧ 40% ଛାଡ । ଘରେ ବସି ପାଆନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ଛାଡ
Plot No-155, Lewis Road, Bangalore
7504330336
9114377090

ମୁଦ୍ରା ପ୍ରୋତ୍ସାହନ ଯୋଜନା ଅଧୀନରେ !!!
ଋଣ ଉପରେ ଋଣ !!! ମାର୍କଶିଟ୍, ପର୍ସନାଲ, କୃଷି, ଲଘୁ ଉଦ୍ୟୋଗ ଋଣ !!! ମହିଳା ଗ୍ରୁପ୍, ବିକଳାଙ୍ଗଙ୍କ ପାଇଁ ବିଶେଷ ରିହାତି !!!
ପ୍ରକ୍ରିୟାକରଣ ୨ କାଗଜ ଉପରେ !!!
୨% ସୁଧ, ୪୦% ସବ୍‌ସିଡି !!!
ଗ୍ରୁପ୍ ଫାଇଲ୍ ଉପରେ ୨% କମିଶନ।
8376930370
7840058835
H.No.-258, VPO Duhai, Ghaziabad, (U.P.) 201203

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶେଷ ହେଲା ପ୍ରତୀକ୍ଷା



ଏତେଦିନର ପ୍ରତୀକ୍ଷାର ଅବସାନ ଘଟିବାକୁ ଯାଉଛି। ଯେଉଁ ଫିଲ୍ମରେ ନିଜ ଭୂମିକାକୁ ନେଇ ସେ ବେଶ୍ ଆଶାବାଦୀ ଅଛନ୍ତି ତାହା ଚଳିତ ମାସ ୨୮ରେ ପରଦା ଉପରକୁ ଆସୁଛି। ଫିଲ୍ମଟି ହେଲା 'ଜିରୋ'। ଯଦିଓ ଏହାର ମେଲ୍ ଲିଡ୍ ଶାହରୁଖ ଏଥିରେ ବାମନ ଭୂମିକାରେ ଅଭିନୟ କରିଛନ୍ତି ହେଲେ ସେପଟେ ନିଜର ଗ୍ଲାମର ରୋଲ୍‌ର ସଫଳତାକୁ ନେଇ ଦିନ ଗଣୁଛନ୍ତି ଏହାର ଅନ୍ୟତମ ଅଭିନେତ୍ରୀ କ୍ୟାଟ୍ରିନା କୈଫ। 'ଫିଲ୍ମର କାହାଣୀ, ଶାହରୁଖଙ୍କ ଭିନ୍ନ ଅଭିନୟ ବ୍ୟତୀତ ଏହି ଫିଲ୍ମରେ ମୋ ରୋଲ ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବ। ତେଣୁ କେବେ ଫିଲ୍ମଟି ରିଲିଜ ହେବ ସେନେଇ ଦିନ ଗଣିବା ଆରମ୍ଭ କରିଦେଇଛି। ଏଇ ମାସ ୨୮ରେ ଏହା ପରଦା ଉପରକୁ ଆସିବା ପରେ ମୋ ଆଶା ସତ ହେବ ବୋଲି ଯଥେଷ୍ଟ ଭରସା ରହିଛି ବୋଲି କହିଛନ୍ତି ସେ।

# ସାବାସ୍ ହ୍ରିତିକ



ସେତେବେଳେ ହ୍ରିତିକ ରୋଶନଙ୍କୁ ହୋଇଥାଏ ମାତ୍ର ୨୧ବର୍ଷ। ଡାକ୍ତର ତାଙ୍କୁ ପରୀକ୍ଷା କରି କହିଲେ ଯେ, ସେ ସ୍କୋଲିଓସିସ ରୋଗରେ ପୀଡ଼ିତ। ଏହାଦ୍ୱାରା ସେ କେବେ ନାଚିପାରିବେ ନାହିଁ ଷ୍ଟଣ୍ଟ ଶଟ୍ ଦେଇପାରିବେ ନାହିଁ। ଏ କଥା ଶୁଣିବା ପରେ ହ୍ରିତିକ ଆଦୌ ଭାଙ୍ଗି ପଡି ନ ଥିଲେ। ମେଡିକାଲ ସାଇନ୍ସ ଆଗରେ ନିଜ ମନୋବଳକୁ ଦୃଢ଼ ବୋଲି ସାବ୍ୟସ୍ତ କରି ସେ ପ୍ରମାଣ କରିଦେଇଛନ୍ତି ଯେ କେବଳ ଡ୍ୟାନ୍ସ ନୁହେଁ ଷ୍ଟଣ୍ଟ ଶଟ୍ ଦେବାରେ ସେ କେତେ ପାରଙ୍ଗମ। ଏହାର ଉଦାହରଣ ଭାବରେ ତାଙ୍କର 'କହୋନା ପ୍ୟାର୍ ହୈ', 'କ୍ରିସ୍' ଆଦି ଫିଲ୍ମକୁ ନେଇପାରନ୍ତି।

# ଶ୍ରୀଧରଙ୍କ ତାନ୍ତ୍ରିକ ଅବତାର

ପ୍ରଯୋଜକ ଶ୍ରୀଧର ମାର୍ଥା ଅଭିନୟ କରିବା କିଛି ନୂଆ କଥା ନୁହେଁ। କାରଣ ଚଳିତବର୍ଷ ରିଲିଜ ହୋଇଥିବା 'ଯୋଗୀ'ର ଟାଇଟଲ ଗୀତରେ ଜଣେ ସମାଜସେବୀ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ବର୍ତ୍ତମାନ ତାଙ୍କର ରେଞ୍ଜି ରୟାଲ ସିନେ ମୁଭିଜ ବ୍ୟାନରରେ ପ୍ରସ୍ତୁତ ହୋଇଥିବା 'ପାଟଣାଗଡ଼'ରେ ସରପଞ୍ଚ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି। ନିକଟରେ ସେ ଏକ ତାମିଲ ସିନେମା ସାଇନ୍ କରିଛନ୍ତି, ଯାହାର ଟାଇଟଲ ରହିଛି 'ଟାଟୁ'। ଏଥିରେ ଶ୍ରୀଧର ଜଣେ ତାନ୍ତ୍ରିକ ଭୂମିକାରେ ପରଦା ଉପରକୁ ଆସିବେ। 'ଯେତେବେଳେ ଏହି ଅଫରଟି ମୋତେ ମିଳିଲା ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ରୋଲଟିରେ ଦମ୍ ରହିଛି ଏବଂ ତାହାକୁ ତୁଲାଇବାକୁ ମୁଁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି ବୋଲି କହନ୍ତି ଏହି ପ୍ରଯୋଜକ-କମ୍-ଅଭିନେତା।' ପାଲେପୁ ମିଡିଆ ପ୍ରା.ଲି. ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ପି. ଭି. ନାଗେଶ କୁମାର ମହେଶ। କାହାଣୀ, ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦେବେ ପି. ରବିକୁମାର। ସଂଳାପ ରଚନା କରିଛନ୍ତି ଓଡ଼ିଶାର ବି. ଚନ୍ଦନ କୁମାର। ସୌମ୍ୟ, ପ୍ରକାଶ ରାଜ, ତେଜା ରେଡ୍ଡି, ଶୁଭଙ୍କରୀ, ଆଶୁତୋଷ ପାଣ୍ଡେ, ଶ୍ରୀଧର ମାର୍ଥା ଏବଂ ଭବାନୀ ବିଭିନ୍ନ ଭୂମିକାରେ ଅଭିନୟ କରିବେ। ଫିଲ୍ମର ଶୁଟିଂ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।



ଶ୍ରୀଧର ମାର୍ଥା

# ସମାଜସେବାରୁ କାହାଣୀର ସୂତ୍ର ପାଇଥାଏ

ସମାଜସେବାରୁ ମୋତେ ଯେତିକି ଆନନ୍ଦ ମିଳେ ତାହା ତ ବର୍ଣ୍ଣନାତୀତ, ହେଲେ ଏଥିରୁ ମୋତେ ଆଉ ଏକ ସୁରାକ ମିଳିଥାଏ। ତାହା ହେଲା ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀ। ମୁଁ ପ୍ରତିଦିନ ଅନେକ ଲୋକଙ୍କ ସହ ମିଶିଥାଏ। ସେମାନଙ୍କ ସହ କଥା ହେବା ସମୟରେ କାହାଣୀଟିଏ ରଚନା କରିବାକୁ ବେଶ୍ ପ୍ରେରଣା ମିଳେ ବୋଲି କହନ୍ତି ଚଳଚ୍ଚିତ୍ର କାହାଣୀକାର ପ୍ରତିଭାରାଣୀ ମହାନ୍ତି। 'ସଞ୍ଜୁ ଆଉ ସଞ୍ଜନା' ଏବଂ 'ମୁଁ ପ୍ରେମୀ ମୁଁ ପାଗଳ' ଚଳଚ୍ଚିତ୍ରର କାହାଣୀ ରଚନା କରିଥିଲେ ସେ। କିଛିବର୍ଷର ଗ୍ୟାପ୍ ପରେ ସେ ଏବେ ଏକାଥରେ ତିନୋଟି କାହାଣୀକୁ ଶେଷ ରୂପ ଦେବାକୁ ଲାଗିପଡିଛନ୍ତି। ଏ ସମ୍ପର୍କରେ ପ୍ରତିଭାରାଣୀ କହନ୍ତି, 'ମୋର ପ୍ରତିଟି କାହାଣୀରେ ସମାଜ ପାଇଁ ସ୍ୱତନ୍ତ୍ର ବାର୍ତ୍ତା ଥାଏ। ଏବେ ତିନୋଟି କାହାଣୀ ଫାଇନାଲ ପର୍ଯ୍ୟାୟରେ ପହଞ୍ଚିଛି। ଏହାବ୍ୟତୀତ କାହାଣୀ ରଚନାର ପ୍ରତିଟି ପାହାଚରେ ମୋ ପଛରେ ଛାଇ ହୋଇ ଠିଆ ହୋଇଥାଆନ୍ତି ମୋର ପତି ତଥା ପ୍ରଯୋଜକ ଲୁଟୁ ମହାନ୍ତି। ମୋ କର୍ମଭୂମି ରଣପୁରକୁ ସମାଜସେବା ପାଇଁ ବାଛିନେଇଛି ହେଲେ ତା' ଭିତରେ ଅନ୍ୟ ସ୍ଥାନକୁ ଯାଇ ସେଠାକାର ପରିବେଶକୁ ଭଲ ଭାବରେ ଅଧ୍ୟୟନ କରି କାହାଣୀଟିଏ ରଚନା କରିବାକୁ ପ୍ରୟାସ ଜାରି ରଖିଛି।'



ପରଦା ପଛରେ
ପ୍ରତିଭାରାଣୀ ମହାନ୍ତି

# କାହାକୁ ଦିଲ୍ ଦେବେ ରିୟାନା

ମଡେଲ-କମ୍-ଅଭିନେତ୍ରୀ ରିୟାନା। ସେ କାହାକୁ ଦିଲ୍ ଦେବେ ? ଯାହାକୁ ବା ଦେବେ ସେ ସେମିତି ବିଶ୍ୱାସଯୋଗ୍ୟ ହୋଇଥିବା ଦରକାର। ପୁଣି ସେହି ବାଟରେ ଆସୁଥିବା ଘାତପ୍ରତିଘାତକୁ ସାମ୍ନା କରିବାକୁ ସାହସ ଥିବା ଆବଶ୍ୟକ। ହେଲେ ଅସଲ କଥା କ'ଣ କି, ରିୟାନାଙ୍କ ଦିଲ୍ ଦେବା ବିଷୟର ସଂଯୋଗ ତାଙ୍କର ବ୍ୟକ୍ତିଗତ ଜୀବନ ନୁହେଁ, ଅଭିନୟ ଜୀବନ ସହ ରହିଛି। ଅର୍ଥାତ୍ ଓଡ଼ିଆ ସିନେମା 'ଏ ଦିଲ୍ ତତେ ଦେଲି'ରେ ତାଙ୍କୁ ମିଳିଛି ଏପରି ଏକ ଭୂମିକା। ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଉକ୍ତ ନୂଆ ଓଡ଼ିଆ ସିନେମା। ଷ୍ଟେପ୍ ବାଏ ଷ୍ଟେପ୍ ବ୍ୟାନରରେ ଏବଂ ଅଖିଳେଶ ବର୍ମାଙ୍କ ପ୍ରଯୋଜନାରେ ଏହାର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ନିଲୁ ବକ୍ସ। ଚଳଚ୍ଚିତ୍ରରେ ରିୟାନାଙ୍କ ଅପୋଜିଟ୍‌ରେ ନାୟକ ସାଜିଛନ୍ତି ବିଭାସ। ମାନସ ସାହୁଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମହମ୍ମଦ ମୁସୀର।



ରିୟାନା-ବିଭାସ



# ଅନୁତାପ କରୁଛନ୍ତି ଅନୁଷ୍କା

ଏପଟେ ସିନା ଅଫରଟିକୁ ହାତଛଡ଼ା କଲେ, ହେଲେ ତାକୁ ନେଇ ଏବେ ବି ଚିନ୍ତାରେ ପଡ଼ିଛନ୍ତି। କାହାଣୀ ଶୁଣିବା ପରେ ବେଶ୍ ପ୍ରଭାବିତ ହୋଇଥିଲେ ସେ। ପୁଣି ଯେତେବେଳେ ନିଜ ଭୂମିକା ସମ୍ପର୍କରେ ଜାଣିଲେ ସେତେବେଳେ ତାଙ୍କର ଖୁସି ଆହୁରି ବଢ଼ିଯାଇଥିଲା। ହେଲେ କ'ଣ ଭାବିଲେ କେଜାଣି ଏଥିରେ ଅଭିନୟ କରିବାକୁ ମନା କରିଦେଲେ। କଥା କ'ଣ କି ନିକଟରେ ସଞ୍ଜୟ ଲୀଲା ଭଁସାଲୀ ତାଙ୍କର ଆଗାମୀ ଫିଲ୍ମର ନାୟିକା ଭୂମିକାରେ ଅଭିନୟ କରିବାକୁ ଅନୁଷ୍କାଙ୍କୁ ଅଫର ଦେଇଥିଲେ। ହେଲେ ଏହାକୁ ହାତଛଡ଼ା କରିଛନ୍ତି ସେ। ଏ ସମ୍ପର୍କରେ ଅନୁଷ୍କା କହନ୍ତି, ''ମୋତେ ଅଫର ମିଳିବା କଥା ସତ। ହେଲେ ତାହା କେବଳ ଆଲୋଚନାରେ ହିଁ ସୀମିତ ଥିଲା। କେତେକ କାରଣରୁ ଏହି ଅଫରକୁ ମୁଁ ରେଡ୍ ସିଗ୍‌ନାଲ ଦେଖାଇଛି। ଏ ନେଇ ମନ ତ ଦୁଃଖ ହେଉଛି, ହେଲେ ଏବେ ମୁଁ ନାଚାର।'' ଶୁଣିବାକୁ ମିଳୁଛି ଯେ ଏହି ଫିଲ୍ମର ମେଲ୍ ଲିଡ୍‌ରେ ସଲମାନ ଖାଁ ଅଭିନୟ କରିବେ।

## ଅନ୍ତରେ...

- ରମେଶ ରାଉତଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ଲଭ୍ ଏକ୍ସପ୍ରେସ' ଚଳିତ ମାସ ୨୮ରେ ରିଲିଜ ହେବାକୁ ଯାଉଛି। ଏହାର ଲିଡ୍ ରୋଲ୍‌ରେ ଅଛନ୍ତି ସ୍ୱରାଜ ଏବଂ ସନମୀରା।
- 'ପ୍ରେମରେ ରଖିଚି ଶହେରୁ ଶହେ' ପରେ ନିର୍ଦ୍ଦେଶକ ସଞ୍ଜୟ ନାୟକ ଏବେ ଆଉ ଏକ ଓଡ଼ିଆ ସିନେମାର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏହାର ଟାଇଟଲ ରହିଛି 'ଆସିବି ତୋ ପାଇଁ ବସୁଧା ଚିରି'। ଫିଲ୍ମଟିର ପ୍ରଯୋଜନା କରୁଛନ୍ତି ଶରତ ପ୍ରିୟା ପାଙ୍ଗଜୋଷୀ ଏବଂ ଶ୍ୟାମ ସୁନ୍ଦର ଅଗ୍ରୱାଲ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି ଚନ୍ଦନ କର, ନମ୍ରତା ସିଂଦେଓ, ଶ୍ରୀତମ ଦାସ, ବିଜୁ ବଡ଼ଜେନା।


# ଭାଷାରେ ପାରଙ୍ଗମ ଐଶ୍ୱର୍ଯ୍ୟା



ଐଶ୍ୱର୍ଯ୍ୟା ରାୟବଚ୍ଚନ କେବଳ ଅଭିନୟ ନୁହେଁ ଅନ୍ୟ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇବାକୁ ପଛାଇନାହାନ୍ତି। କେତୋଟି ଭାଷାରେ ତାଙ୍କର ପଟୁତା ରହିଛି। ଅର୍ଥାତ୍ ବେଶ୍ ପ୍ରାଞ୍ଜଳ ଭାବରେ ସେ ଏହି ଭାଷାଗୁଡ଼ିକୁ କହିପାରନ୍ତି। ମାତୃଭାଷା ତୁଲୁ ବ୍ୟତୀତ ସେଗୁଡ଼ିକ ହେଲା, ତାମିଲ, ମରାଠୀ, ବଙ୍ଗଳା। ଯେହେତୁ କର୍ନାଟକର ମାଙ୍ଗାଲୋର ସହରରେ ତାଙ୍କର ଜନ୍ମ। ତେଣୁ ତୁଲୁ ଭାଷାରେ ଦକ୍ଷତା ରହିଛି। ତାଙ୍କର ସ୍କୁଲ ଜୀବନ କଟିଥିଲା ମହାରାଷ୍ଟ୍ରରେ। ତେଣୁ ସ୍କୁଲ ସମୟରେ ସେ ଭଲ ଭାବରେ ମରାଠୀ ଶିଖିଥିଲେ। ଦକ୍ଷିଣ ଭାରତରେ ତାଙ୍କର ଜନ୍ମ ଯୋଗୁ ସେ ତାମିଲ ମଧ୍ୟ ଭଲ କହିପାରନ୍ତି। ବାକି ରହିଲା ବଙ୍ଗଳା। 'ଦେବଦାସ' ଏବଂ 'ରେନକୋଟ୍' ପରି ହିନ୍ଦୀ ସିନେମାରେ ସେ ବେଙ୍ଗଲୀ ଭୂମିକାରେ ଅଭିନୟ କରିବା ସମୟରେ ସେ ଏହି ଭାଷାକୁ ଭଲ ଭାବରେ ଶିଖିପାରିଥିଲେ।

# ଦୀପିକାଙ୍କୁ ଟେକିଧରି ୮୦୦ ଷ୍ଟେପ୍ ଚାଲିଥିଲେ ଶାହରୁଖ

'ଚେନ୍ନାଇ ଏକ୍ସପ୍ରେସ'ର ଶୁଟିଂ ସମୟରେ ଏକ ମଜାଦାର ଘଟଣା ଘଟିଥିଲା। ଏଥିରେ ଏକ ସିକୁଏନ୍ସ ଥିଲା ଯେ ଦୀପିକା ପାଦୁକୋନ୍‌ଙ୍କୁ ଟେକିଧରି ଶାହରୁଖ ୮୦୦ ଷ୍ଟେପ୍ ଚାଲିବେ। ପ୍ରାଚୀନ କଥା ଅନୁସାରେ ଯଦି ଜଣେ ପତି ନିଜ ପତ୍ନୀଙ୍କୁ ଟେକି ଧରି ୮୦୦ ଷ୍ଟେପ ଚାଲନ୍ତି ତେବେ ସେମାନଙ୍କ ଦାମ୍ପତ୍ୟ ଜୀବନ ଆହୁରି ଦୃଢ଼ ହେବ। ଯେତେବେଳେ ଏହି ସିକୁଏନ୍ସର ଶୁଟିଂ ଆରମ୍ଭ ହେଲା ସେତେବେଳେ ଦୀପିକା ଟିକେ ଡରିଗଲେ। କିଛି ସମୟ ପରେ ଶାହରୁଖଙ୍କୁ ପଚାରିଲେ, 'ମୋତେ ଆପଣ ଏତେ ବାଟ ଉଠାଇ ଚାଲିପାରିବେ ତ ?' ଶାହରୁଖ ହସି ଦେଇ କହିଥିଲେ, 'ସେତିକି ଭରସା ମୋ ଉପରେ ରଖ'। ଯାହାହେଉ ବିନା ଟେନ୍‌ସନ୍‌ରେ ଏହି ସିକୁଏନ୍ସର ଶୁଟିଂ କରାଯାଇଥିଲା ଏବଂ ଶଟ୍ ପରେ ଶାହରୁଖଙ୍କୁ 'ଥ୍ୟାଙ୍କ୍ସ' କହିବାକୁ ଭୁଲି ନ ଥିଲେ ଦୀପିକା।



'ଚେନ୍ନାଇ ଏକ୍ସପ୍ରେସ' ଚଳଚ୍ଚିତ୍ରରେ ଶାହରୁଖ-ଦୀପିକା

# ଆତଙ୍କ ସୃଷ୍ଟିକଲେ ହାତୀପଲ

ପରଜଙ୍ଗ, ୧୯।୧୨(ଡି.ଏନ୍.ଏ.)

- ଭାଙ୍ଗିଲେ ଘର, ପାଚେରି
- ଖଳାରୁ ଖାଇଗଲେ ଧାନ
- ଉଜାଡ଼ିଦେଲେ ଫଳ ବଗିଚା

ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନରେ ହାତୀ ଉତ୍ପାତ କମିବାର ନାଁ ଧରୁନି। ଜନବସତିରେ ପଶି ହାତୀପଲ ବ୍ୟାପକ କ୍ଷତି କରୁଛନ୍ତି। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ବନ ବିଭାଗ ବିଫଳ ହେଉଥିବାବେଳେ ଫସଲ ସୁରକ୍ଷା କରିବାକୁ ଚାଷୀମାନେ ଗଛରେ ମଞ୍ଚା କରି ରାତି ଉଜାଗର ରହୁଛନ୍ତି।

ପିତିରି ପଞ୍ଚାୟତ ଖାଲପାଳ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ହାତୀପଲ ପଶି ବ୍ୟାପକ କ୍ଷତି ଘଟାଇଛନ୍ତି। ଦାସ ଭୂତିଆ, ବିଠଲ ବର୍ମା, ଅଲେଖ ନାୟକଙ୍କ ଘର ଏବଂ ପ୍ରତାପ ଜେନାଙ୍କ ଘର ପାଚେରି ଭାଙ୍ଗି ଦେଇଥିବାବେଳେ ପଦ୍ମାରୀ ନାୟକଙ୍କ ଶିମ୍ୱ, ହରଡ଼ ବଗିଚା, ଅଭିମନ୍ୟୁ ବର୍ମା, ଆଲୋକ ବର୍ମାଙ୍କ କଦଳୀ ବାଡ଼ ଉଜାଡ଼ି ଦେଇଛନ୍ତି । ସେହିପରି କାର୍ତ୍ତିକେଶ୍ୱର ବର୍ମାଙ୍କ ଖଳାରେ ରଖାଯାଇଥିବା ୧୫ ବସ୍ତା ଧାନ ଖାଇଯାଇଛନ୍ତି। ଅଭିଯୋଗପରେ ବନ ବିଭାଗ ପକ୍ଷରୁ ସରଜମିନ ତଦନ୍ତ ଆରମ୍ଭ ହୋଇଛି।

ପରଜଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ଭାଗ ଭାଗ ହୋଇରହିଛନ୍ତି ହାତୀ। ଡମୋଳ ଅଞ୍ଚଳରେ ୨୨, ଖାଲପାଳ ଜଙ୍ଗଲରେ ୧୪ ଏବଂ ବାରବାଙ୍କ ଜଙ୍ଗଲରେ ୩୦ରୁ ଊର୍ଦ୍ଧ୍ୱ ହାତୀ ବିଚରଣ କରୁଛନ୍ତି। ଅସୁସ୍ଥ ଦନ୍ତାକୁ ବୁଧବାର ସରାଙ୍ଗ ଗ୍ରାମ ନିକଟରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଜନବସତି ନିକଟରେ ହାତୀଙ୍କ ଉପସ୍ଥିତି ଲୋକଙ୍କୁ ଗୃହବନ୍ଦୀ କରିରଖିଛି। ଅଞ୍ଚଳର ଜୀବନଯାତ୍ରା ପ୍ରଭାବିତ ହୋଇଛି। ସଞ୍ଜ ହେଲେ କବାଟ କିଳି ରହୁଛନ୍ତି ଲୋକେ। ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଅମଙ୍ଗ ହେଉଛନ୍ତି ଅଭିଭାବକ। ହଜାର ହଜାର ଜନସାଧାରଣ ହାତୀ ଚିନ୍ତାରେ ଥିବାବେଳେ ଏହାର ପ୍ରତିକାର କରିବାକୁ ଦାବି ହେଉଛି।



ମୁକ୍ତାପଶି-ବଶୋଇ ରାସ୍ତା ପାର୍ଶ୍ୱ ଗଛରେ ଫସଲ ସୁରକ୍ଷା ଲାଗି ମଞ୍ଚା ବନ୍ଧାଯାଇଛି।

**ବନ କାର୍ଯ୍ୟାଳୟ ଘେରାଉ ଚେତାବନୀ**

ପରଜଙ୍ଗ ଅଞ୍ଚଳରେ ହାତୀ ଉପଦ୍ରବରେ ବିଶେଷ ଭାବେ ପ୍ରଭାବିତ ହେଉଛନ୍ତି ଚାଷୀ। ଏହାର ପ୍ରତିବାଦରେ ଆନ୍ଦୋଳନ ଚେତାବନୀ ଦେଇଛି ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ। ବନ ବିଭାଗ ହାତୀ ଘଉଡ଼ାଇବା ଦିଗରେ ପଦକ୍ଷେପ ନ ନେଲେ ସଂଘ ପକ୍ଷରୁ ଡିହଡୋଳ ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ଘେରାଉ କରିବ ବୋଲି ଆବାହକ ମାନସ କୁମାର ପରିଡ଼ା କହିଛନ୍ତି।

## ମେଲାଣି ନେଲେ ଲକ୍ଷ୍ମୀନାରାୟଣ

ଭୁବନ, ୧୯।୧୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲ୍ଲା ଭୁବନ ଗଣେଶ ବଜାରରେ କୁରାଳ ସମାଜ ପକ୍ଷରୁ ଚାଲିଥିବା ଲକ୍ଷ୍ମୀନାରାୟଣଙ୍କ ପୂଜା ମଙ୍ଗଳବାର ଶେଷହୋଇଛି। ମଣ୍ଡପରେ ପୂଜା ପାଉଥିବା ଲକ୍ଷ୍ମୀନାରାୟଣଙ୍କୁ ଶୋଭାଯାତ୍ରାରେ ମେଲାଣି ଦେଇଛନ୍ତି ସମାଜର କର୍ମକର୍ତ୍ତା। ସଂକୀର୍ତ୍ତନ ମଣ୍ଡଳୀ, ବ୍ରାସ୍ ବ୍ୟାଣ୍ଡ, ଲଉଡ଼ି ଖେଳ ଆକର୍ଷଣ ପାଲଟିଥିଲା। ସଭାପତି ଗୟାଧର ରଣା, ଉପସଭାପତି ଟଙ୍କଧର ସାହୁ, ସମ୍ପାଦକ ସୁରେଶ ସାହୁ, ସହସମ୍ପାଦକ ରସାନନ୍ଦ ସାହୁ, କୋଷାଧ୍ୟକ୍ଷ ଅନାମ ଚରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

- ଟ୍ରକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

# ୮ ଘଣ୍ଟା ରାସ୍ତାରୋକୋ, ଉତ୍ତେଜନା

ଭାପୁର, ୧୯।୧୨(ଡି.ଏନ୍.ଏ.)

ଢେଙ୍କାନାଳ ସଦର ଥାନା ଭାପୁର ଫାଣ୍ଡି ଅଧୀନ ଗାନ୍ଧୀ ଛକ ନିକଟ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ବୁଧବାର ଲୁହା ରଡ୍ ବୋଝେଇ ୧୦ ଚକିଆ ଟ୍ରକ୍ (ଓଆର୍ ୨୧ସି ୬୦୩୧) ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବେଗୁନିଆପାଳ ଗ୍ରାମର ନିରାକାର ମୁଦୁଲି (୪୦)। ଦୁର୍ଘଟଣା ପରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। କ୍ଷତିପୂରଣ ଦାବିରେ ଅପରାହ୍ଣ ୧ଟାରୁ ରାତି ୯ଟା ଯାଏ ଅଞ୍ଚଳବାସୀ ରାସ୍ତାରୋକୋ କରିଥିଲେ। ଏପରି କି ସେମାନେ ଆମ୍ବୁଲାନ୍ସକୁ ମଧ୍ୟ ଛାଡ଼ି ନ ଥିଲେ। ପୋଲିସ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ମୃତକଙ୍କ ପରିବାର ୧୦ ଲକ୍ଷ ଟଙ୍କା ଏବଂ ଚାକିରି ଦାବି କରିଥିଲେ।

ଅପରାହ୍ଣରେ ଓଡ଼ାପଡ଼ା ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ, ସଦର ଥାନା ଆଇଆଇସି ମଳୟ ନାଏକ ପହଞ୍ଚି ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଥିରେ ସହମତ ହୋଇ ନ ଥିଲେ ପରିବାର ଲୋକେ। ରାତି ୯ଟାରେ ଉପଜିଲାପାଳ ପୀତାମ୍ବର ସାମଲ, ଏସ୍‌ଡିପିଓ ଶେଖ୍ ଅବଦୁଲ୍ କରିମ୍ ପହଞ୍ଚି ବୁଝାଇବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ଟ୍ରକ୍ ଜବତ କରି ଭାପୁର ଫାଣ୍ଡିକୁ ଅଣାଯାଇଛି। ଡ୍ରାଇଭର ଫେରାର ଅଛନ୍ତି। ବ୍ୟସ୍ତବହୁଳ ପୁରୁଣା କଟକ-ସମ୍ବଲପୁର ରାସ୍ତା ଜାମ୍ ଯୋଗୁ ହଜାର ହଜାର ଯାନବାହନ ଅଟକି ରହିଥିଲା। ଦିନତମାମ ଯାତ୍ରୀମାନେ ନାହିଁ ନ ଥିବା ହନ୍ତସନ୍ତ ହୋଇଥିଲେ।

# ୬ଷ୍ଠ ଦିନରେ ଆନ୍ଦୋଳନ

ଭୁବନ, ୧୯।୧୨(ଡି.ଏନ୍.ଏ.)

ଭୁବନ ସରକାରୀ ବାଳିକା ହାଇସ୍କୁଲ ସମ୍ମିଶ୍ରଣ ବିବାଦକୁ ନେଇ ଚାଲିଥିବା ଆନ୍ଦୋଳନ ବୁଧବାର ୬ଷ୍ଠ ଦିନରେ ପହଞ୍ଚିଛି। ଶିକ୍ଷା ବିଭାଗ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ନ ମିଳିବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ବିବାଦର ସମାଧାନ ଲାଗି ଗଠିତ ୮ଜଣିଆ କମିଟି ମଙ୍ଗଳବାର ଖଣିମନ୍ତ୍ରୀଙ୍କ ସହାୟତାରେ ଶିକ୍ଷା ସଚିବଙ୍କୁ ଭେଟି ଆଲୋଚନା କରିଥିଲା। ଜିଲା ଶିକ୍ଷା ବିଭାଗ ଅଧିକାରୀ ଆଲୋଚନା ମାଧ୍ୟମରେ ସମାଧାନର ବାଟ ବାହାର କରିବାକୁ ସଚିବ କହିଥିଲେ। ହେଲେ ବୁଧବାର କୌଣସି ଅଧିକାରୀ ଘଟଣାସ୍ଥଳକୁ ନ ଆସିବାରୁ ଅସନ୍ତୋଷ ତୀବ୍ର ହୋଇଥିଲା। ଡିଇଓଙ୍କ ନିର୍ଦ୍ଦେଶରେ ବିଇଓ ଶ୍ରୀହର୍ଷ ନାୟକ ଆସି ବୁଝାଶୁଝା କରିଥିଲେ ମଧ୍ୟ ସମାଧାନର ବାଟ ବାହାରିନି। ଶିକ୍ଷା ବିଭାଗ ପିଲାଙ୍କ ଭବିଷ୍ୟତ ସହ ଖେଳୁଛି। ଏ ଦିଗରେ ତ୍ୱରିତ ପଦକ୍ଷେପ ନ ନେଲେ ପ୍ରଶାସନକୁ ଅଚଳ କରି ଦିଆଯିବ ବୋଲି କୋଦଣ୍ଡଧର ସାହୁ, ଦୁଷ୍ମନ୍ତ ପୃଷ୍ଟି ପ୍ରମୁଖ ଚେତାବନୀ ଦେଇଛନ୍ତି।


**OFFICE OF THE**

**NOTIFIED AREA COUNCIL, DHAMNAGAR**

**Notice No.: 1940** **Date: 17.12.2018**

The Class of Contractor of Sl. No. 1 of the tender vide **Bid Identification No. DNR_05/2018_19** shall be read as "B & C" instead of C & D.

Sl. No. 2 of the tender vide **Bid Identification No. DNR_05/2018_19** is hereby cancelled due to unavoidable circumstances.

**Sd./- Executive Officer, Dhamnagar NAC**



**ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର**

ପତ୍ର ସଂଖ୍ୟା– ୨୮୧୪ ତା୧୨।୧୨।୧୮

**ନାମ- ଶ୍ରୀ ନିମାଇଁ ଚରଣ ବେହେରା**
**ପିତା- ସ୍ୱ ଗୁଡ଼ିଆ ବେହେରା**
**ଗ୍ରାମ- କଂଟାବାଂଜି**
**ପୋଷ୍ଟ/ଥାନା- କଂଟାବାଂଜି**
**ଜିଲ୍ଲା- ବଲାଙ୍ଗୀର**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଆପଣ ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ, ସୁବର୍ଣ୍ଣପୁରଙ୍କର ଅଧୀନରେ କନିଷ୍ଠ କିରାଣି ଭାବରେ କାର୍ଯ୍ୟ କରୁଥିବା ସମୟରେ ତା୩୧।୦୮।୨୦୧୮ଠାରୁ କାର୍ଯ୍ୟାଳୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ଏହି କାର୍ଯ୍ୟାଳୟର ପତ୍ର ସଂଖ୍ୟା ୧୯୪୭ ତା୦୭।୦୯।୨୦୧୮, ୨୦୨୭ ତା୧୮।୦୯।୨୦୧୮, ୨୩୮୨ ତା୨୬।୧୦।୨୦୧୮ ଏବଂ ୨୬୦୫ ତା୨୦।୧୧।୨୦୧୮ ରେଜିଷ୍ଟ୍ରି ଡାକ ଯୋଗେ ଉପରୋକ୍ତ ଠିକଣାରେ କାର୍ଯ୍ୟାଳୟରେ ଯୋଗଦେବା ନିମନ୍ତେ ପତ୍ର ଯୋଗେ ଜଣାଇ ଦିଆଯାଇଥିଲେ ସୁଦ୍ଧା ଆପଣ ଆଜିପର୍ଯ୍ୟନ୍ତ ନିଜେ ଉପସ୍ଥିତ ହୋଇନାହାନ୍ତି କିମ୍ବା କୌଣସି ଯୋଗାଯୋଗ କରିନାହାନ୍ତି। ଏଣୁ ଆପଣଙ୍କୁ ଉକ୍ତ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ ୭ ଦିନ ମଧ୍ୟରେ କାର୍ଯ୍ୟରେ ଯୋଗଦିଅନ୍ତୁ, ନଚେତ୍ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ନିର୍ବାହୀ ଯନ୍ତ୍ରୀ
ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସୁବର୍ଣ୍ଣପୁର



**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା**

No RDM-LAA-MBJ-0044-2017/32680 R&DM, Dated 31 Aug. 2018

No.-XXI-102: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ଭାଲୁଘର**, ଥାନା- କରଞ୍ଜିଆ ନଂ.-୧୪୫, ତହସିଲ- କରଞ୍ଜିଆ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଦେଓ ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ ଡିଷ୍ଟ୍ରିବ୍ୟୁଟାରୀ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୩୨୬ ତା୧୮।୦୭।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ଭାଲୁଘର**, ଥାନା- କରଞ୍ଜିଆ ନଂ.-୧୪୫, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ, କରଞ୍ଜିଆ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ଭାଲୁଘର** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୨.୮୦ | ଏ. ୧.୧୪ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: କରଞ୍ଜିଆ**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ ୨୮।୦୩।୨୦୧୮**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ସ୍ୱତନ୍ତ୍ର ଭୂ-ଅର୍ଜନ ଓ ପୁନଃ ବସତି ଅଧିକାରୀ,**
**ଦେଓ ଜଳ ପ୍ରକଳ୍ପ, ମୟୂରଭଞ୍ଜ, କରଞ୍ଜିଆ**

**ମୌଜା- ଭାଲୁଘର** **ଥାନା ନଂ.୧୪୫**

| କ୍ର. ନଂ. | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଅଧିଗୃହୀତ ରକବା | କିସମ | ପ୍ରଜାଙ୍କ ନାମ ଓ ଧାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଭାଲୁଘର | ୫ | ୯<br>୧୫<br>୧୭ | ୧.୬୬<br>୧.୦୩<br>୦.୧୧ | ୦.୭୫<br>୦.୩୮<br>୦.୦୧ | ଶାରଦ ଦୁଇ<br>ଶାରଦ ଏକ<br>ଆଶୁ | ନାରାୟଣ ମାଝୀ, ସାନମାଲଦେ ମାଝୀ, ପି- ହାଦ ମାଝୀ, ଚମ୍ପା ମାଝୀ, ସ୍ୱା- ହାଦ ମାଝୀ, ଜା- ସାନ୍ତାଳ, ବା- ନିଜଗାଁ | |
| | | **ମୋଟ** | **୩** | **୨.୬୯** | **୧.୧୪** | | | |

24001/14/0422/1819



**ଓଡ଼ିଶା ସରକାର**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ**

**ଘୋଷଣା**

No RDM-LAA-MBJ-0080-2017/29495 R&DM Dated 8 Aug. 2018

No.-XXI-99: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ନୂଆଖୁଣ୍ଟା**, ଥାନା- ମୋରଡା ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୮୦୭୦ ତା୧୪।୧୧।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- **ନୂଆଖୁଣ୍ଟା**, ଥାନା- ମୋରଡା ନଂ.-୧୩୪, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷୀ, ବାରିପଦାସ୍ଥିତ, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ନୂଆଖୁଣ୍ଟା** | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧୫.୯୧ | ଏକର ୩.୪୦ | ଏଥି ସହିତ ସଂଲଗ୍ନ |

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ମୟୂରଭଞ୍ଜ** **ତହସିଲ: ରାସଗୋବିନ୍ଦପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ ୨୪।୦୩।୨୦୧୮**

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ, ଯୁଗ୍ମ ଶାସନ ସଚିବ

**ଭୂମି ଅନୁସୂଚୀ**

**ଭୂଅର୍ଜନ ମାମଲା ସଂଖ୍ୟା- ୫୨/୨୦୧୭**
**ଏ.୩.୪୦ଡି.**

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ଶାଖା କେନାଲର ପିଙ୍ଗୁଳି ମାଇନର**
**ମୌଜା- ନୂଆଖୁଣ୍ଟା, ଥାନା- ମୋରଡା, ନଂ.-୧୩୪, ତହସିଲ- ରାସଗୋବିନ୍ଦପୁର, ଜିଲ୍ଲା- ମୟୂରଭଞ୍ଜ**

| ଖାତା ନଂ. ଓ ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୧୩ | ୧.୩୩ | ୦.୨୦ | ଶାରଦ ଦୁଇ | ଈଶ୍ୱରଚନ୍ଦ୍ର ମହାନ୍ତି, ପି: ଦିନବନ୍ଧୁ ମହାନ୍ତି, ଜା: କରଣ, ବା: କରଞ୍ଜପଡା |
| ୨ | ୯ | ୦.୮୫ | ୦.୨୨ | ଶାରଦ ଦୁଇ | କନ୍ଦା ମାଝୀ, ପି: ଛୋଟା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା |
| ୩ | ୪୫/୯୪ | ୦.୨୧ | ୦.୧୫ | ଶାରଦ ଦୁଇ | କାଳିଆ ମାହାଲି, ପି: ମଙ୍ଗଳା ମାହାଲି, ଜା: ମାଜାଲି, ବା: ନିଜଗାଁ |
| ୭ | ୪୭/୯୫ | ୦.୦୮ | ୦.୦୧ | ଶାରଦ ଦୁଇ | ଚାପୈ ମାଝୀ, ପି: ଧାନୁ ମାଝୀ, ରୁହିୟା ମାଝୀ, ମାଙ୍ଗାତ ମାଝୀ, ଗୟ ମାଝୀ, ପି: ଚୈତନ୍ୟ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୮ | ୧୮ | ୦.୭୭ | ୦.୧୪ | ଶାରଦ ଦୁଇ | ଯୁଧିଷ୍ଠିର ଦତ୍ତ, ଅମ୍ବିକା ଦତ୍ତ, ଦୁତୀକା ଦତ୍ତ, ଉମାମଣୀ ଦତ୍ତ, ପି: ପଦ୍ମ ଲୋଚନ ଦତ୍ତ, ଯଦୁନାଥ ଦତ୍ତ, ସୋମନାଥ ଦତ୍ତ, ରାମଚନ୍ଦ୍ର ଦତ୍ତ, ପି: ଦିନବନ୍ଧୁ ଦତ୍ତ, ଜା: ରାହୁ, ବା: କରଞ୍ଜପଡା |
| | ୩୭ | ୦.୩୪ | ୦.୦୯ | ଶାରଦ ଦୁଇ | |
| | ୩୮ | ୦.୪୪ | ୦.୦୮ | ଶାରଦ ଦୁଇ | |
| ୧୦ | ୨୬ | ୦.୭୦ | ୦.୧୭ | ଶାରଦ ଦୁଇ | ଦାମୋଦର ମାଝୀ, ବିଜୟ ମାଝୀ, କାଳିଆ ମାଝୀ, ପି: ରଘୁ ନାଥ ମାଝୀ, ନାରଣ ମାଝୀ, ପି: ବାଘରାଏ ମାଝୀ, ଜା: ସାନ୍ତାଳ, ବା: କାଟୁଣୀ |
| ୧୧ | ୨୭ | ୦.୮୨ | ୦.୦୨ | ଶାରଦ ଦୁଇ | ଦୁଃଖିରାମ ସରେନ, ପଦନ ସରେନ, ପି: ଭଗବାନ ସରେନ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୧୪ | ୫ | ୦.୪୪ | ୦.୧୪ | ଶାରଦ ଦୁଇ | ଫଗଡା ମାଝୀ, ପି: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଡା ମାଝୀ, ରୁହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୬ | ୭୮ | ୦.୫୩ | ୦.୧୨ | ଶାରଦ ତିନି | ଫଗଡା ମାଝୀ, ରାମ ମାଝୀ, ନାରାନ ମାଝୀ, ପି: କନ୍ଦା ମାଝୀ, ତୁଳସୀ ମାଝୀ, ସ୍ୱା: କନ୍ଦା ମାଝୀ, ପାଣ୍ଡୁ ମାଝୀ, ପି: ଫଗଲା ମାଝୀ, ରୋହିଆ ମାଝୀ, ରାମ ମାଝୀ, ବିରଧାନ ମାଝୀ, ଭାଗିରଥି ମାଝୀ, ବିରସିଂ ମାଝୀ, ପି: ଦାସ ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| ୧୭ | ୭୭ | ୦.୭୫ | ୦.୧୯ | ଶାରଦ ତିନି | ବାଢା ମାଝୀ, ପି: ଲକ୍ଷ୍ମଣ ମାଝୀ, ଜା: ସାନ୍ତାଳ, ବା: କୋଚିଆଶୁଳ |
| ୨୪ | ୩୦ | ୦.୬୯ | ୦.୧୪ | ଶାରଦ ଦୁଇ | ରେଣ୍ଟା ମାଝୀ, ସୁକୁଲ ମାଝୀ, ପି: ବିଦ ମାଝୀ, ଜା: ସାନ୍ତାଳ, ବା: ଖାଣ୍ଡିଖାଳ |
| ୨୫ | ୩୧ | ୦.୭୫ | ୦.୧୬ | ଶାରଦ ଦୁଇ | ଲବା ସରେନ, ପି: ରୁଟିଆ ସରେନ, ଜା: ସାନ୍ତାଳ, ବା: ଅଙ୍ଗାରଗଡିଆ, ବେଆଇନ ଖରିଦ ସୂତ୍ରେ ଦଖଲ ଲେଢା ମାଝୀ, ପି; ଦୁର୍ଗା ମାଝୀ, ମାହ୍ଲ ମାଝୀ, ସ୍ୱା: ଲେଢା ମାଝୀ, ଜା: ସାନ୍ତାଳ, ବା: କରଞ୍ଜପଡା, ରେଜେଷ୍ଟ୍ରୀ ଦଲିଲ ନମ୍ବର 2056 ତା7.3.75 ଜରସମନ 1500/- ବା: |
| ୩୧ | ୪ | ୦.୩୫ | ୦.୧୮ | ଶାରଦ ଦୁଇ | ଶ୍ରୀନାଥ ମାଝୀ, ପି: ଭାଗିରଥି ମାଝୀ, ଜା: ସାନ୍ତାଳ, ବା: କାଟୁଣି |
| | ୨୨ | ୧.୧୪ | ୦.୩୧ | ଶାରଦ ଦୁଇ | |
| ୩୨ | ୫୩ | ୧.୭୬ | ୦.୨୬ | ଶାରଦ ଦୁଇ | ହାରି ମାଝୀ, ରଘୁ ମାଝୀ, ଶାମୁ ମାଝୀ, ପି: ଭୀମା ମାଝୀ, ଜା: ସାନ୍ତାଳ, ବା: ନିଜଗାଁ |
| | ୮୦ | ୧.୧୧ | ୦.୩୪ | ଶାରଦ ତିନି | |
| ୩୨/୧ | ୩୦/୯୬ | ୦.୨୫ | ୦.୧୨ | ଶାରଦ ଦୁଇ | ଶ୍ରୀମତୀ ପାନ ସରେନ, ଅର୍ଜ୍ଜୁନ ସରେନ, ଦାସମାତ ସରେନ, ଗହ୍ମା ସରେନ, ଭକ୍ତୁ ସରେନ, ପି– ସାଉନା ସରେନ, ଜା: ସାନ୍ତାଳ, ବା: କରଞ୍ଜପଡା |
| | ୩୦/୯୭ | ୦.୧୫ | ୦.୦୪ | ଶାରଦ ଦୁଇ | |
| ୩୨/୨ | ୪୭ | ୦.୪୨ | ୦.୧୩ | ଶାରଦ ଦୁଇ | ବିନୁ ହେମ୍ବ୍ରମ, ପି: ବୁଧରାୟ ହେମ୍ବ୍ରମ, ଜା: ସାନ୍ତାଳ, ବା: ବିରିପାଳ |
| ୩୨/୬ | ୧୩/୧୦୩ | ୨.୦୩ | ୦.୧୯ | ଶାରଦ ଦୁଇ | ଝରଣା ପଟ୍ଟନାୟକ, ସ୍ୱା: ଅବନୀ ପଟ୍ଟନାୟକ, ଜା: କରଣ, ବା: ମଧୁବନ ୱା ନଂ.9 ବାରିପଦା |
| **ମୋଟ** | **୨୨ ପ୍ଲଟ** | **ଏ.୧୫.୯୧ ଡେ.ମି.** | **ଏ.୩.୪୦ ଡେ.ମି.** | | |

24001/14/0419/1819

# Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 3

## CLASS-X (MATHEMATICS)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***All questions are compulsory. There are 30 questions in all.***

*ii.* ***This question paper has four sections : Section A, Section B, Section C and Section D.***


*iii.* ***Section A contains 6 questions of one mark each, Section B contains 6 questions of two marks each, Section C contains 10 questions of three marks each, Section D contains 8 questions of four marks each.***

*iv.* ***There is no overall choice. However, an internal choice has been provided in four questions of three marks each and three questions of four marks each. You have to attempt only one of the choices in such questions.***

*v.* ***Use of calculators is not permitted.***

### SECTION-A

1. In Euclid's division lemma, the value of r, when a positive integer a is divided by 3, are 0 and 1 only. Is this statement true or false ? Justify your answer
2. Find the least positive value of k for which $x^2 + kx + 16 = 0$ has real roots.
3. What is the distance between the points (10 cos $30^0$, 0) and (0, 10 cos $60^0$) ?
4. In $\Delta$ABC shown below, DE || BC. If BC = 8 cm, DE = 6 cm and area of $\Delta$ADE = 45 $cm^2$, what is the area of $\Delta$ABC ?





5. Find the mode of the data, using an empirical formula, when it is given that median = 41.25 and mean = 33.75
6. The probability of getting a rotten egg from a lot of 400 ergs is 0.035. Find the number of rotten eggs in the lot.

### SECTION-B

7. A rational number in its decimal expansion is 327.7081. What can you say about the prime factors of q, when this number is expressed in the form p/q? Give reason.
8. If one zero of the polynomial $2x^2 - 5x - (2k + 1)$ is twice the other, then find both the zeroes of the polynomial and the value of k.
9. If the point C(k, 4) divides the join of points A(2, 6) and B(5, 1) in the ratio 2 : 3, find the value of k?
10. If sinA = 3/4, calculate cosA and tanA.
11. If $\tan A = \sqrt{2} - 1$, prove that $\frac{\tan A}{1 + \tan^2 A} = \frac{\sqrt{2}}{4}$
12. Two friends were born in the year 2000. What is the probability that they have the same birthday?

### SECTION-C


13. A forester wants to plant 66 mango trees, 88 orange trees and 110 apple trees in equal rows (in terms of number of trees). Also, he wants to make distinct rows of trees (i.e., only one type of trees in one row). Find the number of minimum rows.
14. Find the zeroes by factorization method and verify the relations between the zeroes and the coefficients of the polynomial $7y^2 - \frac{11}{3}y - \frac{2}{3}$.
15. Solve the following system of equations by cross multiplication method
    $x + y = a + b$ and $ax - by = a^2 - b^2$.
16. If the roots of the equation $(a - b)x^2 + (b - c)x + (c - a) = 0$ are equal, then prove that 2a = b + c.
17. In the given figure, in $\Delta$ABC, D and E are the mid-points of the sides BC and AC respectively. Find the length of DE. Prove that $DE = \frac{1}{2}AB$





18. Prove that opposite sides of a quadrilateral circumscribing a circle subtend supplementary angles at the centre of the circle.

**OR**

In the given figure, XY and $X'Y'$ are two parallel tangents to a circle with centre O and another tangent AB with point of contact C intersecting XY at A and $X'Y'$ at B. Prove that $\angle AOB = 90^0$.




19. Draw a circle of radius 2 cm. From a point P 6cm apart from centre of the circle, draw two tangents to the circle. Also justify your construction.
20. Calculate the area of the designed region in figure, common between the two quadrants of circles of radius 8 cm each.




21. How many silver coins, 1.75 cm in diameter and of thickness 2 mm, must be melted to form a cuboid of dimensions 5.5 cm x 10 cm x 3.5 cm ?
22. An aircraft has 120 passenger seats. The number of seats occupied during 100 flights is given in the following table.

| Number of seats | 100–104 | 104–108 | 108–112 | 112–116 | 116–120 |
|---|---|---|---|---|---|
| Frequency | 15 | 20 | 32 | 18 | 15 |

Determine the mean number of seats occupied over the flights.

### SECTION-D

23. How many terms of the A.P.: 9, 17, 25,......... must be taken to give a sum of 636 ?
24. A factory kept increasing its output by the same percentage every year. Find the percentage, if it is known that the output doubles in the last two years.
25. Sides AB, AC and median AD of $\Delta$ABC are respectively proportional to sides PQ and PR and median PM of another $\Delta$PQR. Show that $\Delta ABC \sim \Delta PQR$.


**OR**

PQR is a triangle right angled at P and M is a point on QR, such that $PM \perp QR$. Show that $PM^2 = QM \times MR$.


26. Tangents PQ and PR are drawn to a circle such that $\angle RPQ = 30^0$. A chord RS is drawn parallel to the tangent PQ. Find $\angle RQS$.

**OR**

A $\Delta$ABC is drawn to circumscribe a circle of radius 4 cm such that the segments BD and DC into which BC is divided by the point of contact D are of lengths 8 cm and 6 cm, respectively. Find the sides AB and AC.





27. Show that $(\sin^8 A - \cos^8 A) = (2\sin^2 A - 1)(1 - 2\sin^2 A \cos^2 A)$
28. The angle of elevation $\theta$ of the top of a lighthouse as seen by a person on the ground is such hat $\tan\theta = \frac{5}{12}$. When the person moves a distance of 240 m towards the lighthouse, the angle of elevation becomes $\phi$, such that $\tan\phi = \frac{3}{4}$. Find the height of the lighthouse.
29. Two farmers have circular plots. The plots are watered with the same water source placed in the point common to both the plots as shown in the figure. The sum of their areas is 130$\pi$ and the distance between their centres is 14 m. Find the radii of the circles. What value is depicted by the farmers ?




**OR**

A gulabjamun contains sugar syryp upto about 30% of its volume. Find approximately how much syrup would be found in 45 gulabijamuns, each shaped like a cylinder with two hemispherical ends with length 5 cm and diameter 2.8 cm.



30. The mileage (in km/L) of 50 cars of the same model was tested by a manufacture and details are tabulated as given below

| Mileage (in km/L) | 10–12 | 12–14 | 14–16 | 16–18 |
|---|---|---|---|---|
| Number of cars | 7 | 12 | 18 | 13 |

Find the mean mileage. The manufacture claimed that the mileage of the model was 16 km/L. Do you agree with this claim?

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ରାହାନେ ଉତ୍ସାହିତ କରନ୍ତି, ରାଇନା ମଜାଳିଆ

ଗତ ଅକ୍ଟୋବରରେ ଦିଲ୍ଲୀର ଫିରୋଜଶାହ କୋଟଲା ଗ୍ରାଉଣ୍ଡରେ ଦେଓଧର ଟ୍ରଫି ମ୍ୟାଚ୍ ଖେଳାଯାଉଥାଏ। ଓଡ଼ିଶାର ଏକମାତ୍ର ଖେଳାଳି ଭାବେ ମୁଁ ସେ ଟୁର୍ନାମେଣ୍ଟରେ ସାମିଲ ହୋଇଥାଏ। ଇଣ୍ଡିଆ-ସି ଦଳରୁ ପ୍ରତିନିଧିତ୍ୱ କରୁଥିଲି। ମ୍ୟାଚ୍‌ରେ ମୋତେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବ ନା ନାହିଁ ସେ ନେଇ ଚିନ୍ତା ଥିଲା। ପ୍ରତ୍ୟେକ ଦଳରେ ଭାରତର ଅନେକ ଅନ୍ତର୍ଜାତୀୟ ଖେଳାଳି ଥିବାରୁ ସେମାନଙ୍କ ସହ କିପରି ପଡ଼ିଆରେ ସମ୍ମୁଖୀନ ହେବି ସେ ନେଇ ବ୍ୟସ୍ତ ଲାଗୁଥାଏ। ଆମେ ପ୍ରଥମ ମ୍ୟାଚ୍ ଇଣ୍ଡିଆ-ବି ବିପକ୍ଷରେ ଖେଳିଲୁ। ମୋତେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଛି ବୋଲି ଦଳର ଅଧିନାୟକ ତଥା ଅନ୍ତର୍ଜାତୀୟ ତାରକା ଖେଳାଳି ଆଜିଙ୍କ୍ୟ ରାହାନେ ସ୍ପଷ୍ଟ କରିଦେଲେ। ମ୍ୟାଚ୍‌ରେ ଯେତେବେଳେ ବୋଲିଂ କରିବାକୁ ସୁଯୋଗ ମିଳିଲା ସେତେବେଳେ ଅଧିନାୟକ ରାହାନେ ଆସି କହିଥିଲେ, ତୁମ ଇଚ୍ଛାରେ ବୋଲିଂ କର, ଭଲ କରିପାରିବ। ତେବେ ମୋର ପ୍ରଥମ ଓଭର ବୋଲିଂକୁ ସାମ୍ନା କରିଥିଲେ ଅନ୍ତର୍ଜାତୀୟ ଖେଳାଳି ତଥା ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ଜଣେ ଧୂଆଁଧାର ବ୍ୟାଟ୍ସମ୍ୟାନ କୁହାଯାଉଥିବା ମନୋଜ ତିୱାରୀ। ପ୍ରଥମ କିଛି ବଲକୁ ସେ ସହଜରେ ଡିଫେନ୍ସ କଲେ। ପରେ ଷ୍ଟେପ୍ ନେଇ ମିଡ୍‌ଅଫ୍ ଅଞ୍ଚଳରେ ଏକ ବିଶାଳ ଛକା ମାରିଥିଲେ। ମୋର ନର୍ଭସ ଦୁଇଗୁଣା ହୋଇଗଲା। ମୁଁ ନର୍ଭସ ହେଉଛି ବୋଲି ଅଧିନାୟକ ରାହାନେ ଜାଣିପାରି ପାଖକୁ ଆସିଥିଲେ। ତାଙ୍କୁ କହିଥିଲି, ଯେଉଁ ଅଞ୍ଚଳରେ ଛକା ହୋଇଛି ସେ ବାଉଣ୍ଡରୀ କଡ଼ରେ ଫିଲ୍ଡର ଜଣଙ୍କୁ ଜଗାଇବାକୁ। ହେଲେ ସେ ମନା କରିଥିଲେ। ଆଉ କହିଥିଲେ, ଯେମିତି ବଲ ପକାଉଛ, ସେମିତି ଜାରି ରଖ। ବାସ୍ ମୋ ପରବର୍ତ୍ତୀ ବଲରେ ମନୋଜ ତିୱାରୀ କ୍ଲିନ ବୋଲ୍ଡ। ସେ ମ୍ୟାଚ୍‌ରେ ୩ଟି ଉଇକେଟ ଦଖଲ କରିଥିଲି। ବହୁତ ପ୍ରଶଂସା ମଧ୍ୟ ପାଇଥିଲି। ମାତ୍ର ରାହାନେଙ୍କ କଥାଗୁଡ଼ିକ ମୋତେ ବେଶ୍ ଉତ୍ସାହିତ କରିଥିଲା। ଫାଇନାଲରେ ମଧ୍ୟ ଆମର ଇଣ୍ଡିଆ-ବି ବିପକ୍ଷରେ ଭେଟ ହୋଇଥିଲା ଓ ଆମେ ଏହି ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲୁ। ରାହାନେ ଗ୍ରାଉଣ୍ଡରେ କିମ୍ବା ଡ୍ରେସିଂ ରୁମ୍‌ରେ ମୋ ସହ ଅଧିକ କଥା ହୁଅନ୍ତିନି। ମାତ୍ର ମୋ ବୋଲିଂ ସମୟରେ ଉତ୍ସାହିତ କରିବାକୁ କେବେ ଭୁଲନ୍ତିନି। ଓଡ଼ିଶା ରଣ୍‌ଜୀ ଦଳର ଯୁବ ସ୍ପିନ ବୋଲର ପପୁ ରାୟଙ୍କର ଏହା ଅନୁଭୂତିରୁ କିଛି।

ଯାଜପୁରରେ ରହୁଥିବା ପପୁ ଓଡ଼ିଶାର ଜଣେ ପ୍ରତିଭାବାନ ସ୍ପିନ ବୋଲର। ପିଲାଟି ବେଳୁ ବାପା, ମା' ଛେଉଣ୍ଡ ହୋଇଥିବା ପପୁ ନିଜ ମାଉସୀଙ୍କ ପାଖରେ ରୁହନ୍ତି। ପରିଶ୍ରମ ବଳରେ ସେ ଜଣେ ସଫଳ ଖେଳାଳି ଭାବେ ନିଜକୁ ଗଢ଼ି ତୋଳିଛନ୍ତି। ଦେଓଧର ଟ୍ରଫି ସମୟର ଅନ୍ୟ ଏକ ଅନୁଭୂତି ସମ୍ପର୍କରେ ସେ କହିଥିଲେ, ଦଳରେ ସୁରେଶ ରାଇନା ମଧ୍ୟ ଥିଲେ। ଉଭୟ ଗ୍ରାଉଣ୍ଡ ଓ ଡ୍ରେସିଂ ରୁମ୍‌ରେ ସେ ଜଣେ ମଜାଳିଆ ବ୍ୟକ୍ତି ଭାବେ ଜଣାଶୁଣା। ମୋ ବୋଲିଂ ସମୟରେ ସେ ସ୍ଲିପ ଅଞ୍ଚଳରେ ଛିଡ଼ା ହୁଅନ୍ତି। ସବୁବେଳେ ଚିଲାଇ ଚିଲାଇ ମୋ ବୋଲିଂକୁ ପ୍ରଶଂସା କରିବା ସହ ଉତ୍ସାହିତ କରୁଥାନ୍ତି।

-ରିପୋର୍ଟ: କୁମାରଶ୍ରୀ ସାହୁ



ମୋ ଅନୁଭୂତି

# ସୁଫି ଆମ ରକ୍ତରେ ଅଛି

୭୦ ଦଶକର ପ୍ରସିଦ୍ଧ ସୁଫି ଗାୟିକା ବିବି ନୁରାନ୍‌ଙ୍କ ନାତୁଣୀ ନୁରାନ୍ ସିଷ୍ଟର୍ସ। କଓ୍ୱାଲି ଓ ସୁଫି ଗାୟନଶୈଳୀରେ ବେଶ୍ ପାରଦର୍ଶିତା ଲାଭ କରିଥିବା ଏହି ଦୁଇ ଭଉଣୀ କେବଳ ଭାରତ ମଧ୍ୟରେ ନୁହେଁ, ବିଦେଶରେ ବି ଖ୍ୟାତି ଅର୍ଜନ କରିଛନ୍ତି। ନିଜର ଏନର୍ଜେଟିକ୍ ହାଇ ଭୋଲ୍‌ଟେଜ୍ ପରଫର୍‌ମାନ୍ସ ପାଇଁ ଖ୍ୟାତିଲାଭ କରିଥିବା ନୁରାନ୍ ସିଷ୍ଟର୍ସ ଜ୍ୟୋତି ନୁରାନ୍ ଓ ସୁଲତାନା ନୁରାନ୍ ୨୦୧୪ରେ 'ହାଇଓ୍ୱେ' ଫିଲ୍ମରେ 'ପଟାଖା ଗୁଡ୍ଡି' ଗୀତ ଗାଇ ଚର୍ଚ୍ଚାକୁ ଆସିଥିଲେ। କେବଳ ଏତିକି ନୁହେଁ, ଏମ୍ ଟିଭି କୋକ୍ ଷ୍ଟୁଡିଓରେ 'ତେରିୟାଁ ତୁ ଜାନେ' ଓ 'କମ୍‌ଲି' ପାଇଁ ୨୦୧୫ ଓ ୨୦୧୭ରେ 'ଇଣ୍ଡି ପପ୍ ସଙ୍ଗ୍ ଅଫ୍ ଦି ଇୟର' ସମ୍ମାନ ହାସଲ କରିଥିଲେ। 'ସୁଫି ମ୍ୟାଜିକ୍ ଫ୍ରମ୍ ନୁରାନ୍' ସିଷ୍ଟର୍ସ ସହ 'ସିଙ୍ଗ୍ ଇଜ୍ କିଙ୍ଗ୍', 'ତନୁ ଓ୍ୱେଡ୍ସ ମନୁ ରିଟର୍ନସ', 'ସୁଲ୍‌ତାନ୍', 'ଦଙ୍ଗଲ୍', 'ଜବ୍ ହ୍ୟାରି ମେଟ୍ ସେଜଲ', 'ଟାଇଗର୍ ଜିନ୍ଦା ହେଁ' ଭଳି ଏକାଧିକ ହିନ୍ଦୀ ଫିଲ୍ମରେ ନିଜର ସୁଫି ଗାୟନଶୈଳୀର କରିସ୍ମା ଦେଖାଇଛନ୍ତି ଏହି ଦୁଇ କଣ୍ଠଶିଳ୍ପୀ। ଶାହରୁଖ୍ ଖାନ୍‌ଙ୍କ ନୂତନ ଫିଲ୍ମ 'ଜିରୋ'ରେ କଣ୍ଠଦାନ କରିଥିବା ନୁରାନ୍ ସିଷ୍ଟର୍ସ ନୁସ୍‌ରତ୍ ଫତେ ଅଲି ଖାନ୍‌ଙ୍କ ଗାୟକୀକୁ ଏକ ନୂଆସ୍ତରରେ ପହଞ୍ଚାଇଛନ୍ତି। ନିକଟରେ ଭୁବନେଶ୍ୱରରେ ଅନୁଷ୍ଠିତ 'ଡଟ୍ ଫେଷ୍ଟ୍'ରେ 'ଦମାଦମ୍ ମସ୍ତ କଲନ୍ଦର୍...', 'ଆଲ୍ଲା ହୁ... ଆଲ୍ଲା ହୁ', 'ପିୟାରେ ପିୟାରେ...' ଭଳି ଗୀତ ଗାଇ ଓଡ଼ିଶାବାସୀଙ୍କ ମନ ଜିଣିଥିବା ନୁରାନ୍ ସିଷ୍ଟର୍ସଙ୍କ ସହ ଏଥର ଧରିତ୍ରୀ ଆଳାପ।



ଧରିତ୍ରୀ ଆଳାପ

**ବର୍ତ୍ତମାନ ସମୟରେ ହେଉଥିବା ବଲିଉଡ୍ ଗୀତ ସମ୍ପର୍କରେ କ'ଣ କହିବେ? ପୁରୁଣା କିଶୋର କୁମାରଙ୍କ ଗୀତ ଓ ବର୍ତ୍ତମାନର ବାଦଶାହାଙ୍କ ଗୀତ ମଧ୍ୟରେ କ'ଣ ଫରକ ଦେଖନ୍ତି?**

☛ ବର୍ତ୍ତମାନର ଗୀତକୁ ନେଇ ଆମକୁ କିଛି କହିବାର ନାହିଁ। କାରଣ ସମସ୍ତଙ୍କ ଗାୟନଶୈଳୀ ଭିନ୍ନ। ନିଜ ନିଜର ତରିକା ଅଛି। କାହାର ଗୀତ ଗାଇବାର ଶୈଳୀକୁ ନେଇ ଟିପ୍ପଣୀ ଦେବାକୁ ଆମେ ଉଚିତ ଭାବୁନୁ। ଯିଏ ଯାହା ବି କରୁ ଆମର କିଛି କହିବାର ନାହିଁ। ଯଦି ଆଧୁନିକ ଗାୟନଶୈଳୀରେ କିଏ ନିଜର ଶତପ୍ରତିଶତ ଦେଉଛି ଓ ଭଲ କରୁଛି ତାହା ଏକ ଖୁସିର ବିଷୟ ନିଶ୍ଚୟ। ବାସ୍ ଏତିକି ଜାଣିଛୁ ଯେ, ଆମେ କିଭଳି ନିଜର ଶ୍ରେଷ୍ଠ ଦେବୁ ଓ ଶ୍ରୋତାଙ୍କ ହୃଦୟ ଜିତିବୁ। ସମସ୍ତେ ଭଲ ଗାଆନ୍ତୁ। ଯଦି ଆଉକିଏ ଭଲ ଗୀତ ଗାଇବ ତା'ହେଲେ ଆମେ ବି ଖୁସି ହେବୁ।

**ଡ୍ୟାନ୍ସ ହେଉ କି ମ୍ୟୁଜିକ୍, ଆଜିକାଲି ଫ୍ୟୁଜନ୍ ଏକ ଟ୍ରେଣ୍ଡ ସବୁଥିରେ ଦେଖିବାକୁ ମିଳୁଛି। କେତେକସ୍ଥଳେ ମିଶ୍ରଣ ଅପମିଶ୍ରଣରେ ପରିଣତ ହେଉଛି। ସୁଫି ଗାୟନଶୈଳୀରେ ସେଭଳି ଟ୍ରେଣ୍ଡ୍ ଆରମ୍ଭ ହେଲାଣି କି?**

☛ ସବୁପ୍ରକାର ଗାୟନଶୈଳୀରେ ଆଜିକାଲି ସେଭଳି ଟ୍ରେଣ୍ଡ୍ ଆରମ୍ଭ ହେଲାଣି। ସୁଫିରେ ବି ହେଉଛି। କଓ୍ୱାଲିରେ ହେଉଛି। ଆମେ ବି ଫ୍ୟୁଜନ୍ କରିଛୁ। ହେଲେ ସୁଫିର ଯେଉଁ ମହତ୍ତ୍ୱ ରହିଛି ସେଥିରୁ ବାହାରକୁ ଆସି କେବେ କରିନୁ। ସୁଫି ଏକ କ୍ଲାସିକାଲ ଆର୍ଟଫର୍ମ। ଆଲ୍ଲାଙ୍କ ନାମରୁ ଏହା ଆରମ୍ଭ ହୁଏ। ଯାହାଙ୍କୁ ଗୁରୁ ଓ ଭଗବାନ ସଦୃଶ ପୂଜା କରାଯାଏ। ଗୀତ ଗାଇବା ବେଳେ ତାଙ୍କ ନାମ ନିଆଯାଏ। ଜଣେ ଜାଣି ଜାଣି ମିଶ୍ରଣ କରନ୍ତି, ଆଉକିଛି ଅଜାଣତରେ କରନ୍ତି। ମାତ୍ର ସୁଫି ପାଣି ଭଳି ପବିତ୍ର। ପାରମ୍ପରିକ ସୁଫି ଗାୟକୀକୁ ଆମେ ଏକ ପବିତ୍ର କଳା ଭାବେ ଗ୍ରହଣ କରିଥାଉ।

**ଜଲନ୍ଧରରୁ ଟିକେଟ୍ ଟୁ ବଲିଉଡ୍, କିଭଳି ରହିଥିଲା ଯାତ୍ରା? ଏହି ସଫଳତାରେ କାହାକୁ ଆଦର୍ଶ ମାନନ୍ତି?**

☛ ନିଶ୍ଚିତଭାବେ ବହୁତ ଭଲ ଥିଲା। କେବେ ଭାବି ନଥିଲୁ ଏତେ ବଡ଼ ବଡ଼ ଲୋକଙ୍କ ସହ କାମ କରିବୁ। 'ହାଇଓ୍ୱେ' ଆମକୁ ଏକ ନୂଆ ସୁଯୋଗ ଦେଇଥିଲା। ନୂଆ ପରିଚୟ ଦେଇଥିଲା। ବହୁ ମହାନ୍ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ କାମ କରିବାର ଅବସର ଦେଇଥିଲା। ବାପା ଗୁଲଶନ୍ ମୀର୍‌ଠାରୁ ସଙ୍ଗୀତ ଶିକ୍ଷା କରିଛୁ। ସେ ହିଁ ଆମର ଆଦର୍ଶ। ସବୁ ସଫଳତାର ଶ୍ରେୟ ତାଙ୍କୁ ଦେବୁ।

**ବର୍ତ୍ତମାନର ଟ୍ରେଣ୍ଡି ବଲିଉଡ୍ ଗୀତ ନ ଗାଇ ସୁଫି ଓ କଓ୍ୱାଲିକୁ କ'ଣ ପାଇଁ ବାଛନ୍ତି?**

☛ ସୁଫି ଆମର ପରିଚୟ। ଆମ ଘରାନା ଆମ ପାଇଁ ସବୁକିଛି। ଆମ ପରିବାର ଓ ଆମ ରକ୍ତରେ ସୁଫି ଅଛି। ପିଢ଼ି ପରେ ପିଢ଼ି ବିଗତ ୯ଟା ପିଢ଼ି ଧରି ସୁଫି ଗାୟକୀ ସହ ଆମେ ଜଡ଼ିତ ଅଛୁ ଓ ଏହା ଆମକୁ ପରିଚୟ ଦେଇଛି। ତେଣୁ ସୁଫିକୁ କେବେ ଛାଡିପାରିବୁ ନାହିଁ। କମର୍ସିଆଲ ଗୀତ କେବେ ଗାଇନୁ କି ଆଗକୁ ବି ଗାଇବୁନି। ବଲିଉଡ୍‌ରେ ଗାଇବା ବେଳେ ବି ଆମେ ପ୍ରଥମେ ଗୀତର ଲିରିକ୍ସ ପଢୁ ଓ ସେଥିରେ ସୁଫି ଶବ୍ଦ ରହିଛି କି ନାହିଁ ତାହା ଦେଖୁ। ଯଦି ସୁଫି ଷ୍ଟାଇଲ୍ ନ ଥାଏ ତା'ହେଲେ ସିଧା ମନା କରିଦେଉ।

**ନିଜ କମ୍ଫର୍ଟ ଜୋନ୍ ବାହାରକୁ ଯାଇ ଭବିଷ୍ୟତରେ କିଛି ଏକ୍ସପେରିମେଣ୍ଟ କରିବାକୁ ଯୋଜନା ଅଛି କି?**

☛ ଗୀତ ବାଛିବା ବେଳେ ଆମେ ବହୁତ ସତର୍କ ଥାଉ। ଅର୍ଥ, ନେମ୍, ଫେମ୍ କିମ୍ବା କମର୍ସିଆଲ ଦୃଷ୍ଟିକୋଣରୁ କେବେ ଗୀତ ଗାଉନାହିଁ। ସୁଫି କେବଳ ଆମର ଷ୍ଟାଇଲ୍। ଏହାଠାରୁ କିଛି ଅଧିକ କରିବାର ନାହିଁ। ଯେଉଁମାନେ ଭିନ୍ନ ଗାଉଛନ୍ତି ସେମାନଙ୍କୁ ନିଶ୍ଚିତଭାବେ ସ୍ୱାଗତ କରିବୁ। ହେଲେ ଆମେ କେବେ ନିଜର ପରମ୍ପରା, ସଂସ୍କୃତି ଛାଡିପାରିବୁ ନାହିଁ।

**ଫିଲ୍ମରେ ଗାଇବା ଓ ଷ୍ଟେଜ୍‌ରେ ଗାଇବା ମଧ୍ୟରୁ କେଉଁଟିକୁ ଅଧିକ ଉପଭୋଗ କରନ୍ତି?**

☛ ଫିଲ୍ମ ଓ ଷ୍ଟେଜ୍ ଦୁଇଟିଯାକ ଭଲଲାଗେ। ଶ୍ରୋତାଙ୍କ ସାମ୍ନାରେ ଗାଇଲେ ଅଧିକ ଖୁସିଲାଗେ। ଷ୍ଟେଜ୍‌ରେ ପ୍ରଥମେ ପ୍ରଥମେ ଟିକେ ନର୍ଭସ ଲାଗୁଥିଲା। ହେଲେ ଲୋକଙ୍କ ଭଲପାଇବା ଧୀରେ ଧୀରେ ଯେପରି ବଢି ବଢି ଚାଲିଲା, ଆମ ଡର, ଉତ୍ସାହ ଓ ପ୍ରେରଣାରେ ପରିବର୍ତ୍ତନ ହେଲା।

**ସୁଫି ଓ କଓ୍ୱାଲିର ଏବେକାର ସମୟରେ କିଭଳି ଚାହିଦା ରହିଛି ବୋଲି ଆପଣ ଭାବୁଛନ୍ତି?**

☛ ସୁଫି ଏମିତି ସେମିତି ଗାୟନଶୈଳୀ ନୁହେଁ। ଏହା ଭଗବାନଙ୍କ ଆଶୀର୍ବାଦ। ଆଜିକାର ସମୟରେ ବି ଏହା କେବଳ ତିଷ୍ଠିରହିନି, ବରଂ ଲୋକଙ୍କ ହୃଦୟରେ ରାଜ୍ କରୁଛି। ଲୋକେ ଯେତେ ଆଧୁନିକ ହେଲେ ବି ଯେତେ ଆଧୁନିକ ଗୀତକୁ ପସନ୍ଦ କଲେବି ସୁଫିର ଚାହିଦା ସବୁବେଳେ ରହିଛି ଓ ରହିବ। ତାହା ଆପଣ ଆମର କନସର୍ଟଗୁଡିକରୁ ଦେଖିପାରିବେ। ବୟସ୍କଙ୍କ ସହ ଅଧିକାଂଶ ଯୁବପିଢ଼ି ସୁଫିର ତାଳେ ତାଳେ ଝୁମୁଥିବା ଦେଖିବାକୁ ପାଇବେ।

**ଆଗକୁ କେଉଁ ଗୀତ ଆସୁଛି?**

☛ ଶାହାରୁଖ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ଜିରୋ' ଆସୁଛି। ସେଥିରେ ଆମର ଗୀତ ରହିଛି। ଏହାବ୍ୟତୀତ ଶାହରୁଖ୍‌ଙ୍କର ଆଉ ଏକ ଫିଲ୍ମ ମଧ୍ୟ ଆସୁଛି। ସେଥିରେ ବି ଶ୍ରୋତା ଆମ ଗୀତ ଶୁଣିବାକୁ ପାଇବେ। ଏହାବ୍ୟତୀତ ଅରିଜିତ ସିଂଙ୍କ ସହ ଡୁଏଟ୍ କରିଛୁ। ତାହା ଖୁବ୍‌ଶୀଘ୍ର ରିଲିଜ ହେବ। ବିଶାଲ-ଶେଖରଙ୍କ ସହ ମଧ ଏବେ ଏକ ପ୍ରୋଜେକ୍ଟରେ କାମ କରୁଛୁ।

**ଗାଇଥିବା ଗୀତଗୁଡ଼ିକ ମଧ୍ୟରୁ କେଉଁଟି ହୃଦୟର ନିକଟରେ ରହିଛି?**

☛ ସବୁଗୀତ ଆମ ପାଇଁ ସମାନ। କାରଣ ଗୀତ ତ କେବେ ଖରାପ ହୋଇପାରିବ ନାହିଁ। ଆମ ପାଇଁ ସବୁ ଗୀତ ହୃଦୟ ନିକଟବର୍ତ୍ତୀ।

ସାକ୍ଷାତ୍- ସସ୍ମିତା ପାଇକରାୟ

# ଚିକେନ ମୁର୍ଗ ମସ୍ତାନା

ଖାଦ୍ୟ ରୁଚି

ଦେଶ ବିଦେଶର ପର୍ଯ୍ୟଟକଙ୍କୁ ନଜରରେ ରଖି ପୁରୀରେ ଗଢ଼ିଉଠିଛି ବହୁ ହୋଟେଲ, ରେଷ୍ଟୁରାଣ୍ଟ। ଏଠାରେ ବିଭିନ୍ନ ପ୍ରକାର ସ୍ୱାଦିଷ୍ଟ ଖାଦ୍ୟ ପ୍ରସ୍ତୁତ କରାଯାଉଛି। ବିଶେଷକରି ଗ୍ରାହକଙ୍କ ଚାହିଦା ଅନୁଯାୟୀ ଖାଦ୍ୟ ତିଆରି କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ୱର୍ଗଦ୍ୱାର ନିକଟ ରେଣୁକା ଗଳିରେ ଥିବା ଲ୍ୟାଣ୍ଡମାର୍କ ହୋଟେଲରେ ଉଭୟ ଆମିଷ ଏବଂ ନିରାମିଷ ଖାଦ୍ୟ ପ୍ରସ୍ତୁତ କରାଯାଉଛି। କିନ୍ତୁ ଏଠାରେ ପ୍ରସ୍ତୁତ କରାଯାଉଥିବା ଇଣ୍ଡିଆନ ଡିସ୍ ଚିକେନ ମୁର୍ଗ ମସ୍ତାନାର ବେଶ୍ ଚାହିଦା ରହିଛି। ଏହାର ଗୋଟିଏ ପ୍ଲେଟ୍ ଦାମ୍ ରହୁଛି ୨୭୦ ଟଙ୍କା। ଚିକେନ ମୁର୍ଗ ମସ୍ତାନାର ପ୍ରସ୍ତୁତି ସମ୍ପର୍କରେ ହୋଟେଲର ମୁଖ୍ୟ ସେଫ୍ ବାବୁଲି ଦାଶଙ୍କ ମୁହଁରୁ...



## ଆବଶ୍ୟକ ସାମଗ୍ରୀ

ଚିକେନ-୨୦୦ ଗ୍ରାମ୍
କଟା ପିଆଜ-୧୦୦ ଗ୍ରାମ୍
କଟା ଟମାଟୋ-୧୦୦ ଗ୍ରାମ୍
ଗରମ ମସଲା-୨୦ ଗ୍ରାମ୍
କାଜୁ ମଗଜ-୫୦ ଗ୍ରାମ୍
ଦହି-୧୦୦ ଗ୍ରାମ୍
ଅଦା ପେଷ୍ଟ-୨୫ ଗ୍ରାମ୍
ରସୁଣ ପେଷ୍ଟ-୫୦ ଗ୍ରାମ୍
ରିଫାଇନ ତେଲ-୪୦ ଗ୍ରାମ୍
ଜିରାଗୁଣ୍ଡ-୨ ଗ୍ରାମ୍
ଲଙ୍କାଗୁଣ୍ଡ-୨ ଗ୍ରାମ୍
ଧନିଆ ଗୁଣ୍ଡ-୨ଗ୍ରାମ୍
ହଳଦୀ ଗୁଣ୍ଡ-୨ ଗ୍ରାମ୍
ବଟର-୧୦ ଗ୍ରାମ୍
ସ୍ୱାଦ ଅନୁଯାୟୀ ଲୁଣ
ଅଳ୍ପ କିଛି ଧନିଆପତ୍ର



## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ କିମା ଆକାରରେ କାଟି ରଖନ୍ତୁ। ଏଥିରେ ଦହି ଏବଂ ଅଳ୍ପକିଛି ଅଦାରସୁଣ ପେଷ୍ଟ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। କିଛି ସମୟ ପରେ ଧନିଆ ଗୁଣ୍ଡ, ଜିରା ଗୁଣ୍ଡ ପକାଇ ୧୦ ମିନିଟ୍ ଛାଡି ଦିଅନ୍ତୁ। କଡାଇ କିମ୍ବା ପ୍ୟାନ୍‌କୁ ନିଆଁରେ ବସାଇ ତେଲ ଗରମ କରନ୍ତୁ। ଏଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ରଙ୍ଗ ଅଳ୍ପ ନାଲି ହୋଇଯିବା ପରେ ବଳକା ଅଦାରସୁଣ ପେଷ୍ଟ ଏବଂ ଟମାଟୋ ପେଷ୍ଟ ପକାନ୍ତୁ। ଏହାପରେ ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଗରମ ମସଲା ଏବଂ ସ୍ୱାଦ ଅନୁଯାୟୀ ଲୁଣ ପକାଇ କଷନ୍ତୁ। ମସଲାରୁ ତେଲ ଛାଡ଼ିଗଲା ପରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଚିକେନକୁ ପକାନ୍ତୁ। ପ୍ରାୟ ୫ ମିନିଟ୍ କଷିବା ପରେ ଏଥିରେ କାଜୁ ମଗଜ ପେଷ୍ଟ ପକାଇ ଦିଅନ୍ତୁ। କିଛି ସମୟ କଷି ପ୍ରାୟ ୧୦ ମିନିଟ୍ ଘୋଡାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଚିକେନ ମୁର୍ଗ ମସ୍ତାନା। ଏକପାତ୍ରରେ ଗରମ ଗରମ କାଢି ଦିଅନ୍ତୁ। ଏହା ଉପରେ ଧନିଆପତ୍ର, ବଟର ଦେଇ ନାନ ଏବଂ ରୁଟି ସାଙ୍ଗରେ ପରଷି ଦିଅନ୍ତୁ।

*- ରିପୋର୍ଟ: ହେମନ୍ତ ନାୟକ, ଫଟୋ: ଯଜ୍ଞେଶ୍ୱର ମହାନ୍ତି*

# ସେଲ୍‌ଫି କର୍ନର

ସେଲ୍‌ଫି ଉଠାନ୍ତୁ, ଆମ ପାଖକୁ ପଠାନ୍ତୁ
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)



ସୁବ୍ରତ



ପପୁନ



ସୋନୁ



ରାଜ କୁମାର



ଆଲୋକ

ଦେଶର ୩୦ ହଜାରରୁ ଊର୍ଦ୍ଧ୍ୱ ଆଧାର ପଞ୍ଜୀକରଣ ଏବଂ ନବୀକରଣ କେନ୍ଦ୍ର ରହିଛି ।
– ଏସ୍.ଏସ୍. ଆଲୁୱାଲିଆ, କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଏବଂ ଆଇଟି ରାଷ୍ଟ୍ର ମନ୍ତ୍ରୀ



ଆଗାମୀ ଦିନରେ ଦେଶର ୨୦୦ ନିୟୁତ ଗ୍ରାହକଙ୍କୁ ଇ-କମର୍ସ ପରିସରକୁ ଆଣିବାକୁ ଧ୍ୟାନ କେନ୍ଦ୍ରିତ କରିଛୁ ।
– କଲ୍ୟାଣ କ୍ରିଷ୍ଣମୂର୍ତ୍ତି, ସିଇଓ, ଫ୍ଲିପକାର୍ଟ



## ସଂକ୍ଷେପରେ

### ଟାସ୍କଫୋର୍ସ ତିଆରି କରିବ ପ୍ରତ୍ୟକ୍ଷ ଟିକସ ଆଇନ ଚିଠା

ନୂଆଦିଲ୍ଲୀ,୧୯-୧୨: ଦୀର୍ଘ ୫୦ ବର୍ଷ ପୂର୍ବେ ପ୍ରଣୀତ ପ୍ରତ୍ୟକ୍ଷ ଟିକସ ଆଇନକୁ ଅଧିକ ସରଳ କରିବା ଲାଗି କେନ୍ଦ୍ର ସରକାର ଏବେ ଅଣ୍ଟା ଭିଡ଼ିଛନ୍ତି। ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯାଇଛି। ଆୟକର ଆଇନର ଭାଷାକୁ ଅଧିକ ସରଳ କରିବା ତଥା ବିଭିନ୍ନ ସମୟରେ ଏଥିରେ ଯୋଡାଯାଇଥିବା ନିୟମ ଯୋଗୁ ଧାରାଗୁଡିକ ଅଧିକ ଜଟିଳ ହୋଇଯାଇଛି, ଯାହାର ତର୍ଜମା ସହଜ ହେଉନି। କେନ୍ଦ୍ର ପ୍ରତ୍ୟକ୍ଷ ଟିକସ ବୋର୍ଡ ସଦସ୍ୟ ତଥା ଟାସ୍କଫୋର୍ସର ଅଧ୍ୟକ୍ଷ ଅଖିଳେଶ ରଞ୍ଜନ କହିଛନ୍ତି ଯେ, ଆୟକର ଆଇନକୁ ଯଥାଯଥ ପାଳନ କରିବା ତଥା ଏହାକୁ ପ୍ରୋତ୍ସାହିତ କରିବା ଲାଗି ଏଥିରେ ସଂଶୋଧନ ଜରୁରୀ ହୋଇପଡିଛି। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଛନ୍ତି ଯେ, ଆୟକର ଆଇନ ଏଭଳି ହେବା ଉଚିତ ଯାହା ସମସ୍ତେ ବୁଝିପାରିବେ। କିଛି କ୍ଷେତ୍ରରେ ଭାଷା ଅନେକ ଜଟିଳ ହୋଇଯାଇଛି। ଅନେକ କ୍ଷେତ୍ରରେ ଆଇନକୁ ବାରମ୍ବାର ବ୍ୟାଖ୍ୟା କରାଯାଇଛି। ଏଣୁ ଏହାର ପରିବର୍ତ୍ତନ ଜରୁରୀ। ଟାସ୍କଫୋର୍ସ ଆସନ୍ତା ବର୍ଷ ଫେବୃୟାରୀ ୨୮ ସୁଦ୍ଧା ତାଙ୍କର ରିପୋର୍ଟ ଦେବ।

### ୧୨ ହଜାର ଅଧିକରେ ନୂଆ ଗାଡ଼ି

ନୂଆଦିଲ୍ଲୀ,୧୯-୧୨: ନୂଆ ଗାଡ଼ି କିଣିବାକୁ ଚାହୁଁଥିବା ବ୍ୟକ୍ତିବିଶେଷଙ୍କୁ ଆଗାମୀ ଦିନରେ ଅଧିକ ୧୨ ହଜାର ଟଙ୍କା ସରଚାର୍ଯ ଦେବାକୁ ପଡିବ। ଏନେଇ କେନ୍ଦ୍ର ସରକାର ଏକ ଚିଠା ପ୍ରସ୍ତୁତ କରିଛନ୍ତି। ଇଲେକ୍ଟ୍ରିକ ବାହନ କିଣିବାକୁ ପ୍ରୋତ୍ସାହିତ କରିବାକୁ ଯାଇ ସରକାର ଏପରି ପଦକ୍ଷେପ ନେବାକୁ ଯାଉଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ ଇ ନୂଆ ନୀତି ଖୁବଶୀଘ୍ର ଲାଗୁ କରାଯିବ। ସରକାରୀ ଥିଙ୍କଟ୍ୟାଙ୍କ କୁହାଯାଉଥିବା ନ୍ୟାଶନାଲ ଇନଷ୍ଟିଚ୍ୟୁଶନ ଫର ଟ୍ରାନ୍ସଫର୍ମିଂ(ନୀତି) ପକ୍ଷରୁ କୁହାଯାଇଛି ଯେ, ଇଲେକ୍ଟ୍ରିକ ଗାଡ଼ି କିଣୁଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହନ ରାଶି ବାବଦରେ ସରକାର ୨୫ହଜାରରୁ ୫୦ ହଜାର ଟଙ୍କା ଦେଇପାରିବେ। ଏହାଛଡ଼ା ସେମାନଙ୍କୁ ସୀମା ଶୁଳ୍କ ଓ କଞ୍ଚା ମାଲ ଯନ୍ତ୍ରାଂଶ, ବ୍ୟାଟେରି ପ୍ୟାକ୍‌ରେ ମଧ ପ୍ରୋତ୍ସାହନ ଦିଆଯିବ। ଦେଶରେ ବ୍ୟାଟେରି ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବା ଲାଗି ସରଚାର୍ଯକୁ ବ୍ୟବହାର କରାଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

### ଜିଓର ସର୍ତ୍ତ ଯୋଗୁ ଅନିଲ ଅମ୍ବାନୀଙ୍କୁ ଝଟକା

ମୁମ୍ବାଇ,୧୯-୧୨: ଦେବାଳିଆ ଆଇନ କାର୍ଯ୍ୟାନୁଷ୍ଠାନରୁ ରକ୍ଷା ପାଇବା ଲାଗି ଉଦ୍ୟମ ଚଳାଇଥିବା ରିଲାଏନ୍ସ କମ୍ୟୁନିକେଶନ୍ସର ମାଲିକ ଅନିଲ ଅମ୍ବାନୀଙ୍କୁ ଜୋରଦାର ଝଟକା ଲାଗିଛି। ସ୍ପେକ୍ଟ୍ରମ ବିକ୍ରି ଲାଗି ରିଲାଏନ୍ସ ଜିଓ ଓ ଆର୍‌କମ୍ ମଧରେ ହେବାକୁ ଥିବା ଚୁକ୍ତିକୁ କେନ୍ଦ୍ର ସରକାରଙ୍କ ଅଧୀନ ଟେଲିକମ୍ ବିଭାଗ (ଡିଓଟି) ଅନୁମୋଦନ ଦେବାକୁ ମନା କରିଦେଇଛି। ଆର୍‌କମ୍‌ର କୌଣସି ଋଣକୁ ନେବାକୁ ଇଚ୍ଛୁକ ନୁହେଁ ବୋଲି ଜିଓ ପକ୍ଷରୁ ବିଭାଗକୁ ପତ୍ର ଲେଖାଯିବା ପରେ ଡିଓଟି ଅନୁମୋଦନ ଦେବାରୁ ପଛଘୁଞ୍ଚା ଦେଇଛି।

ଅନିବାର୍ଯ୍ୟ କାରଣବଶତଃ 'ଅର୍ଥର ଅର୍ଥ' ସ୍ତମ୍ଭ ପ୍ରକାଶ ପାଇପାରୁନାହିଁ।

■ ନୀତି ଆୟୋଗର ନ୍ୟୁ ଇଣ୍ଡିଆ ଡକ୍ୟୁମେଣ୍ଟ ଜାରି

# ୫ ଲକ୍ଷ କୋଟିର ଅର୍ଥନୀତି ଲକ୍ଷ୍ୟ

ନୂଆଦିଲ୍ଲୀ,୧୯-୧୨

- ■ ଅର୍ଥନୀତିର ଆକାର ୨୦୨୨-୨୩ ସୁଦ୍ଧା ୪ ହଜାର ବିଲିୟନ ଡଲାର ଲକ୍ଷ୍ୟ
- ■ ଆହୁରି ୧.୫ ଲକ୍ଷ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲାଯିବାର ଆବଶ୍ୟକତା
- ■ କୌଶଳ ବିକାଶ ଉପରେ ଗୁରୁତ୍ୱ
- ■ ମୁଣ୍ଡପିଛା ଆୟ ହେବ ୩ହଜାର ଡଲାର




ନୀତି ଆୟୋଗ ଦେଶର ଆର୍ଥିକ ଅଭିବୃଦ୍ଧି ହାରକୁ ୮% ତଥା ୨୦୩୦ ସୁଦ୍ଧା ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚାଇବା ଲାଗି ଏକ ନ୍ୟୁ ଇଣ୍ଡିଆ ଡକ୍ୟୁମେଣ୍ଟ ବୁଧବାର ଜାରି କରିଛି। କେନ୍ଦ୍ର ସରକାର-ରାଜ୍ୟ, ରାଜ୍ୟ ତଥା ଜିଲ୍ଲା ସ୍ତରର ୮୦୦ରୁ ଅଧିକ ପକ୍ଷ ଏବଂ ପ୍ରାୟ ୫୦୦ ବହିରାଗତ ବିଶେଷଜ୍ଞଙ୍କ ସହ ବ୍ୟାପକ ସ୍ତରରେ ଆଲୋଚନା କରିବା ପରେ 'ଷ୍ଟ୍ରାଟେଜି ଫର୍ ନ୍ୟୁ ଇଣ୍ଡିଆ @ ୭୫' ଦସ୍ତାବିଜ ଜାରି କରାଯାଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏହାକୁ ଜାରି କରିଛନ୍ତି।

ନୀତି ଆୟୋଗର ଦସ୍ତାବିଜରେ ଶ୍ରମ କ୍ଷେତ୍ରରେ ସଂସ୍କାରକୁ ସମ୍ପୂର୍ଣ୍ଣ କରିବା, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା, ସର୍ବନିମ୍ନ ମଜୁରୀ ଲାଗୁ କରିବା, ନିଯୁକ୍ତି ତଥ୍ୟ ସଂଗ୍ରହରେ ସଂସ୍କାର ତଥା ସାମାଜିକ ସୁରକ୍ଷା ପରିସରକୁ ବୃଦ୍ଧି କରିବା ଲାଗି ପରାମର୍ଶ ଦିଆଯାଇଛି। ପ୍ରୋତ୍ସାହନ ଜରିଆରେ ସଂଗଠିତ ରୂପ ଦେବା ଉଦ୍ଦେଶ୍ୟରେ ଔଦ୍ୟୋଗିକ ସମ୍ପର୍କକୁ ସରଳ କରିବା ଉପରେ ଆୟୋଗ ଜୋର୍ ଦେଇଛି। ଏହାଦ୍ୱାରା ବିଶ୍ୱସ୍ତରରେ ଜାରି ବ୍ୟବସ୍ଥା ଅନୁଯାୟୀ ନିଯୁକ୍ତିରୁ ହଟାଇ ଦେବା ବାବଦରେ କ୍ଷତିପୂରଣ ଅର୍ଥାତ 'ସେଭରେନ୍ସ ପେ' ଲାଗୁ କରିବାକୁ ପ୍ରସ୍ତାବ ଦିଆଯାଇଛି। ବିବାଦର ଦ୍ରୁତ୍, ନିରପେକ୍ଷ ତଥା କମ୍ ଖର୍ଚ୍ଚରେ ସମାଧାନ ଲାଗି ଶ୍ରମ ବିବାଦ ସମାଧାନ ପ୍ରଣାଳିରେ ସଂସ୍କାର ଆଣିବାକୁ ପ୍ରସ୍ତାବ ଦେଇଛି। ଶ୍ରମ ବିବାଦର ଦ୍ରୁତ୍ ସମାଧାନ ଲାଗି ଅଦାଲତ/ନ୍ୟାୟାଧିକରଣକୁ ଅଧିକ କ୍ଷମତା ପ୍ରଦାନ କରିବାକୁ କୁହାଯାଇଛି। ଶ୍ରମ ବଜାର ପ୍ରଣାଳିକୁ ତୁରନ୍ତ ଲାଗୁ କରାଯିବାର ଆବଶ୍ୟକତା ରହିଛି ବୋଲି ଦସ୍ତାବିଜରେ କୁହାଯାଇଛି। ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ୮ପ୍ରତିଶତ ଅଭିବୃଦ୍ଧି ହାସଲ କରିବାକୁ ହେଲେ ଜିଡିପି ବୃଦ୍ଧି ହାରକୁ ଦ୍ରୁତତର କରିବାକୁ ହେବ ବୋଲି ଏଥିରେ କୁହାଯାଇଛି। ଫଳରେ ବାସ୍ତବିକ ଆଧାରରେ ଦେଶର ଅର୍ଥନୀତିର ଆକାର ୨୦୧୭-୧୮ର ୨୭୦୦ ବିଲିୟନ ଡଲାରରୁ ବଢ଼ି ୨୦୨୨-୨୩ ସୁଦ୍ଧା ୪ ହଜାର ବିଲିୟନ ଡଲାରରେ ପହଞ୍ଚିବ। ଏହାଛଡ଼ା ୨୦୨୨-୨୩ ପର୍ଯ୍ୟନ୍ତ ୯ରୁ ୧୦ ପ୍ରତିଶତର ଦ୍ରୁତ ଆର୍ଥିକ ଅଭିବୃଦ୍ଧି ହାର ସହିତ ଏକିକୃତ, ନିରନ୍ତର, ସ୍ୱଚ୍ଛ ଏବଂ ସଂଗଠିତ ଅର୍ଥନୀତି ପ୍ରତି ଜୋର୍ ଦେବାକୁ ହେବ। ଦସ୍ତାବିଜ ଅନୁଯାୟୀ ମୋଟ ସ୍ଥିର ପୁଞ୍ଜି ନିର୍ମାଣ(ଜିଏଫ୍‌ସିଏଫ୍) ଦ୍ୱାରା ଆକଳନ କରାଯାଉଥିବା ନିବେଶ ହାରକୁ ମଧ ବର୍ତ୍ତମାନର ୨୯ ପ୍ରତିଶତରୁ ବଢ଼ାଇ ୨୦୨୨ ସୁଦ୍ଧା ୩୬ ପ୍ରତିଶତ କରିବାକୁ ହେବ। ୨୦୨୨-୨୩ ସୁଦ୍ଧା ମୁଣ୍ଡପିଛା ଆୟ ବୃଦ୍ଧି ପାଇ ୩୦୦୦ ଡଲାର ହୋଇଯିବ ଯାହା ୨୦୧୭-୧୮ରେ ୧୯୦୦ ଡଲାର ଥିଲା। ଏଥିସହିତ ସାରା ଦେଶରେ ଆହୁରି ୧.୫ ଲକ୍ଷ ସ୍ୱାସ୍ଥ୍ୟ କେନ୍ଦ୍ର ଖୋଲିବା ତଥା ଆୟୁଷ୍ମାନ ଭାରତର ସଫଳ କ୍ରିୟାନ୍ୱୟନ ଉପରେ ଦସ୍ତାବିଜରେ ଉଲ୍ଲେଖ କରାଯାଇଛି। ଏହାବାଦ୍ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏଣ୍ଟରପ୍ରିନରସିପ୍ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରାଯିବା ଆବଶ୍ୟକ ବୋଲି ଦର୍ଶାଇ ନୀତି ଆୟୋଗ କହିଛି ଯେ, ଏଥିପାଇଁ ସରକାର ଦେଉଥିବା ପାରିଶ୍ରମିକ ବୃଦ୍ଧି ପାଇବା ଦରକାର। ଶ୍ରମ କ୍ଷେତ୍ରରେ ମହିଳାଙ୍କ ଅଂଶଦାରୀତ୍ୱ ଉପରେ ଦସ୍ତାବିଜରେ ଜୋର୍ ଦିଆଯାଇଛି। ନିଯୁକ୍ତି କ୍ଷେତ୍ରରେ ମହିଳାଙ୍କୁ ମିଳୁଥିବା ମାଟରନିଟି ଲିଭ୍ ଲାଭ, ଯୌନ ନିର୍ଯାତନା ମାମଲାକୁ ରୋକିବା ତଥା ଏହାର ଦ୍ରୁତ ସମାଧାନ କରାଯିବା ଆବଶ୍ୟକ। କୌଶଳ ବିକାଶ ଦ୍ୱାରା ଉଦ୍ୟୋଗ ପ୍ରତିଷ୍ଠା ଉପରେ ଆୟୋଗ ଗୁରୁତ୍ୱ ଦେଇଛି।



ଭୁବନେଶ୍ୱରର ପଟିଆସ୍ଥିତ ୩ ଏସ୍ ଟିଭିଏସ୍ ଶୋ'ରୁମରେ ନୂଆ ଟିଭିଏସ୍ ଏକ୍ସଏଲ୍ ଆଇଟଚ୍ ମଡେଲର ଡେଲିଭରି ଆରମ୍ଭ ହୋଇଛି। ଶୋ'ରୁମର ସ୍ୱତ୍ୱାଧିକାରୀ ପ୍ରମୋଦପାତ୍ର ଜଣେ ଗ୍ରାହକଙ୍କୁ ଯାନର ଚାବି ହସ୍ତାନ୍ତର କରୁଛନ୍ତି।

## ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ

କଲିକତା,୧୯-୧୨



ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ୬୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଅଶୋକ କୁମାର ପ୍ରଧାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସଞ୍ଜୟ କୁମାର ପ୍ରଧାନ ଏବଂ ଅଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୟୁନାଇଟେଡ ଗିଫ୍ଟ କାର୍ଡର ଶୁଭାରମ୍ଭ ହୋଇଥିଲା। ଫିଜିକାଲ ଷ୍ଟୋର,ଅନଲାଇନ ପ୍ଲାଟଫର୍ମ ଗୁଡ଼ିକରୁ କ୍ରୟ କରିବା ଦିଗରେ ଏହା ସହାୟକ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। ଏହାକୁ ରୂପେ ପ୍ଲାଟଫର୍ମରେ ଆରମ୍ଭ କରାଯାଇଛି। ବ୍ୟାଙ୍କର ଏନ୍‌ପିଏ ହ୍ରାସ, ଖର୍ଚ୍ଚ ନିୟନ୍ତ୍ରଣ ଦ୍ୱାରା ବ୍ୟାଙ୍କକୁ ଲାଭ ଆଡକୁ ନେବା ଦିଗରେ ପ୍ରଧାନ ଏହି ଅବସରରେ ଗୁରୁତ୍ୱାରୋପ କରିଥିଲେ।

## ରାଜଧାନୀ, ଶତାବ୍ଦୀ ଟିଟିଇଙ୍କୁ ହ୍ୟାଣ୍ଡ ହେଲ୍‌ଡ ଗ୍ୟାଜେଟ୍ ସୁବିଧା

ଭୁବନେଶ୍ୱର,୧୯-୧୨

ନୂଆବର୍ଷ ପୂର୍ବରୁ ରେଲୱେ ଏହାର ରାଜଧାନୀ ଓ ଶତାବ୍ଦୀ ଏକ୍ସପ୍ରେସ ଟିଟିଇଙ୍କୁ ହ୍ୟାଣ୍ଡ ହେଲ୍‌ଡ ଗ୍ୟାଜେଟ ସୁବିଧା ପ୍ରଦାନ କରିବ। ଏହି ଗ୍ୟାଜେଟରେ ଅନେକ ଫାଇଦା ରହିଥିବା ରେଲୱେ ସୂଚନା ଦେଇଛି। ପରବର୍ତ୍ତୀ ଷ୍ଟେଶନରେ ଖାଲି ହେବାକୁ ଥିବା ବର୍ଥ ସମ୍ବନ୍ଧରେ ଯାତ୍ରୀମାନଙ୍କ ପାଇଁ ବ୍ୟବସ୍ଥା କରିବା, ପ୍ରତୀକ୍ଷାରେ ଥିବା ଯାତ୍ରୀଙ୍କ ସହାୟତା, ଗ୍ୟାଜେଟ ବ୍ୟବହାର ଦ୍ୱାରା ରେଳବାଇ ଆୟରେ ବୃଦ୍ଧି, ଆରକ୍ଷଣ ଚାର୍ଟ ପରିବର୍ତ୍ତେ ଗ୍ୟାଜେଟ ବ୍ୟବହାର କରିବା ଉପରେ ଏହା ଗୁରୁତ୍ୱାରୋପ କରିଛି। ପୂର୍ବତଟ ରେଳପଥ ବର୍ତ୍ତମାନ ସୁଦ୍ଧା ୩୩ଟି ହ୍ୟାଣ୍ଡ ହେଲ୍‌ଡ (ଟର୍ମିନାଲ) ଏବେ ସୁଦ୍ଧା ଗ୍ରହଣ କରିଛି। ରାଜଧାନୀ ଏକ୍ସପ୍ରେସରେ ବ୍ୟବହାର ପାଇଁ ଭୁବନେଶ୍ୱରକୁ ୨୧ଟି ଟର୍ମିନାଲ ଏବଂ ପୁରୀକୁ ୧୨ଟି ଟର୍ମିନାଲ ପ୍ରଦାନ କରାଯାଇଛି। ଏଥି ପାଇଁ ସିମ୍ କାର୍ଡ ବ୍ୟବସ୍ଥା କରାଯାଇଥିବା ବେଳେ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ରେଲୱେ ପକ୍ଷରୁ ସୂଚନା ରହିଛି।

## ନାବାର୍ଡର ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୧୯-୧୨

ନାବାର୍ଡ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଜିସିଏଫ୍ ପ୍ରକଳ୍ପ ସଂକ୍ରାନ୍ତ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇ ଯାଇଛି। କମ୍ୟୁନିଟି ଦ୍ୱାରା ଓନରଶିପ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ପି.କେ. ଜେନା ସୂଚନା ଦେଇଥିଲେ। ଜିସିଏଫ୍ ପ୍ରକଳ୍ପର ଲାଭ ପ୍ରକୃତ ହିତାଧିକାରୀଙ୍କ ନିକଟରେ କିଭଳି ଭାବେ ପହଞ୍ଚିବ ସେ ଉପରେ ଜେନା ମତ ରଖିଥିଲେ। ରାଜ୍ୟର ୧୫ ଆଦିବାସୀ ଅଧ୍ୟୁଷିତ ଜିଲାରେ ୧୬୬.୨୯୭ ନିୟୁତ ଡଲାର ଏବଂ ଆମେରିକାର ୩୪.୦୬ ନିୟୁତ ଡଲାର ଜିସିଏଫ୍ ପ୍ରକଳ୍ପ ସହାୟତା ଦ୍ୱାରା ୫.୨୦ ନିୟୁତ ଲୋକଙ୍କ ଜୀବନରେ ଉନ୍ନତି ଆସିପାରିଛି ବୋଲି ନାବାର୍ଡ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମରେ ନାବାର୍ଡ ସିଜିଏମ୍ ଏ.ଚନ୍ଦ୍ରଶେଖର ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନେଇ ସମସ୍ତ ଅଂଶୀଦାରଙ୍କ ସହଯୋଗ ଲୋଡ଼ିଥିଲେ। ଏଥିରେ ଜଳ ସମ୍ପଦ, ପଞ୍ଚାୟତିରାଜ, ଆଇସିଏଆର୍, ଓ୍ୱାଲମି, ଓରସାକ୍‌ର ଅଧିକାରୀ ତଥା ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ୨୧ରେ ସର୍ବଭାରତୀୟ ବ୍ୟାଙ୍କ ଅଧିକାରୀ ମହାସଂଘ ଧର୍ମଘଟ

ଭୁବନେଶ୍ୱର,୧୯-୧୨

ସର୍ବଭାରତୀୟ ବ୍ୟାଙ୍କ ଅଧିକାରୀ ମହାସଂଘ ପକ୍ଷରୁ ଚଳିତ ମାସ ୨୧ ତାରିଖରେ ଧର୍ମଘଟ ଡାକରା ଦିଆଯାଇଛି। ଦ୍ୱାଦଶତମ ଦ୍ୱିପାକ୍ଷିକ ବେତନ ରାଜିନାମା, ସର୍ବନିମ୍ନ ବେତନର ବିଚାର, ମୁଖ୍ୟ ବ୍ୟବସାୟ ସ୍ରୋତ, ଏନ୍‌ପିଏ ଋଣର ପ୍ରାପ୍ୟ ଦେୟ, ନୂଆ ପେନ୍‌ସନ ଯୋଜନାର ପ୍ରତିହତ, ପେନ୍‌ସନ ଏବଂ ଫ୍ୟାମିଲି ପେନ୍‌ସନର ନବୀକରଣ, ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କର କେନ୍ଦ୍ରୀକରଣ, ମେଡ଼ିକାଲ ସୁବିଧାରେ ହ୍ରାସ ଭଳି ବିଭିନ୍ନ ଦାବି ଆଧାରରେ ସଂଘ ପକ୍ଷରୁ ଧର୍ମଘଟ ଲାଗି ଚେତାବନୀ ଦିଆଯାଇଛି। ଏସ୍‌ବିଆଇ ସହ ଏହାର ସହାୟକ ବ୍ୟାଙ୍କ ମିଶ୍ରଣ ଏକ ଦୁଃଖଦ ନିଷ୍ପତ୍ତି। ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପବିତ୍ରତା ବଜାୟ ରଖିବା ଦିଗରେ ସଂଘ ପକ୍ଷରୁ ସମସ୍ତ ପ୍ରକାରର ଉଦ୍ୟମ ଜାରି ରଖାଯିବ ବୋଲି ଏହା ପ୍ରକାଶ କରିଛି। ବିଭିନ୍ନ ଦାବି ନେଇ ୨୪ ଘଣ୍ଟିଆ ଧର୍ମଘଟ ଡାକରା ଦିଆଯାଇଥିବା ସଂଘ ପ୍ରକାଶ କରିଛି।

## ଡକାର ରାଲି ପାଇଁ ହିରୋ ମୋଟକର୍ପର ପ୍ରସ୍ତୁତି

ଭୁବନେଶ୍ୱର,୧୯-୧୨

ପ୍ରମୁଖ ଦୁଇଚକିଆ ଯାନ ନିର୍ମାଣକାରୀ କମ୍ପାନୀ ହିରୋ ମୋଟୋକର୍ପ ଲିମିଟେଡ ଡକାର ରାଲି ପାଇଁ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛି। ଏହି ରାଲି ପାଇଁ କମ୍ପାନୀ ୩ ରାଇଡରଙ୍କର ଏକ ଟିମ୍ ଘୋଷଣା କରିଛି। ଏଥିରେ ଭାରତର ସି.ଏସ୍. ସନ୍ତୋଷ, ସ୍ପେନର ଓରିଏଲ ମିନା, ପର୍ତ୍ତୁଗୀଜ ରାଇଡର ଜ୍ୟାକ୍ସିମ ରୋଡ୍ରିଗ୍ସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଲଗାତର ଭାବେ ତୃତୀୟ ଥର ଲାଗି କମ୍ପାନୀର ଟିମ୍ ଏହି ରାଲିରେ ଯୋଗ ଦେବ। ଏହି ଟିମ୍ ଟେକ୍ନିକାଲ ଦକ୍ଷତା ପ୍ରତିପାଦନ କରିବାକୁ ସକ୍ଷମ ହେବ ବୋଲି କମ୍ପାନୀର ମୁଖ୍ୟ ଟେକ୍ନୋଲୋଜି ଅଧିକାରୀ ମାରକସ୍ ବ୍ରାଉନସ୍ୱରଜର କହିଛନ୍ତି।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Gondwana Place, Kanke Road, Ranchi - 834031, JHARKHAND, INDIA

No. ED/2018/e-Tender/CAAQMS/E-244416 Date: 17.12.2018

E-TENDER NOTICE

Digitally signed and encrypted offers are invited under Two Parts system from the reputed and experienced contractors on Turnkey basis through E-tendering (ON-LINE BIDDING) for "Supply, Installation, Commissioning, Operation and Maintenance Services of 11 Nos. of Continuous Ambient Air Quality Monitoring Stations (CAAQMS) at Talcher, IB Valley and Basundhara Coalfields of MCL"

| Tender Notice No. & date | Description of work | Location | Estimated value (excluding GST) (In Rs.) | Earnest Money (In Rs.) | Period of Completion (in Days) |
|---|---|---|---|---|---|
| E-244416 Dated 17.12.18 | Supply, Installation, Testing and commissioning of 11 Nos. of Continuous Ambient Air Quality Monitoring Stations (CAAQMS) at Talcher, IB Valley and Basundhara Coalfield of MCL | 11 locations in Coalfields of MCL | 10,15,45,785.00 | 12,69,322.00 | 180 days |
| | Operation & Comprehensive Maintenance including replacement of defective components for seven years including Guarantee period of two years. (All spares, consumables, refilling of calibration gas cylinders, Air Conditioner, UPS battery etc.) | | | | 2555 days (7X365 days) |

The details of the tenders are available on following website **www.cmpdi.co.in**, **www.eprocure.gov.in** & **https://coalindiatenders. nic.in** from **19.12.2018**.
**Important Note to all prospective bidders** : For ON-LINE bidding, the bidders should possess Class II/III Digital Signature Certificate (DSC) and enroll themselves at **https://coalindiatenders.nic.in**. For any query, contact Chief Manager (Env.), Mobile No. 8987789100 & Tel. No. 0651-2792236, email: **gmenv.cmpdi@coalindia.in**

General Manager (Environment), CMPDIL

idco Your power to grow ISO 9001 & 14001 CORPORATION
ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

OFFICE OF THE CHIEF GENERAL MANAGER (CIVIL) IDCO, IDCO TOWER, BHUBANESWAR.
Tender Call Notice No. EST- 61 / 2018-19 /25346 Dt. 17.12.2018

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

| Sl. No. | Name of the Work | Procurement Officer | Bid Identification No. | Period of Completion | Value of Work | Availability of Tender on-Line for Bidding | |
|---|---|---|---|---|---|---|---|
| | | | | | | From | To |
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of New Govt. I.T.I Balugaon | CGM (Civil), IDCO, IDCO Tower, Janpath, Bhubaneswar | Bid ID. No.Civil-EST-E 61/ 2018-19 | 12 (twelve) Calendar Months | Rs. 6,67,02,350.00 | 18.00 Hours of 20.12.2018 | 17.00 Hours of 07.01.2019 |

Further details can be seen from the e-procurement portal. **www.tendersorissa.gov.in.** Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website.**

Sd/-
Chief General Manager (Civil), I/C
IDCO, Bhubaneswar

ଓଡ଼ିଶା ବିଦ୍ୟୁତ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LTD.
OPTCL Lifeline of Orissa
Office of the Dy. General Manager, EHT(O&M) Division
Duduma Colony, Digaphandi Road, Berhampur - 760 006
Email: ehtm.div.bam@optcl.co.in, CIN:U40102OR2004SGC007553

OPEN TENDER CALL NOTICE

**(1)**Sealed tender invited by the undersigned the manufacturers / Authorized Dealers and registered ordered suppliers having valid GST, authorized dealership certificate for **"N.I.T No 08/2018-19: Supply of outdoor type 150watt LED based flood light with complete fitting at Grid S/s Narendrapur & Berhampur"**. Cost of tender paper @Rs.2240/-. E.M.D @ Rs 4100/-. Sale of tender paper : 20.12.18 to 03.01.2019. Date of opening 04.01.2019 at 03.00PM. **(2)** Sealed tenders invited by the undersigned from interested Contractors having valid M.V Contract License along with PAN, GST certificate for **"N.I.T No 09/2018-19: Internal Electrification of departmental I.B, OPTCL, Berhampur with supply of all fixtures & fittings"**. Cost of tender paper @Rs.672/-. E.M.D @ Rs.1290/-. Sale of tender paper 20.12.2018 to 02.01.2019. Date of opening 03.01.2018 at 03.00PM. For details please visit our website **www.optcl.co.in**.Corrigendum if any will be published in the web site only.

*Dy. General Manager, EHT(O&M) Div.*

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
OPTCL Lifeline of Odisha
(A Government of Odisha Undertaking)
Regd. Office: Janpath, Bhubaneswar -751 022 (Odisha)
Tel: 0674-2540051 (EPABX) CIN: U40102OR2004SGC007553

NOTICE INVITING TENDER (NIT)
(DOMESTIC COMPETITIVE e-BIDDING)

**e-TENDER NOTICE NO.: CPC-51/2018-19** **Date: 20.12.2018**

ODISHA POWER TRANSMISSION CORPORATION LTD. invites bids (in e-tendering mode only) under single stage two-envelop system from reputed EPC / Turnkey Contractors for **Engineering, Supply, Erection and Commissioning of Balance work of 132KV SC line on DC tower from 132/33KV Grid Substation at Padampur to 132/33KV Grid Substation at Nuapada along with associated bay extension work at Padampur and Nuapada Grid Sub-station at an Estimated Cost of the Package for Rs.11.86 Crore on "TURNKEY CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL"** portal from Dt.**(21.12.2018)** / **(11:00)AM** up to Dt.**(21.01.2019)** / **(12:45)PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note :** Bidders are requested to regularly visit Official website of OPTCL / Tender Portal only for amendment / errata / corrigendum (if any) and any other information regarding these tenders, as the same shall be published only on the OPTCL website / Tender Portal.

Sd/-
Chief General Manager (CPC)
e-Mail: sgm.cpc@optcl.co.in

CR Advt. No. 68/2018-19

Please connect us: optcl.odisha optcl_odisha energyodisha

OFFICE OF THE NOTIFIED AREA COUNCIL, BHUBAN
**Tel No.: 06769-272023, E-Mail: bhubann.hud@nic.in**
**E-Procurement Notice-06/2018-19**
**Tender Call Notice No-1615/ BBN NAC Dt. 17.12.2018**

| | | | |
|---|---|---|---|
| 1. | Name of the work | : | 32 Number of Civil Construction works as in the DTCN published in the website. |
| 2. | Estimated Cost | : | Varies from Rs. 1.00 lakhs to Rs. 20.00 lakhsl |
| 3. | Period of Completion | : | One Month to Six Months |
| 4. | Date and time of availability of Bid Document in the Portal | : | From 10.00 AM of Dt. 24.12.2018 to 5.00 PM of Dt. 04.01.2019. |
| 5. | Last date/ Time for receipt of Bid in the Portal | : | 5.00 PM of Dt. 04.01.2019 |
| 6. | Last date of submission of Bid Document through Regd. Post/ Speed Post | : | 4.00 PM of Dt. 07.01.2019 |
| 7. | Date and time of opening of Bid | : | 11.00 AM of Dt. 08.01.2019 |
| 8. | Name and address of the OfficerInviting Bid | : | Executive Officer, Bhuban NAC |

Further details can be seen from the e-Procurement portal http://tenderorissa.gov.in.
**Sd./- Executive Officer, Bhuban NAC**

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Lifeline of Odisha
Regd.Office: Janpath, Bhubaneswar-751022, Telephone: (0674) 2542230, Fax:(0674) 2542964
Website: www.optcl.co.in, CIN:U4102OR2004SGC007553

NOTICE INVITING TENDER (NIT)
(DOMESTIC COMPETITIVE e-BIDDING)

**e-TENDER NOTICE No.: SCRIPS PMU 05/2018-19, Dt.19.12.2018**

**ODISHA POWER TRANSMISSION CORPORATION LTD (OPTCL),** Bhubaneswar, invites bids (in e- tendering mode only) under single stage two-envelop system from reputed Turnkey Contractors for **Engineering, Supply, Erection and Commissioning of (1) 2x63 MVA, 132/33KV Gas (SF6) Insulated Substation (GIS) at Nayapalli, Bhubaneswar, (2) 132kV UG Cable from Mancheswar AIS Grid sub-station to proposed Nayapalli 132/33kV GIS Substation-6.0kM, (3) 132kV UG Cable from Unit-VIII GIS Grid sub-station to proposed Nayapalli 132/33kV GIS Substation -6.0kM, (4) 132kV UG Cable from Ekamra Park (from a special tower suitable for cable termination-LILO on existing Chandaka-Ranasinghpur 132 KV O/H line) to proposed Nayapalli 132/33kV GIS Substation with provision of one no. special type tower-2X1.5kM, (5) 132kV GIS bay extension (one no.) at Unit-VIII-132/33 KV GIS Grid Sub-station for proposed Nayapalli GIS Grid Sub-station, (6) 132kV AIS bay extension (one no.) at Mancheswar-132/33 KV AIS Grid Sub-station for proposed Nayapalli GIS Grid Sub-station at an Estimated Cost of ₹ 112.47 Crore on "Turnkey CONTRACT BASIS".** Interested bidders are required to enroll themselves in the tender portal **"www.tenderwizard.com/OPTCL"**. Complete set of bidding documents are available on **"www.tenderwizard.com/OPTCL" portal from Dt.(21.12.2018)/(11.00)AM up to Dt.(29.01.2019)/(12:45) PM.** Interested bidders may visit OPTCL's official website **"http://www.optcl.co.in"** and Tender Portal **"http://www.tenderwizard.com/OPTCL"** for further detail.

**Note:** Bidders are requested to regularly visit OPTCL website/Tender Portal only for amendment/errata /corrigendum (if any) and any other information regarding the tender, as the same shall be published only on OPTCL website/Tender Portal.

CR-Advt.No.- 69/18-19 **Chief General Manager (SCRIPS-PMU)**

Please connect us: optcl.odisha optcl_odisha energyodisha

# ବିସିସିଆଇକୁ ୬୦ ପ୍ରତିଶତ ଅର୍ଥ ଦେବାକୁ ପିସିବିକୁ ନିର୍ଦ୍ଦେଶ

## କ୍ଷତିପୂରଣ ଲଢେଇ

ଦୁବାଇ, ୧୯।୧୨(ପିଟିଆଇ): କ୍ରିକେଟର ସର୍ବୋଚ୍ଚ ସଂସ୍ଥା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ବିବାଦ ସମାଧାନ ପ୍ୟାନେଲ (ଡିଆରସି) ବୁଧବାର ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)କୁ ଝଟ୍କା ଦେଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଦାବି କରାଯାଇଥିବା ୬୦ ପ୍ରତିଶତ କ୍ଷତିପୂରଣ ଅର୍ଥରାଶି ପ୍ରଦାନ କରିବାକୁ ପିସିବିକୁ ଡିଆରସି ନିର୍ଦ୍ଦେଶ ଦେଇଛନ୍ତି। ଦ୍ୱିପାକ୍ଷିକ ସିରିଜ ଖେଳିବା ପାଇଁ ହୋଇଥିବା ଚୁକ୍ତିର ସମ୍ମାନ କରିନଥିବା ନେଇ ପିସିବି ପକ୍ଷରୁ ବିସିସିଆଇକୁ କ୍ଷତିପୂରଣ ଦାବି କରାଯାଇଥିଲା। ଯାହାକୁ ପୂର୍ବରୁ ଆଇସିସି ପକ୍ଷରୁ ଖାରଜ କରାଯାଇଥିଲା। ଏବେ କିନ୍ତୁ ଏକମାସ ପରେ ଆଇସିସି ଦୁଇବୋର୍ଡର ଖର୍ଚ୍ଚ ଘୋଷଣା କରିଛନ୍ତି।

ଆଇସିସି ଏହାର ଶୁଣାଣିରେ କହିଛନ୍ତି, କ୍ଷତିପୂରଣ ତଥା ପ୍ରଶାସନିକ ଖର୍ଚ୍ଚ ବାବଦକୁ ବିସିସିଆଇକୁ ୬୦ ପ୍ରତିଶତ ଅର୍ଥରାଶି ପ୍ରଦାନ କରିବାକୁ ପିସିବିକୁ ପ୍ୟାନେଲ ନିର୍ଦ୍ଦେଶ ଦେଇଛନ୍ତି। ଆଇସିସି କମିଟିର ଏହି ନିର୍ଦ୍ଦେଶ ପାଳନ କରିବା ବାଧ୍ୟ ଅଟେ। ସେହିଭଳି ଅପରପକ୍ଷରେ ପ୍ରଶାସନିକ ଖର୍ଚ୍ଚ ଓ ପ୍ୟାନେଲ ଖର୍ଚ୍ଚ ବାବଦକୁ ୪୦ ପ୍ରତିଶତ ଅର୍ଥରାଶି ପ୍ରଦାନ କରିବାକୁ ବିସିସିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ବୋର୍ଡ ପକ୍ଷରୁ ଦାବି କରାଯାଇଥିବା ପ୍ରକୃତ କ୍ଷତିପୂରଣ ଅର୍ଥରାଶି ବିଷୟରେ ଏହି ଶୁଣାଣି ଅବସରରେ କୁହାଯାଇନାହିଁ। ୨୦୧୫ରୁ ୨୦୨୩ ମଧ୍ୟରେ ୬ଟି ଦ୍ୱିପାକ୍ଷିକ ସିରିଜ ଭାରତ ବିପକ୍ଷରେ ଖେଳିବା ନେଇ ହୋଇଥିବା ଚୁକ୍ତିର ସମ୍ମାନ ବିସିସିଆଇ କରିନାହିଁ ବୋଲି କ୍ଷତିପୂରଣ ବାବଦକୁ ୪୪୭ କୋଟି ଅର୍ଥରାଶି ପ୍ରଦାନ କରିବାକୁ ପିସିବି ପକ୍ଷରୁ ଦାବି କରାଯାଇଥିଲା। ଅପରପକ୍ଷରେ ବିସିସିଆଇ ପକ୍ଷରୁ କୁହାଯାଇଛି, ଯେହେତୁ ଭାରତ ପକ୍ଷରୁ ଆଇସିସିକୁ ଦିଆଯାଇଥିବା ରେଭେନ୍ୟୁ ମଡେଲ ପ୍ରସ୍ତାବକୁ ସମର୍ଥନ କରିବାର ପ୍ରତିଶ୍ରୁତିବଦ୍ଧତା ସମ୍ମାନରେ ପାକିସ୍ତାନ ବିଫଳ ରହିଥିଲା। ତେଣୁ ଏହି ଚୁକ୍ତିର ସମ୍ମାନ କରିବା ବାଧ୍ୟତା ନାହିଁ। ଏହାପରେ ଆଇସିସି ତିନି ସଦସ୍ୟ ବିଶିଷ୍ଟ ବିବାଦ ସମାଧାନ କମିଟି (ଡିଆରସି) ଗଠନ କରି ପିସିବିର କ୍ଷତିପୂରଣ ଦାବି ଉପରେ ବିଚାର କରିଥିଲେ। ଆଇସିସିର ମୁଖ୍ୟାଳୟରେ ଅକ୍ଟୋବର ୧ରୁ ୩ ତାରିଖ ପର୍ଯ୍ୟନ୍ତ ଏହି ଶୁଣାଣି ଅନୁଷ୍ଠିତ ହୋଇଥିଲା।




ଡେରାଡୁନଠାରେ ଅନୁଷ୍ଠିତ ପ୍ରଥମ ଆନ୍ତଃରାଜ୍ୟ ମହିଳା ଦୃଷ୍ଟିହୀନ ତ୍ରିକୋଣୀୟ କ୍ରିକେଟ ସିରିଜରେ ଦିଲ୍ଲୀକୁ ହରାଇ ଚାମ୍ପିୟନ ହୋଇଥିବା ଓଡ଼ିଶା ଦଳକୁ ବୁଧବାର ପୋଖରୀପୁଟସ୍ଥିତ ଏନସିଏସଡିଏଠାରେ କ୍ରୀଡ଼ା ଓଡ଼ିଶା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

# ଇଣ୍ଡିଆନ ଓପନ ଗେଟ୍‌ବଲ୍‌ରେ ୩ ବିଦେଶୀ ଦଳ ଭାଗନେବେ

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି): ଇଣ୍ଡିଆନ ଓପନ ଗେଟ୍‌ବଲ ଟୁର୍ଣ୍ଣାମେଣ୍ଟ କଳିଙ୍ଗ ଷ୍ଟାଡିୟମରେ ଚଳିତମାସ ୨୨ ଓ ୨୩ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ଇଣ୍ଡିଆନ ଗେଟ୍‌ବଲ ୟୁନିୟନ(ଆଇଜିୟୁ) ଆନୁକୂଲ୍ୟରେ ହେବାକୁଥିବା ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ବିଦେଶର ୩ଟି ଦଳ ଥାଇଲାଣ୍ଡ, ତାଇୱାନ ଓ ଇଣ୍ଡୋନେସିଆ ଅଂଶଗ୍ରହଣ କରିବ। ଆୟୋଜକ ଓଡ଼ିଶା ବ୍ୟତୀତ ଏଥିରେ ହରିୟାଣା, ଦିଲ୍ଲୀ, ଆସାମ, ପଞ୍ଜାବ, ଜମ୍ମୁ କଶ୍ମୀର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ମହାରାଷ୍ଟ୍ର ଓ ତ୍ରିପୁରାରୁ ଦଳଗୁଡ଼ିକ ଅଂଶଗ୍ରହଣ କରିବେ।

ପ୍ରତିଯୋଗିତା ମୋଟ ୨ଟି କାଟେଗୋରି ସିନିୟର ଇଭେଣ୍ଟ ଓ ଡବଲ୍ସରେ ଅନୁଷ୍ଠିତ ହେବ। ମୋଟ ୧୬ଟି ଦଳ ଏଥିରେ ଭାଗନେବେ। ୩ ବିଦେଶୀ ଦଳ, ରାଜ୍ୟ ବାହାରର ୯ ଦଳ, ରାଜ୍ୟର ୪ ଦଳ (ଓଡ଼ିଶା, ଓଡ଼ିଶା ସିନିୟର, ଓଡ଼ିଶା ସ୍କୁଲ, ଓଡ଼ିଶା ବାଳିକା) ଏବଂ ଆଇଜିୟୁ ଟିମ୍ ଏଥିରେ ଅଂଶଗ୍ରହଣ କରିବ। ପ୍ରତି କାଟେଗୋରିରେ ଦଳ ଗୁଡ଼ିକୁ ୪ଟି ଗ୍ରୁପରେ ବିଭକ୍ତ କରାଯିବ। ଲିଗ୍ ପର୍ଯ୍ୟାୟରେ ପରସ୍ପରକୁ ଭେଟିବାପରେ ପ୍ରତି ଗ୍ରୁପର ଶ୍ରେଷ୍ଠ ୨ଟି ଲେଖାଏଁ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ଅଂଶଗ୍ରହଣକାରୀ ସମସ୍ତ ଖେଳାଳିଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବ ଏବଂ ସେମିଫାଇନାଲିଷ୍ଟ ଓ ଫାଇନାଲିଷ୍ଟଙ୍କୁ ଟ୍ରଫି ଦିଆଯାଇ ସମ୍ମାନିତ କରାଯିବ ବୋଲି ବୁଧବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ପ୍ରତିଯୋଗିତାରେ ଏଥର ଡବଲ୍ସ ଇଭେଣ୍ଟ ପ୍ରଥମଥରପାଇଁ ଅନୁଷ୍ଠିତ ହେବ। ଅଷ୍ଟ୍ରେଲିଆ ଓ ୟୁରୋପ ଦେଶଗୁଡ଼ିକରେ ଏହା ବେଶ୍ ଲୋକପ୍ରିୟତା ଅର୍ଜନ କରିଛି। ଏହା ଗେମ୍‌କୁ ଅଧିକ ଫାଷ୍ଟ କରିଛି ଏବଂ ପ୍ରତିଯୋଗୀଙ୍କ ମନରେ ଅଧିକ ଆଗ୍ରହ ସୃଷ୍ଟି କରିଛି। ୨୨ ତାରିଖରେ ଉଦ୍‌ଘାଟନୀ ସମାରୋହ ପରେ ଲିଗ୍ ମ୍ୟାଚ ଗୁଡ଼ିକ ଖେଳାଯିବ। ୨୩ରେ ଅବଶିଷ୍ଟ ଲିଗ୍‌ମ୍ୟାଚ, କ୍ୱାର୍ଟର ଫାଇନାଲ, ସେମିଫାଇନାଲ ଓ ଫାଇନାଲ ପରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ସୁପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଦ୍ୱିପାୟନ ପଟ୍ଟନାୟକ ଏହା ଅଧକ୍ଷ ଥିବାବେଳେ ବିଶ୍ୱରଞ୍ଜନ ମିଶ୍ର ସମ୍ପାଦକ ଏବଂ ସତୀଶ ପୃଷ୍ଟି କୋଷାଧକ୍ଷ ଅଛନ୍ତି।

# କପିଳ ଦେବ ୨୫ କୋଟିରେ ବିକ୍ରି ହୋଇଥାନ୍ତେ: ଗାଭାସ୍କର

ଜୟପୁର, ୧୯।୧୨: ଟି୨୦ ଲିଗ୍‌ର ଲୋକପ୍ରିୟତା ବଢ଼ିବା ପରେ ପୂର୍ବତନ କିମ୍ବଦନ୍ତୀ ଖେଳାଳିମାନେ ଏହି ଛୋଟିଆ ଫର୍ମାଟରେ କେଉଁ ଭଳି ଖେଳିଥାନ୍ତେ, ତାକୁ ନେଇ ବର୍ତ୍ତମାନ ବହୁ ଆଲୋଚନା କରାଯାଉଛି। ଏହି ଧାରାରେ ଲିଜେଣ୍ଡ ମାଷ୍ଟର ସୁନୀଲ ଗାଭାସ୍କର ଯୋଡ଼ି ହୋଇଛନ୍ତି। "ପୂର୍ବତନ ଭାରତୀୟ ଅଧିନାୟକ କପିଳଦେବ ଟି୨୦ ଫର୍ମାଟରେ ଶ୍ରେଷ୍ଠ ଖେଳାଳି ହୋଇପାରିଥାନ୍ତେ। କାରଣ ତାଙ୍କ ଖେଳିବାବେଳେ ସେ ସମସ୍ତ ବିଭାଗରେ ଭଲ ପ୍ରଦର୍ଶନ କରୁଥିଲେ। କପିଳ ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ, ସର୍ବାଧିକ ୨୫ କୋଟି ଟଙ୍କା ମୂଲ୍ୟ ପାଇଥାନ୍ତେ। ୧୯୮୩ ବିଶ୍ୱକପରେ ଏକ ମ୍ୟାଚରେ କପିଳଙ୍କ ୧୭୫ ରନ୍‌ର ଇନିଂସ ଦିନିକିଆ ଇତିହାସରେ ଶ୍ରେଷ୍ଠ ପାଳି। ଏହାଠାରୁ ଭଲ ଇନିଂସ ମୁଁ ଦେଖିନାହିଁ। ୧୭ ରନ୍‌ରେ ୫ ଉଇକେଟ ହରାଇ ସାରିଥିବାରୁ ୭୦ କିମ୍ବା ୮୦ ରନ୍‌ରେ ଆମେ ଅଲଆଉଟ୍ ହୋଇଯିବାର ସମ୍ଭାବନା ସୃଷ୍ଟି ହୋଇଥିଲା। ମାତ୍ର କପିଳ ଏକାକୀ ମ୍ୟାଚ୍‌ର ଫଳାଫଳ ପରିବର୍ତ୍ତନ କରି ଦେଇଥିଲେ" ବୋଲି ଆଇପିଏଲରେ ଖେଳାଳିଙ୍କ ନିଲାମ ପ୍ରକ୍ରିୟା ଚାଲିଥିବା ବେଳେ ଏକ ଜାତୀୟ ବୈଦ୍ୟୁତିକ ଗଣମାଧ୍ୟମ ପକ୍ଷରୁ ଆୟୋଜିତ ଇଭେଣ୍ଟରେ ଗାଭାସ୍କର ଯୋଗ ଦେଇ କହିଛନ୍ତି।

# 'ୟୁବିଙ୍କୁ ଏକ କୋଟିରେ ପାଇବା ଆଶା ନ ଥିଲା'

ନୂଆଦିଲ୍ଲୀ, ୧୯।୧୨: ଜୟପୁରଠାରେ ଆୟୋଜିତ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ମୁମ୍ବାଇ ଇଣ୍ଡିଆନ୍ସ ବରିଷ୍ଠ ଅଲରାଉଣ୍ଡର ଯୁବରାଜ ସିଂ(ୟୁବି)ଙ୍କୁ ଏକ କୋଟି ଟଙ୍କାରେ ଦଳରେ ସାମିଲ କରିଛି। ମାତ୍ର ଫ୍ରାଞ୍ଚାଇଜ ମାଲିକ ଆକାଶ ଅମ୍ବାନୀ କହିଛନ୍ତି, ତିନିଥର ଚାମ୍ପିୟନ ମୁମ୍ବାଇ ଦଳ ୟୁବିଙ୍କୁ ଏକ କୋଟି ଟଙ୍କାରେ ପାଇବ ବୋଲି ଆଶା ନ ଥିଲା। ୟୁବିଙ୍କୁ ବେସ୍ ପ୍ରାଇସ୍‌ରେ କିଣି ଫ୍ରାଞ୍ଚାଇଜ ଇତିହାସର ସବୁଠାରୁ ବଡ଼ ଫାଇଦା ପାଇଛି। ଦଳରେ ଏବେ ବହୁ ଯୁବ ଖେଳାଳି ଥିବାରୁ ଆମେ ଅଭିଜ୍ଞ ଖେଳାଳିଙ୍କ ଉପରେ ଫୋକସ ରଖିଥିଲୁ। ଏହି ଖେଳାଳି ଦଳ ପାଇଁ ଆଗାମୀ ସିଜନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ, ଏଥିରେ କୌଣସି ସନ୍ଦେହ ନାହିଁ ଆଗୁରି ଲଗିଥିବା ମାଲିକଙ୍କ ଲାଗି ଅଧିକ ବଜେଟ କରିଥିଲୁ। ସେ ଲିଗ୍ ଇତିହାସର ସଫଳତମ ବୋଲର। ତାଙ୍କୁ ବେସ୍ ପ୍ରାଇସ୍‌ରେ ପାଇବା ପାଇଁ କଦାପି ଚିନ୍ତା କରି ନ ଥିଲୁ। ସେ ଦଳରେ ସାମିଲ ହେବା ଦ୍ୱାରା ଯୁବ ଖେଳାଳିଙ୍କୁ ଠିକ୍ ମାର୍ଗଦର୍ଶନ ହୋଇପାରିବ। ଉଭୟ ଖେଳାଳି ଟି୨୦ ଫର୍ମାଟରେ ସମସ୍ତ ଟ୍ରଫି ହାତେଇ ସାରିଛନ୍ତି ବୋଲି ଆକାଶ ଏହି ନିଲାମ ପ୍ରକ୍ରିୟା ପରେ କହିଛନ୍ତି। ୩୭ ବର୍ଷୀୟ ବିସ୍ଫୋରକ ବ୍ୟାଟ୍ସମ୍ୟାନ ଆଗଭଳି ପ୍ରଦର୍ଶନ କରିପାରୁ ନାହାନ୍ତି। ଏଥିଯୋଗୁ ପ୍ରଥମ ରାଉଣ୍ଡରେ ତାଙ୍କ ପ୍ରତି କୌଣସି ଫ୍ରାଞ୍ଚାଇଜ୍ ଇଚ୍ଛା ପ୍ରକାଶ କରିନ ଥିଲେ।


GOVERNMENT OF ODISHA
OFFICE OF THE ENGINEER-IN-CHIEF
RURAL WATER SUPPLY & SANITATION, BHUBANESWAR

No. 10850 Date: 17.12.2018

**NOTICE INVITING BID**

**NATIONAL COMPETITIVE BIDDING THROUGH e-PROCUREMENT**

**REQUEST FOR PROPOSAL (RFP)**

No. 1217-O: The Engineer-in-Chief, RWS&S, Odisha, Bhubaneswar on behalf of the Governor of Odisha invites proposals for engagement of Authority's Engineer (AE) on the basis of National Competitive Bidding for the works detailed in the table given below. The firm is advised to examine carefully all instructions in the RFP Document.

| Sl. No. | Name of the Rural Water Supply Project | Bid ID No. | Assignment Period (months) | Availability of bid documents for online bidding From | To |
|---|---|---|---|---|---|
| 1 | Request for Proposal for Consultancy Services for Authority Engineer (AE) Services for Supervision of the work "Execution of 04 nos. of Individual Rural Piped Water Supply Project pertaining to KENDRAPADA / JHARSUGUDA / ANGUL District" on EPC Contract | EIC RWSS-39/18-19 | 24 months (Twenty four months) | 17.00 hours of 22.12.2018 | 17.00 hours of 22.01.2019 |
| 2 | Request for Proposal for Consultancy Services for Authority Engineer (AE) Services for Supervision of the work "Execution of Individual Rural Piped Water Supply Project pertaining to KORAPUT Districts" on EPC Contract | EIC, RWSS-40/18-19 | 24 months (Twenty four months) | 17.00 hours of 22.12.2018 | 17.00 hours of 22.01.2019 |
| 3 | Request for Proposal for Consultancy Services for Authority Engineer (AE) Services for Supervision of the work "Execution of 2Nos. Individual Rural Piped Water Supply Project pertaining to PURI & GANJAM Districts" on EPC Contract | EIC RWSS-41/18-19 | 24 months (Twenty four months) | 17.00 hours of 22.12.2018 | 17.00 hours of 22.01.2019 |

Name & Address of officer inviting RFP: Engineer-in-Chief, RWS&S, Jal O Parimal Bhawan, Unit-V, Bhubaneswar - 751001, Odisha. Tel.: 0674 - 2395734, Fax: 0674 - 2394946, Email: cerwssodisha@gmail.com

Further details can be seen from the e-procurement portal https://tendersodisha.gov.in

25040/11/0036/1819 Sd./- Engineer-in-Chief, RWS&S (O)



ODISHA HYDRO POWER CORPORATION LIMITED
Balimela Electric Project, Post: Balimela, Dist: Malkangiri (Odisha), Pin: 764051, Phones: 06861-232581 (O)/ 232641 (R), FAX: 06861-232541, E-Mail: unit.head_Balimela@yahoo.com

NO. BHEP: TECH-44 (C)/ 63551 Date: 17.12.18

TENDER CALL NOTICE

No.CAD-1145:- Sealed tenders are invited in single part bid basis from Vehicle Owners/ Travel Agencies & fulfilling the eligibility criteria as per the tender specification for the work as mentioned below.

| Group | Description of Services | Cost of tender paper (Non-refundable) in Rs. | EMD in shape of DD only (refundable) in Rs. | Period of availability of tender at OHPC website. | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| A | Hiring of 01(one) No. of diesel run Mahindra Bolero Plus/ Mahindra TUV 300 vehicle with single driver for BHEP, Balimela. | Rs. 6000/- (+ 1080 GST@18%) | 1% quoted amount | 20.12.2018 to 01.01.2019 | 02.01.2019 upto 12.00 hrs. | 02.01.2019 at 12.30 PM |
| B | Hiring of 01(one) No. of diesel run new Mahindra Bolero Plus/ Mahindra TUV 300 vehicle with single driver for BHEP, Balimela. | Rs. 6000/- (+ 1080 GST@18%) | 1% quoted amount | 20.12.2018 to 01.01.2019 | 02.01.2019 upto 12.00 hrs. | 02.01.2019 at 12.30 PM |

N.B: The tenderer can participate either one of the group or both of the groups separately.
For details of the tender documents terms & conditions please visit our website www.ohpcltd.com w.e.f. 20.12.2018.

04019/11/0086/1819 Sd./- Senior General Manager (Ele) BHEP, Balimela



ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
**ଘୋଷଣା**

No RDM-LAB-BOUDH-0040-2017 41251 ତା 6 Nov. 2018

No.-XXXI-85: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୯(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିଚାରକୁ ନେଇ ମୌଜା- ସୋମନାଥପୁର, ଥାନା- ବୌଦ୍ଧ, ନଂ.୩୨୯, ତହସିଲ- ହରଭଙ୍ଗା, ଜିଲ୍ଲା- ବୌଦ୍ଧରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କ ପ୍ରକୃତ ହେଉଅଛି କି ଏହ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ୍- ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଉପ-ମୁଖ୍ୟ ଯନ୍ତ୍ରୀ(ନିର୍ମାଣ), ପୂର୍ବତଟ ରେଳପଥ, ବଲାଙ୍ଗିରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୪୯୬ ତା୧୮।୦୨।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା - ସୋମନାଥପୁର, ଥାନା- ବୌଦ୍ଧ, ଜିଲ୍ଲା - ବୌଦ୍ଧରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସକ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ www.boudh.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାପ୍ରବନ୍ଧକ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ବୌଦ୍ଧ ତହସିଲ: ହରଭଙ୍ଗା

| ଗ୍ରାମର ନାମ | ଗ୍ରାମପଞ୍ଚ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ସୋମନାଥପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ. ୨୬.୬୨୦ | ଏ. ୧୪.୨୬୦ | ଏଥି ସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: ବୌଦ୍ଧ ତହସିଲ: ହରଭଙ୍ଗା

| ଗ୍ରାମର ନାମ | ଗ୍ରାମପଞ୍ଚ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

• ଅଧିସୂଚନାର ବୈଧ ତାରିଖ ୦୮।୦୩।୨୦୧୮

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ବ୍ରହ୍ମାନନ୍ଦ ବେହେରା), ଯୁଗ୍ମ ଶାସନ ସଚିବ

ଜମିର ତାଲିକା
ଖୋର୍ଦ୍ଧା ରୋଡ୍- ବଲାଙ୍ଗିର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ
ଗ୍ରାମ: ସୋମନାଥପୁର, ତହସିଲ: ହରଭଙ୍ଗା, ଥାନା: ବୌଦ୍ଧ (ନଂ.୩୨୯), ଜିଲ୍ଲା: ବୌଦ୍ଧ

ଏ. ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ଖତିୟାନ ନଂ. | ପ୍ଲଟ ନଂ. | ରକବା | ଅଧିଗ୍ରହଣ ରକବା | କିସମ | ଅଭିଲିଖିତ ରୟତଙ୍କ ନାମ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୧ | ୩୪ | ୦.୦୩୦ | ୦.୦୩୦ | N/A | |
| ୨ | | ୩୫ | ୧.୧୦୦ | ୦.୧୦୦ | N/A | ଅଙ୍କୁର କହଁର, ପି- ଚନ୍ଦ୍ର କହଁର, ବା: ସୋମନାଥପୁର |
| ୩ | | ୪୨ | ୦.୮୦୦ | ୦.୧୫୦ | N/A | |
| ୪ | ୨ | ୨୦ | ୦.୪୦୦ | ୦.୧୫୦ | N/A | ଗୋଲେଖ ନାଏକ, ପି- ବିସ୍ନୁ ନାଏକ, ବା: ସୋମନାଥପୁର |
| ୫ | | [illegible] | [illegible] | [illegible] | N/A | |
| ୬ | ୩ | [illegible] | [illegible] | [illegible] | N/A | ଗୋଲେଖ ନାଏକ, ଅଲେଖ ନାଏକ, ଈଶ୍ୱର ନାଏକ, ରାମ କୁମାର ନାଏକ, ପି- ବୈଦ୍ୟନାଥ ନାଏକ, ବା: ସୋମନାଥପୁର |
| ୭ | | [illegible] | [illegible] | [illegible] | N/A | |
| ୮ | ୭ | [illegible] | [illegible] | [illegible] | N/A | ନନ୍ଦ କହଁର, ପି- ଚନ୍ଦ୍ର କହଁର, ବା: ସୋମନାଥପୁର |
| ୯ | | [illegible] | [illegible] | [illegible] | N/A | ପ୍ରଦୋଷ କୁମାର ମିଶ୍ର, ପି: ସୋମନାଥ ମିଶ୍ର, ବା: ସୋମନାଥପୁର |
| ୧୦ | ୮ | [illegible] | [illegible] | [illegible] | N/A | |
| ୧୧ | | [illegible] | [illegible] | [illegible] | N/A | |
| ୧୨ | | [illegible] | [illegible] | [illegible] | N/A | |
| ୧୩ | ୯ | [illegible] | [illegible] | [illegible] | N/A | ପ୍ରହ୍ଲାଦ ବେହେରା, ପି- କୁଞ୍ଜ ବେହେରା, ବା: ସୋମନାଥପୁର |
| ୧୪ | ୧୦ | [illegible] | [illegible] | [illegible] | N/A | ପୂର୍ଣ୍ଣ ନାଏକ, ପି- ବୈଦ୍ୟନାଥ ନାଏକ, ବା: ସୋମନାଥପୁର |
| ୧୫ | ୧୧ | [illegible] | [illegible] | [illegible] | N/A | ବଇଦ୍ଧ ଦାସ, ପି- ଯୋଗୀ ଦାସ, ବା- ସୋମନାଥପୁର |
| ୧୬ | ୧୩ | [illegible] | [illegible] | [illegible] | N/A | ଭାଗବତ ବେହେରା, ପି- କୁଞ୍ଜ ବେହେରା, ବା: ସୋମନାଥପୁର |
| ୧୭ | ୧୪ | [illegible] | [illegible] | [illegible] | N/A | ଭୂମିସୁତା ହୋତା, ସ୍ୱା- ଭାମନନ୍ଦ ହୋତା, ବା: ସୋମନାଥପୁର |
| ୧୮ | ୧୫ | [illegible] | [illegible] | [illegible] | N/A | ରଞ୍ଜିତା ହୋତା, ସ୍ୱା- ଜୟଶଙ୍କର ହୋତା, ବା- ସୋମନାଥପୁର |
| ୧୯ | ୧୬ | [illegible] | [illegible] | [illegible] | N/A | ରାଘବ ଭୋଇ, ପି- ଅନନ୍ତ ଭୋଇ, ବା- ସୋମନାଥପୁର |
| ୨୦ | ୧୭ | [illegible] | [illegible] | [illegible] | N/A | ରାଜକିଶୋର କହଁର, ପି- ଲକ୍ଷ୍ମଣ କହଁର, ବା: ସୋମନାଥପୁର |
| ୨୧ | ୧୮ | [illegible] | [illegible] | [illegible] | N/A | ରାଜ କୁମାର ବାଘ, ପି- ଦୁଃଖୁ ବାଘ, ବା- ସୋମନାଥପୁର |
| ୨୨ | | [illegible] | [illegible] | [illegible] | N/A | |
| ୨୩ | ୧୯ | [illegible] | [illegible] | [illegible] | N/A | ଯୁବତୀ କହଁର, ସ୍ୱା- ଭାଗୀରଥ କହଁର, ବା: ସୋମନାଥପୁର |
| ୨୪ | ୨୦ | [illegible] | [illegible] | [illegible] | N/A | ଲକ୍ଷ୍ମଣ କହଁର, ପି- ଜନମି କହଁର, ବା: ସୋମନାଥପୁର |
| ୨୫ | ୨୧ | [illegible] | [illegible] | [illegible] | N/A | ଶଙ୍କର ରାଜହଂସ, ପି- କିଲେ ରାଜହଂସ, ବା: ସୋମନାଥପୁର |
| ୨୬ | ୨୨ | [illegible] | [illegible] | [illegible] | N/A | ଶଙ୍କର ପ୍ରସାଦ ମିଶ୍ର, ପି- ସୋମନାଥ ମିଶ୍ର, ବା: ସୋମନାଥପୁର |
| ୨୭ | | [illegible] | [illegible] | [illegible] | N/A | |
| ୨୮ | ୨୩ | [illegible] | [illegible] | [illegible] | N/A | ସଂଜୀବନ ଦାସ, ପି- ଭିଷ ଦାସ, ବା- ସୋମନାଥପୁର |
| ୨୯ | ୨୬ | [illegible] | [illegible] | [illegible] | N/A | ସେତ ବେହେରା, ପି- କୃପା ବେହେରା, ବା: ସୋମନାଥପୁର |
| ୩୦ | ୨୮ | [illegible] | [illegible] | [illegible] | N/A | ସୋମନାଥ କହଁର, ପି- ରାଘବ କହଁର, ବା- ସୋମନାଥପୁର |
| ୩୧ | [illegible] | [illegible] | [illegible] | [illegible] | N/A | ପାରିବାଡ ପଣ୍ଡା, ପି- ସଞ୍ଜୟ ପଣ୍ଡା, ବା: ସୋମନାଥପୁର |
| ୩୨ | [illegible] | [illegible] | [illegible] | [illegible] | N/A | ମଞ୍ଜୁଲା ପଣ୍ଡା, ସ୍ୱା- ସଞ୍ଜୟ ପଣ୍ଡା, ବା: ସୋମନାଥପୁର |
| ୩୩ | [illegible] | [illegible] | [illegible] | [illegible] | N/A | ପୁଣ୍ଡରୀକ ମହାନନ୍ଦିଆ, ପି- କ୍ଷେତ୍ର ମହାନନ୍ଦିଆ, ବା: ସୋମନାଥପୁର |
| ୩୪ | [illegible] | [illegible] | [illegible] | [illegible] | N/A | ସାବିତ୍ରୀ ଗାଉଗୋରିଆ, ସ୍ୱା- ଦୁର୍ଯ୍ୟୋଧନ ଗାଉଗୋରିଆ, ବା: ସୋମନାଥପୁର |
| ମୋଟ | | | ୨୬.୬୨୦ | ୧୪.୨୬୦ | | |

24001/14/0429/1819 ସ୍ୱା./- ଭୂ-ଅର୍ଜନ ମହାପ୍ରବନ୍ଧକ ଅଧିକାରୀ, ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ନୂତନ ଓସାରିଆ, ରେଳପଥ ପ୍ରକଳ୍ପ, ବୌଦ୍ଧ



INVITATION FOR BIDS (IFB)
NATIONAL COMPETITIVE BIDDING THROUGH e-Tendering
IDENTIFICATION NO: RWS&S DIVN., PURI - 66 OF 2018-19
Phone (06752) 251276, Fax - (06752) 251276, E-mail - eerwss_puri@nic.in
NATIONAL COMPETITIVE BIDDING THROUGH E-PROCUREMENT
Bid Identification No. RWSSPURI 66/2018-19

**1ST. CORRIGENDUM TO INVITATION FOR BIDS (IFB) IDENTIFICATION NO: RWS&S DIVN.PURI - 66 OF 2018-19**

No.1234-O: The tender for the work **"Execution of RPWS RPWS to village Bhandaghar & Adj.villages under Kakatapur Block including 5 year maintainance."** vide tender call notice No-66, bid No-04 invited by Executive Engineer,RWS&S Division,Puri is here by cancelled due to technical reason.All other terms & conditions are remain unaltered.

Sd./- Executive Engineer
25017/11/0094/1819 RWS&S Division, Puri



OFFICE OF THE SUPERINTENDING ENGINEER
RURAL WORKS CIRCLE, BERHAMPUR
(At:- Ambapua, Po:- Engineering School Near Income Tax Office, Berhampur-760011)
E-Mail:- serwbpr2004@yahoo.com Tel/FAX:- 0680-2404287
E-Mail / E-Despatch
No. E-Tender // 4802 // RWC// BAM // Dated. 17.12.2018

**Corrigendum to Bid identification No. Online Tender/24-2018-19/BPR**

No.1227-O: Due to some unavoidable circumstances the following changes has been made in the tender for the work **"Construction & Maintenance of Kalama to Sarapanka via Jindabadi road under MMSY for the year 2018-19"** invited vide this office Bid Identification No. Online Tender/24-2018-19/BPR.

| | | |
|---|---|---|
| 1 | Last Date / Time for receipt of bids through e-tendering | 31.12.2018 at 3.00 PM instead of 21.12.2018 at 3.00 PM |
| 2 | Date of opening of Technical Bid | 01.01.2019 at 3.00 PM instead of 22.12.2018 at 3.00 PM |
| 3 | Date of opening of Financial Bid | 04.01.2019 at 11.00 AM instead of 31.12.2019 at 11.00 AM |

All other contents will remain unchanged.

Sd./- Superintending Engineer
25071/11/0043/1819 R.W.Circle, Berhampur



DISTRICT OFFICE, ANGUL
(Social Welfare Section)
No. / SW, Date:

**TENDER CALL NOTICE**

**(ENGAGEMENT OF TRANSPORT CONTRACTOR FOR TRANSPORTING OF WHEAT AND RICE UNDER SNP)**

Sealed tenders are invited for engagement of Transporting Contractor for taking transportation of food stuff under Supplementary Nutrition Programme in Angul District. The detailed terms and conditions can be obtained from the Office of the DSWO, Angul or can be downloaded from the District Website www.angul.nic.in till 15.01.2019 by 1.00PM. The tender paper is to be submitted to the DSWO, Angul on or before 16.01.2019, 1.00PM by Registered / Speed Post only. The tender will be opened on the same day at 3.00PM in presence of the members of the Tender Committee and the Tenderers or their authorized representatives. The authority reserves the right to reject / cancel any or all tenders without assigning any reason thereof and shall bear no liability what so ever consequent upon such decision.

Sd./- COLLECTOR, ANGUL



OFFICE OF THE REGULATED MARKET COMMITTEE, ANANDAPUR
AT/PO- GHASIPURA, DIST.- KEONJHAR, PIN NO. 758015
Bid Identification No. 05/RMC, Anandapur/2017-18
Email Address: rmc.anandapur@gmail.com

**Tender Call Notice No. 592/RMCA/Dtd.15.12.18**

1. Name of the Work : Civil work
2. Number of works : 01
3. Estimated Cost : Rs. 46,06,682/-
4. Period of Completion : 06 (Six) Calendar months
5. Date & time of availability of Bid documents in the portal : From 10.00AM of 18.12.2018 to 5.00PM of 27.12.2018
6. Last date & time for receipt of bids in the portal : By 5.00PM of 27.12.2018
7. Date of opening of Bid : 11.00AM of 28.12.2018
8. Name & address of the Officer inviting Bid : Sub-Collector, Anandapur-cum-Chairman, RMC, Anandapur

Further details can be seen from the e-Procurement portal i.e. http:/tendersodisha.gov.in

Sd./- Sub-Collector, Anandapur-cum-Chairman, RMC, Anandapur



OFFICE OF THE JOINT DIRECTOR OF TEXTILES(SD), BERHAMPUR
Industrial Estate, Ankuli, Berhampur-760008, Dist: Ganjam, Odisha
Telefax – 0680-2291293, Email: jdtsdbam@yahoo.com

**TENDER NOTICE**

Bid Reference No.__486___/ Dated__17/12/2018__/

No.50-PP: Bids in sealed cover are invited under two-bid system from reputed and experienced manpower service provider for providing services of the Peon (01 No.) for a period from 01.02.2019 to 28.02.2019 for the Office of Joint Director of Textiles(SD), Berhampur. The details of the bidding process are as follows.

| Sl. No. | Bidding Schedule | Deadline |
|---|---|---|
| 1 | Date of Issue | 17.12.2018 |
| 2 | Bid Due Date and Time | 15.01.2019 by 4.00 P.M. |
| 3 | Opening of Technical Bid | 18.01.2019 at 11.30 A.M. |
| 4 | Opening of Financial Bid | 25.01.2019 at 11.30 A.M. |

Bidders are required to submit the technical and financial bids separately. The bids in sealed Cover-I containing **"Technical Bid"** and sealed Cover-II containing "Financial Bid" should be placed in a third sealed cover superscribed "Bid for Outsourcing of manpower services" must reach the undersigned on or before 15.01.2019 by **Speed Post/ Registered Post/ Courier** only.

The bid documents containing eligibility criteria, scope of the work, terms and conditions of the tender and draft agreement can be downloaded from the website **"http://ganjam.nic.in/notice_category/tenders/"**.

**Complete Address for submission of Bid**
**Joint Director of Textiles(SD), Berhampur**
**Industrial Estate, Ankuli, Berhampur-760008, Dist.-Ganjam, Odisha.**

Sd./- (P.K. Singh)
31010/11/0004/1819 Deputy Director of Textiles(SD), Berhampur



ଦ୍ୱିତୀୟ ଟେଷ୍ଟରେ ଟିମ୍ ପେନ୍‌ଙ୍କ ପ୍ରତି ବିରାଟ କୋହଲିଙ୍କ ବ୍ୟବହାର 'ଅପମାନଜନକ' ଓ 'ପିଲାଳିଆମୀ' ଥିଲା ।
– ମିଚେଲ ଜନସନ, ପ୍ରାକ୍ତନ ଅଷ୍ଟ୍ରେଲିଆ ବୋଲର



ରଣଜୀ ଟ୍ରଫିରେ ବରୋଦା ବିପକ୍ଷ ମ୍ୟାଚ୍‌ରେ ସ୍ପିନର ସ୍ୱପ୍ନିଲ ସିଂଙ୍କ ଓଭରରେ ମୁଁ ଲଗାତର ୫ଟି ଛକା ମାରିଥିବାରୁ ଏହାର ପ୍ରଭାବ ଆଇପିଏଲ୍ ନିଲାମୀରେ ପଡ଼ିଥିଲା ।
– ଶିଭମ ଦୁବେ, ମୁମ୍ବାଇ କ୍ରିକେଟର

## ସଂକ୍ଷେପରେ

### ଚିନ୍ମୟ, ଅଂଶୁ, ଅମୃତଜୟ କ୍ୱାର୍ଟରରେ

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି): ପୁରୀରେ ଚାଲିଥିବା ଦୁଶାନ ଦେଓ ମେମୋରିଆଲ ସର୍ବଭାରତୀୟ ପୁରୁଷ ର୍‍ୟାଙ୍କିଙ୍ଗ ଟେନିସ ଟୁର୍ନାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ଓଡ଼ିଶାର ଟପ୍ ସିଡ୍ ଚିନ୍ମୟ ପ୍ରଧାନ, ୨ୟ ସିଡ୍ ଅଂଶୁ କୁମାର ଭୂୟାଁ, ଓ ଅମୃତଜୟ ମହାନ୍ତି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଚିନ୍ମୟ ନିଜ ରାଜ୍ୟର ଅଭିଷେକ ମହାପାତ୍ରଙ୍କୁ ୬-୩, ୬-୧ ସେଟ୍‌ରେ ହରାଇଥିବାବେଳେ ଅଂଶୁ ତେଲେଙ୍ଗାନାର ସାଜିଦ ଉର୍ ରହମାନଙ୍କୁ ୭-୬(୩), ୬-୩ ଏବଂ ଅମୃତଜୟ ଉତ୍ତର ପ୍ରଦେଶର ହେମନ୍ତ କୁମାରଙ୍କୁ ୬-୧, ୬-୧ ସେଟ୍‌ରେ ପରାସ୍ତ କରିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଆଦିତ୍ୟ ଶତପଥୀ, ସ୍ୱସ୍ତିକ ସତ୍ୟକାମ ପ୍ରଧାନ ପ୍ରି-କ୍ୱାର୍ଟରରେ ହାରି ଯାଇଛନ୍ତି। ପୁରୁଷ ଡବଲ୍ସରେ ଓଡ଼ିଶାର ଆଦିତ୍ୟ ଶତପଥୀ-ଚିନ୍ମୟ ପ୍ରଧାନ ଏବଂ ଲଲାଟେନ୍ଦୁ ବର୍ମା-ସ୍ୱସ୍ତିକ ସତ୍ୟକାମ ପ୍ରଧାନ ଯୋଡ଼ି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି।

### ଶର୍ଟ ଲିଷ୍ଟରେ ପାୱାର, କର୍ଷ୍ଟେନ, ଗିବ୍ସ

ନୂଆଦିଲ୍ଲୀ,୧୯।୧୨: ମହିଳା କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦ ପାଇଁ ୨୮ ଜଣ ଆବେଦନ କରିଥିଲେ। ଏଥିରୁ ୧୦ ଜଣଙ୍କ ନାମକୁ ବିସିସିଆଇ ପକ୍ଷରୁ ଶର୍ଟ ଲିଷ୍ଟ କରାଯାଇଛି। ଏଥିରେ ବିଶ୍ୱକପ୍ ଚାମ୍ପିୟନ କୋଚ୍ ଗ୍ୟାରି କର୍ଷ୍ଟେନ, ରମେଶ ପାୱାର ଓ ହର୍ଶେଲ ଗିବ୍ସଙ୍କ ନାମ ରହିଛି। ଏହି ୩ ପୂର୍ବତନ ଖେଳାଳିଙ୍କ ବ୍ୟତୀତ ଡିମିଟ୍ରି ମାସ୍କାରେନ୍‌ହାସ, ବ୍ରାଡ ହଗ୍, ଟ୍ରେଣ୍ଟ ଜନସନ, ଡେଭ ହ୍ୱାଟମୋର, ଡବ୍ଲ୍ୟୁଭି ରମଣ, ମନୋଜ ପ୍ରଭାକର ଓ ମାର୍କ କୋଲେସଙ୍କ ନାମ ମଧ ଶର୍ଟ ଲିଷ୍ଟରେ ସ୍ଥାନ ପାଇଛି। ଏମାନେ ୧୯୮୩ ବିଶ୍ୱକପ୍ ଚାମ୍ପିୟନ ଭାରତୀୟ ଦଳର ଅଧିନାୟକ କପିଳ ଦେବ, ଅଂଶୁମାନ ଗାଏକ୍ୱାଡ୍ ଓ ଶାନ୍ତା ରଙ୍ଗାସ୍ୱାମୀଙ୍କୁ ନେଇ ଗଠିତ ଆଡ୍‌ହକ କମିଟି ସହ ଗୁରୁବାର ସାକ୍ଷାତକାର କରିବେ। ମିଳିଥିବା ସୂଚନା ଅନୁଯାୟୀ, କୋଚ୍ ପଦ ପାଇଁ ଆବେଦନ କରିଥିବା ବିଦେଶୀମାନେ ସ୍କାଏପି ଜରିଆରେ ସାକ୍ଷତ୍‌କାରରେ ଅଂଶଗ୍ରହଣ କରିବେ। ସାକ୍ଷାତ୍‌କାରରେ ଖେଳାଳିମାନଙ୍କୁ କେଉଁଭଳି ପ୍ରସ୍ତୁତ କରାଯିବ, ତାହାକୁ ସେମାନେ ଉପସ୍ଥାନ କରିବେ। ''ପୂର୍ବତନ ଖେଳାଳିଙ୍କ ନେଇ ଗଠିତ ଆଡ୍-ହକ୍ କମିଟି ସଠିକ ଚୟନ କରିବ। ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ'' ବୋଲି ବିସିସିଆଇ କର୍ମକର୍ତ୍ତା କହିଛନ୍ତି।

# ପ୍ରତ୍ୟାଶାଙ୍କୁ ୧ ସ୍ୱର୍ଣ୍ଣ, ୨ ରୌପ୍ୟ

**ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ**

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ସନ୍ତରଣ ପ୍ରତିଭା ପ୍ରତ୍ୟାଶା ରାୟ ଆକର୍ଷଣୀୟ ପ୍ରଦର୍ଶନ ସହ ବର୍ଷ ଶେଷ କରିଛନ୍ତି। ଦିଲ୍ଲୀର ତାଲକୋଟ୍ରା ଷ୍ଟାଡିୟମରେ ଅନୁଷ୍ଠିତ ୬୪ତମ ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ ଚାମ୍ପିୟନଶିପରେ ସେ ୧ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛନ୍ତି। ବୁଧବାର ଅନୁଷ୍ଠିତ ୧୭ ବର୍ଷରୁ କମ୍ ବାଳିକା ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତ୍ୟାଶା ୩୨.୫୪ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଆଲିୟା ସିଂ ୩୨.୪୮ ସେକେଣ୍ଡ ସହ ସ୍ୱର୍ଣ୍ଣ ଏବଂ ଗୋଲି ଜାହ୍ନବୀ ୩୩.୨୮ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ପୂର୍ବରୁ ମଙ୍ଗଳବାର ଅନୁଷ୍ଠିତ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ପ୍ରତ୍ୟାଶା ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ସେ ୧:୧୦.୫୭ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଥିବାବେଳେ କର୍ଣ୍ଣାଟକର ଭୂମିକା କେ. ଡାରକାର ରୌପ୍ୟ ଓ ଦିଲ୍ଲୀର ଆର୍ଯ୍ୟା ସିଂ ବ୍ରୋଞ୍ଜ ପଦକ ଜିତିଥିଲେ। ସୋମବାର ପ୍ରତ୍ୟାଶା ୨:୩୪.୭୯ ସେକେଣ୍ଡ ସମୟ ନେଇ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ପାଇଥିଲେ। ନ୍ୟାଶନାଲ ସ୍କୁଲ ଗେମ୍ସ ସନ୍ତରଣ ୧୪, ୧୭ ଓ ୧୯ ବର୍ଷରୁ କମ୍ ବର୍ଗରେ ଆୟୋଜନ ହୋଇଥିଲା। ପ୍ରତ୍ୟାଶା ୧୭ ବର୍ଷରୁ କମ୍ ବର୍ଗରେ ଅଂଶଗ୍ରହଣ କରି ୩ଟି ପଦକ ପାଇବା ସହ ରାଜ୍ୟକୁ ଗର୍ବିତ କରିଛନ୍ତି।

ମା' ଚାରୁଶ୍ରୀ ବେଉରା ଓ ପିତା ରଜତ ରାୟଙ୍କ କନ୍ୟା ପ୍ରତ୍ୟାଶା ପୂର୍ବରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ ଅନେକ ସଫଳତା ପାଇଛନ୍ତି। ୨୦୧୬ ଅକ୍ଟୋବର ୧୮ରୁ ୨୩ ପର୍ଯ୍ୟନ୍ତ ଶ୍ରୀଲଙ୍କାର କଲମ୍ବୋରେ ଅନୁଷ୍ଠିତ ସାଉଥ୍ ଏସିଆନ ଆକ୍ୱାଟିକ୍ ଚାମ୍ପିୟନଶିପ୍‌ରେ ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେଠାରେ ସେ ୧୫ ବର୍ଷରୁ କମ୍ କାଟେଗୋରିରେ ଅଂଶଗ୍ରହଣ କରି ୪ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ପାଇଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ଜାନୁୟାରୀ ୩୧ରୁ ଫେବୃୟାରୀ ୮ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ଅନୁଷ୍ଠିତ ସର୍ବପ୍ରଥମ ଖେଲୋ ଇଣ୍ଡିଆ ସ୍କୁଲ ଗେମ୍ସର ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ୨ଟି ବ୍ରୋଞ୍ଜ ପଦକ ପାଇଥିଲେ। ୨୦୧୬ ଜୁଲାଇ ୫ରୁ ୯ ପର୍ଯ୍ୟନ୍ତ ବାଙ୍ଗାଲୋରରେ ଆୟୋଜିତ ୪୩ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଗ୍ରୁପ-୨(୧୩-୧୪ ବର୍ଷ) କାଟେଗୋରିରେ ୩ଟି ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ପାଇଁ ଇତିହାସ ରଚିଥିଲେ। ପ୍ରତିଯୋଗିତାର ୫୦, ୧୦୦ ଓ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ସେ ସ୍ୱର୍ଣ୍ଣ ପଦକ ସୁଇପ୍ କରିଥିଲେ। ଏଥିସହ ଓଡ଼ିଶାର ପ୍ରଥମ ସନ୍ତରଣକାରୀ ଭାବେ ସେ କୌଣସି ଜାତୀୟ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିବାର ଗୌରବ ଅର୍ଜନ କରିଥିଲେ।



ରୌପ୍ୟ ପଦକ ସହ ପ୍ରତ୍ୟାଶା ରାୟ।



ନୂଆଦିଲ୍ଲୀ: ନୂଆ ଜର୍ସିରେ ଭାରତୀୟ ଫୁଟବଲ ଖେଳାଳିମାନେ।

## ଜାନୁୟାରୀରେ ୨ ଫୁଟବଲ ଟୁର୍ନାମେଣ୍ଟ

କଟକ ଅଫିସ,୧୯।୧୨

ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନ ଓ ରୋଭର୍ସ ଆଥ୍‌ଲେଟିକ କ୍ଲବର ସାଧାରଣ ପରିଷଦ ବୈଠକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା ତୀରନ୍ଦାଜୀ ଆସୋସିଏଶନ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ବିଧାୟକ ତଥା ଆସୋସିଏଶନ ସଭାପତି ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନ ଆନୁକୂଲ୍ୟରେ ଭଗବାନ ଦାସ ଆନ୍ତଃ ସ୍କୁଲ ଜୁନିୟର ଫୁଟବଲ ପ୍ରତିଯୋଗିତା ଏବଂ ବସନ୍ତ କୁମାର ଦାସ ସିନିୟର ଫୁଟବଲ ପ୍ରତିଯୋଗିତା ଆସନ୍ତା ଜାନୁୟାରୀ ୮ ତାରିଖରୁ ଆରମ୍ଭ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଦୁଇଟି ଯାକ ପ୍ରତିଯୋଗିତା ପ୍ୟାରୀମୋହନ ଏକାଡେମୀ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ । ଖେଳାଳିମାନଙ୍କ ନିମନ୍ତେ ଆଧାରକାର୍ଡ ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ଜାନୁୟାରୀ ୪ ତାରିଖ ସୁଦ୍ଧା ଉଭୟ ପ୍ରତିଯୋଗିତା ନିମନ୍ତେ ଆବେଦନ କରିପାରିବେ ବୋଲି ଆସୋସିଏଶନ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ସୂଚନା ଦେଇଛନ୍ତି । ବୈଠକ ପ୍ରାରମ୍ଭରେ ପରଲୋକ ଘଟିଥିବା ଦୁଇ ସଦସ୍ୟ ପ୍ରଦୀପ କୁମାର ଦାସ ଓ ରଞ୍ଜନ ଜେନାଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା । ସରୋଜ କୁମାର ସିଂ, ସୁନୀଲ ମୁରାରକା, ଡଃ ନିର୍ମଳକାନ୍ତି ସେନ୍, ଶରତ ସାହୁ, ସୁଘୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

**■ ରାଜ୍ୟ ବାସ୍କେଟବଲ ଚାମ୍ପିୟନଶିପ ଉଦ୍‌ଘାଟିତ**

## ଆର୍‌ଏସ୍‌ପି, ବିଏସ୍‌ଏନ୍‌ଏଲ୍ ବିଜୟୀ

କଟକ ଅଫିସ,୧୯।୧୨

ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ୬୦ତମ ରାଜ୍ୟ ସିନିୟର ବାସ୍କେଟବଲ ଚାମ୍ପିୟନଶିପ ନାଲକୋ କପ୍ ବୁଧବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ବାସ୍କେଟବଲ ଆସୋସିଏଶନ ଓ କ୍ଲବ ଦି ସୁପ୍ରିମର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୩୫ଟି ପୁରୁଷ ଓ ୧୫ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିନରେ ଅନୁଷ୍ଠିତ ମ୍ୟାଚ୍‌ରେ ଆର୍‌ଏସପି ୫୯-୪୧ ପଏଣ୍ଟରେ ଅନୁଗୋଳକୁ, ବିଏସଏନଏଲ ୫୦-୩୬ ପଏଣ୍ଟରେ କେନ୍ଦ୍ରାପଡ଼ାକୁ ଓ ସୁପ୍ରିମ ଦଳ ୪୮-୨୩ ପଏଣ୍ଟରେ ସିବିଏକୁ ପରାସ୍ତ କରିଛି। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଆସୋସିଏଶନ ସମ୍ପାଦକ ଜ୍ଞାନେନ୍ଦ୍ର ପରିଡ଼ା, ଯୁଗ୍ମ ସମ୍ପାଦକ ମଦନ ରାଓ, ବିନୋଦ ସାହୁ, ଉପସଭାପତି ଜେ. କାମେଶ୍ୱର ରାଓ, ଅମୀୟ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଦୀପ କୁମାର ବେହେରା, କ୍ଲବ ଦି ସୁପ୍ରିମ ସମ୍ପାଦକ ସୌରଭ କୁମାର ବେହେରା, ସଙ୍ଗଠନ ସମ୍ପାଦକ ବନଜା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟ ବାସ୍କେଟବଲ ଚାମ୍ପିୟନଶିପର ଉଦ୍‌ଘାଟନୀ ଉତ୍ସବରେ ପ୍ରତିଯୋଗୀମାନେ।

### ଶାକିବ ଦଣ୍ଡିତ

ଢାକା,୧୯।୧୨: ବାଂଲାଦେଶ କ୍ରିକେଟ ଦଳର ଅଧିନାୟକ ଶାକିବ ଅଲ ହାସନଙ୍କୁ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟି୨୦ ମ୍ୟାଚ୍‌ରେ ବିଶୃଙ୍ଖଳିତ ଆଚରଣ ଲାଗି ଦଣ୍ଡିତ କରାଯାଇଛି। ତାଙ୍କ ମ୍ୟାଚ୍ ଫିଁର ୧୫ ପ୍ରତିଶତ କାଟ୍ କରି ଦିଆଯାଇଛି। ଏ ନେଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ପକ୍ଷରୁ କୁହାଯାଇଛି। ଏଥିସହ ବାଂଲାଦେଶ ଦଳର ବରିଷ୍ଠ ଅଲ୍‌ରାଉଣ୍ଡରଙ୍କୁ ଏକ ଡିମେରିଟ୍ ପଏଣ୍ଟ ଦିଆଯାଇଛି। ୨୦୧୬ ସେପ୍ଟେମ୍ବର ପରେ ସାକିବଙ୍କୁ ଦ୍ୱିତୀୟ ଥର ଲାଗି ଡିମେରିଟ୍ ପଏଣ୍ଟ ମିଳିଛି।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଆରମ୍ଭ

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମରେ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ(ମହିଳା, ପୁରୁଷ) ଟୁର୍ନାମେଣ୍ଟ ବୁଧବାର ଆରମ୍ଭ ହୋଇଛି। ୨୩ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଆସୋସିଏଶନ ଅଫ୍ ଇଣ୍ଡିଆ ୟୁନିଭର୍ସିଟିଜ(ଏଆଇୟୁ) ଅନୁମୋଦନକ୍ରମେ କିଟ୍ ବିଶ୍ୱବିଦ୍ୟାଳୟ ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଆୟୋଜନ କରୁଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ରାଜ୍ୟସଭା ସଦସ୍ୟ ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ବିଧାୟକ ତଥା ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ (ଓଆରଏଫଏ) ସଭାପତି ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଦୂତୀ ଚାନ୍ଦ, ଅନ୍ତର୍ଜାତୀୟ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ଏବଂ କିଟ୍ ଓ କିସ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦେଶର ୨୫ଟି ବିଶ୍ୱବିଦ୍ୟାଳୟର ୪୬ଟି ଦଳର ୪୭୦ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତା ୭-ଏ-ସାଇଡ୍ ଓ ୧୫-ଏ-ସାଇଡ୍ ଭିତ୍ତିରେ ଖେଳାଯିବ। ପ୍ରଫେସର ଅଚ୍ୟୁତ ସାମନ୍ତ ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପ୍ରଥମଥର ଓଡ଼ିଶା ବାଳିକା ଦଳକୁ ରୌପ୍ୟ ପଦକ

**ଜାତୀୟ ସବଜୁନିୟର ଖୋଖୋ**

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

ଜାତୀୟ ସବ୍‌ଜୁନିୟର ବାଳିକା, ବାଳକ ଖୋଖୋ ପ୍ରତିଯୋଗିତାର ୨୯ତମ ସଂସ୍କରଣ ଗତ ୧୫ରୁ ୧୯ ପର୍ଯ୍ୟନ୍ତ ଉତ୍ତରାଖଣ୍ଡଠାରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଉଦ୍‌ଯାପିତ ପ୍ରତିଯୋଗିତାର ବାଳିକା ବିଭାଗରେ ଓଡ଼ିଶା ଦଳ ରୌପ୍ୟ ପଦକ ଜିତି ଇତିହାସ ରଚିଛି। ପ୍ରଥମଥର ପାଇଁ ଓଡ଼ିଶାକୁ ଏପରି ଏକ ସଫଳତା ମିଳିଛି। ଟୁର୍ନାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିବା ଓଡ଼ିଶା ବାଳିକା ଦଳ ଫାଇନାଲରେ ମହାରାଷ୍ଟ୍ରଠାରୁ ହାରି ରନର୍ସଅପ୍ ହୋଇଛି। ଶକ୍ତିଶାଳୀ ମହାରାଷ୍ଟ୍ର ଓଡିଶା ଦଳକୁ ୭-୬ ପଏଣ୍ଟରେ ପରାସ୍ତ କରିଥିଲା। ଓଡିଶା ଦଳର ଅର୍ଚ୍ଚନା ମାଝି ୨.୩୦ ମିନିଟ୍ ରନିଂ, ରିତା ବାରିକ ୨ଟି ପଏଣ୍ଟ ହାସଲ କରିବା ସହ ୧ ମିନିଟ୍ ରନିଂ, ଶୁଭଶ୍ରୀ ସିଂ ୨ ପଏଣ୍ଟ ସହ ୧.୨୦ ମିନିଟ୍ ରନିଂ କରିଥିବାବେଳେ କାଦମ୍ବିନୀ ମାଝୀଙ୍କ ପ୍ରଦର୍ଶନ ଆକର୍ଷଣୀୟ ରହିଥିଲା। ସେମିଫାଇନାଲରେ ଓଡିଶା ୧୦-୮ ପଏଣ୍ଟରେ ଗତବର୍ଷର ଚାମ୍ପିୟନ କର୍ଣ୍ଣାଟକକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଅନନ୍ୟା ପ୍ରଧାନ, ଶିବାନୀ ଗମାଙ୍ଗୋ, ଜୟସ୍ମିତା ତରାଇ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ପ୍ରଶିକ୍ଷକ ତପନ କୁମାର ଦାସ, ମ୍ୟାନେଜର ରୋଜାଲିନ ପରିଡାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଦଳ ସଫଳତା ହାସଲ କରିଛି।



ରୌପ୍ୟ ପଦକ ବିଜୟୀ ଓଡ଼ିଶା ବାଳିକା ଦଳ ଅତିଥିଙ୍କ ଗହଣରେ।

# ଟେନିସର ଲୋକପ୍ରିୟତା ବଢ଼ିଛି: ସୁରେଶ

**ନାଲ୍‌କୋ ଓପନ ଟେନିସ ୨୩ରୁ**

ଭୁବନେଶ୍ୱର, ୧୯।୧୨(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ ଆନୁକୂଲ୍ୟରେ ନାଲ୍‌କୋ ଓପନ ଟେନିସ ଟୁର୍ନାମେଣ୍ଟର ୨୦ତମ ସଂସ୍କରଣ ଚଳିତମାସ ୨୩ରୁ ୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ସିନ୍ଥେଟିକ୍ ଓ କ୍ଲେ କୋର୍ଟରେ ଏହି ପ୍ରତିଯୋଗିତା ୮ଟି କାଟେଗୋରିରେ ଅନୁଷ୍ଠିତ ହେବ। ସେଗୁଡ଼ିକ ହେଲା ପୁରୁଷ ସିଙ୍ଗଲ୍ସ, ଡବଲ୍ସ, ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ, ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଏବଂ ପୁରୁଷ ଭେଟେରାନ (୪୦, ୫୦, ୬୦ ବର୍ଷରୁ ଊର୍ଦ୍ଧ୍ୱ) ଡବଲ୍ସ। ପୁରୁଷ ଭେଟେରାନ ଓ ପୁରୁଷ ଡବଲ୍ସ ପାଇଁ ଏଣ୍ଟ୍ରି ଫି' ୫୦୦ଟଙ୍କା ରଖା ଯାଇଥିବାବେଳେ ପୁରୁଷ ସିଙ୍ଗଲ୍ସ ଓ ମହିଳା ସିଙ୍ଗଲ୍ସ ପାଇଁ ୩୦୦, ୧୪ ବର୍ଷରୁ କମ୍ ବାଳିକା ଓ ୧୬ ବର୍ଷରୁ କମ୍ ବାଳକ ପାଇଁ ୨୦୦ ଏବଂ ୧୨ ବର୍ଷରୁ କମ୍ ବାଳକ କାଟେଗୋରି ପାଇଁ ୧୦୦ଟଙ୍କା ଧାର୍ଯ୍ୟ କରାଯାଇଛି। ଆଗ୍ରହୀ ପ୍ରତିଯୋଗୀମାନେ ପ୍ରବୀଣ କୁମାର ନାୟକଙ୍କ ସହ ଯୋଗାଯୋଗ କରି ଅନ୍‌ଲାଇନ୍‌ରେ ନାମ ପଞ୍ଜୀକରଣ କରିପାରିବେ। ପୁରସ୍କାର ରାଶିକୁ ୨, ୦୧, ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି, ଯାହାକି ରାଜ୍ୟରେ କୌଣସି ଟେନିସ ଟୁର୍ନାମେଣ୍ଟ ପାଇଁ ସର୍ବାଧିକ। ପ୍ରତିଯୋଗିତାରେ ପାଖାପାଖି ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବା ଆଶା କରାଯାଉଛି ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆସୋସିଏଶନ ସଭାପତି ସୁରେଶ ଚନ୍ଦ୍ର ମହାପାତ୍ର।

ହକି ବିଶ୍ୱକପ ପରେ ଏବେ ଆମେ ରାଜ୍ୟର ଏହି ସମ୍ମାନଜନକ ଟେନିସ ଟୁର୍ନାମେଣ୍ଟ ଆରମ୍ଭ କରିବାକୁ ଯାଉଛୁ। କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବା ପ୍ରତିଯୋଗୀଙ୍କୁ ଟି-ଶାର୍ଟ, କ୍ୟାପ୍ ଏବଂ ପୁରସ୍କାର ରାଶି ଦିଆଯିବ। ସେମିଫାଇନାଲିଷ୍ଟଙ୍କୁ ଅଧିକ ଭାବେ ସ୍ମାରକୀ ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ପୂର୍ବରୁ ଏହି ଟୁର୍ନାମେଣ୍ଟରେ କୋଚ୍ ମାନଙ୍କୁ ଖେଳିବାର ଅନୁମତି ନ ଥିଲା। ଏଥର କିନ୍ତୁ ସେମାନଙ୍କୁ ଡବଲ୍ସରେ ଅଂଶଗ୍ରହଣର ସୁଯୋଗ ମିଳିବ। ପୂର୍ବାପେକ୍ଷା ରାଜ୍ୟରେ ଟେନିସର ଲୋକପ୍ରିୟତା ବଢ଼ିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଏବେ ପିଲାମାନେ ଟେନିସ ଖେଳୁଛନ୍ତି। ଯୁବ ବର୍ଗର ଖେଳାଳିଙ୍କୁ ଉତ୍ସାହିତ କରିବାକୁ ଏଥର ପ୍ରତି କାଟେଗୋରିର ପୁରସ୍କାର ରାଶିକୁ ବୃଦ୍ଧି କରାଯାଇଛି ବୋଲି ସୁରେଶ କହିଛନ୍ତି। ଓଡ଼ିଶାରେ ଭବିଷ୍ୟତରେ ଡେଭିସ୍ କପ୍ ଭଳି କୌଣସି ବଡ଼ ଟୁର୍ନାମେଣ୍ଟ ଆୟୋଜନ ହେବାର ସମ୍ଭାବନା ରହିଛି। ସର୍ବଭାରତୀୟ ଟେନିସ ଆସୋସିଏଶନ ଓଡ଼ିଶାରେ ବଡ଼ ଟୁର୍ନାମେଣ୍ଟ କରିବାକୁ ଆଗ୍ରହୀ ଅଛି। ତେଣୁ ଓଡ଼ିଶା ଟେନିସ ଆସୋସିଏଶନ ସମ୍ଭବତଃ ଏ ସମ୍ପର୍କରେ ଚିନ୍ତା କରୁଛି ଏବଂ ସବୁକିଛି ଠିକ୍ ରହିଲେ ଭବିଷ୍ୟତରେ ଓଡ଼ିଶାରେ ମଧ ଏକ ବଡ଼ ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଜିଲା ଟେନିସ ଆସୋସିଏଶନ ସମ୍ପାଦକ ଶାଶ୍ୱତ ମିଶ୍ର, ଉପସଭାପତି ସଞ୍ଜୀବ ମାରିକ, ଯୁଗ୍ମ ସମ୍ପାଦକ ଆର.ବିଶ୍ୱନାଥ ପ୍ରମୁଖ ଉପସ୍ଥିତ ଥିଲେ।

**ପୁରସ୍କାର ରାଶି**

| କାଟେଗୋରି | ଚାମ୍ପିୟନ | ରନର୍ସଅପ୍ |
|---|---|---|
| ୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ | ୫୦୦୦ | ୩୫୦୦ |
| ୧୬ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ | ୬୦୦୦ | ୩୫୦୦ |
| ପୁରୁଷ ସିଙ୍ଗଲ୍ସ | ୮୦୦୦ | ୫୦୦୦ |
| ୧୪ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ | ୫୦୦୦ | ୩୫୦୦ |
| ମହିଳା ସିଙ୍ଗଲ୍ସ | ୮୦୦୦ | ୫୦୦୦ |
| ପୁରୁଷ ଡବଲ୍ସ | ୧୦୦୦୦ | ୭୦୦୦ |
| ଭେଟେରାନ ଡବଲ୍ସ ୪୦+ | ୮୦୦୦ | ୫୦୦୦ |
| ଭେଟେରାନ ଡବଲ୍ସ ୫୦+ | ୬୦୦୦ | ୪୦୦୦ |
| ଭେଟେରାନ ଡବଲ୍ସ ୬୦+ | ୫୦୦୦ | ୩୦୦୦ |



ନାଲ୍‌କୋ ଓପନ ଟେନିସ ସମ୍ପର୍କରେ କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

## ୨୩ବର୍ଷରୁ କମ୍ ଓଡ଼ିଶା ଦଳ ଘୋଷିତ

କଟକ ଅଫିସ,୧୯।୧୨

ଭିଲାଇର ବିଏସପି କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ୨୩ବର୍ଷରୁ କମ୍ ସି.କେ ନାଇଡୁ ଟ୍ରଫିର ଓଡ଼ିଶା-ଛତିଶଗଡ଼ ବିପକ୍ଷ ମ୍ୟାଚ୍ ଡ୍ର ରହିଛି । ଏପରିକି ଲଗାଣ ବର୍ଷା ଫଳରେ ଅନ୍ତିମ ଦୁଇଦିନ ବଲ ମଧ ପଡ଼ି ପାରିନାହିଁ । ଅସମ୍ପୂର୍ଣ୍ଣ ପ୍ରଥମ ଇନିଂସ୍ ଯୋଗୁଁ ଉଭୟ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି । ଓଡ଼ିଶା ପ୍ରଥମ ଇନିଂସ୍‌ରେ ୯ ଉଇକେଟ ହରାଇ ୧୩୮ ରନ୍ କରିଥିଲା । ଜବାବରେ ଛତିଶଗଡ଼ ବିନା ଉଇକେଟରେ ୭୩ରନ୍ କରିଛି। ଅନ୍ୟପକ୍ଷରେ ଆସନ୍ତା ୨୪ ତାରିଖରୁ ବଲାଙ୍ଗୀରର ଗାନ୍ଧି ଷ୍ଟାଡିୟମରେ ଓଡ଼ିଶା ଜମ୍ମୁ କଶ୍ମୀରକୁ ଭେଟିବ । ଏଲିଟ ଗ୍ରୁପ୍-ସିରେ ସ୍ଥାନ ପାଇଥିବା ଓଡ଼ିଶା ୬ଟି ମ୍ୟାଚ୍ ଖେଳି ୩ଟି ପରାଜୟ ଓ ୩ଟି ଡ୍ର ବଳରେ ୭ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ୮ମ ସ୍ଥାନରେ ରହିଛି। ଜମ୍ମୁ କାଶ୍ମୀର ବିପକ୍ଷ ମ୍ୟାଚ୍ ନିମନ୍ତେ ବୁଧବାର ଓଡ଼ିଶା ଦଳ ଘୋଷଣା କରାଯାଇଛି ।

ଓଡ଼ିଶା ଦଳ: ସନ୍ଦୀପ କୁମାର ପଟ୍ଟନାୟକ (ଅଧିନାୟକ), ଅମ୍ରିତ ଖଟୁଆ(ଉପଅଧିନାୟକ), କାର୍ତ୍ତିକ ବିଶ୍ୱାଳ, ସୌଭାଗ୍ୟ ମିଶ୍ର, ରାଜକିଶନ ପଟେଲ, ଆଶିଷ ରାୟ, ଐଶକାନ୍ତ ସାହୁ, ସୌରଭ କନୌଜିଆ, କ୍ଷମାସାଗର ବଳ(ଉଇକେଟ କିପର), ତାରିଣୀ ସ, ସୁନୀଲ ରାଉଳ, ପ୍ରତୀକ ତ୍ରିପାଠୀ, ଅଭିଜିତ ଘାନା, ଅଂଶୁମାନ ମିଶ୍ର, ଆଶିଷ କୁମାର ପ୍ରଧାନ । କୋଚ୍: ସୁରେଶ କୁମାର, ଫିଜିଓ: ବିଶ୍ୱଜିତ ମହାପାତ୍ର, ଟ୍ରେନର: ମହେଶ ମଲ୍ଲ, ନୀରିକ୍ଷକ: ସୂର୍ଯ୍ୟ ନାରାୟଣ ମିଶ୍ର, ମ୍ୟାନେଜର: ଶିବାନନ୍ଦ ବାଗ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ଡିସେମ୍ବର ୨୦/୨୦୧୮ Dhenkanal, Thursday December 20 / 2018

### ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

# ଭାଗନେଲେ ୪୩୦ ପ୍ରତିଯୋଗୀ

**ଢେଙ୍କାନାଳ ଅଫିସ, ୧୯।୧୨**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ବୁଧବାରଠାରୁ ଆରମ୍ଭ ହୋଇଛି ୬୫ତମ ଜିଲାସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ନରୋତ୍ତମ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୪୩୦ ପ୍ରତିଯୋଗୀ ଏବଂ ୬୫ଜଣ ପରିଚାଳକ ଅଂଶଗ୍ରହଣ କରିଛନ୍ତି।



ଉଦ୍‌ଘାଟନୀ ସମାରୋହରେ ଭାଗ ନେଇଥିବା ଖେଳାଳି।

ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ ଭଞ୍ଜ, ଯୁଗ୍ମ ସମ୍ପାଦକ ମନୋଜ ପଟ୍ଟନାୟକ, ଗୌରାଙ୍ଗ ସେଠୀ, ସଭ୍ୟ ଶ୍ୟାମସୁନ୍ଦର ମହାପାତ୍ର, ଅଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ଶିକ୍ଷକ ମାୟାଧର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶତ୍ରୁଘ୍ନ ମାଟି, ଅକ୍ଷୟ ଜେନା କ୍ରୀଡ଼ା ଘୋଷକ ଦାୟିତ୍ୱ ତୁଲାଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତିଙ୍କ ସମେତ ସଂସଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# 'ପିଠା' ଶିବିରରେ ମହିଳା ମୃତ: ଭତ୍ତା ନେଲେ, ଘରକୁ ଫେରିଲେନି

**ପରଜଙ୍ଗ, ୧୯।୧୨(ଡି.ଏନ୍.ଏ.)**

ମଧୁବାବୁ ପେନ୍‌ସନ୍ ଯୋଜନାରେ ମଞ୍ଜୁର ହୋଇଥିଲା ଭତ୍ତା। ମନ ଖୁସିରେ ଅତିଥିଙ୍କ ହାତରୁ ଭତ୍ତା ଟଙ୍କା ମଧ୍ୟ ଗ୍ରହଣ କରିଥିଲେ। ଏହି ସମୟର ଦୃଶ୍ୟକୁ କ୍ୟାମେରାରେ କଏଦ କରିଥିଲେ ଖବରଦାତା। ହେଲେ ମଞ୍ଚ ତଳକୁ ଆସୁ ଆସୁ ସବୁ କିଛି ଓଲଟପାଲଟ ହୋଇଗଲା। ଅଧୁରା ରହିଗଲା ଭତ୍ତା ଟଙ୍କା ଧରି ଘରକୁ ଫେରିବା ସ୍ୱପ୍ନ। ସଭାସ୍ଥଳରେ ଚେତାଶୂନ୍ୟ ହୋଇ ଟଳିପଡ଼ିଲେ। ସେଠାରେ ହିଁ ଉଡ଼ିଗଲା ପ୍ରାଣବାୟୁ। ପରଜଙ୍ଗ ବ୍ଲକ ଆମ୍ବପଳାସ ପଞ୍ଚାୟତ କାର୍ଯ୍ୟାଳୟରେ



ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ନେଙ୍କୁରି ନାୟକ।

ବୁଧବାର ଆୟୋଜିତ 'ପିଠା' ସଚେତନତା ସଭାରେ ଘଟିଛି ଏପରି ଅପ୍ରତ୍ୟାଶିତ ଘଟଣା, ଯାହା ସେଠାରେ ଉପସ୍ଥିତ ଜନସାଧାରଣଙ୍କୁ ହତବାକ୍ କରିଦେଇଥିଲା। ମୃତା ହେଲେ ଗଙ୍ଗାଧରପୁର ସାହିର ୱାର୍ଡମେମ୍ବର ଟିକମ ନାୟକଙ୍କ ସ୍ତ୍ରୀ ନେଙ୍କୁରି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ଅତିଥିଙ୍କଠାରୁ ଭତ୍ତା ବାବଦ ସହାୟତା ରାଶି ଗ୍ରହଣ କରି ନେଙ୍କୁରି ଚୌକିରେ ବସିବାକୁ ଆସୁଥିବାବେଳେ ହଠାତ୍ ପଡ଼ିଯାଇଥିଲେ। ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସରେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଡିଓ ବସନ୍ତ ମଲ୍ଲିକ, ତହସିଲଦାର ଅମ୍ରିତ ସରକାର, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ପ୍ରିୟଜିତ୍ ସାମଲ, ସମିତିସଭ୍ୟ ନଗେନ ସାହୁ, ଯୁବ ବିଜେଡି ସଭାପତି ସୁବ୍ରତ ଦାସ ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ଥିଲେ। ପିଡି ଡିଆର୍‌ଡିଏ ନରୋତ୍ତମ ବେହେରାଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୦ ହଜାର ଏବଂ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ଦିଆଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ସ୍ତ୍ରୀଙ୍କ ସ୍ୱାଭାବିକ ମୃତ୍ୟୁ ହୋଇଥିବା ଟିକମ କହିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

### ଡିଡିୟୁ-ଜିକେୱାଇ ପରାମର୍ଶ ଶିବିର

# ଦକ୍ଷତା ବଢ଼ିଲେ ନିଯୁକ୍ତି ବାଟ ଫିଟବ

**ଢେଙ୍କାନାଳ ଅଫିସ, ୧୯।୧୨**

ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟରେ ବୁଧବାର ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା (ଡିଡିୟୁ-ଜିକେୱାଇ) ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭାନେତ୍ରୀ ମିନତୀ ନାୟକ ଏଥିରେ ଅଧ୍ୟକ୍ଷତା କରି କହିଲେ, ଏହା ହେଉଛି ସରକାରଙ୍କ ନିଯୁକ୍ତିଭିତ୍ତିକ ଦକ୍ଷତା ବିକାଶ ତାଲିମ ଏବଂ ଧନ୍ଦାମୂଳକ ଜାତୀୟ କାର୍ଯ୍ୟକ୍ରମ। ଏହାଦ୍ୱାରା ନିଯୁକ୍ତିର ବାଟ ଫିଟିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ପିଡି ଡିଆର୍‌ଡିଏ ନରୋତ୍ତମ ବେହେରା ଶିବିର ସମ୍ପର୍କରେ ସୂଚନା ଦେଇ କହିଲେ, ୧୭ ବେସରକାରୀ କମ୍ପାନୀର ଟ୍ରେଡ୍ ମେମ୍ବର ଷ୍ଟଲ ଖୋଲିଛନ୍ତି। ଏହାଦ୍ୱାରା ଯୁବଗୋଷ୍ଠୀ କର୍ମସଂସ୍ଥାନ ପାଇପାରିବେ। ଓର୍‌ମାସ ସହକାରୀ ନିର୍ଦ୍ଦେଶକ ସଞ୍ଜୀବ ମହାନ୍ତି କହିଲେ, ଗ୍ରାମାଞ୍ଚଳର ସ୍ୱଳ୍ପଶିକ୍ଷିତ ବେକାର ଯୁବତୀଯୁବକଙ୍କ ସଂଖ୍ୟା ବେଶି। ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ଡିଡିୟୁ-ଜିକେୱାଇର ମୂଳ ଲକ୍ଷ୍ୟ । ବିଡିଓ ସରୋଜ କୁମାର ଦତ୍ତ, ଜିଲା ପରିଷଦ ଉପସଭାପତି କୋଦଣ୍ଡଧର ସାହୁ, ଅତିରିକ୍ତ ବିଡିଓ ଝାଡ଼େଶ୍ୱର ଦାସ, ପଞ୍ଚାୟତିରାଜ ପ୍ରତିନିଧିଙ୍କ ସମେତ ବହୁ ଜନସାଧାରଣ ଉପସ୍ଥିତ ଥିଲେ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ